# କେନ୍ଦୁଝରର ବିରଳ ଜନଜାତି

# ଜୁଆଙ୍ଗ


**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

କେନ୍ଦୁଝରର ବିରଳ ଜନଜାତି

# ଜୁଆଙ୍ଗ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

**କେନ୍ଦୁଝରର ବିରଳ ଜନଜାତି ଜୁଆଙ୍ଗ**

*ଲେଖକ* : ଲଗ୍ନଜିତ୍ ଶ୍ରୀ ପ୍ରଦୀପ ରାଉତ
ବଣିଆଁପାଟ, ଡି.ଡି. କଲେଜ ରୋଡ୍
କେନ୍ଦୁଝର - ୭୫୮୦୦୧

©*ପ୍ରକାଶକ* : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ଜାନୁୟାରୀ, ୨୦୧୫

ମୁଦ୍ରଣ : ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ, ଭୁବନେଶ୍ୱର

**KENDUJHAR BIRALA JANAJATI JUANGA**

**Writter** : **Lagnajit Sri Pradeep Rout**
Kendujhar, Odisha

©***Publisher*** : Academy of Tribal Languages & Culture
Unit - I, Bhubaneswar - 751 009

**First Edition** : January 2015

**Printed at** : **Bholanath Press**
**1201/1601, Bomikhal, Bhubaneswar.**

## ‘ଉତ୍ସର୍ଗ’

“ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି”

୰ଜନନୀ ଶ୍ରୀମତୀ ପ୍ରମିଳା ରାଉତ

ଜନ୍ମଭୂମି ପୁଣ୍ୟପୀଠ ଘଟଗାଁ

ଜନକ ଶ୍ରୀଯୁକ୍ତ ବିଦ୍ୟାଧର ରାଉତଙ୍କ

ଚରଣ କମଳରେ

# ମୁଖବନ୍ଧ

ଜୁଆଙ୍ଗ ଏକ ଚର୍ଚ୍ଚିତ ଜନଜାତି । ଜୁଆଙ୍ଗଙ୍କୁ ନେଇ ଅନେକ ଚର୍ଚ୍ଚା । ପ୍ରାଚୀନ ଜନଜାତି ହିସାବରେ କେବଳ ନୁହେଁ, ଓଡିଶାର ଏକ ଅନନ୍ୟ ଜନଜାତି ହିସାବରେ ଏମାନେ ଚର୍ଚ୍ଚିତ । ପୂଣ୍ୟତୋୟା ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ ହିଁ ଏମାନଙ୍କର ଆଦିପୀଠ । ସେଇ ଦୃଷ୍ଟିରୁ ସେମାନଙ୍କ ଉତ୍ସ ଋଷି ଔରସରୁ । ସଭ୍ୟତାରସ୍ପର୍ଶ ଏମାନଙ୍କୁ ଖୁବ୍ ଡେରିରେ ଛୁଇଁଛି । ବିକାଶ ପଥରେ ପାଦଦେଇ ଏମାନେ ତଥାପି ବହୁତ ପଛରେ ଅଛନ୍ତି । ସେମାନଙ୍କ ପରମ୍ପରା, ଚଳଣୀ ଓ ସଂସ୍କୃତିକୁ ନେଇ ଅନେକ ଆଲୋଚନା ହୋଇଛି, ହେଉଛି । ପ୍ରତ୍ୟେକ ପ୍ରତ୍ୟେକଙ୍କ ଠାରୁ ଭିନ୍ନ । ଗବେଷକର ଦୃଷ୍ଟିଭଙ୍ଗୀ ନେଇ ସେଇ ସବୁ ଆଲୋଚନା ପୁଷ୍ଟ । "ଜୁଆଙ୍ଗ" ଉପରେ ପ୍ରଦୀପ ରାଉତଙ୍କ ପ୍ରକାଶିତ "କେନ୍ଦୁଝରର ବିରଳ ଜନଜାତି ଜୁଆଙ୍ଗ" ସେଇ ଆଲୋଚନା ମଧ୍ୟରୁ ଏକ । ନିଜସ୍ୱ ମୌଳିକ ଦୃଷ୍ଟିଭଙ୍ଗୀ ନେଇ ରଚନା କରିଥିଲେ ମଧ୍ୟ ପୂର୍ବ ପ୍ରକାଶିତ ଅନେକ ଗ୍ରନ୍ଥର ଉଦାହରଣ ଦେଇ ନିଜକୁ ବିବାଦ ଠାରୁ ଦୂରେଇ ରଖିଛନ୍ତି ।

ପ୍ରକାଶିତ "କେନ୍ଦୁଝରର ବିରଳ ଜନଜାତି ଜୁଆଙ୍ଗ" ପାଠକୀୟ ସମାଦର ଲାଭ କରିବ ବୋଲି ଆଶା ରଖିଛୁ ।

ଅଖିଳ ବିହାରୀ ଓତା

ସଦସ୍ୟ ସଚିବ

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| ୧. | ଅଭିମତ | ୧ |
| ୨. | କେଉଁଝରର ବିରଳ ଜନଜାତି ଜୁଆଙ୍ଗ | ୪ |
| ୩. | ଜୁଆଙ୍ଗ ପୀଢ଼ର ବନ୍ଦୋବସ୍ତ | ୨୧ |
| ୪. | ଜୁଆଙ୍ଗ ଜୀବନଚର୍ଯ୍ୟା | ୨୬ |
| ୫. | ମଣ୍ଡଘର - (ମଜାଙ୍ଗ) | ୩୭ |
| ୬. | ଜୁଆଙ୍ଗ ଜାତିରେ ବିବାହ ପ୍ରଥା | ୪୨ |
| ୭. | ବିବାହ ଗୀତ | ୫୬ |
| ୮. | ଜୁଆଙ୍ଗ ଦେବ ଦେବୀ | ୭୩ |
| ୯. | ଜୁଆଙ୍ଗ ପର୍ବପର୍ବାଣି | ୮୦ |
| ୧୦. | ଜୁଆଙ୍ଗ କଳା ସ୍ଥାପତ୍ୟ, ସଂଗୀତ ଓ ନୃତ୍ୟ | ୮୯ |
| ୧୧. | ଜୁଆଙ୍ଗମାନଙ୍କ ବାଦ୍ୟଯନ୍ତ୍ର | ୯୭ |
| ୧୨. | ରୃଷ ଓ ଗୃହୋପକରଣ | ୧୦୧ |
| ୧୩. | ଗୃହୋପକରଣ | ୧୦୫ |
| ୧୪. | ଅସ୍ତ୍ରଶସ୍ତ୍ର | ୧୦୮ |
| ୧୫. | ବିଚାର ବ୍ୟବସ୍ଥା ଓ ଦଣ୍ଡ ବିଧାନ | ୧୧୧ |
| ୧୬. | ଜଙ୍ଗଲ ଜୀବନ | ୧୧୪ |
| ୧୭. | ମୃତ୍ୟୁ ସଂସ୍କାର | ୧୧୮ |
| ୧୮. | ଲୋକକଥା ଓ କାହାଣୀ | ୧୨୩ |
| ୧୯. | ବୈତରଣୀ ନଦୀର ଇତିବୃତ୍ତି | ୧୩୧ |
| ୨୦. | ସହାୟକ ଗ୍ରନ୍ଥସୂଚୀ | ୧୩୬ |
| ୨୧. | ଜୁଆଙ୍ଗ ଶବ୍ଦାବଳୀ | ୧୩୮ |

# ନିଜକଥା

କେନ୍ଦୁଝରର ଆଦିମ ଅଧିବାସୀ ଭୂୟାଁ ଓ ଜୁଆଙ୍ଗ ଜୀବନ ଚର୍ଯ୍ୟାକୁ ନେଇ ଦୁଇଟି ପୁସ୍ତକର ଅୟମାରମ୍ଭ ହୋଇ ସାରିଥିଲା ଯେତେବେଳେ "ବୈତରଣୀ ଗବେଷଣା ପରିଷଦ" ତରଫରୁ ପୂଣ୍ୟତୋୟା ବୈତରଣୀର ଉତ୍ପତ୍ତି ସ୍ଥଳରୁ ଆରମ୍ଭ ହୋଇଥିଲା ସାମୂହିକ ପଦଯାତ୍ରା । ଫଟୋ ଓ ତଥ୍ୟ ସଂଗ୍ରହ ପାଇଁ ବୈତରଣୀ କୂଳେ କୂଳେ ଅନେକ ଭୂୟାଁ, ଜୁଆଙ୍ଗ ପୀଢ ଘୁରିବୁଲିବାକୁ ପଡିଛି ....ସେମାନଙ୍କ ଠାରୁ ଅନେକ ତଥ୍ୟ ସଂଗ୍ରହ ସହ ଆଲୋଚନା କରାଯାଇଛି । ଥରେ ଅଧେ ନୁହେଁ ବାରମ୍ବାର ଯିବାକୁ ପଡିଛି ସେମାନଙ୍କ ନିକଟକୁ । ସବୁବେଳେ ନୂଆ ନୂଆ ତଥ୍ୟ ଜାଣିବାର ଜିଜ୍ଞାସା । ତଥ୍ୟ ଅଭାବରୁ ପଛରେ ପଡି ରହିଲା, ଜୁଆଙ୍ଗ ଜୀବନ ଚର୍ଯ୍ୟା ପ୍ରଥମେ ୨୦୧୨ରେ ଆତ୍ମ ପ୍ରକାଶ କଲା - "ଭୂୟାଁ ଜାତିର ଜୀବନ ଗାଥା" । ଧରଣୀ ଜୟନ୍ତୀରେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଧନୁର୍ଜ୍ଜୟ ସିଂଲାଗୁରୀଙ୍କ ହସ୍ତରେ ଲୋକାର୍ପିତ ହେଲା ।

ହଠାତ୍ ଦିନେ ରମୁଳି କଲେଜରେ ଦେଖା ହେଲା - ମାମୁଁ ଘର ଗାଁର ପ୍ରଫେସର ଶ୍ରୀଯୁକ୍ତ ପ୍ରକାଶ ପଟ୍ଟନାୟକଙ୍କ ସହ । ସେ ଦିଲ୍ଲୀ ୟୁନିଭରସିଟିରେ ଭାଷା ସାହିତ୍ୟର ପ୍ରଫେସର । "ଜୁଆଙ୍ଗ" ମାନଙ୍କ ଉପରେ ଗବେଷଣା କରିଛନ୍ତି । ତାଙ୍କୁ ଦେଖି ଜୁଆଙ୍ଗ ମାନଙ୍କର ସ୍ମୃତି ମନେ ପଡ଼ିଗଲା । ମନେ ପଡିଗଲା । ଅଧାଗଢା ହୋଇ ପଡି ରହିଥିବା ସେହି ଜୁଆଙ୍ଗ ଜୀବନଚର୍ଯ୍ୟାର ଯୁଗ ଯନ୍ତ୍ରଣା କଥା । ମନସ୍ଥ କଲି ଯେତେ କଷ୍ଟ ହେଉ, ଅଧା ଲେଖା ପାଣ୍ଡୁଲିପିଟିକୁ ସମ୍ପୂର୍ଣ୍ଣ କରିବି । ଅଭିମତଟିଏ ଲେଖି ଦେବାକୁ ଅନୁମତି ଲୋଡିଲି ସେ ମହାନ ବ୍ୟକ୍ତିତ୍ୱଙ୍କ ନିକଟରେ । ସେ ମଧ ଉତ୍ସାହ ପ୍ରେରଣା ଦେଇ ଅଭିମତଟିଏ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କଲେ । ଏବେ ଦିନ ରାତି ଏକ କରି, ତଥ୍ୟ ସଂଗ୍ରହରେ ଲାଗିପଡିଲି । ଜୁଆଙ୍ଗ ପୀଢ ଗଲି ସମୟ ସୁବିଧା ଦେଖି, କାଠୁରିଆଠାରୁ କେନ୍ଦୁ ବିକୁଥିବା ଜୁଆଙ୍ଗ ମଣିଷ ସହିତ ଭାବ ବିନିମୟ ହେଲା, ସଭା ସମିତିରେ ନାଚ କରୁଥିବା ଜୁଆଙ୍ଗ କଙ୍ଗେରମାନଙ୍କ ସହିତ । ବନ୍ଧୁ, ସଂଗ୍ରାହକ ଡମ୍ବରୁ ମହାନ୍ତିଙ୍କ ସହିତ ଆଲୋଚନା ହୁଏ । ସବୁ ସମୟରେ ସେ ଉତ୍ସାହ ପ୍ରେରଣା, ତଥ୍ୟ ମଧ ଦିଅନ୍ତି । ତଥ୍ୟ ଦିଅନ୍ତି ଧରିତ୍ରୀର କେନ୍ଦୁଝର ଜିଲ୍ଲା ପ୍ରତିନିଧି ନରେଶ ପଟ୍ଟନାୟକ.... ଭାଙ୍ଗି ନପଡ଼ି ଆଗେଇ ଯିବାକୁ ଆଶୀର୍ବାଦ କରନ୍ତି । ବୈତରଣୀ

ଗବେଷଣା ପରିଷଦ ଓ ସୃଜନୀ ସାହିତ୍ୟ ସଂସଦର ସଭାପତି ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡଃ ବିଦ୍ୟାଧର ବେହେରା, ସଂପାଦକ ଡଃ ଚିତ୍ତ ମିଶ୍ର । ପ୍ରେରଣାରେ ଉତ୍ସାହିତ ହୋଇ ନବୀନ ଉତ୍ସାହରେ ଲାଗିପଡେ । ଜୁଆଙ୍ଗ ସଂଗୀତ ଲୋକକଥା ସଂଗ୍ରହ ସମୟରେ ମଧ୍ୟ ବନ୍ଧୁ ଡମ୍ବରୁ ମହାନ୍ତ ତଥ୍ୟ ଯୋଗାଇ ଦେଇ ଉତ୍ସାହିତ କରୁଥିଲେ । ମୋତେ ଲାଗୁଥିଲା, ମୁଁ ଯେପରି ପାଣିକାଦୁଅରେ ଭରପୁର ପଡିଆରେ ଫୁଟବଲ ଖେଳୁଛି । ପଡିଆ ବାହାରେ ଦର୍ଶକମାନେ ତାଳି ମାରି ଉତ୍ସାହିତ କଲାପରି ସମୟ ଅସମୟରେ ଅଚାନକ କେହି ଜଣେ ଅନାଗତ ଅତିଥି ଆସି ସାହାଯ୍ୟ, ସହଯୋଗର ହାତ ବଢାଇ ଦେଉଥିଲେ । ନବୀନ ଉତ୍ସାହରେ ମୁଁ ଗୋଲ ପରେ ଗୋଲ ଦେବାକୁ ଆଗଭର ହୋଇ ଆଗେଇ ଯାଉଥିଲି । ଜୁଆଙ୍ଗ ଲୋକ କଥା ଓ ଜୁଆଙ୍ଗ ଜୀବନ ସଂଗୀତ (ଲେ ୰ ଜଗବନ୍ଧୁ ପାଢୀ) ପୁସ୍ତକ ଦୁଇଟି ଡଂବରୁ ମହାନ୍ତ ଯୋଗାଇ ଦେଇଥିଲେ । ଜୁଆଙ୍ଗ ଶବ୍ଦାବଳୀ ଓ ଅନ୍ୟାନ୍ୟ ତଥ୍ୟ ପାଇଁ ବନ୍ଧୁ ଅଧ୍ୟାପକ ବୀରେନ୍ଦ୍ର ମହାନ୍ତଙ୍କ ସହିତ ଅନେକ ପୀଢ ଗାଁଆ ହାଟ ବୁଲିବାକୁ ପଡିଛି । ତଥ୍ୟ ପ୍ରଦାନରେ ରିମିଳି ଘାଟିର କାଣ୍ଡ ଜୁଆଙ୍ଗ କିଶୋର ଜୁଆଙ୍ଗ, ଭାଗ୍ୟ ଜୁଆଙ୍ଗ, ଜାଇପୁର ଜୁଆଙ୍ଗ ପୀଠର ନଟ ଜୁଆଙ୍ଗ, ସାହେବ ଜୁଆଙ୍ଗଙ୍କ ଅବଦାନ ଭୁଲିବାର ନୁହେଁ । ଭୁଲିବାର ନୁହେଁ ବଡଭାଇ ଇଂ ନୀଳାମ୍ବର ବାରିକ ଓ ଭାଉଜ ମଉନାବତୀଙ୍କ ସ୍ନେହ ଆଦର ସଦିଚ୍ଛା ସେମାନଙ୍କ ଉତ୍ସାହରେ ଆଗେଇବାକୁ ପଡିଛି । ଅଗ୍ରଜ ପ୍ରତିମ ବନ୍ଧୁ ପ୍ରାଧ୍ୟାପକ ଶ୍ରୀଯୁକ୍ତ ଯୋଗେନ୍ଦ୍ର ଜେନା (ଭଦ୍ରକ)ଙ୍କ ଅବଦାନ ଉତ୍ସାହ, ସଦିଚ୍ଛା ମଧ୍ୟ ଭୁଲିବାର ନୁହେଁ । ମୋର ମାତୁଳ କେନ୍ଦୁଝରର ପ୍ରତିଷ୍ଠିତ ନାଟ୍ୟକାର ନିର୍ଦ୍ଦେଶକ ଶ୍ରୀଯୁକ୍ତ ହେମନ୍ତ ରାଉତ ଓ ଡା. ଉଜ୍ଜଳ ସାହୁ ଏବଂ ଅଲସାରଙ୍କ ଆଶୀର୍ବାଦ, ଅନୁଶାସନ ହେତୁ ମୁଁ ଆଜି ଏତିକି ବାଟ ଆଗେଇ ଆସିବାରେ ସକ୍ଷମ ହୋଇଛି । ପିତୃ ପ୍ରତିମ କବି ଶ୍ରୀଯୁକ୍ତ ଶିରି ପାଣିଲେଙ୍କା (ଶରିଶ ପାଲ) ମଧ୍ୟ ଜୁଆଙ୍ଗ ଶବଦା ବଳୀ ଓ ଲୋକ ସଂଗୀତ ସଂଗ୍ରହରେ ସାହାଯ୍ୟ କରି ମୋତେ ଋଣୀ କରି ଦେଇଛନ୍ତି । ପାଣ୍ଡୁଲିପି ପ୍ରସ୍ତୁତିରେ ମୋର କନ୍ୟା ସୁଶ୍ରୀ ମୋନାଲିସା ରାଉତ ଓ ପୁତ୍ର ପାର୍ଥସାରଥୀର ଅବଦାନ ମଧ୍ୟ କମ ନୁହେଁ । ପିତା ଶ୍ରୀଯୁକ୍ତ ବିଦ୍ୟାଧର ରାଉତ ଓ ମାତା ପ୍ରମିଳା ରାଉତଙ୍କ ଆଶୀର୍ବାଦ ମୋ ଜୀବନର ଚଲାପଥ କୁସୁମିତ କରିଛି । ପତ୍ନୀ ରେଣୁବାଳା ଏ କାମକୁ ଆଗେଇ ନେଇଛି । ପୁସ୍ତକ ପ୍ରକାଶନ ଅବସରରେ ଉପରୋକ୍ତ ବ୍ୟକ୍ତି ବିଶେଷଙ୍କ ତଥା ବିଭିନ୍ନ ପୁସ୍ତକ, ପତ୍ର ପତ୍ରିକାର ଲେଖକ ସମ୍ପାଦକଙ୍କୁ ମୋର ହୃଦୟର ଗଭୀର କୃତଜ୍ଞତା ଜଣାଉଛି । ପୁସ୍ତକଟି ବିଭିନ୍ନ ବର୍ଗର ପାଠକ,

ଲେଖକ, ତଥା ଗବେଷକମାନଙ୍କ କାର୍ଯ୍ୟରେ ଲାଗି ପାରିଲେ ମୋ ଶ୍ରମ ସାର୍ଥକ ହୋଇଛି ବୋଲି ବୁଝିବି । ପରିଶେଷରେ ଆଦିବାସୀ ଭାଷା ସଂସ୍କୃତି ଏକାଡେମୀ, ଭୁବନେଶ୍ୱର କର୍ତ୍ତୃପକ୍ଷ । ଏ ପୁସ୍ତକଟିକୁ ଉପଯୁକ୍ତ ମନେକରି ଛପାଇ ମୋର ଶ୍ରମକୁ ସାକାର କରିଛନ୍ତି । ସେଥିପାଇଁ ମୁଁ ଏକାଡେମୀ କର୍ତ୍ତୃପକ୍ଷଙ୍କ ନିକଟରେ କୃତଜ୍ଞ । ଡ. ପରମାନନ୍ଦ ପଟେଲ ମହୋଦୟ ପୁସ୍ତକଟି କିପରି ସର୍ବାଙ୍ଗ ସୁନ୍ଦର ହୋଇପାରିବ, ସେଥିପାଇଁ ଅନେକ ଶ୍ରମ ସ୍ୱୀକାର କରିଥିବାରୁ ଡଃ. ପଟେଲ ମହୋଦୟଙ୍କୁ ମୋ ହୃଦୟର ଗଭୀର କୃତଜ୍ଞତା ଜଣାଉଛି ।

ବିଶ୍ୱସ୍ତ

ଲଗ୍ନଜିତ୍ ଶ୍ରୀ ପ୍ରଦୀପ ରାଉତ

# ଅଭିମତ

ପିଲାଦିନରୁ ଆମ ପରିବାରର ଅତି ପରିଚିତ କୁନାଂକସହ ମୋର ଗତ ବର୍ଷ ଦେଖାହେଲା ରିମୁଳି ମହାବିଦ୍ୟାଳୟରେ ଅନୁଷ୍ଠିତ ଏକ ଜାତୀୟ ସମ୍ମାନରେ । ବର୍ଷକ ତଳର କଥା । କଥାବାର୍ତ୍ତା ପ୍ରସଙ୍ଗରେ ସେ ମୋତେ କହିଥିଲେ ଜୁଆଙ୍ଗ ଜନଜାତି ଉପରେ ପ୍ରସ୍ତୁତ କରୁଥିବା ଏକ ପୁସ୍ତକ ସମ୍ପର୍କରେ । ସେତେବେଳେ ମୁଁ ବହିଟି ପଢିବାର ଆଗ୍ରହ ଦେଖାଇଥିଲି, ଏବଂ ସେ କଥା ଦେଇଥିଲେ ମୋତେ ଠିକ୍ ସମୟରେ ଜଣାଇବାକୁ ।

ପିଲାଦିନରୁ ତାଙ୍କୁ ମୁଁ ଜାଣିଥିଲି ତାଙ୍କ ଡାକ ନାଁରେ, ଏବେ ଜାଣିଲି ତାଙ୍କ ଭଲ ନା ପ୍ରଦୀପ କୁମାର ରାଉତ । ପାଣ୍ଡୁଲିପିଟି ପଢିବା ପରେ ମୋର ମନେହୁଏ ସତେ ଯେପରି ସେ ପୁସ୍ତକଟିର ରଚନା ନିମନ୍ତେ ତଥ୍ୟ ସଂଗ୍ରହ କାଳରେ ଜୁଆଙ୍ଗ ମାନଙ୍କର ଶୃଙ୍ଖଳାବଦ୍ଧ ଜୀବନର ପ୍ରତ୍ୟେକ ସ୍ତର ତଥା ସେମାନଙ୍କ ଦୈନନ୍ଦିନ ଘଟଣା ପ୍ରବାହ ଧାରାରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ନିମଗ୍ନ କରିଦେଇଛନ୍ତି । ଜୁଆଙ୍ଗ ଭାଷା ସମ୍ପର୍କୀୟ ଗବେଷଣା ନିମନ୍ତେ ତଥ୍ୟ ସଂଗ୍ରହ ସମୟରେ, ପ୍ରାୟ ତିରିଶ ବର୍ଷ ତଳେ, ମୁଁ ଭାବି ପାରୁନଥିଲି ଯେ ପରବର୍ତ୍ତୀ ପିଢୀ ଦିନେ ଏପରି ଏକ ରଚନା ପ୍ରସ୍ତୁତ କରି ପାରିବ । ତାର କାରଣ ନୁହେଁ ଯେ ସେତେବେଳେ ମୋର ପରବର୍ତ୍ତୀ ପିଢୀର ଏ ଦିଗରେ ତତ୍ପରତା ବା ନିଷ୍ଠା ଉପରେ ବିଶ୍ୱାସ ନଥିଲା, ଚିନ୍ତା ଥିଲା ସମୟ ସହିତ ଜୁଆଙ୍ଗମାନଙ୍କର ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାରେ ପରିବର୍ତ୍ତନର ଆଶଙ୍କା । ଏକ ପ୍ରାଚୀନ ଜନଜାତି ଏବେ ମଧ୍ୟ ତଥାକଥିତ ସଭ୍ୟସମାଜର ଦୂରରେ ରହି ନିଜର ସ୍ୱତନ୍ତ୍ର ପରିଚୟ ଧାରଣ କରି ରହିଛି ଏକଥା ଆଶ୍ଚର୍ଯ୍ୟ ଲାଗେ । ପରିବର୍ତ୍ତନ ଧାରାରେ ସବୁକିଛି ବଦଳି ଗଲାଣି । ଜୁଆଙ୍ଗ ଅଞ୍ଚଳ ବୁଲିବା ପୂର୍ବେ ଯେପରି କଷ୍ଟସାଧ ଥିଲା ଏବେ ତାହା ଆଉ ନାହିଁ । କିନ୍ତୁ ଯାହା ଏବେବି ବଦଳି ଯାଇନାହିଁ ତାହା ହେଲା ସେମାନଙ୍କ ଜୀବନ ଧାରାର ଅନେକ ବିଶେଷତ୍ୱ, ଆଉ ଏକଥା ହୃଦବୋଧ ହେଲା ଶ୍ରୀ ରାଉତଙ୍କର "ଜୁଆଙ୍ଗ ଜୀବନ ଚର୍ଯ୍ୟା" ପାଣ୍ଡୁଲିପିଟି ପଢିବା ପରେ ।

ନିଜର କର୍ମମୟ ଜୀବନରୁ ସମୟ ବାହାର କରି, ଦୁର୍ଗମ ପଥ ଅତିକ୍ରମ

କରି, ଜନଜାତିଙ୍କର ବାସସ୍ଥଳୀରେ ସମୟ କଟାଇ ତଥ୍ୟ ସଂଗ୍ରହ କରିବା ସହଜ କଥା ନୁହେଁ । ପୁଣି ଅପରିଚିତ ଏକ ସ୍ଥାନରେ ସଂଗ୍ରାହକକୁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିଥାଏ । ଯେଉଁମାନେ ଜନଜାତି ଓ ସେମାନଙ୍କର ସଂସ୍କୃତିର ଉପାଦାନକୁ ମିଉଜିଉମର ସାମଗ୍ରୀ ଭାବରେ ଦେଖିଥାନ୍ତି, ସେମାନଙ୍କ ପାଇଁ ଏ ପ୍ରକାର ରଚନା ମୂଳରେ କେଉଁ ପ୍ରକାରର ପ୍ରସ୍ତୁତି ନିହିତ ଥାଏ, ତାହା ଜାଣିବା ସମ୍ଭବ ନୁହେଁ । ମୋ ପାଇଁ ଏହା କେବଳ ଏକ ସମୀକ୍ଷାର ସମୟ ନୁହେଁ, ବରଂ ପାଣ୍ଡୁଲିପିଟି ମୋତେ ଅତୀତକୁ କିଛି ସମୟପାଇଁ ଫେରାଇ ନେଇଛି । ପ୍ରତ୍ୟେକଟି ଅଂଶ ପାଠ କରି ମୁଁ ସହଜରେ ବୁଝିପାରିଛି ଲେଖକର ସ୍ଥିତି ସମ୍ପର୍କରେ । ମୋ ଆଖି ଆଗରେ ନାଚି ଯାଉଛି ଏଥିରେ ଉଲ୍ଲେଖ ଥିବା ପ୍ରତ୍ୟେକଟି ଜୁଆଙ୍ଗ ଗ୍ରାମର ଭୌଗଳିକ ଅବସ୍ଥିତି ତଥା ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟ, ଏବଂ ତା ସହିତ ମନେ ପଡୁଛି କେତେକ ପୁରୁଣା ଅନୁଭୂତି । ଏହି ପୃଷ୍ଠପଟରେ ବିଚାର କଲେ ମୁଁ ଯେ ଏଥିରେ ଥିବା ପ୍ରତ୍ୟେକ ଉପାଦାନ ସହିତ ଘନିଷ୍ଠ ଭାବରେ ପରିଚିତ ଏକଥା ପ୍ରକାଶ କରିବାରେ ଆବଶ୍ୟକତା ନାହିଁ, ଏବଂ ପାଣ୍ଡୁଲିପିଟି ସମ୍ପର୍କରେ ମୋର ମନ୍ତବ୍ୟ ଯେ ନିରପେକ୍ଷ ହେବ ଏଥିରେ ସନ୍ଦେହ ନାହିଁ ।

ପୁସ୍ତକଟିରେ ପ୍ରଦତ୍ତ ତଥ୍ୟ ପ୍ରତ୍ୟକ୍ଷ ଭାବରେ ଜୁଆଙ୍ଗ ଅଞ୍ଚଳ ପରିଦର୍ଶନରୁ ଉପଲବ୍ଧ ହେଲେ ହେଁ ଅନେକ ସହାୟକ ଗ୍ରନ୍ଥର ସହାୟତାରେ ସେଗୁଡିକର ପରୀକ୍ଷା କରାଯାଇଛି । ଆବଶ୍ୟକତା ଅନୁସାରେ ସେଗୁଡିକର ଉପସ୍ଥାପନ କରିବାକୁ ଯାଇ ଲେଖକ ତଥ୍ୟର ସ୍ୱତନ୍ତ୍ର ବିଭାଗୀକରଣ କରିଛନ୍ତି । ଫଳରେଏକ ଜନଜାତିର ପରିସ୍ଥିତିକୁ ପାଠକ ନିକଟରେ ଉପସ୍ଥାପନ କରିବାକୁ ଯାଇ ତାହାର ସାମାଜିକ, ସାଂସ୍କୃତିକ, ଧାର୍ମିକ, ଅର୍ଥନୈତିକ ଓ ପାରିବାରିକ ଜୀବନର ନିଖୁଣ ଆଲୋଚନା ବିଭିନ୍ନ ଉପବିଭାଗ ମାଧ୍ୟମରେ ଦର୍ଶାଯାଇଛି । ପ୍ରତ୍ୟେକ ତଥ୍ୟର ଯଥା ସମ୍ଭବ ବିଶ୍ଳେଷଣ କରାଯାଇଛି । ପାଣ୍ଡୁଲିପିଟିରୁ ଜଣାଯାଏ ଓଡିଆ ପାଠକଙ୍କ ନିକଟରେ ଏହା ଏକ ଗବେଷଣା ମୂଳକ ଗ୍ରନ୍ଥସୂଚୀରେ ସ୍ଥାନ ପାଇବାର ଯୋଗ୍ୟତା ହାସଲ କରପାରିବ, ମୁଁ ଏଇ ଆଶା କରିବା ସଙ୍ଗେ ସଙ୍ଗେ ଲେଖକ ତାଙ୍କର ରଚନା ଅବ୍ୟାହତ ରଖିଥାନ୍ତୁ- ଏଇ କାମନା କରୁଛି । ଏହାର ପ୍ରକାଶ ପରେ ଓଡିଆ ପାଠକ ଭବିଷ୍ୟତରେ ତାଙ୍କଠାରୁ ସମାନ ଧରଣର ରଚନା ଆଶା କରିବେ, ଏବଂ ଏଥିପାଇଁ କେନ୍ଦୁଝରରେ ଅନେକ ଜନଜାତି ଏବଂ ସେମାନଙ୍କର ସଂସ୍କୃତିର ବହୁ ଅନାଲୋଚିତ ଦିଗ ରହିଛି । ତାଙ୍କର ଚିନ୍ତାଧାରା ଉନ୍ନତ,

ପ୍ରକାଶ ଶୈଳୀ ଉଚ୍ଚକୋଟୀର, ପରିବେଷଣ ପଦ୍ଧତି ସ୍ୱତନ୍ତ୍ର, ତଥ୍ୟ ସଂଗ୍ରହ କୌଶଳ ନିଜସ୍ୱ, ଏବଂ ରଚନାଟିର ଭାଷା ମଧ୍ୟ ପ୍ରଶଂସାର ଯୋଗ୍ୟ ଏଥିରେ ସନ୍ଦେହ ନାହିଁ । ଏଇ ଅବସରରେ ଏକ ପରାମର୍ଶ ଦେବାକୁ ଯାଇ କେବଳ ଏତିକି କହିପାରେ ଯେ ଏପରି ରଚନାରେ ଭାଷାକୁ ଆଲଂକାରିକ କରି ସାହିତ୍ୟ ଭାବରେ ଉପସ୍ଥାପନ କରିବାର କୌଣସି ଆବଶ୍ୟକତା ନାହିଁ, ବରଂ ଭାଷା ଯେତିକି ସରଳ ହେବ ତାହା ସେତିକି ସହଜରେ ତଥ୍ୟ ସମୂହକୁ ପାଠକ ଓ ଗବେଷକ ପାଖରେ ପହଞ୍ଚାଇ ପାରିବ । ମୋ ବିଚାରରେ ଭାଷା ବିନ୍ୟାସର ମୋହ ଛାଡି ପାରିଲେ ଏପରି ରଚନାର ସମାଜତାତ୍ତ୍ୱିକ ଓ ନୃତାତ୍ତ୍ୱିକ ମୂଲ୍ୟ ବୃଦ୍ଧି ପାଇବା ସମ୍ଭବ । ଲେଖକ ଏ ଦିଗରେ ଦୃଷ୍ଟି ଦେବାର ପରାମର୍ଶ ଦେଇ ତାଙ୍କ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

**ପ୍ରଫେସର ଡକ୍ଟର ପ୍ରକାଶ ପଟ୍ଟନାୟକ**
**ଆଧୁନିକ ଭାରତୀୟ ଭାଷା ଓ ସାହିତ୍ୟିକ ଅଧ୍ୟୟନ ବିଭାଗ**
**ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ - ୧୧୦୦୦୭**

# କେଉଁଝରର ବିରଳ ଜନଜାତି ଜୁଆଙ୍ଗ

ଗୋଟାଏ ଜାତିର ସଂସ୍କୃତି ତା ସମାଜର ଦର୍ପଣ । ଦର୍ପଣରେ ବସ୍ତୁର ଅବିକଳ ପ୍ରତିଛବି ଯେପରି ଦେଖା ଯାଇଥାଏ । ସେହିପରି ଗୋଟାଏ ଜାତିର ଭିତର ଓ ବାହାର ରୂପ ତାର ସଂସ୍କୃତିରୁ ଜଣା ପଡିଥାଏ । ଜାତିର ଆଚାର, ବ୍ୟବହାର, ଚାଲି ଚଳନ, ପୂଜା ପଦ୍ଧତି, ପର୍ବପର୍ବାଣୀ, ବିବାହ ଉତ୍ସବ ପ୍ରଭୃତି ସଂସ୍କୃତିର ଗୋଟାଏ ଗୋଟାଏ ବିଶିଷ୍ଟ ଅଙ୍ଗ ॥

ସେମାନେ ପ୍ରକୃତିର ସନ୍ତାନ । ବଣ, ପାହାଡ, ମୁକ୍ତାକାଶ ମନ ଖୋଲା ନଈପରି ସେମାନଙ୍କର ଜୀବନ । ସେମାନେ ଶିଶୁପରି ସରଳ, ପବନ ପରି ଉତାଳ, ସବୁ ଦୁଃଖର ଉର୍ଦ୍ଧ୍ୱରେ ସେମାନଙ୍କର ସଂଘର୍ଷ ।

ସେମାନେ, "ଜୁଆଙ୍ଗ"

ଜୁଆଙ୍ଗର ଅର୍ଥ "ମଣିଷ" ସେମାନଙ୍କର ବିଶ୍ୱାସ ଯେ, ପୃଥିବୀ ପ୍ରଥମ ମଣିଷ ସେମାନେ । ପୃଥିବୀର ଆଦି ମାନବ ସଭ୍ୟତା ରୂପେ କଥିତ, ବୈତରଣୀ ସଭ୍ୟତାର କେନ୍ଦ୍ରସ୍ଥଳ କେନ୍ଦୁଝରର ଗୋନାସିକା ଗିରିଗର୍ଭ ସେମାନଙ୍କର ବାସସ୍ଥାନ । ସେମାନେ ଆଦିମ ଅଧିବାସୀ, ଆଦି ମାନବ ଏ ପୃଥିବୀର ।

ଆମ ଭାରତୀୟ ସମ୍ବିଧାନରେ ଯେଉଁସବୁ ଗୋଷ୍ଠୀଙ୍କୁ ତଫସିଲଭୁକ୍ତ ଉପଜାତି ଭାବରେ ଗ୍ରହଣ କରାଯାଇଛି, ସେମାନଙ୍କୁ ସାଧାରଣତଃ "ଆଦିବାସୀ" କୁହାଯାଇଥାଏ ।

ଆଦିବାସୀ କହିଲେ, ସାଧାରଣତଃ ଆର୍ଯ୍ୟଜାତି ଆସିବା ପୂର୍ବରୁ ସେଠାରେ ବସବାସ କରୁଥିବା ଲୋକଙ୍କୁ ହିଁ ବୁଝାଇ ଥାଏ । ଦେଶର ସମ୍ବିଧାନର ୩୪୨ ଧାରା ଅନୁସାରେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ବିଜ୍ଞାପିତ ଜନଜାତି ରୂପେ "ଆଦିବାସୀ" ମାନେ ପାଇଛନ୍ତି । ଭାରତର ୬୯୮ ପ୍ରକାର ଆଦିବାସୀଙ୍କ ମଧ୍ୟରୁ ୭୫ ପ୍ରକାର ଆଦିବାସୀ ଆଦିମ ଅଧିବାସୀ ଥିଲେ । ଏହି ୭୫ ପ୍ରକାର ମଧ୍ୟରୁ ୧୩ ପ୍ରକାର ଆଦିମ ଅଧିବାସୀ ଓଡିଶାରେ ଅଛନ୍ତି ।

ସେମାନେ ବାସ କରୁଥିବା ସ୍ଥାନମାନଙ୍କୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇଥାଏ । ଯଥା- ଦକ୍ଷିଣାଞ୍ଚଳ, କେନ୍ଦ୍ରାଞ୍ଚଳ ଓ ଉତ୍ତରାଞ୍ଚଳ । ଏହି ପ୍ରତ୍ୟେକ ଅଞ୍ଚଳର ଆଦିବାସୀ ଗୋଷ୍ଠୀଗୁଡିକ ସହିତ ଅନ୍ୟ ଅଞ୍ଚଳର ଆଦିବାସୀ ଗୋଷ୍ଠୀ ମଧ୍ୟରେ

ବହୁ ପରିମାଣରେ ସାମଞ୍ଜସ୍ୟ ଦୃଷ୍ଟି ଗୋଚର ହୋଇଥାଏ । ଭାରତର ଭିନ୍ନ ଭିନ୍ନ ଅଞ୍ଚଳରେ ଆଦିମ ଅଧିବାସୀମାନଙ୍କ ସମ୍ବନ୍ଧରେ ଭିନ୍ନ ଭିନ୍ନ ପାର୍ଥକ୍ୟ ଦେଖା ଯାଇଥାଏ ।

**ଦକ୍ଷିଣାଞ୍ଚଳ** – ଦକ୍ଷିଣ ଭାରତର ପଶ୍ଚିମଘାଟର ଦକ୍ଷିଣାଂଶରେ ଅନେକ ଗୁଡିଏ ଉପଜାତି ଦେଖାଯାନ୍ତି । ଏମାନେ ଚେଞ୍ଚୁ, ୟୁରଭାଂ, ୟୁରଲା, ପାନିୟାନ, କୁରୁମ୍ବା, ବଡଗା, ଟୋଡା, କେଦାର, ମାଲାୟାନ, ସୁରାଭାନ ଆଦି ଅତି ପ୍ରାଚୀନ ଆଦିବାସୀ ଗୋଷ୍ଠୀ ଭାବରେ ପରିଚିତ। । ସେମାନଙ୍କର ମୂଳ ଭାଷା ବିଷୟରେ କିଛି ଜଣାନାହିଁ । ମଧ୍ୟମ ଉଚ୍ଚତା, ଓସାରିଆ ଚେପଟା ନାକ, ମୋଟା ଓଠ, ଲମ୍ବା ମୁଣ୍ଡ, ଓ ସୁଗଠିତ ଶରୀର ଏମାନଙ୍କର ଆକୃତିଗତ ବୈଶିଷ୍ଟ୍ୟ । କେତେକ ବିଶେଷଜ୍ଞଙ୍କ ମତରେ ମେଲୋନେସୀୟ ଓ ପୂର୍ବ ଆଫ୍ରିକାର ନିଗ୍ରୋମାନଙ୍କର କେତେକ ଜାତିଗତ ବୈଶିଷ୍ଟ୍ୟ ଏମାନଙ୍କ ମଧ୍ୟରେ ଦେଖା ଯାଇଥାଏ ।

**ମଧ୍ୟାଞ୍ଚଳ** – ଏହା ନର୍ମଦା ନଦୀରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପିଅଛି । ମଧ୍ୟ ଭାରତର ଯେଉଁ ପର୍ବତମାଳା ଦାକ୍ଷିଣାତ୍ୟକୁ ଉତ୍ତର ଭାରତରୁ ବିଚ୍ଛିନ୍ନ କରୁଅଛି, ତାହାହିଁ ଅନେକ ଗୁଡିଏ ଆଦିବାସୀ ଗୋଷ୍ଠୀଙ୍କୁ ବହୁ ପ୍ରାଚୀନ କାଳରୁ ଆଶ୍ରୟ ଦେଇ ଆସିଅଛି । ଭାରତରେ ସବୁଠାରୁ ଅଧିକ ସଂଖ୍ୟକ ଆଦିବାସୀ ଏହି ଅଞ୍ଚଳରେ ଦେଖାଯାନ୍ତି । ଏଠାରେ ବାସ କରୁଥିବା ନିଷାଦ ଓ ଶବର ଜାତିର ଉଲ୍ଲେଖ ଅତି ପ୍ରାଚୀନ ସଂସ୍କୃତ ସାହିତ୍ୟରେ ଦେଖିବାକୁ ମିଳେ । ଏ ଅଞ୍ଚଳର ପ୍ରଧାନ ଉପଜାତି ଗୋଷ୍ଠୀ ହେଉଛନ୍ତି- ସାନ୍ତାଳ, ମୁଣ୍ଡା ଓରାଓଁ, ହୋ, ବୀରହୋର, ଭୂମିଜ, ଖରିଯା, ଭୂୟାଁ, ଜୁଆଙ୍ଗ ଶବର, ବଇଗାଁ, ଗଣ୍ଡ, ଭିଲ୍, ଓ କୋଲ ପ୍ରଭୃତି । ଏମାନଙ୍କ ମଧ୍ୟରୁ କେବଳ ସାନ୍ତାଳ ଓ ଗଣ୍ଡ ସଂଖ୍ୟାରେ ପ୍ରାୟ ୬୦ ଲକ୍ଷ ହେବେ ।

ଏମାନେ ନିଜ ନିଜ ଭାଷା ମାନଙ୍କର ସ୍ୱତନ୍ତ୍ରତା ବହୁ ପରିମାଣରେ ରକ୍ଷା କରି ପାରିଛନ୍ତି । ଏହି ଆଦିବାସୀମାନଙ୍କର ଭାଷା ପୂର୍ବେ କଥିତ ଭାଷା ସ୍ତରରେ ଥିଲା । ଏବେ ସାନ୍ତାଳୀ, ହୋ, ସଉରା ପ୍ରଭୃତି କେତେକ ଭାଷାରେ ଲିପି ସୃଷ୍ଟି କରାଯାଇ ବ୍ୟବହାର କରାଯାଉଛି । ଏ ଅଞ୍ଚଳରେ ଆଦିବାସୀଙ୍କ ଭାଷା ଦ୍ରାବିଡୀୟ ତଥା ଅଷ୍ଟ୍ରିକ ପରିବାର ଅନ୍ତର୍ଗତ ଅଟେ ।

ସ୍ଥାନ ପରିବର୍ତ୍ତନ କରି ପୋଡୁଚଷ କରିବା ଏମାନଙ୍କର ଅର୍ଥନୈତିକ ଜୀବନର ବିଶେଷତ୍ୱ । ନୃତ୍ୟ, ଗୀତ ମୁଖର ମଣ୍ଡଘର ଏମାନଙ୍କର ସାମାଜିକ ଜୀବନର ପ୍ରାଣକେନ୍ଦ୍ର ।

**ଉତ୍ତର ପୂର୍ବାଞ୍ଚଳ** - ତୃତୀୟ ଦଳର ଆଦିବାସୀ-ହିମାଳୟ ଅଞ୍ଚଳ ଓ ଭାରତର ପୂର୍ବ ସୀମାନ୍ତରେ ଅବସ୍ଥିତ ପାର୍ବତୀୟ ଉପତ୍ୟକା ମାନଙ୍କରେ ବାସ କରନ୍ତି । ଏ ଅଞ୍ଚଳରେ ପୁରୁଙ୍ଗ, ଲମ୍ବୁ, ଲେପଚା ଅକା, ଡାଫଲ, ଆବୋରମିରି, ମିଶ୍ମି, ଶିଙ୍ଗପୋ, ମିକିର, ରଭା, କିଚିରୀ, ଗୋରା, ଖାସି, ନାଗା, କିକି, ଲୁସାଇ, ଚକିମା,ପ୍ରଭୃତି ଉପଜାତି ଗୋଷ୍ଠୀ ଦେଖାଯାନ୍ତି । ଖାସି ପ୍ରଭୃତି ଅଳ୍ପ କେତୋଟି ଉପଜାତିଙ୍କ ଭାଷା ଅଷ୍ଟ୍ରିକ ପରିବାରର ଅନ୍ତର୍ଗତ । ଅନ୍ୟ ସମସ୍ତଙ୍କ ଭାଷା ତିବ୍ବତ-ବର୍ମୀଜ ଭାଷାର ଅନ୍ତର୍ଭୁକ୍ତ । ଯେତେଦୂର ଅନୁମାନ ଏମାନେ ଭାରତକୁ ପୂର୍ବୋକ୍ତ ଦୁଇ ଅଞ୍ଚଳର ଆଦିବାସୀଙ୍କ ବହୁପରେ ଆସି ଅଛନ୍ତି । ସଂସ୍କୃତିରେ ଏମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ୟ ଆଦିବାସୀ ଗୋଷ୍ଠୀଙ୍କଠାରୁ ଉନ୍ନତତର ।

ଏହି ଅଞ୍ଚଳର ଆଦିବାସୀଙ୍କ ମଧ୍ୟରେ କେତେକ ବିଶେଷତ୍ୱ ମଧ୍ୟ ଦେଖାଯାଏ । ଖାସି ଓ ଗାରୋ ପ୍ରଭୃତି ଗୋଷ୍ଠୀରେ ମାତୃ ପ୍ରଧାନ ପରିବାର ଦେଖିବାକୁ ମିଳନ୍ତି ଓ ଲେପଚା, ଗ୍ୟାଲଙ୍କ ପ୍ରଭୃତି ଅତି ପ୍ରାଚୀନ ଗୋଷ୍ଠୀ ମଧ୍ୟରେ ଏକ ନାରୀର ବହୁପତି ଗ୍ରହଣ ମଧ୍ୟ ଦେଖିବାକୁ ମିଳେ । ଉତ୍ତର ପୂର୍ବାଞ୍ଚଳରେ ଆଦିବାସୀମାନଙ୍କ ମଧ୍ୟରେ ଯୁଦ୍ଧ କରିବାର ପ୍ରବୃତ୍ତି ବିଶେଷ ଭାବରେ ଦେଖାଯାଏ । ପ୍ରତ୍ୟେକ ଗ୍ରାମ ପ୍ରାୟ ପାହାଡର ପାର୍ଶ୍ୱଦେଶରେ ଅବସ୍ଥିତ ଓ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ନାନା ଦ୍ୱନ୍ଦ ସବୁ ସମୟରେ ଲାଗି ରହିଥାଏ । ନିକଟ ଅତୀତ ପର୍ଯ୍ୟନ୍ତ ନାଗାମାନେ ଯୁଦ୍ଧ ଯାତ୍ରା କରି ନରମୁଣ୍ଡ ସଂଗ୍ରହ କରିବାରେ ଗୌରବ ଅନୁଭବ କରୁଥିଲେ ।

ଏ ଅଞ୍ଚଳର ଆଦିବାସୀଙ୍କ ରଂଗ ଗୌର ଓ କେଶ ସିଧା । ଓସାର ନାକ ଓ ମାଂସ ବଳୀଯୁକ୍ତ ଆଖିପତା ଏମାନଙ୍କର ଆକୃତିଗତ ବୈଶିଷ୍ଟ୍ୟ । ଏମାନେ ଅତ୍ୟନ୍ତ ବଳିଷ୍ଠ ଓ ପର୍ବତ ଆରୋହଣରେ ପଟୁ ଅଟନ୍ତି ।


ଏମାନେ ମଙ୍ଗୋଲିୟ ନୃଶାଖାର ଅନ୍ତର୍ଗତ । ଉପଯୁକ୍ତ ତିନୋଟି ଅଞ୍ଚଳ ବ୍ୟତୀତ ଆଣ୍ଡାମାନ ଦ୍ୱୀପପୁଞ୍ଜରେ ଜରୱା, ଓଙ୍ଗ ପ୍ରଭୃତି ଅଳ୍ପ କେତେକ ଉପଜାତି ଦେଖାଯାନ୍ତି । ଏମାନେ ନେଗ୍ରିଟୋ ନୃଶାଖାର ଅନ୍ତର୍ଗତ ଏବଂ ଅତି ଆଦିମ ସ୍ତରରେ ଅଛନ୍ତି । ଏବେ ମଧ୍ୟ ଏମାନେ ପ୍ରାୟ ଅର୍ଦ୍ଧ (ଉଲଗ୍ନ ଓ ଖାଦ୍ୟ ସଂଗ୍ରହ କରି ଜୀବନ ଧାରଣ କରିଥାନ୍ତି ।

(ଦୀପକ କୁମାର ରାୟ,

ସମାଜ - ସପ୍ତାହିକୀ)

ଭାରତର ବିଭିନ୍ନ ରାଜ୍ୟମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ପରେ ଓଡିଶା ଆଦିବାସୀ ଜନସଂଖ୍ୟା ଦୃଷ୍ଟିରୁ ତୃତୀୟ ସ୍ଥାନ ଅଧିକାର କରିଛି । ଜନଗଣନା ଅନୁଯାୟୀ ଓଡିଶାରେ ଆଦିବାସୀମାନଙ୍କର ସଂଖ୍ୟା  ଯାହାକି ଓଡିଶାର ମୋଟ ଜନସଂଖ୍ୟାର ଶତକଡା ୨୨.୧୩ ଭାଗ ।

ନୃତାତ୍ତ୍ୱିକ ଦୃଷ୍ଟି କୋଣରୁ ଓଡିଶାର ଆଦିବାସୀମାନେ ତ୍ରିବିଧ ପ୍ରଜାତିର ଅନ୍ତର୍ଗତ । ମୁଣ୍ଡା (ଅଷ୍ଟ୍ରିକ), ଦ୍ରାବିଡ ଏବଂ ଭାରତୀୟ ଆର୍ଯ୍ୟ । ପ୍ରତ୍ୟେକ ପ୍ରଜାତି ମଧ୍ୟରେ ବିବିଧ ଉପଜାତି ମଧ୍ୟ ଅନ୍ତର୍ଭୁକ୍ତ ଯଥା-




ଓଡିଶାରେ ବସବାସ କରୁଥିବା ୬୨ ପ୍ରକାର ଆଦିବାସୀମାନଙ୍କ ମଧ୍ୟରୁ କନ୍ଧ, ଗଣ୍ଡ, ସଉରା ଓ ସାନ୍ତାଳମାନଙ୍କ ସଂଖ୍ୟା ବେଶୀ ଓ ସେମାନେ ଏକାଧିକ ଜିଲ୍ଲାରେ ବାସକଲାବେଳେ ବଣ୍ଡା, ଚେଞ୍ଚୁ, ଲୋଧା, ମାଙ୍କଡିଆ ଇତ୍ୟାଦି ଆଦିବାସୀମାନଙ୍କର ସଂଖ୍ୟା ବହୁତ କମ୍ ଓ ଏମାନେ ନିର୍ଦ୍ଦିଷ୍ଟ ଗୋଟିଏ କିମ୍ବା ଦୁଇଟି ଜିଲ୍ଲାରେ ବାସ କରନ୍ତି । ଠିକ୍ ସେମିତି ଅପେକ୍ଷାକୃତ ଅଧିକ ସଭ୍ୟ ତଥା ଆଧୁନିକତାର ସଂସ୍ପର୍ଶରେ ଆସିଥିବା ବିରଳ ଆସିବାସୀ ସଂପ୍ରଦାୟ ହେଲେ ଜୁଆଙ୍ଗ । ଜୁଆଙ୍ଗମାନେ ଅନାଦି କାଳରୁ କେନ୍ଦୁଝର ଜିଲ୍ଲାର ଗୋନାସିକା ଗିରି ଗର୍ଭର ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବାରୁ ଲକ୍ଷ୍ୟ କରାଯାଏ । ସେମାନେ ଏକ ବିରଳ ଆଦିମ ଜନଜାତି ।

କେନ୍ଦୁଝର ଜିଲ୍ଲାର ବାଂଶପାଳ, ଘଟଗାଁ ହରିଚନ୍ଦନପୁର, ତେଲକୋଇ ବ୍ଲକର ୧୭୮ଟି ଗ୍ରାମ ଓ ପୀଢିରେ ତଥା ଢେଙ୍କାନାଳ, ଯାଜପୁର, ଅନୁଗୁଳ, ଜିଲ୍ଲାର କେତେକ ସ୍ଥାନରେ ମଧ୍ୟ ଜୁଆଙ୍ଗମାନେ ଏବେ ବସବାସ କରି ରହୁଛନ୍ତି ।

୪ ଡଃ ସତ୍ୟ ନାରାୟଣ ରାଜଗୁରୁଙ୍କ ମତରେ - "କେନ୍ଦୁଝର ସମେତ ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଯେଉଁ ଆଦିବାସୀମାନେ ବାସ କରୁଛନ୍ତି, ସେମାନେ ଅତି ଆଦିମ ଯୁଗର ଏକ ବିରାଟ ସମ୍ପ୍ରଦାୟର ବଂଶଧର ହୋଇଥିବା ଅନୁମେୟ" ।

(ଓଡିଶାର ଇତିହାସ ପୃ୧୧)

ଅନୁମାନ କରାଯାଏ, ବଂଶବୃଦ୍ଧି, ଖ୍ୟାଦ୍ୟାଭାବ ତଥା ଅନ୍ୟାନ୍ୟ କାରଣରୁ କିଛି ଜୁଆଙ୍ଗ ଅନ୍ୟ ଜିଲ୍ଲାକୁ ଚାଲିଯାଇ ବସତି ସ୍ଥାପନ କଲେ । ଯେଉଁମାନେ ନିଜର ଆଦି ବାସସ୍ଥାନ ଛାଡି ଅନ୍ୟ ଜିଲ୍ଲାକୁ ପଳାୟନ କଲେ ସେମାନଙ୍କୁ ଭାଗୁଡିଆ ବୋଲି କୁହାଗଲା ।

୨୦୧୧ ଜନସୁମାରୀ ହିସାବରେ ସାରା ଓଡିଶାରେ "ଜୁଆଙ୍ଗ"ମାନଙ୍କ ସଂଖ୍ୟା ପାଖାପାଖି ୪୭୦୯୫ ହେବ, ଏବଂ କେନ୍ଦୁଝରରେ ସେମାନଙ୍କ ସଂଖ୍ୟା ଗରିଷ୍ଠ ।

ପ୍ରଫେସର ଡି.ଏନ. ତିୱାରୀ ତାଙ୍କ "ଜିଓଲଜିକାଲ ସର୍ଭେ ଅଫ ଇଣ୍ଡିଆ" ପୁସ୍ତକରେ ଲେଖିଛନ୍ତି- "ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀର ଅବବାହିକାରେ ହିଁ ଆଦି ମାନବର ସୃଷ୍ଟି ହୋଇଥିଲା । ତେବେ ଏହି ତିନି ମୁଖ୍ୟ ନଦୀ ଜମ୍ବୁ ଦ୍ୱୀପ ମଧ୍ୟରେ ପ୍ରବାହିତ ହୋଇଥିବାରୁ ଏହା ପୂର୍ବେ ଏକ ଜନ ବହୁଳ ଉନ୍ନତ ଅଞ୍ଚଳ ଭାବରେ ପ୍ରସିଦ୍ଧ ଲାଭ କରିଥିଲା ।"

ପ୍ରତ୍ନତାତ୍ତ୍ୱିକ ଗବେଷଣାରୁ ଜଣାଯାଏ ଯେ, ପ୍ରାୟ ବିଗତ ୫୦ ଶହସ୍ର ବର୍ଷ ଧରି ଗୋନାସିକାର ବୈତରଣୀ ସଭ୍ୟତାରେ ମଣିଷ ବସବାସ କରି ଆସୁଅଛି । ଖିଚିଂ ମଣ୍ଡଳର ଆଦିମ ଅଧିବାସୀମାନେ ବ୍ୟବହାର କରୁଥିବା ପ୍ରାଚୀନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ରଗୁଡିକ ଏସିଆ, ଇଉରୋପ ଓ ଆଫ୍ରିକା ପ୍ରଭୃତି ମହାଦେଶରେ ବ୍ୟବହୃତ ହେଉଥିବା ପ୍ରାଚୀନ ପ୍ରସ୍ତର ଯୁଗର ଅସ୍ତ୍ର-ଶସ୍ତ୍ରଠାରୁ ଅଧିକ ମସୃଣ ଓ ଉନ୍ନତ ଥିଲା । (ଭଞ୍ଜଭୂମି କେନ୍ଦୁଝରୀ-ବିପିନ ବିହାରୀ ଦାସ)

ଚୀନ, ମିଶର, ସୁମେରିଆ ଓ ଭାରତର ସିନ୍ଧୁନଦୀ ଉପତ୍ୟକତାର ସଭ୍ୟତା ପରି କେନ୍ଦୁଝରରେ ଏକ ପ୍ରାଚୀନ ନଦୀ ଉପତ୍ୟକା ସଭ୍ୟତା ଗଢି ଉଠିଥିଲା । ଏହି ସଭ୍ୟତା ବୈତରଣୀ ସଭ୍ୟତା ନାମରେ ବିଖ୍ୟାତ ଅଟେ । ବୈତରଣୀ ସଭ୍ୟତା ଯେ, ପୃଥିବୀର ପ୍ରାଚୀନ ତମ ସଭ୍ୟତା, ତାର ପ୍ରମାଣ ସ୍ୱରୂପ କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ଓ ଯୋଡା ବ୍ଲକରେ ମିଳିଥିବା ୩୮୦ କୋଟି ବର୍ଷର ବୋଲି ବୈଜ୍ଞାନିକ ମାନଙ୍କ ଦ୍ୱାରା ପ୍ରମାଣିତ ହୋଇସାରିଛି । ଦୈନିକ ପତ୍ରିକା "ଷ୍ଟେଟସ ମ୍ୟାନ"ରେ ୧୯୮୧ ମସିହା ଜୁଲାଇ ମାସର ଏକ ସଂଖ୍ୟାର ୧୧ ପୃଷ୍ଠାରେ ଲେଖାଅଛି- Some rocks classed to be 3,800 million years old have been found in the champua region of keonjhar district in orissa by scientiests of the Geology department, presidency college, calcutta in collaboration with the University of Rochester, New York.

The claim that these are the oldest rocks reported in the eastern hemisphere so for the presence of such primitive rocks, have been noticed only at a very few places in western greenland.

ପ୍ରାୟ ୩୦୦ କୋଟି ବର୍ଷ ପୂର୍ବରୁ ବିଶ୍ୱରେ ଅମ୍ଳଜାନ ଉତ୍ପାଦନକାରୀ ଜୀବନର ସୃଷ୍ଟି ହୋଇଥିଲା ବୋଲି ବୈଜ୍ଞାନିକମାନେ ଯାହା ଏ ପର୍ଯ୍ୟନ୍ତ ଚିନ୍ତା କରୁଥିଲେ, ତାହା ଠିକ୍ ନୁହେଁ । ବରଂ ଏହାର ୬ କୋଟି ବର୍ଷପୂର୍ବରୁ ଜୀବଜଗତରେ ଅମ୍ଳଜାନ ଉତ୍ପାଦନକାରୀ ସତ୍ତା ଥିଲା ବୋଲି ବୈଜ୍ଞାନିକମାନେ ନିକଟରେ ଆବିଷ୍କାର କରିଛନ୍ତି । ଡବ୍ଲିନର ଟ୍ରିନିଟ କଲେଜର ଭୂତତ୍ତ୍ୱ ବିଜ୍ଞାନୀଙ୍କ ସହ କୋଲକାତା ପ୍ରେସିଡେନ୍ସି ବିଶ୍ୱବିଦ୍ୟାଳୟର ପ୍ରଫେସର ଜୟଦୀପ ମୁଖୋପାଧ୍ୟାୟ, ଗୌତମ ଘୋଷ ପ୍ରମୁଖ ଗବେଷକମାନେ କେନ୍ଦୁଝର ମାଟିରୁ ଏହି ତଥ୍ୟ ଆବିଷ୍କାର କରିଛନ୍ତି । ସେମାନଙ୍କ ଗବେଷଣା ଲବ୍ଧ ତଥ୍ୟାନୁଯାୟୀ ପ୍ରାଚୀନ ସିଂହଭୂମ ରାଜ୍ୟ ଅନ୍ତର୍ଗତ କେନ୍ଦୁଝରରେ ଥିବା କେତେକ ଆଗ୍ନେୟଶୀଳାକୁ ଅତ୍ୟାଧୁନିକ ୟୁରାନିୟମ-ଲିଡ ଆଇସୋଟୋପ କ୍ଷୟ ପ୍ରଣାଳୀରେ ପରୀକ୍ଷା କରାଯିବା ପରେ ଏହା ଜଣା ପଡୁଛି । ପ୍ରାୟ ୩୦୦ କୋଟି ବର୍ଷ ପୂର୍ବେ ଉପରୋକ୍ତ ଆଗ୍ନେୟଶିଳା ଗୁଡିକ ପ୍ରାକୃତିକ ରାସାୟନିକ ପ୍ରକ୍ରିୟାରେ ମୃତ୍ତିକାରେ ରୂପାନ୍ତରିତ ହୋଇଥିଲା । ପୁଣି ଏହି ସମସ୍ତ ପ୍ରକ୍ରିୟାରେ ଅମ୍ଳଜାନର ଉପସ୍ଥିତି ଥିଲା ବୋଲି ଗବେଷକମାନେ ପରୀକ୍ଷା ନିରୀକ୍ଷାରୁ ଉପନୀତ ହୋଇଛନ୍ତି ।

କେନ୍ଦୁଝରର ଯେଉଁ ପ୍ରାଚୀନ ମାଟିରୁ ଏହି ତଥ୍ୟ ଆବିଷ୍କୃତ ହୋଇଛି । ତାହାକୁ ବୈଜ୍ଞାନିକମାନେ କେନ୍ଦୁଝର ପାଲେସୋଲ ନାମରେ ନାମିତ କରିଛନ୍ତି । ପାଲେସୋଲରେ ସଂରକ୍ଷିତ ରାସାୟନିକ ବିବର୍ତ୍ତନ ଯୋଗୁଁ ଅମ୍ଳଜାନ ବାହାରି ତାହା ବାୟୁମଣ୍ଡଳକୁ ଯାଉଥିଲା । ସେତେବେଳେ ନିର୍ଦ୍ଦିଷ୍ଟ କିଛି ଅଣୁଜୀବ (ଉଭିଦ) ଆଲୋକ ଶକ୍ତି ଓ ଅଙ୍ଗାରକାମ୍ଳରୁ ବିପୁଳ ପରିମାଣର ଅମ୍ଳଜାନ ଏବଂ ଜଳ ସୃଷ୍ଟି କରିବାକୁ ସକ୍ଷମ ହେଉଥିଲେ । ଏହି ପ୍ରଣାଳୀକୁ ସାଧାରଣତଃ ଅଙ୍ଗାର ଆମ୍ଳୀକରଣ (ଫଟୋସିନ୍ଥେସିସ୍) କୁହାଯାଏ । ସୂଚନା ଯୋଗ୍ୟ ପ୍ରାୟତଃ ଉଭିଦ ଜଗତ ଓ ବ୍ୟାକ୍ଟିଆଗୁଡିକ ଏହି ପ୍ରକ୍ରିୟାରେ ଅମ୍ଳଜାନ ସୃଷ୍ଟି କରିଥାନ୍ତି । ଯେହେତୁ ଅମ୍ଳଜାନ ବିନା ଜୀବଜଗତ ସୃଷ୍ଟି ଅସମ୍ଭବ, ସେ ଦୃଷ୍ଟିରୁ ଜୀବସତ୍ତା ସୃଷ୍ଟିର ଅୟମାରମ୍ଭ ଘଟିଥିଲା-କେନ୍ଦୁଝର ମାଟିରୁ ବୋଲି ଗବେଷକ କ୍ଲେନଷ୍ଟିନ କ୍ରାଓଲେ କହିଛନ୍ତି ଉଲ୍ଲେଖ କରିଛନ୍ତି ଯେ ଜୀବଜଗତ ସୃଷ୍ଟିର ଆଦ୍ୟାବସ୍ଥାରେ ବାୟୁ ମଣ୍ଡଳରେ ଅଧିକ ମିଥେନ୍ ଓ ଅଙ୍ଗାରକାମ୍ଳ ଭରି ରହିଥିଲା । ଅମ୍ଳଜାନର ମାତ୍ରାଥିଲା କମ୍ । ପ୍ରାୟ ୨୪୦ କୋଟି ବର୍ଗ ପର୍ଯ୍ୟନ୍ତ ଅମ୍ଳଜାନର ମାତ୍ରା ବଢିନଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଜଳବାୟୁ ଓ ମହାସାଗରୀୟ ପରିବର୍ତ୍ତନ ହେବାରୁ ଅମ୍ଳଜାନ ପରିମାଣ ବୃଦ୍ଧି ପାଇଥିଲା । ଏହି ବିବର୍ତ୍ତନ ପ୍ରାୟ ୩୦୦ କୋଟି ବର୍ଷ ପୁର୍ବରୁ ଘଟିଥିଲା ବୋଲି ସେ କହିଛନ୍ତି ।

(ଦୈନିକ ପ୍ରମେୟ - ୬ ସେପ୍ଟେମ୍ବର ୨୦୧୪ / ଶନିବାର)

ବୈତରଣୀ ନଦୀ ଉପତ୍ୟକାର ସଭ୍ୟତା ଯେପରି ପ୍ରାଚୀନତମ, ସେହିପରି ଗୋନାସିକା ପର୍ବତରେ ଋଷି ଟାଙ୍ଗର ଅଞ୍ଚଳରେ ବସବାସ କରୁଥିବା "ଜୁଆଙ୍ଗ" ଜାତିର ଇତିହାସ ମଧ୍ୟ ପ୍ରାଚୀନତମ । ଜୁଆଙ୍ଗମାନେ ଭୂୟାଁ ମାନଙ୍କ ଅପେକ୍ଷା ଅଧିକ ଦିନର ଆଦିମ ଅଧିବାସୀ । ସେମାନଙ୍କର କୌଣସି ଇତିହାସ ନଥିଲେ ମଧ୍ୟ, ପ୍ରାଚୀନ ପରମ୍ପରା, ଐତିହ୍ୟ ଓ କିମ୍ବଦନ୍ତୀଙ୍କୁ ନେଇ ସେମାନଙ୍କର ଜୀବନ ।

ବହୁ ପ୍ରାଚୀନ କାଳର କଥା । ସେତେବେଳେ ସମଗ୍ର ପୃଥିବୀ ଜଳମଗ୍ନ ଥିଲା । କୌଣସି ଠାରେ ମଣିଷ ବା ଜୀବଜନ୍ତୁର ଜନ୍ମ ହୋଇନଥିଲା । ଧର୍ମ ମହାପୁରୁ ବା ଧର୍ମଦେବତା ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ଘଞ୍ଚ ଅରଣ୍ୟ ମଧ୍ୟରେ ଦୁଇଟି ମଣିଷକୁ ସୃଷ୍ଟି କରିଥିଲେ । ସେହି ପ୍ରଥମ ମଣିଷ ଦୁଇଜଣ ଥିଲେ ଜଣେ ସ୍ତ୍ରୀ ଓ ଜଣେ ପୁରୁଷ । ପୁରୁଷର ନାମ ଥିଲା "ଋଷି" ଏବଂ ସ୍ତ୍ରୀର ନାମ ଋଷିଆଣୀ ସେମାନେ ସେହି

ପାହାଡରର ଘଞ୍ଚ ଅରଣ୍ୟାଞ୍ଚଳରେ ଖୁସିରେ ରହୁଥିଲେ । ଗୁଡାଏ ଦିନ ଅତିକ୍ରାନ୍ତ ହୋଇ ଗଲା ପରେ ସେମାନଙ୍କର ପୁଅଟିଏ ଜନ୍ମ ହେଲା । ପ୍ରକୃତିର ସେହି ସବୁଜିମା କାଳରେ ବିଭିନ୍ନ ଜାତିର ଜୀବଜନ୍ତୁଙ୍କ ସହିତ ହସି ଖେଳି ସେ ବଡ ହେବାକୁ ଲାଗିଲା ।

ଦିନକର କଥା, ଋଷି ପୁଅଟି ଖେଳୁଥିବା ସମୟରେ ବାଘଟିଏ ତାକୁ ମାରିଦେଲା । ମନ ଦୁଃଖରେ ଋଷି, ଋଷିଆଣି କିଛି ଉପାୟ ନପାଇ ପୁଅର ରକ୍ତ, ମାଂସ ହାଡ ସବୁ ବିଭିନ୍ନ ଦିଗରେ ବିଞ୍ଚିଦେଲେ । କିଛି ଦିନପରେ ଦେଖାଗଲା...ଜଳମଗ୍ନ ଥିବା ଅଞ୍ଚଳ ଧିରେ ଧିରେ ଶୁଖିବାକୁ ଲାଗିଲା । ଯେଉଁସବୁ ସ୍ଥାନରେ ଋଷିପୁତ୍ରର ହାଡ଼, ମାଂସ ପଡିଥିଲା, ସେହିସବୁ ସ୍ଥାନରେ ପାହାଡ, ପର୍ବତ ସୃଷ୍ଟିହେଲା, ରକ୍ତ ପଡିଥିବା ସ୍ଥାନରେ ଛୋଟ ଛୋଟ ନଦୀ ଏବଂ କେଶ ପଡିଥିବା ସ୍ଥାନରେ ବୃକ୍ଷ ଲତା ସବୁ ବଢି ଉଠିଲେ । ଧିରେ ଧିରେ ସେଥିରେ ଫୁଲ, ଫଳ ହୋଇ ଏ ପ୍ରକୃତି ଖୁବ ସୁନ୍ଦର ଦେଖାଗଲା । ଋଷି ଋଷିଆଣୀ ମନରେ ହସ ଫୁଟିଉଠିଲା । କିଛି ବର୍ଷପରେ ଋଷି ଋଷିଆଣୀଙ୍କର ୧୨ଟି ପୁଅ ଓ ୧୨ଟି ଝିଅ ଜନ୍ମ ହେଲେ । ସେହିମାନଙ୍କ ଠାରୁ ଏହି "ଜୁଆଙ୍ଗ" ବଂଶର ସୃଷ୍ଟି ।

"ଜୁଆଙ୍ଗ" ମାନଙ୍କର ସୃଷ୍ଟି ବିଷୟରେ ଆହୁରି ମଧ ଅନ୍ୟ ଏକ କିମ୍ବଦନ୍ତୀ ଶୁଣାଯାଏ । ଋଷି, ଋଷିଆଣୀଙ୍କର ୧୨ ପୁଅ ଦିନେ ଜଙ୍ଗଲ ମଝିରେ ବୁଲୁ ବୁଲୁ ଗୋଟାଏ ଗାଈକୁ ହତ୍ୟାକରି ତାର ମୁଣ୍ଡକୁ ପୋତି ଦେଇ ମାଂସ ନେଇ ଘରକୁ ଆସିଲେ । ଋଷି, ଋଷିଆଣୀଙ୍କ ମନରେ ସନ୍ଦେହ ହେବାରୁ ସେମାନେ ୧୨ଟି ଯାକ ପୁଅକୁ ପଚାରିଲେ । ୧୨ଟି ଯାକ ପୁଅ କହିଲେ ଏହା ଜଙ୍ଗଲରେ ଆମେ ଶିକାର କରିଥିବା ସମ୍ବର ମାଂସ । ଋଷି, ଋଷିଆଣୀ ପୁଅମାନଙ୍କୁ ଧରି ମୁଣ୍ଡ ପୋତିଥିବା ସ୍ଥାନକୁ ଗଲେ, ପୁଅମାନଙ୍କୁ ନିୟମ କରିବାକୁ କୁହାଗଲା । ସବୁପୁଅ ନିୟମ କରି କହିଲେ- ଯଦି ଏହା ସମ୍ବର ମାଂସ ନ ହୋଇ ଗାଈ ମାଂସ ହୋଇଥାଏ, ତେବେ ଏହି ସ୍ଥାନରୁ ଜଳ ନିର୍ଗତ ହେଉ । ସେମାନେ ମିଛ କଥା କହୁଥିବାରୁ ସତକୁ ସତ ଗାଈ ମୁଣ୍ଡ ପୋତା ହୋଇଥିବା ସ୍ଥାନରୁ ପ୍ରଖର ବେଗରେ ଜଳ ନିର୍ଗତ ହେବାକୁ ଲାଗିଲା । ଋଷି, ଋଷିଆଣୀଙ୍କ ପୁଅମାନେ ମିଛ କହିଥିବାରୁ ସେହି ଜଳ ସ୍ରୋତ ସେମାନଙ୍କ ପ୍ରଖର ବେଗରେ ଭସାଇ ନେଲା । ସେମାନେ ପ୍ରାଣ ବିକଳରେ ଯାହାକୁ ଆଶ୍ରା କରି ବଞ୍ଚି ରହିଥିଲେ, ସେହି ମାନଙ୍କୁ ନେଇ ସେମାନଙ୍କର ବଂଶ ସୃଷ୍ଟି ହେଲା-

| | | |
|---|---|---|
| ୧ମ ପୁଅ- | ଚମ୍ପେଇ ବକ୍ - | ଚମ୍ପାଗଛକୁ ଆଶ୍ରା କରି ବଞ୍ଚିଥିବା ପୁଅ ଏହି ବଂଶର ପ୍ରଥମ ମଣିଷ । |
| ୨ୟ ପୁଅ- | ଜିଟୁଆ ବକ୍- | ଜିଟୁଆ ଲତାକୁ ଧରି ରକ୍ଷା ପାଇଥିବା ପୁଅ ଏହି ବଂଶର ପ୍ରଥମ ମଣିଷ । |
| ୨ୟ ପୁଅ- | କିରିୟାରୀ ବକ୍- | କିର ବା କରଡା ଗଛକୁ ଆଶ୍ରାକରି ବଞ୍ଚିଥିବା ପୁଅ ଏହି ବଂଶର ପ୍ରଥମ ମଣିଷ । |
| ୪ର୍ଥ ପୁଅ- | କଇଁଛ ବକ୍- | କଇଁଛକୁ ଧରି ରକ୍ଷା ପାଇଥିବା ପୁଅ ଏହି ବଂଶର ପ୍ରଥମ ମଣିଷ । |
| ୫ମ ପୁଅ- | ଲାଞ୍ଜିଆ ବକ୍- | ଏକ ପ୍ରକାର କଣ୍ଟା ଗଛକୁ ଆଶ୍ରା କରି ବଞ୍ଚିଥିବା ପୁଅ, ଏହି ବଂଶର ପ୍ରଥମ ମଣିଷ । |
| ୬ଷ୍ଠ ପୁଅ- | ଗୁଣ୍ଡାଲି ବକ୍- | ଗଛ ଉପରେ ଥିବା ମଞ୍ଚାକୁ ଆଶ୍ରାକରି ବଞ୍ଚିଥିବା ପୁଅଟି ଏହି ବଂଶର ପ୍ରଥମ ମଣିଷ । |
| ୭ମ ପୁଅ- | ସାଇଁବକ୍- | ଏକ ପ୍ରକାର ଘାସକୁ ଧରି ରକ୍ଷା ପାଇଥିବା ପିଲାଟି ଏହି ବଂଶର ପ୍ରଥମ ପୁଅ |
| ୮ମ ପୁଅ- | ସଲାର ବକ- | ସଲକି ଗଛକୁ ଧରି ବଞ୍ଚିଥିବା ପୁଅଟି ଏହି ବଂଶର ପ୍ରଥମ ମଣିଷ । |
| ୯ମ ପୁଅ- | ସରିଂବକ୍ - | ଏକ ବଡ ମାଛକୁ ଧରି ବଞ୍ଚି ଯାଇଥିବା ପୁଅଟି ଏହି ବଂଶର ପ୍ରଥମ ମଣିଷ । |
| ୧୦ମ ପୁଅ- | ସାରିଆରିବକ୍ - | ଶିଆଳୀ ଲତାକୁ ଆଶ୍ରା କରି ବଞ୍ଚି ଯାଇଥିବା ପୁଅଟି ଏହି ବଂଶର ପ୍ରଥମ ମଣିଷ । |
| ୧୧ମ ପୁଅ- | ଶାରୀୟା ବକ୍- | ଶାଳ ଗଛକୁ ଧରି ବଞ୍ଚିଥିବା ପୁଅଟି ଏହି ବଂଶର ପ୍ରଥମ ମଣିଷ । |
| ୧୨ମ ପୁଅ- | ଟାଙ୍ଗରା ପିଡିଆବକ୍- | ଏକ ଉଚ୍ଚ ଯାଗାକୁ ଚଢି ଯାଇ ରକ୍ଷାପାଇ ଯାଇଥିବା ପୁଅଟି ଏହି ବଂଶର ପ୍ରଥମ ମଣିଷ । |

ଏହିପରି ଭାବରେ ଜୁଆଙ୍ଗ ସଂପ୍ରଦାୟରେ ପ୍ରଥମ ୧୨ଟି ବଂଶ ସୃଷ୍ଟି ହୋଇଥିଲେ ମଧ୍ୟ ବଂଶ ବିସ୍ତାର ହେତୁ ଅଥବା ଅନ୍ୟାନ୍ୟ ସ୍ଥାନକୁ ପଳାୟନ ହେତୁ ଅନେକ ବଂଶ ସୃଷ୍ଟି ହୋଇଛି । ତାହା ସେମାନଙ୍କର ଗ୍ରାମର ନାମ ଅନୁସାରେ ଅଥବା ବିଭିନ୍ନ ପୋଷା ଜୀବଜନ୍ତୁ ବା ଅରଣ୍ୟର ପଶୁପକ୍ଷୀଙ୍କ ନାମାନୁସାରେ ସୃଷ୍ଟି ହୋଇଛି । ଉଦାହରଣ ସ୍ୱରୂପ :-

| | | |
|---|---|---|
| ୧. | ମଇଁଷି | ବଇଁନ୍ଦ୍ରି ବକ୍ |
| ୨. | ମଶା | ବାନି ମ୍ୟକ |
| ୩. | ଭାଲୁ | ବନିଆ ବକ୍ |
| ୪. | ହାତୀ | ହାତୀଶାଲବକ |
| ୫. | କୁକୁର | କଁସ ବକ୍ |
| ୬. | ମହୁମାଛି | କେଲୋବକ୍ |
| ୭. | କପୋତ | ଲହିମ୍ଭ ବକ୍ |
| ୮. | କୋକିଶିଆଳୀ | ଓଡଲା ବକ୍ |
| ୯. | ହଳଦୀ ବସନ୍ତ | ରଙ୍ଗଡା ବକ୍ |
| ୧୦. | ବାଘୁଣୀ | ସାରାମ୍ଭ ବକ୍ |
| ୧୧. | ପାରା | ଡାଳା ବକ୍ |
| ୧୨. | ଝରି ପୋକ | କୁମ୍ଭା କୁଲିଆ ବକ୍ |
| ୧୩. | ଠେକୁଆ | ନାଟିଙ୍ଗ ବକ୍ |

ବିଭିନ୍ନ ବଂଶର ନାମ ବା ଚିହ୍ନ ରହିଛି । ସେହି ଚିହ୍ନର ବଂଶଧରମାନେ ନିଜ ବଂଶର ଚିହ୍ନ ସ୍ୱରୂପ କୌଣସି ଜୀବଜନ୍ତୁ ବା ପଶୁପକ୍ଷୀଙ୍କୁ ମାରିବା ବା ହତ୍ୟା କରିବା ନିଷେଧ କରାଯାଇଥାଏ । ଏହାଦ୍ୱାରା ଜୁଆଙ୍ଗମାନେ ପ୍ରକାରାନ୍ତରେ ଅନେକ ପଶୁପଶୀ ଗଛଲତାକୁ ନଷ୍ଟ ନ କରି ରକ୍ଷା କରିଥାନ୍ତି । ଏହାଦ୍ୱାରା ଅନେକ ଜୀବଜନ୍ତୁ, ଗଛଲତା ନଷ୍ଟ ହେବାରୁ ରକ୍ଷା ପାଇପାରିଥାଏ ।

ଗଡଜାତ ଶାସନ ସମୟରେ ୪୫୬ ବର୍ଗ ମାଇଲ ପରିମିତ ଭୂୟାଁ ଓ ଜୁଆଙ୍ଗ ପୀଢ଼ିର ଶାସନ ଗତ ସୁବିଧା ପାଇଁ ସାମାଜିକ ଚଳଣିକୁ ଭିତ୍ତିକରି ୧୨ ଗୋଟି ପୀଢ଼ିରେ ବିଭକ୍ତ କରାଯାଇଥିଲା ।

ପ୍ରତ୍ୟେକ ପୀଢି ଅଧିନରେ କେତୋଟି ଗ୍ରାମଥିଲା ଏବଂ ପ୍ରତ୍ୟେକ ପୀଢିପାଇ ଜଣେ ସର୍ଦ୍ଦାର ବା ଏକ ବା ଏକାଧିକ ଗ୍ରାମ ପାଇଁ ଜଣେ ପ୍ରଧାନ ମୁକରିର ହୋଇଥିଲେ । ୧୨ ଗୋଟି ପୀଢିର ଗ୍ରାମ ସଂଖ୍ୟା ଥିଲା ୧୪୬ ।

ଭୂୟା ପୀଢି "–

୧. ଘରିଗଡ଼ ଅଧିନରେ ୧୮ ଖଣ୍ଡ ଗ୍ରାମ
୨. ଶ୍ରୀଖଣ୍ଡ ଅଧିନରେ ୧୦ ଖଣ୍ଡ ଗ୍ରାମ
୩. ସରଖଣ୍ଡ ଅଧିନରେ ୧୪ ଖଣ୍ଡ ଗ୍ରାମ
୪. ପଞ୍ଚପଡ଼ା ଅଧିନରେ ୧୧ ଖଣ୍ଡ ଗ୍ରାମ
୫. ଝାରଖଣ୍ଡ ଅଧିନରେ ୧୭ ଖଣ୍ଡ ଗ୍ରାମ
୬. ଆଠଶ ଅଧିନରେ ୨୦ ଖଣ୍ଡ ଗ୍ରାମ

ଏହିପରି ମୋଟ ୯୦ ଟି ଗ୍ରାମ ଥିଲା ।

## ଜୁଆଙ୍ଗ ପୀଢି :-

୧. କାଠୁଆ - ଅଧିନରେ ୧୧ଟି ଗ୍ରାମ ଥିଲା
୨. ସାତଖଣ୍ଡିଆ - ଅଧିନରେ ୮ଟି ଗ୍ରାମ ଥିଲା
୩. ଝାରଖଣ୍ଡ - ଅଧିନରେ ୧୬ଟି ଗ୍ରାମ ଥିଲା
୪. ହୁଣ୍ଡା - ଅଧିନରେ ୬ଟି ଗ୍ରାମ ଥିଲା
୫. ରେବଣା - ଅଧିନରେ ୧୦ ଗ୍ରାମ ଥିଲା
୬. ଘରିଗଡ଼ - ଅଧିନରେ ୫ଟି ଗ୍ରାମ ଥିଲା

ଜୁଆଙ୍ଗ ପୀଢି ଅଧିନରେ ଏହିପରି ମୋଟ ୫୬ଟି ଗ୍ରାମ ରହିଥିଲା । କିନ୍ତୁ ସମ୍ଭବତଃ ପରବର୍ତ୍ତୀ କାଳରେ ଶାସନ ଗତ ସୁବିଧା ଦୃଷ୍ଟିରୁ ଏହି ଗ୍ରାମ ମାନଙ୍କର ସଂଖ୍ୟା ୧୪୬ ପରିବର୍ତ୍ତେ ୧୬୫ କୁ ବୃଦ୍ଧି କରାଯାଇଅଛି । କିନ୍ତୁ ଏହି ସମ୍ପର୍କୀୟ କୌଣସି କାଗଜ ପତ୍ର ବର୍ତ୍ତମାନ ମିଳୁନାହିଁ । ଘୋଷିତ ହୋଇଥିବା ୧୪୬ ଗୋଟି ଗ୍ରାମର ସରହଦ ପୂର୍ବରୁ ନିର୍ଦ୍ଦିଷ୍ଟ ଭାବରେ ଚିହ୍ନଟ ହୋଇନଥିବାରୁ ଏବଂ ୧୯ ଗୋଟି ଅଧିକ ମୌଜା କେଉଁ ମୌଜା ମାନଙ୍କରୁ ପୃଥକୀକରଣ କରାଯାଇ ଗଠିତ କରାଯାଇଅଛି ତା ପ୍ରମାଣ ମିଳୁନଥିବା ଦୃଷ୍ଟିରୁ ଏହି ୧୬୫ଟି ଗ୍ରାମ ଓଡିଶା ସର୍ଭେ ଓ ବନ୍ଦୋବସ୍ତ

ଆଇନର ୨ (୧୪) ଧାରା ମୁତାବକ ରାଜସ୍ୱ ବିଭାଗଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ବୋଲି ଧରାଯିବ । ବର୍ତ୍ତମାନ ୧୪୬ ଗୋଟି ଗ୍ରାମ ପରିବର୍ତ୍ତେ ଶାସନ ଗତ ସୁବିଧା ଦୃଷ୍ଟିରୁ ୧୬୫ ଗୋଟି ଗ୍ରାମ ନିରୁପିତ ହୋଇଛି ।

ଭୂୟା ପୀଢି ଅଞ୍ଚଳରେ ଏକ ପାଦିଆ ମିଳୁଥିବା ଗ୍ରାମଗୁଡିକ ଯଥା-

ଋରିଗଡ ଅଧିନରେ ୧୯ଟି ଗ୍ରାମ

ଶ୍ରୀଖଣ୍ଡ ଅଧିନରେ ୧୧ଟି ଗ୍ରାମ

ପାଞ୍ଚପଡା ଅଧିନରେ ୧୧ଟି ଗ୍ରାମ

ଝାରଖଣ୍ଡ ଅଧିନରେ ୧୬ଟି ଗ୍ରାମ

ଆଠଶ ଅଧିନରେ ୨୫ଟି ଗ୍ରାମ

ସରଖଣ୍ଡ ଅଧିନରେ ୧୭ଟି ଗ୍ରାମ

ମୋଟ ୯୯ଟି ଗ୍ରାମ ଜୁଆଙ୍ଗ ପୀଢି ଅଞ୍ଚଳରେ ଏକ ପାଦିଆ ନଥିବା ଗ୍ରାମ ମାନଙ୍କର ତାଲିକା ନିମ୍ନରେ ଦିଆଗଲା ଯଥା-

୧. କାଠୁଆ ପିଢି
- ୧. ଦୁଆର ସୁଣି
- ୨. କୁଣ୍ଢେଇ
- ୩. ରତୁଆ (ସାନ ରତୁଆ)
- ୪. ବଡ ରତୁଆ
- ୫. ସୁମନ୍ତ (ସମଟ)
- ୬. ଉପର ସମଟ
- ୭. ଯାମୁ ଡିହା
- ୮. ଟାଙ୍ଗର ପଡା
- ୯. ଉପର ଚମ୍ପେଇ (ଚମ୍ପେଇ)
- ୧୦. ତଳ ଚମ୍ପେଇ (ଚମ୍ପେଇ ଅଂଶ)
- ୧୧. କଅଁସ
- ୧୨. ପଣ୍ଡାଦର
- ୧୩. କୋଡିପଶା

| | | | |
|---|---|---|---|
| | | ୧୪. | ଘୁଙ୍ଗି |
| | | ୧୫. | ତୋରାଣି ପାଣି (ଘୁଙ୍ଗିର ଅଂଶ) |
| ୨. | ସାତଖଣ୍ଡ ପୀଢି | ୧. | ବୈତରଣୀ (ଜୁଆଙ୍ଗ) |
| | | ୨. | ତଳ ବୈତରଣୀ (ବୈତରଣୀର ଅଂଶ) |
| | | ୩. | ଗୁପ୍ତ ଗଙ୍ଗା (ବା ବାରୁଡା) |
| | | ୪. | ଗୋନାସିକା |
| | | ୫. | ରାଇଡିହା |
| | | ୬. | ଗୋଳିଆବନ୍ଧ ରାଇଡିହା (ରାଇଡିହା ଅଂଶ) |
| | | ୭. | କଦଳୀ ବାରି |
| | | ୮. | ଶିକୁଳା ପଦା |
| | | ୯. | ଜନ୍ତାରୀ (ହଳଦୀ ପାଣି ଓରଫ ଜନ୍ତାରୀ) |
| ୩. | ଝାରଖଣ୍ଡ ପୀଢି | ୧. | ହାତୀ ଶିଳା |
| | | ୨. | ସାରିଆ |
| | | ୩. | ବରଗଡ |
| | | ୪. | ବୁଢୀଘର |
| | | ୫. | କପୋତ ଡିହ |
| | | ୬. | ସମ ଗିରି |
| | | ୭. | ପଣସ ନସା |
| | | ୮. | କାଞ୍ଜି ପାଣି |
| | | ୯. | ନଡାମ ବାଉଁଶ ଡିହା |
| | | ୧୦. | ତଳ ନଡାମ (ନପମ ବାଉଁଶ ଡିହାର ଅଂଶ) |
| | | ୧୧. | ଅଲଙ୍ଗ |
| | | ୧୨. | ବୁଢା ଖମଣ |
| | | ୧୩. | ଦାଂଗୁଡା ବୁଘ ଖମଣ (ବୁଢା ଖମଣର ଅଂଶ) |
| | | ୧୪. | ବାରି |

| | | | |
|---|---|---|---|
| | | ୧୫. | ଖଜୁରି ବଣି (ସଲରା ବାଉଁଶ ଚିହ୍ନା) |
| | | ୧୬. | ଫୁଲବାରି (ଫୁଲଝର) |
| | | ୧୭. | ଡୁମୁରିଆ |
| ୪. | ହୁଣ୍ଡା ପୀଢ଼ି | ୧. | ଖଣ୍ଡମରା (ଖୁଣ୍ଟାପଶି) |
| | | ୨. | ରଙ୍ଗ ମାଟିଆ |
| | | ୩. | କୁଆ ଝରଣ |
| | | ୪. | କହ୍ନେଇ ଗୋଳା |
| | | ୫. | ମରା ଗୋଳା |
| | | ୬. | ଗୟଲ ମୁଣ୍ଡା |
| ୫. | ରେବଣା ପୀଢ଼ି | ୧. | କୁସୁମ ଯୋଡ଼ି |
| | | ୨. | ବୁଢ଼ୀ ପଦା |
| | | ୩. | ବାଉଁର (ଗୁମର ଓରଫ ବାଉଁର) |
| | | ୪. | ଜୋଲ |
| | | ୫. | ଖରବା (ରାମଦାସ ଖରବା) |
| | | ୬. | ତୁର୍କିପଦା |
| | | ୭. | କାଞ୍ଜିଆ ପାଳ |
| | | ୮. | ରେବଣା |
| | | ୯. | ତାଳପଦା |
| ୬. | ଘଟିପଦା ପୀଢ଼ି | ୧. | ତମାଙ୍ଗ |
| | | ୨. | ଗୋଡ଼ି ନରଦା (ଗୋଡ଼ିନଟ) |
| | | ୩. | ସାପ ନାଞ୍ଜି |
| | | ୪. | କାଳିଆ ପାଣି |
| | | ୫. | ପିଟା ନାଳ |
| | | ୬. | ଘନ୍ଦ ପଶି |

ଏହିପରି ସର୍ବମୋଟ ୧୪୬ଟି ଗ୍ରାମକୁ ନେଇ ୧୨ଟି ପୀଢ଼ି ଗଠିତ

ହୋଇଥିଲା । ଏହି ଗ୍ରାମ ଗୁଡିକ ମଧ୍ୟରେ ଯେଉଁ ୧୯ଟି ଗ୍ରାମର ପୃଥକ ସରହଦ ସମ୍ଭବତଃ ବସବାସ ଓ ଋଷ ଜମି ନଥିବାରୁ ସ୍ୱତନ୍ତ୍ର ଗ୍ରାମ ରୂପେ ପରିଗଣିତ ହେଉନଥିଲା, ସେଗୁଡିକ ହେଲା

୧. ମୟୁର ଡିହ
୨. ନୂଆ ସାହି
୩. ବାଲି ବେଡା
୪. ଉପର ରାଇଗୋଡା
୫. ତୋରାଣି ପାଣି
୬. ତୋରାଣି ପାଣି
୭. ଉପର ସୁମଠ
୮. ବଡ ରଢୁଆ
୯. ତଳ ଚମ୍ପେଇ
୧୦. ନିତିଗୋଠ
୧୧. ଉପର କମ୍ପଡିହି
୧୨. ପୋଡା ଡିହି
୧୩. ଲୁଣଘର
୧୪. ଗୋବିନ୍ଦପୁର
୧୫. ତଳ ନଡାମ
୧୬. ବୈତରଣୀ
୧୭. ଗୋଳିଆବନ୍ଧ ରାଇଡିହା
୧୮. ଋଦପଶି
୧୯. ବାଙ୍କୁଡା (ବୁଢା ଖମଣ)

ଏହି ଅଞ୍ଚଳ ପାଇଁ ରୟତୱାରୀ ଏକ ପାଦିଆନ ଥିବାରୁ ଏବଂ ଖଜଣା ଆଦି ସମସ୍ତ ଗ୍ରାମବାସୀଙ୍କ ନିମନ୍ତେ ସମୂହଭାବେ ଧାର୍ଯ୍ୟ ହୋଇଥିବାରୁ ଏହି ଗ୍ରାମ ମାନଙ୍କର ଋଷ ଓ ଘରବାରୀ ଜମି ସଂପୃକ୍ତ ମୁଖ୍ୟ ଗ୍ରାମବାସୀ ଯଥା- ଭୂତପୂର୍ବ ପ୍ରଧାନ ଓ ସର୍ଦ୍ଦାର ପ୍ରଭୃତିଙ୍କଠାରୁ ତଦନ୍ତ କରାଯାଇ ଧାନ, ମୁଗ, କର ଦେଇଥିବାର ପ୍ରମାଣିତ ହେଲେ ଦଖଲକାର ଜୁଆଙ୍ଗ ପ୍ରଜାମାନଙ୍କର ଦଖଲରେ ଥିବା ଜମି ଯାହାଙ୍କ ନାମେ ରୟତି ସ୍ୱତ୍ୱରେ ରେକର୍ଡ କରାଯାଉଥିଲା ।

ଗଡଜାତ ମିଶ୍ରଣ ପରେ ଅର୍ଥାତ୍ ୧/୧/୧୯୪୮ ମସିହା ପରେ ଜିଲ୍ଲା କଲେକ୍ଟର କିମ୍ବା କ୍ଷମତାପ୍ରାପ୍ତ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା କୌଣସି ବ୍ୟକ୍ତି ବିଶେଷଙ୍କୁ ଜୁଆଙ୍ଗ ପୀଢି ଅଞ୍ଚଳରେ ସ୍ଥାୟୀ ରୟତି ପଟ୍ଟା ପାଇଥିଲେ ଉକ୍ତ ପଟ୍ଟାଭୁକ୍ତ ଜମିପଟ୍ଟା ଗ୍ରହୀତଙ୍କ ନାମେ କିମ୍ବା ସେ ମୃତ ହୋଇଥିଲେ ତାଙ୍କର ଆଇନ ସମ୍ମତ ଉତ୍ତରାଧିକାରୀଙ୍କ ନାମେ ରୟତି ସ୍ୱତ୍ୱରେ ରେକର୍ଡ କରାଯିବ ।

ଜୁଆଙ୍ଗ ପୀଢି ଅଞ୍ଚଳରେ ସିକିମ୍ ସତ୍ତ୍ୱ ପୂର୍ବରୁ ପ୍ରଚଳିତ ନଥିବାରୁ ସିକିମ୍ ରୟତ ହିସାବରେ କାହାରିକୁ ସ୍ୱୀକାର କରାଯିବ ନାହିଁ କିମ୍ବା ତତଜନିତ ରୟତି ସତ୍ତ୍ୱ

ଉଦଭବ ହେବାର ପ୍ରଶ୍ନ ରେକର୍ଡ ପ୍ରସ୍ତୁତ କରିବା ସମୟରେ ବିଚାରକୁ ନିଆଯିବ ନାହିଁ ।

ବିଭାଗୀୟ ଜମି- ସନ ୧୯୪୮ ମସିହା ପୂର୍ବରୁ ଭୂୟାଁ ଓ ଜୁଆଙ୍ଗ ପୀଡ଼ି ଅଞ୍ଚଳରେ କେତେକ ସ୍ଥାନରେ ରାସ୍ତା ଓ ବିଦ୍ୟାଳୟ ପ୍ରଭୃତି ଅନୁଷ୍ଠାନ କରାଯାଇଥିଲେ ସେହି ରାସ୍ତା ବା ଅନୁଷ୍ଠାନ ମାନ ପରିଚାଳନା କରୁଥିବା ସଂପୃକ୍ତ ସରକାରୀ ବିଭାଗଙ୍କ ଖାତାରେ ରେକର୍ଡ କରାଯିବ । ଗଡରାଜ ମିଶ୍ରଣ ପରେ ରାଜସ୍ୱ ବିଭାଗ ବ୍ୟତିତ ଅନ୍ୟ ବିଭାଗ ଦ୍ୱାରା ଏପରି ରାସ୍ତା ବା ଅନୁଷ୍ଠାନ ପାଇଁ ଜମି ସଂପୃକ୍ତ ବିଭାଗକୁ ବିଧିବଦ୍ଧ ଭାବେ ହସ୍ତାନ୍ତର ହୋଇଥିଲେ ସଂପୃକ୍ତ ବିଭାଗ ନାମେ ରେକର୍ଡ କରାଯିବ । ଏହି ବିଭାଗୀୟ ଜମିର ହସ୍ତାନ୍ତରୀତ ତାଲିକା ପ୍ରତ୍ୟେକ ଶିବିର ମାନଙ୍କୁ ଯୋଗାଇ ଦିଆଯିବ । ଯେଉଁ କ୍ଷେତ୍ରରେ ଏପରି ହସ୍ତାନ୍ତରୀତ ଜମିର ପ୍ରମାଣ ପତ୍ର ନଥିବ ସେପରି କ୍ଷେତ୍ରରେ ଉକ୍ତ ଜମିକୁ ରକ୍ଷିତ ଖାତାରେ ରେକର୍ଡ କରାଯାଇ ପ୍ଲଟ ମନ୍ତବ୍ୟରେ ଦାଖଲ ନୋଟ କରାଯିବ ଓ କିପରି ଭାବେ ବ୍ୟବହୃତ ହେଉଅଛି, ତାହାର ସଂକ୍ଷିପ୍ତ ବିବରଣୀ ଉଲ୍ଲେଖ କରାଯିବ ।

ତହସିଲଦାରଙ୍କ ଦ୍ୱାରା ଦାଏର କରାଯାଇଥିବା ଓ ଦର୍ଶାଇ ଦିଆଯାଇଥିବା ଏନକ୍ରୋଚମେଣ୍ଟ ଗୁଡିକ ତଦନ୍ତ କରି ସଂପୃକ୍ତ ଦଖଲକାରୀଙ୍କ ନାମେ ବେଆଇନ ଦଖଲ ନୋଟ କରାଯିବ ।

**ଉତ୍ତରାଧିକାରୀ ନିରୁପଣ-** ଭୂୟାଁ ଓ ଜୁଆଙ୍ଗ ସଂପ୍ରଦାୟର ଲୋକମାନଙ୍କ ପାଇଁ ହିନ୍ଦୁ ଉତ୍ତରାଧିକାରୀ ଆଇନ୍ ୧୯୫୬ ମସିହା ପ୍ରଯୁଜ୍ୟ ହେବନାହିଁ । ଏହି ଅଂଚଳର ପ୍ରଚଳିତ ପ୍ରଥା ଅନୁସରଣରେ ଉତ୍ତରାଧିକାରୀ ସ୍ୱତ୍ତ୍ୱ ସିଦ୍ଧାନ୍ତ କରାଯିବ । ପ୍ରଚଳିତ ପ୍ରଥା ସମ୍ପର୍କୀୟ କାଗଜାତମାନ ଶିବିରମାନଙ୍କୁ ଯୋଗାଇ ଦିଆଯିବ ।

**ପୋଡୁଚାଷ-** ଜୁଆଙ୍ଗ ପୀଢ଼ି ଅଞ୍ଚଳରେ ଭୂୟାଁ ଓ ଜୁଆଙ୍ଗମାନଙ୍କ ଦ୍ୱାରା ପୋଡୁଚାଷ ପୁରୁଷାନୁ କ୍ରମେ ପ୍ରଚଳିତ ଅଛି । କିନ୍ତୁ ଏହା କୌଣସି ନିର୍ଦ୍ଦିଷ୍ଟ ସ୍ଥାନ କିମ୍ବା ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା କ୍ରମାନ୍ୱୟେ ଚାଷ ହେବାର ଦେଖାଯାଏ ନାହିଁ । କେତ ବନ୍ଦୋବସ୍ତରେ ଏହି ପୋଡୁଚାଷ କରାଯାଇଥିବା ଜମି ସର୍ଭେ କରି ରେକର୍ଡ ପ୍ରସ୍ତୁତ କରାଯିବ ଅନାବଶ୍ୟକ । କିନ୍ତୁ ଗ୍ରାମ ମଧ୍ୟରେ ଥିବା ପାହାଡ଼ ଗୁଡ଼ିକରେ ସଦୁପଯୋଗ ପାଇଁ ଆବଶ୍ୟକତା ମୁତାବକ ସାଧାରଣତଃ ପାହାଡର ଉପରି ଭାଗ ଗ୍ରାମ୍ୟ ଜଙ୍ଗଲ

ନିମିତ୍ତ ଓ ନିମ୍ନଭାଗ ଗୋଚର ରୂପେ ବ୍ୟବହୃତ ହେବ ବୋଲି ସଂରକ୍ଷିତ ରଖାଯିବ ଓ ରକ୍ଷିତ ପ୍ରୋସିଡିଙ୍ଗରେ ସ୍ଥାନ ପାଇବ ।

ଉପରୋକ୍ତ ଅତିରିକ୍ତ ନିୟମାବଳୀ ଢେଙ୍କାନାଳ କେନ୍ଦୁଝର ମେଜର ସେଟେଲମେଣ୍ଟ ଖାନାପୁରୀ ନିୟମାବଳୀ ଏବଂ କେନ୍ଦୁଝର ଜିଲ୍ଲା ନିମନ୍ତେ ପ୍ରଣୀତ ସତ୍ୱାସତ୍ୱ ନିୟମାବଳୀର ପରିପୂରକ ଅଟେ । ସୁତରାଂ ଯେଉଁସବୁ ପ୍ରସଙ୍ଗରେ ଏଥିରେ ନିର୍ଦ୍ଦିଷ୍ଟ ଉଲ୍ଲେଖ ନାହିଁ, ସେ ସମସ୍ତ ବିଷୟରେ ସତ୍ୱଲିପି ପ୍ରସ୍ତୁତ ନିମନ୍ତେ ପୂର୍ବୋକ୍ତ ନିୟମାବଳୀ ମାନ ଭୂୟାଁ ପୀଢି ଓ ଜୁଆଙ୍ଗ ପୀଢି ଅଞ୍ଚଳ ପାଇଁ ପ୍ରଯୁଜ୍ୟ ହେବା ଆବଶ୍ୟକ ।

# ଜୁଆଙ୍ଗ ପୀଢ଼ିର ବନ୍ଦୋବସ୍ତ

(କବୁଲିୟତ୍ ସର୍ଭେ)

ଶ୍ରୀ ରାଜା ଗୋପୀନାଥ ନାରାୟଣ ଭଞ୍ଜଦେଓ ଜି. କେନ୍ଦୁଝର ସକାଶେ ଶ୍ରୀଯୁକ୍ତ ଜେ. ଏଚ୍ ପ୍ରାଇସ ସାହେବ, ସୁପରିଟେଣ୍ଡେଣ୍ଟ, ଜି. କେନ୍ଦୁଝରଙ୍କ ହଜୁରଙ୍କୁ ଆମ୍ଭେ ଶ୍ରୀ ପାଇଆ ପ୍ରଧାନ ସା: ସାମଗିରି, ଇ. ଝାଡଖଣ୍ଡ ଜୁଆଙ୍ଗ ପୀଢ଼ି ଜି, କେନ୍ଦୁଝର ନିମ୍ନଲିଖିତ ସର୍ତ୍ତରେ ଆବଦ୍ଧ ହୋଇ ଏତଦ୍ୱାରା କବୁଲିୟତ କରୁଅଛି ଓ ଲେଖି ଦେଇଅଛୁ ଯଥା-

ସ୍ୱ ୧୩୩୪ ସାଲରେ ଆମ୍ଭର ପଧାନି ସାମଗିରି ମୌଜାର ଘର ସୁମାରି କରାଯାଇ ଘ ୧୩ ପାହିରେ ୧୦ ଖଣ୍ଡି ମୁଗ କଟକ ଓଜନ ୧୫ ସେର ପିତଳିଆ ପା ୭୫ ମାଣ ଓଦା ଭାବେ ବିରି କଟକ ଓଜନ ୩୦ ସେର ପିତଳିଆ ପାହିରେ ୧୫ ପାହି କର ଧାର୍ଯ୍ୟ କରାଯାଇଅଛି । ଆମ୍ଭେ ଉକ୍ତ କର ଆଦାୟ କରି ଶ୍ରୀ ରାଜା ସରକାରଙ୍କ ଗନ୍ତାଘର ପ୍ରତିବର୍ଷ ମାଘ ମାସରେ ଏକ କିସ୍ତିରେ ଦାଖଲ କରିବୁ ।

୨. ପ୍ରତିବର୍ଷ ଆଶ୍ୱିନ ମାସ ପାର୍ବଣ ପର୍ବ ସମୟରେ ଏକ ବର୍ଷିଆ ବୋଦା ଏକ ଗୋଟା ଓ ୬ ମାସିଆ ବୋଦା ଏକ ଗୋଟା ଶ୍ରୀ ରାଜ ସରକାରରେ ଦାଖଲ କରିବୁ ।

୩. ଏହି ତଳ ତଫସିଲ ଅନୁସାରେ ଜିନିଷ ଓ ତଫସିଲ ଲିଖିତ ସମୟ ବା ସ୍ଥାନ ମାନଙ୍କରେ ଦାଖଲ କରିବୁ ।

| ଜିନିଷର ନାମ | ପରିମାଣ | ନିର୍ଦ୍ଦିଷ୍ଟ ମୂଲ୍ୟ | ଦାଖଲ କରିବା ସ୍ଥାନର ନାମ | ଯେଉଁ ସମୟ ରେ ଦାଖଲ ହେବ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ବାଢୁଣୀ | ଗୋ ୧୨୦ଟା | ଟ.୦.୪୯ | ଉଆସରେ | ବର୍ଷର ଆରମ୍ଭରେ |

୪. ଉପରୋକ୍ତ କର, ବୋଦା ଓ ବାଜେ ଜିନିଷ ମାନ ନିରୂପିତ ସ୍ଥାନ ବା ସମୟରେ ଦାଖଲ କେଲେ କିମ୍ବା ତହିଁରୁ କିୟଦଂଶ ବାକି ରଖିଲେ ବାକି ଥିବା ବର୍ଷର ଜଙ୍ଗଲ ଆମଦାନୀ ସମୟରେ ବକର, ଧାନ, ମୁଗ ବା ବିରି ଯେଉଁ ଦର

ହୋଇଥିବ ତଦନୁସାରେ ଉଲ୍ଲେଖିତ କର ଯେଉଁ ମୂଲ୍ୟ ସ୍ଥିର ହେବ ତାହା ଓ ଏକ ବର୍ଷିଆ ବୋଦାର ମୂଲ୍ୟ ଟ.୨୯ ଓ ଛଅ ମାସିଆ ବୋଦାର ମୂଲ୍ୟ ଟ. ୧୬ ଓ ବାଜେ ଜିନିଷର ମୂଲ୍ୟ ତାହା ଉପରେ ଧାର୍ଯ୍ୟ ହେଲା, ତାହା ଆମ୍ଭର ଚଳନ୍ତି ସର୍ବୋଚ୍ଚ କ୍ରୋକ ନିଲାମ ଦ୍ୱାରା ଆଦାୟ ନିଆଯିବ ।

୫. ମୌଜାର ପ୍ରତ୍ୟେକ ଗୃହସ୍ୱାମୀ ସମ୍ପତ୍ତିରେ କୌଣସି ପ୍ରକାର ଶସ୍ୟ ପୌଟି ଆଦାୟ କରି ତହିଁରୁ ପୋଟି କିଜିଗଡ ବିଜେ ଶ୍ରୀବଳଦେବ ଜୀଉଙ୍କ କୋଠରେ ଦାଖଲ କରି ଅବଶିଷ୍ଟ ପୌଟି ଆମ୍ଭର ଅସୁଲ ଖର୍ଚ୍ଚ ସକାଶେ ପାଇବୁ ।

୬. ଆମ୍ଭ ମୌଜାର ସମସ୍ତ ବୟପ୍ରାପ୍ତ ପୁରୁଷମାନଙ୍କ ସହ ନିମ୍ନଲିଖିତ ବେଠି ମାନ କରିବୁ ।

(କ) ରାଜାଙ୍କ ଖାସ ବେଠି-

୧. ପ୍ରତିବର୍ଷ ଫାଲଗୁନ ମାସରେ ଗୃହ ଛପର ବନ୍ଧି କରିବା ମାଲ ମସଲା ସହିତ ହାଜର ହୋଇ ବାଜେ ୨ ବଖରା, ପାଚେରୀ, ୧ ବଖରା ଛପର ବନ୍ଧି କରିବୁ ।

୨. କୌଣସି ସମୟରେ ରାଜା କିମ୍ବା ତାଙ୍କର ପରିବାର କେହି କିମ୍ବା ତାଙ୍କର ମ୍ୟାନେଜର, ଆସିଷ୍ଟାଣ୍ଟ ମେନେଜର, ସିଆଡି ଅଫିସର ବା ରାଜାଙ୍କ ଓକିଲ ଅନ୍ୟ ରାଜ୍ୟ ଇଲାକାର ଓକିଲ, ଜୁଆଙ୍ଗ ପିଢିକୁ ଆସି କି ଜୁଆଙ୍ଗ ପୀଢିରେ ଗଲେ ଆମ୍ଭେ ଜୁଆଙ୍ଗ ପିଢିକୁ ଏକ ମୁକାମ କେବଳ ଖୋରାକ୍‌ରେ କୁଲି ଯୋଗାଇବାକୁ ଓ ସେମାନଙ୍କୁ ଜାଳେଣୀ କାଠ ପୁଆଳ ପତ୍ର ବିନା ମୂଲ୍ୟରେ ଯୋଗାଇବୁ ।

୩. କୌଣସି ସମୟରେ ରାଜା ଅଥବା ଉପରୋକ୍ତ କେହି ବ୍ୟକ୍ତି ଜିଲ୍ଲା ବାହାରକୁ ଗଲେ, ତାଙ୍କ ଭାର ବୋଝ ଆଦି ବୋହିବା ସକାଶେ କୁଲି ଯୋଗାଇବୁ ଉକ୍ତ କୁଲି ମାନେ କେବଳ ଖୋରାକ ନେବେ ।

(ଖ) ନିଜିଗଡ ବିଜେ ଶ୍ରୀ ବଳଦେବ ଜୀଉଙ୍କ ବେଠି-

(୧) ଆମ୍ଭେ ସମସ୍ତେ ଜୁଆଙ୍ଗ, ନାଏକ, ପଧାନ, ଓ ପ୍ରଜାମାନଙ୍କ ସହିତ ଦୁଇଗୋଟା ରଥ ଦଉଡି ଦେବୁ ।

୨. ରଥ ତୟାରି ସମୟେ ରଥ ସଜା ସକାଶେ ଛାମୁଡା ଓ କମାର ଶାଳ ଘର ତୟାର କରିଦେବୁ । ରଥ କାଠ ଉଠାଇବା ସକାଶେ ସରୁ ସରୁ ଦଉଡି ଫଡା କରି ଯୋଗାଇବୁ ସେଥିପାଇଁ କେବଳ ଖୋରାକ ପାଇବୁ ।

(ଗ) ଅନ୍ୟାନ୍ୟ ସମସ୍ତ ପ୍ରକାର ବେଠି-

(୧) ଛଣ, ନଈ, ବତା ଆଦି ମାଲ ମସଲା ନେଇ ଗନ୍ତାଘର ୧ ବଖରା ଛପର ବନ୍ଦି କରିବ ।

୨. ଜୁଆଙ୍ଗ ପୀଢିରେ ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କ କୌଣସି କର୍ମଚାରୀ ଗସ୍ତ କଲେ କୁଲି ଯୋଗାଇବା ସକାଶେ ଦାୟୀ ହେବୁ । ଆମ୍ଭ ମୌଜାରେ ରସେଦ ସାମଗ୍ରୀ ଯାହା ପାୟାଯିବ, ତାହା ଯୋଗାଇବୁ । ଯେଉଁ କୁଲି ଦେବୁ, ସେମାନେ କେବଳ ଖୋରାକ ପାଇବେ ଓ ରସେଦ ଦେବୁ । ତହିଁର ମୂଲ୍ୟ ଚଳିତ ଭାବରେ ନେବୁ ଓ ଉକ୍ତ କର୍ମଚାରୀଙ୍କୁ ବିନା ମୂଲ୍ୟରେ କାଠପତ୍ର, ପୁଆଳ ଯୋଗାଇବୁ । ଆବଶ୍ୟକ ମତେ ପତ୍ରକୁଡିଆ ତୟାର କରିଦେବୁ ।

୩. ସ୍ଥାନୀୟ ନିଜଆଡୁ ଅଧିକ ଦରରେ କୌଣସି ଜିନିଷାତ୍ ବାହାରକୁ ଯୋଗାଇବାକୁ ବାଧ ହେବୁନାହିଁ । ଯେଉଁ ଫସଲ ଆମଦାନୀ କରିବୁ ତାହା ଆପଣା ଇଛାମତେ ବିକ୍ରୟ କରିପାରିବୁ । କେବଳ ଶ୍ରୀ ବଳଦେବଜୀଉଙ୍କ ଖଞ୍ଜା ମୁଗ, ଝାଡଖଣ୍ଡ ପୀଢିର ସମସ୍ତ ନାୟକ, ପଧାନମାନଙ୍କ ସହିତ ମୋଟରେ ଟ. ୭୬ରେ ପୀଢି ଟଙ୍କାକୁ ୯ ପୌଟି ହିସାବ ଖ ୩/୩୧ ପ୍ରତିବର୍ଷ ମହାପ୍ରଭୁଙ୍କ କୋଠରେ ଦାଖଲ କରିବୁ ।

୪. ପ୍ରତିବର୍ଷ ଚୈତ୍ର ମାସରେ ଆମ୍ଭେ ସମସ୍ତ ଜୁଆଙ୍ଗ ପୀଢିର ନାୟକ ପଧାନମାନଙ୍କ ସହିତ ଗଡେଇ ହାଜର ହେବୁ ଓ ସାବକ ଦସ୍ତୁର ମତେ ରାଜା ପାଟ ମହା ରାଜା ପାଟ ମହାଦେଇ ଟିକାଏତ ବୁଝାହେବୁ । ରାଜାଙ୍କ ଦେୱାନ ବା ମ୍ୟାନେଜରଙ୍କୁ ଭେଟି ଦେଇ ସାବର ଦସ୍ତୁର ଆମ୍ଭର ପାଉଣା ପାଇବୁ ।

୫. ରାଜା ଅଥବା ତାଙ୍କ ଶାସନ ସମ୍ବନ୍ଧେ କୌଣସି ବିଦ୍ରୋହ ବା ମେଳିରେ ଯୋଗଦେବୁ ନାହିଁ। ମେଳି ହେବାର କୌଣସି ପ୍ରକାର ଚିହ୍ନ ଦେଖିଲେ ତାହା ରାଜ ସରକାରରେ ଏତଲା କରିବୁ।

୬. ରାଜ ସରକାରଙ୍କ ସର୍ବ ପ୍ରକାର ହୁକୁମ ତାମିଲ କରିବୁ।

୭. ରାଜ ସରକାରଙ୍କ ଠାରୁ ହୁକୁମ ନାମା ନ ଆଣି ଆମ୍ଭ ମୌଜାର କୌଣସି ବ୍ୟକ୍ତିଙ୍କୁ ବନ୍ଧୁକ, ତୋପ, ପିସ୍ତଲ ଆଦି ରଖିବାକୁ ଦେବୁନାହିଁ। ରଖିଲେ ତହିଁର ଏତଲା ରାଜ ସରକାରଙ୍କ ଠାରେ କରିବୁ। ଏଥିରେ ତ୍ରୁଟି କଲେ ଦଣ୍ଡନୀୟ ହେବୁ।

୮. ଜୁଆଙ୍ଗ ପୀଢ ସୀମା ବାହାରେ କିଲ୍ଲାର ଅନ୍ୟ କୌଣସି ସ୍ଥାନରେ ବାସ କରିବାକୁ ଇଛାକଲେ ରାଜ ସରକାର ଅନୁମତି ନେବୁ। ତାଙ୍କ ଅନୁମତି ଭିନ୍ନ ଅନ୍ୟ କୌଣସି ସ୍ଥାନରେ ବାସ କରିପାରିବୁ ନାହିଁ।

୯. ଏହି କବୁଲୟିତ ମୁତାବକ ଯେଉଁ ଜମା ଧାର୍ଯ୍ୟ ହେଲା ତାହା ୭ ବର୍ଷ ଅର୍ଥାତ୍ ସନ ୧୯୪୦ ସୁଦ୍ଧା କାଏମ ରହିବ।

୧୦. ଆମ୍ଭ ମୌଜାର ଯେତେ ଅପରାଧ ହେବ, ତହିଁର ଏତଲା ନିକଟବର୍ତ୍ତୀ କଚେରୀ ବା ଥାନାରେ ଆମ୍ଭେ ଦେବୁ ଓ କୌଣସି ଦୁଃଶ୍ଚରିତ୍ର ବ୍ୟକ୍ତି କିମ୍ବା ଯେଉଁ ମାନଙ୍କର ଗିରଫ ସକାଶେ ଓ୍ୱେରେଣ୍ଟ ବା ଘୋଷଣା ପତ୍ର ବାହାରିଥିବ, ଏହିପରି ଅପରାଧ ବ୍ୟକ୍ତିଙ୍କୁ ଆମ୍ଭ ମୌଜାରେ ବାସ କରିବାକୁ ଦେବୁନାହିଁ। ଯେତେ ଶୀଘ୍ର ପାରୁ ନିକଟବର୍ତ୍ତୀ କଚେରୀ ବା ଥାନାରେ ଏହାର ଏତଲା କରିବୁ। କୌଣସି ସମୟରେ ଏହିପରି ଅପରାଧ ବ୍ୟକ୍ତି ଆମ୍ଭ ମୌଜାରେ ଯେତେ ଅପମୃତ୍ୟୁ ବା ହଠାତ୍ ମୃତ୍ୟୁ ଘଟଣା ହେବ ତାହାର ଏତଲା ଦେବୁ।

୧୧. ଏହି କରାରନାମାର କୌଣସି ସର୍ତ୍ତ ଆମ୍ଭେ ଲଂଘନ କରିବୁ ନାହିଁ ଲଂଘନ କଲେ ଶ୍ରୀ ରାଜା ସରକାରରୁ ପଧାନରୁ ଖାରଜ ପାଇବୁ ଅଥବା ରାଜ ସରକାର ଯେଉଁ ଦଣ୍ଡ ଦେବେ ସେଥିରେ ହାଜର ହେବୁ। ରାଜ ସରକାରଙ୍କ ଦ୍ୱାରା ପଧାନିରୁ ଖାରଜ ହେଲେ ଅଥବା ଅନ୍ୟ କୌଣସି କାରଣରୁ ପଧାନୀ

ଖାରଜ ହେଲେ ପଧାନି ମୁକରିର କରିବା କ୍ଷମତା ସମ୍ପୂର୍ଣ୍ଣ ରୂପେ ରାଜ ସରକାରଙ୍କର ଅକ୍ତିଆର ରହିବ ।

୧୨. ଆମ୍ଭେମାନେ ଆମ୍ଭ ପୀଢିରେ ଫରେଷ୍ଟ ନିୟମ ଯାହାହେବ, ତାହା ପାଳନ କରିବାକୁ ବାଧ୍ୟ ହେବୁ ।

୧୩. ଆମ୍ଭେମାନେ ଷ୍ଟେଟର ବିନାଅନୁମତିରେ କୌଣସି ବ୍ୟକ୍ତି ଯେ କି ଆମ୍ଭ ସଂପ୍ରଦାୟର ଭୁକ୍ତ ନୁହେଁ, ତାହା ଆମ୍ଭ ଗ୍ରାମରେ ବସବାସ କରିବାକୁ ଦେବୁ ନାହିଁ ।

(ଇତି)

ତା. ୧୫.୬.୧୯୨୬

# ଜୁଆଙ୍ଗ ଜୀବନଚର୍ଯ୍ୟା

**ଶାରିରୀକ ଗଠନ -** ଜୁଆଙ୍ଗ ମାନଙ୍କର ଶାରିରୀକ ଗଠନ ପ୍ରଣାଳୀ ମଧ୍ୟମ ଧରଣର । ମହିଳାମାନେ ପୁରୁଷମାନଙ୍କଠାରୁ ଉଚ୍ଚତାରେ ସାମାନ୍ୟ କମ୍ ହୋଇଥାନ୍ତି । ପୁରୁଷ ମାନଙ୍କର ଉଚ୍ଚତା ୫ ଫୁଟ ୨ ଇଞ୍ଚରୁ ୫ଫୁଟ ୪ ଇଞ୍ଚ ମଧ୍ୟରେ ଓ ମହିଳା ମାନଙ୍କର ଉଚ୍ଚତା ୪ଫୁଟ ୧ ଇଞ୍ଚରୁ ୫ ଫୁଟ ମଧ୍ୟରେ ହୋଇଥାଏ । ଜୁଆଙ୍ଗ ମାନଙ୍କର ଦେହର ରଙ୍ଗ ସାଧାରଣତଃ ପାଉଁଶିଆ ବା ସାମାନ୍ୟ କଳା ହୋଇଥାଏ । ଉଭୟ ପୁରୁଷ ଓ ସ୍ତ୍ରୀଙ୍କର କେଶର ରଙ୍ଗ ଦେହର ରଙ୍ଗ ପରି ବାଦାମୀ ଓ ଅଳ୍ପ କଳା ହୋଇଥାଏ । କେଶର ଆକାର କୁଞ୍ଚ କୁଞ୍ଚିକା ଟାଆଁସିଆ । ମୁହଁର ଆକୃତି, ଅଣ୍ଡାପରି ଓ ପାଞ୍ଚ କୋଣିଆ ହୋଇଥାଏ । ନାକ ବେଶ ଚଉଡା, ଗାଲର ହନୁହାଡ ସାମାନ୍ୟ ଉଚ୍ଚା ଏହିସବୁ ଶାରିରୀକ ଲକ୍ଷଣକୁ ଅନୁଧ୍ୟାନ କରି ନୃତତ୍ତ୍ୱ ବିଦ୍‌ମାନେ ଏହି ଜୁଆଙ୍ଗ ସଂପ୍ରଦାୟକୁ (ପ୍ରୋଟୋଅଷ୍ଟ୍ରାଲୟେଡ୍) ଶ୍ରେଣୀ ଅନ୍ତର୍ଭୁକ୍ତ କରିଛନ୍ତି । ପୁରୁଷ ଜୁଆଙ୍ଗମାନଙ୍କ ଅପେକ୍ଷା ମହିଳା ଜୁଆଙ୍ଗମାନେ ବେଶିଦିନ ବଞ୍ଚିବାର ଦେଖାଯାଇଥାଏ । ତାର କାରଣ ଆମିଷ, ରୋଗ, ଅଖାଦ୍ୟ ଭକ୍ଷଣ, ମଦ୍ୟ ଓ ଅସ୍ୱାସ୍ଥ୍ୟକର ପରିବେଶରେ ରହିବା ଦ୍ୱାରା ନାନା ରୋଗରେ ସେମାନେ ଅଳ୍ପାୟୁ ହୋଇଥାନ୍ତି ।

**ଜୁଆଙ୍ଗ ଭାଷା -** ଜୁଆଙ୍ଗ ମାନଙ୍କର ସ୍ୱତନ୍ତ୍ର ଭାଷା ଅଛି । ତାହା ଅନୁନାସିକ ଧ୍ୱନି ପରିପୁର୍ଣ୍ଣ । ଜୁଆଙ୍ଗ ବର୍ଣ୍ଣମାଳାରେ ସର୍ବମୋଟ ୨୬ ଗୋଟି ବର୍ଣ୍ଣ, ୫ ଗୋଟି ସ୍ୱରବର୍ଣ୍ଣ ଓ ୨୧ ଗୋଟି ବ୍ୟଞ୍ଜନବର୍ଣ୍ଣ ଅଛି ବୋଲି ୰ବିପିନ ବିହାରୀ ଦାସ ତାଙ୍କର ଶ୍ରୀ “ଭଂଜଭୂମି କେନ୍ଦୁଝରୀ” ପୁସ୍ତକରେ ଉଲ୍ଲେଖ କରିଛନ୍ତି । ଜୁଆଙ୍ଗ ଭାଷାରେ ବିଧିବଦ୍ଧ ବ୍ୟାକରଣ ନଥିଲେ ମଧ୍ୟ ସେମାନଙ୍କର ଭାଷା ମୁଣ୍ଡା (ଅଷ୍ଟ୍ରିକ୍) ଶ୍ରେଣୀ ଅନ୍ତର୍ଗତ । ମୁଣ୍ଡା ଭାଷାକୁ ତିନି ଭାଗରେ ବିଭକ୍ତ କରାଯାଇଛି । ଯଥା - ଉତ୍ତର ମୁଣ୍ଡା, ଦକ୍ଷିଣ ମୁଣ୍ଡା ଓ କେନ୍ଦ୍ର ମୁଣ୍ଡା

ଜୁଆଙ୍ଗ ଭାଷା କେନ୍ଦ୍ର ମୁଣ୍ଡାର ଏକ ଶାଖା । ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଜୁଆଙ୍ଗ ଭାଷାର ଏକ ପ୍ରାମାଣିକ ବ୍ୟାକରଣ ପୁସ୍ତିକା ପ୍ରକାଶ କରିଛନ୍ତି ।

ଜୁଆଙ୍ଗ ଭାଷା କେନ୍ଦ୍ରାଞ୍ଚଳ ମୁଣ୍ଡା ଶ୍ରେଣୀ ଅନ୍ତର୍ଗତ ଅଟେ । ସେମାନଙ୍କର କଥିତ ଭାଷା ହେଲା ଜୁଆଙ୍ଗ । ଏହାର ନାସିକ୍ୟ ଉଚ୍ଚାରଣ ଅଧିକ ରହିଛି ।

**ପୋଷାକ ଓ ଅଲଂକାର -** ଆଗ କାଳରେ ଜୁଆଙ୍ଗମାନେ ପ୍ରାୟତଃ ଉଲଗ୍ନ ହୋଇ ରହୁଥିଲେ । କାଳକ୍ରମେ ସେମାନେ ଗଛର ବଳ୍କଳ ଓ ପତ୍ରକୁ ସିଲାଇ କରି ପିନ୍ଧୁଥିଲେ । ଐତିହାସିକ ଜେ.ଏଚ, ହଣ୍ଟର ସାହେବ ସେମାନଙ୍କୁ ଏକପ୍ରକାର ପତ୍ରପିନ୍ଧାଳୀ ଜାତି ବା ପଟୁଆ ବୋଲି ନାମିତ କରିଥିଲେ । ପରେ ପରେ କିଛି ଜୁଆଙ୍ଗ କୌପିନ କିମ୍ବା ଲୁଙ୍ଗି ଓ ସ୍ତ୍ରୀ ଲୋକମାନେ ମୋଟା ଶସ୍ତା ଶାଢୀ ପରିଧାନ କରିବା ଆରମ୍ଭ କଲେ । ଏବେ ଲୁଗାପଟାର ବ୍ୟବହାର ବଢିଛି । ସ୍ତ୍ରୀଲୋକମାନେ ଶାଢୀକୁ ଏପରି ପିନ୍ଧନ୍ତି ଯଦ୍ଦ୍ୱାରା କି କାର୍ଯ୍ୟରେ ସେମାନଙ୍କର ଶିଶୁକୁ ସେମାନେ ଅଣ୍ଟା ପାଖରେ ବା ପିଠିର ପଛ ପାଖରେ ଏପରି ସୁରକ୍ଷିତ ଭାବରେ ବାନ୍ଧି ରଖି ଥାନ୍ତି ଯେ ପିଲାଟି ପଡିଯିବାର କୌଣସି ଭୟ ନଥାଏ । ଜୁଆଙ୍ଗ ସାନ ପିଲାମାନେ ସାଧାରଣତଃ ଲଙ୍ଗଳା ହୋଇ ବୁଲୁଥାନ୍ତି ବା କୌପିନ ଭଳି ନାଲି ଗାମୁଛା ଖଣ୍ଡେ ଗୁଡେଇ ହୋଇଥାନ୍ତି । ପିଲାମାନେ ହାପ୍ ପ୍ୟାଣ୍ଟ, ଝିଅମାନେ ଫ୍ରକ୍, ପ୍ୟାଣ୍ଟ ଓ ସ୍ତ୍ରୀ ଲୋକମାନେ ଶାଢୀ, ସାୟା, ବ୍ଲାଉଜ ଓ ପୁରୁଷମାନେ ଲୁଙ୍ଗି ଓ ଗଞ୍ଜିବା ସାର୍ଟ ଆଦି ପିନ୍ଧନ୍ତି । ଜୁଆଙ୍ଗ ମହିଳାମାନେ ଭାରି ଅଳଙ୍କାର ପ୍ରିୟ । ଗୋଜିକାଠି, ନୋଳକ, କାଚ, ମଲ୍ଲି, ବାଙ୍କିଆ, ନାକମାଛି, ବାଜୁ, ବଳା, ବାହୁଟି ଓ ବିଭିନ୍ନ ରଙ୍ଗ ବେରଙ୍ଗର ପଥର ପୋହଳାମାଛ, ଝଂଜୁ ଆଦି ଜୁଆଙ୍ଗ ସ୍ତ୍ରୀ ମାନଙ୍କର ଅତିପ୍ରିୟ ଅଳଙ୍କାର । ଆହୁରି ମଧ୍ୟ ହାତ, ଗୋଡ, ମୁଣ୍ଡରେ ସେମାନେ ଚିତା କୁଟେଇ ଥାନ୍ତି । ସାମାଜିକ, ଧାର୍ମିକ କାର୍ଯ୍ୟରେ ମୁଣ୍ଡରେ କୁସୁମ ତେଲ ଦେଇ ମୁଣ୍ଡ କୁଣ୍ଡାଇ ଜୁଆଙ୍ଗୁଣୀମାନେ ବିଭିନ୍ନ ବନଫୁଲରେ ମୁଣ୍ଡର ଗଭା ସଜେଇ ଥାନ୍ତି ।

"ପାଚିଲା କାଙ୍ଗୁ ବାଜିଲା ଝଙ୍ଗୁ  
ଗାଲର ଉପରେ ଗାଲ,  
ହେଲା ଚଇତ ସରିଲା ଭାତ  
ଯେଉଁଠି ଖାଲ ସେଇଠି ଝଲ" ॥

**ଖାଦ୍ୟ ପାନୀୟ –** ପୋଡୁଚଷ ଉପରେ ମୁଖ୍ୟତଃ ନିର୍ଭର କରୁଥିବା ଜୁଆଙ୍ଗ ମାନଙ୍କ ମଧ୍ୟରୁ କେହି କେହି ଧାନ ସହିତ ରାଶି, ମାଣ୍ଡିଆ, କାଙ୍ଗୁ, ଗଂଗେଇ, ହରଡ,

ଗୁଆଁର ମକା, କାଠିଆ, ଗୁଲୁଚି ଆଦି ଚାଷ କରନ୍ତି । ସାଧାରଣତଃ ସେମାନେ ମାର୍ଚ୍ଚ ମାସରେ ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି ଓ ବର୍ଷା ହେଲାପରେ ଜମିକୁ ହଲ ଲଙ୍ଗଳ ବା କୋଦାଳରେ ଖୋଳି ବିହନ ବୁଣିଥାନ୍ତି । ବେଳେବେଳେ ଏମାନେ ଜଙ୍ଗଲ ବା ପାହାଡକୁ ସଫାକରି ଥାକ ଥାକ ଭାବରେ କିଆରୀ କରି ଧାନଚାଷ କରିଥାନ୍ତି । କାରଣ ସେମାନଙ୍କର ସବୁ ଜମି ମଧ୍ୟ ଚାଷୋପଯୋଗୀ ନୁହେଁ । ବହୁଜମି ପଥୁରିଆ । ଜଳ ସେଚନର ବ୍ୟବସ୍ଥା ଆଦୌ ନାହିଁ କି କାମ ଧନ୍ଦା ମଧ୍ୟ ମିଳେନାହିଁ । ସେମାନଙ୍କର ମୁଖ୍ୟ ଖାଦ୍ୟ ହେଲା ଭାତ । ଚାଷ ଭଲ ନହେଲେ ଅଥବା ଖାଦ୍ୟଭାବ ଦେଖା ଦେଲେ ଜୁଆଙ୍ଗ ସାଧାରଣତଃ ମାଣ୍ଡିଆ, ଗଂଗେଇ, ମକା, କାଙ୍ଗୁ ଇତ୍ୟାଦି ଖାଦ୍ୟ ଭାବରେ ଗ୍ରହଣ କରିଥାଏ । ବାଡି ବଗିଚାରେ ଲାଉ, କଖାରୁ, ବୋଇତାଳୁ, ମକା, କାକୁଡି, ଜହ୍ନି, ଭେଣ୍ଡି ବାଇଗଣ, ସଜନା ଆଦି ଲଗାଇଥାନ୍ତି । ତାହା ସେମାନେ ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ସେଥିରୁ କିଛି ବଜାର,ହାଟରେ ବିକ୍ରି କରି ତେଲ, ଲୁଣ, ଲୁଗାପଟା କିଣିଥାନ୍ତି । ଡାଲି ଜାତୀୟ ଖାଦ୍ୟ ଭାବରେ - ହରଡ, କୋଳଥ, ବିରି, ମୁଗ, ରୁମା, ସୁତୁରୀ, ଇତ୍ୟାଦି ମୁଖ୍ୟ । ଏଗୁଡିକୁ ସେମାନେ ସାଧାରଣତଃ ସମତଳ ଜାଗାରେ ଚାଷ କରିଥାନ୍ତି । ଏସବୁ ବ୍ୟତୀତ ଜଙ୍ଗଲ ରୁ ବିଭିନ୍ନ ଫଳମୂଳ, ଯଥା- ଆମ୍ବ, କେନ୍ଦୁ, ପଣସ, ଜାମୁ, ଜେଉଠ, ଚାରିକୋଳି, ଘୁରୁଡୁ ଇତ୍ୟାଦି ସାରୁ, ପିତାଳୁ ପାଣି ଆଳୁ, କନ୍ଦମୂଳ, କଣ୍ଟା ଆଳୁ, ଆଦି ମୂଳ ଜିନିଷ, କୁଲିଆରୀ , ସଜନା, କାନଗିରି, ନହଙ୍ଗା, ବଥୁଆ, ଆଦି ସାଗ, କାଞ୍ଚନ, ମହୁଲ, ଗିଲିରି, କୁଲଆରୀ, ବୋଇତାଳୁ ଆଦି ଫୁଲ ତଥା କାଇ, ଝରିପୋକ, ନାଲିପିମ୍ପୁଡି ଆଦି ସଂଗ୍ରହ କରି ଖାଦ୍ୟ ଭାବରେ ଜୁଆଙ୍ଗମାନେ ଗ୍ରହଣ କରିଥାନ୍ତି । ନହେଲେ ନାହିଁ ବଣ, ଜଙ୍ଗଲକୁ ଗଲେ ତୁଙ୍ଗା ଆଣନ୍ତି ତୁଙ୍ଗା, ବଇଙ୍ଗା, ସାଇଁକୁଳ ସେମାନଙ୍କର ମୁଖ୍ୟ ଖାଦ୍ୟ ହୋଇଥାଏ ଭାତ ବଦଳରେ । ତେଣୁ ଭାତହାଣ୍ଡି ପରିବର୍ତ୍ତେ ପ୍ରତ୍ୟେକ ଜୁଆଙ୍ଗ କୁଟୀରରେ ତୁଙ୍ଗା (ବିଭିନ୍ନ ଗଛର ଚେର) ସିଝା ଦେଖିବାକୁ ମିଳିଥାଏ । ଅଭାବ ଅସୁବିଧାରେ ପଡିଲେ ଜଙ୍ଗଲରୁ ସଂଗ୍ରହ କରିଥିବା ମହୁଲ, ଟୋଲ, ଦାନ୍ତକାଠି, କାଠ, କିମ୍ବା ଆମ୍ବ, ପଣସ ଆଦି ଫଳମୂଳ ବିକି ଜୁଆଙ୍ଗ ଯାହା ଦି ପଇସା ରୋଜଗାର କରେ ସେତକରେ କଷ୍ଟେମଷ୍ଟେ ଚଳିଯାଏ । ଜୁଆଙ୍ଗମାନେ ଚାଷବାସ ସମୟରେ ସାଧାରଣତଃ ୩ ପ୍ରକାର ଭାତ ପିଠା ଖାଇଥାନ୍ତି । ମହୁଲ ଫୁଲରୁ ମଦ (ମହୁଲ) ଓ ଫଳରୁ ତେଲ ପ୍ରସ୍ତୁତ କରି ଜୁଆଙ୍ଗମାନେ ରୋଷେଇ କରି ଖାଇଥାନ୍ତି । ସୋରିଷ ତେଲ, ଟୁଲ ତେଲ, ରାଶି ତେଲ, ଜଡାତେଲ, ସେମାନେ ବ୍ୟବହାର

କରନ୍ତି । ରାନ୍ଧିବା ସମୟରେ କମ ପରିମାଣରେ ସୋରିଷ, ରାଶି, ଲଙ୍କା, ହଳଦି, ପିଆଜ, ରସୁଣ ଆଦି ବ୍ୟବହାର କରିଥାନ୍ତି । ଛଣା ବା ଭଜା ଅପେକ୍ଷା ବାଡି ବଗିଚାର ଟଟକା ପନିପରିବା ପୋଡି ଖାଇବାକୁ  ସେମାନେ ପସନ୍ଦ କରିଥାନ୍ତି । ଖାଇବା ପୂର୍ବରୁ ଜୁଆଙ୍ଗମାନେ ଭଲ ଭାବରେ ହାତଗୋଡ ଧୋଇ ଖାଇବସନ୍ତି । ଜୁଆଙ୍ଗ ସମାଜରେ ବୁଢାବୁଢୀ ଏମିତିକି ପିଲାମାନଙ୍କ ପାଇଁ କୌଣସି ଅଲଗା ଖାଦ୍ୟ ନଥାଏ । ଯାହା ରୋଷେଇ ହୁଏ ସମସ୍ତେ ମିଳି ମିଶି ଖାଆନ୍ତି । ଯଦି କୌଣସି ଶିଶୁର ମାଆ ମରିଗଲେ ସେଇ ଶିଶୁକୁ ଛେଳି କ୍ଷୀର, ଗାଈ କ୍ଷୀର ନତୁବା ରନ୍ଧାଭାତର ପେଜକୁ ପାଣି ମିଶାଇ ପତଳା କରି ଖାଇବାକୁ ଦିଆଯାଏ । କୌଣସି ଜୁଆଙ୍ଗୁଣୀ ଗର୍ଭବତୀ ହେଲେ ତାର ଇଚ୍ଛା ମୁତାବକ ଖାଦ୍ୟ ତାଙ୍କୁ ଖାଇବାକୁ ଦିଆଯାଏ । ହେଲେ ପୋଖତୀ ସ୍ତ୍ରୀ ଲୋକଙ୍କୁ ଥଣ୍ଡା ଖାଦ୍ୟ ମାଛ, ମାଂସ ଆଦି ଖାଇବାକୁ ଦିଆଯାଏନା । ଉଠିଆରି ନ ଉଠିବା ଯାଏ, ସାତଦିନ ଧରି ତାକୁ ଗରମ ଖାଦ୍ୟ, ପାନୀୟ ଦିଆଯାଇଥାଏ. ଶୁଣାଯାଏ ଜୁଆଙ୍ଗ ସ୍ତ୍ରୀଟିଏ ଗର୍ଭବତୀ ହେଲେ ତାର ପତି ସଜନା ଗଛକୁ ପୂଜା କରେ । ସଜନା ଫୁଲ ର ପ୍ରସ୍ତୁତ ଏକ ଚଟଣୀ ତାକୁ ଖାଇବାକୁ ଦିଆଯାଏ । ସରୁ ସୁତାରେ ୭ଟି  ଗଣ୍ଠି ପକାଇ ନିଜ ପତ୍ନୀକୁ (ଗର୍ଭବତୀ ସ୍ତ୍ରୀକୁ) ପିନ୍ଧିବାକୁ ଦିଆଯାଏ । ପୂଜା ସ୍ଥାନକୁ ଗର୍ଭବତୀ ଜୁଆଙ୍ଗ ସ୍ତ୍ରୀକୁ ଯିବାକୁ ନିଷେଧ କରାଯାଇ ଥାଏ ।

ସେ ଯାହା ହେଉ- ଭାତ ବ୍ୟତୀତ ଜୁଆଙ୍ଗ ମାନଙ୍କର ମୁଖ୍ୟ ଖାଦ୍ୟ ହେଲା, ମାଣ୍ଡିଆ, ମକା ।। ମାଣ୍ଡିଆରୁ ପ୍ରସ୍ତୁତ ଏକ ପ୍ରକାର ଖାଦ୍ୟ (ଯାହାକୁ ମାଣ୍ଡିଆ ଜାଉ) କୁହାଯାଏ, ତାକୁ ସେମାନେ ଖାଇଥାନ୍ତି । ଚାଉଳର ଅଭାବ ସମୟରେ ମକା ମଞ୍ଜିକୁ ଭାଜି ବା ବତୁରାଇ ପିଠଉ କରି ସେମାନେ ମକା ପିଠା ମଧ ଖାଇଥାନ୍ତି । ପୂଜା, ପର୍ବ, ପର୍ବାଣୀରେ ଜୁଆଙ୍ଗମାନେ ଗିଲରୀ ଫୁଲ ସହିତ ଚାଉଳ ଚୁନା ବା ମାଣ୍ଡିଆ ଚୁନା ମିଶେଇ ପିଠା କରି ଖାଇଥାନ୍ତି । ପିଠା ଭିତରେ ସେମାନେ ପୋଡପିଠା ଶିଝାପିଠା, ଖୁଣ୍ଟୁଣି ପିଠା ଆଦି ଅତି ଯତ୍ନ ସହକାରେ କରି ଖାଇଥାନ୍ତି ।

**ପାନୀୟ** – ମଣିଷ ବଞ୍ଚି ରହିବା ପାଇଁ ଖାଦ୍ୟ ଯେମିତି ଦରକାର, ପାନୀୟ ମଧ ନିହାତି ଦରକାର । ପାନୀୟ ବୋଇଲେ ଲୋକ ପାଣି, ସରବତ, ଘୋଳଦହି, ଥଣ୍ଡା ପାନୀୟ ଦେଶି, ବିଦେଶୀ ମଦ୍ୟ ବ୍ୟବହାର କଲାବେଳେ ଆଦିବାସୀମାନେ ନିଜ ହାତ ତିଆରି, ବା ଘରେ ରନ୍ଧା ହେଉ ଥିବା ମଦ୍ୟ (ଯଥା- ଚାଉଳ, ମହୁଲ, ହାଣ୍ଡିଆ)

ବ୍ୟବହାର କରିଥାନ୍ତି । ଦିନସାରା ସେମାନେ କଠିନ ପରିଶ୍ରମ କରିଥାନ୍ତି, ତେଣୁ ସନ୍ଧ୍ୟା ହେବାମାତ୍ରେ ଦେହର ଦରଜ ଉପଶମ ପାଇଁ ସେମାନେ ମଦ୍ୟପାନ କରିଥାନ୍ତି । ପର୍ବ ପର୍ବାଣୀ ବିବାହ ଆଦି ମଙ୍ଗଳ କାର୍ଯ୍ୟରେ ମଦ ହିଁ ସେମାନଙ୍କର ମୁଖ୍ୟ ହୋଇଥାଏ । ଚାଉଳରୁ ପ୍ରସ୍ତୁତ ଚାଉଳ, ହାଣ୍ଡିଆ ବ୍ୟତୀତ ମହୁଲ ଫୁଲରୁ ପ୍ରସ୍ତୁତ ମହୁଲ ଏମାନଙ୍କର ମୁଖ୍ୟ ପାନୀୟ ଦ୍ରବ୍ୟ, ତେଣୁ ଜୁଆଙ୍ଗ ମାନଙ୍କ ଘର ଆଖ ପାଖରେ ପର୍ଯ୍ୟାପ୍ତ ପରିମାଣରେ ମହୁଲ ଗଛ, ପଣସ ଗଛ ଓ ଆମ୍ବ ତେନ୍ତୁଳୀ ଗଛ ଦେଖା ଯାଇଥାଏ. ପର୍ବ ପର୍ବାଣୀରେ ବା ବିବାହ ଅଅଦି ଉତ୍ସବରେ ଉଭୟ ସ୍ତ୍ରୀ / ପୁରୁଷ ଧାଙ୍ଗଡାମାନେ ମିଶି ମଦପିଇ ନାଚ ଗୀତରେ ମସଗୁଲ ହୋଇଥାନ୍ତି ।


**ଜୁଆଙ୍ଗ ସମାଜ –** ଜୁଆଙ୍ଗ ସମାଜରେ କେତେଗୁଡିଏ ପୀଢିକୁ ନେଇ ଗୋଟିଏ ସ୍ୱତନ୍ତ୍ର ଦଣ୍ଡପାଟ ହୋଇ ରହିଥିଲା । ପ୍ରତି ଦଣ୍ଡପାଟରେ କେତେଗୁଡିଏ ପୀଢି ରହିଅଛି । ପ୍ରତି ପୀଢିରେ ଜଣେ ସର୍ଦ୍ଦାର ଅଛନ୍ତି ସେମାନେ ପୀଢି ମଧ୍ୟରେ ଜୁଆଙ୍ଗ ମାନଙ୍କର ସାମାଜିକ ସାଂସ୍କୃତିକ, ରାଜନୈତିକ ତଥା ପାରମ୍ପରିକ ଶୃଙ୍ଖଳା ରକ୍ଷା କରିଥାନ୍ତି । ପୀଢି ସର୍ଦ୍ଦାର ପୀଢି ମଧ୍ୟରେ ପ୍ରଭୁତ୍ୱ ବିସ୍ତାର କରନ୍ତି ଓ ତାଙ୍କର ନିଷ୍ପତ୍ତିକୁ ସମସ୍ତେ ନିର୍ବିକାର ଚିତ୍ତରେ ମାନ ନିଅନ୍ତି । କେତେଗୁଡିଏ ଗ୍ରାମକୁ ନେଇ ଗୋଟିଏ ପୀଢି ଗଠିତ ହୋଇଥାଏ । ପୀଢି ସର୍ଦ୍ଦାରଙ୍କ ଅଧିନରେ ପ୍ରତି ଗ୍ରାମର ଜଣେ ଲେଖାଏଁ ପ୍ରଧାନ ଅଛନ୍ତି । ପ୍ରଧାନ ପ୍ରତି ଗ୍ରାମର ମୁଖ୍ୟ ବ୍ୟକ୍ତି ଅଟନ୍ତି । ପଧାନ ନିଜଗ୍ରାମର ସମସ୍ତ ହାନି ଲାଭର ବିଚର କରନ୍ତି । ଗ୍ରାମର ସାମୁହିକ ସମସ୍ୟା ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକ ପ୍ରଧାନ ଗ୍ରାମର ବୟସ୍କ ବ୍ୟକ୍ତି ମାନଙ୍କର ମିଳିତ ଆଲୋଚନା ଓ ପରାମର୍ଶ ମାଧ୍ୟମରେ କରିଥାନ୍ତି । ଜୁଆଙ୍ଗମାନେ ଗୋଟିଏ ଗାଁରେ ସମସ୍ତେ ମିଳିମିଶି ବାସ କରନ୍ତି । ଜଣକର ସୁବିଧା ଅସୁବିଧାରେ ଅନ୍ୟମାନେ ସାହାଯ୍ୟ ସହଯୋଗ କରନ୍ତି । ଜୁଆଙ୍ଗ ବସତିରେ ଇତର ଜାତିର ଲୋକେ ବସବାସ କରନ୍ତି ନାହିଁ । ଜୁଆଙ୍ଗ ମାନଙ୍କର ଘରଗୁଡିକ ପରସ୍ପର ଠାରୁ ପୃଥକ ଥାଇ ଅତି ନିକଟରେ ସ୍ଥାପିତ ହୋଇଥାଏ । ପ୍ରତି ଘର ନିକଟରେ କିଛି ବାଡି ବା ଘରବାଡି ଥାଏ । ଜୁଆଙ୍ଗ ମାନଙ୍କର କୁଡିଆ ଗୁଡିକ ସାଧାରଣତଃ ଛୋଟ ଛୋଟ । ପ୍ରତ୍ୟେକ ଜୁଆଙ୍ଗ କୁଡିଆକୁ ଲାଗି ଗାଈ, ଛେଳି କୁକୁଡା ପାଇଁ ଗୁହାଳ ଘରଟିଏ ଥାଏ । ପ୍ରତ୍ୟେକ ଜୁଆଙ୍ଗ ଘର କ୍ଷୁଦ୍ରକାୟ । ସାଧାରଣତଃ ଏକ କୋଠରୀ ବିଶିଷ୍ଟ ହୋଇଥାଏ କୋଠରୀର ଗୋଟାଏ ପାର୍ଶ୍ୱରେ ଛୋଟ ଭାଡିଟିଏ ନିର୍ମିତ ହୋଇ ତାହା ଉପରେ ସଞ୍ଚିତ ଖାଦ୍ୟଶସ୍ୟ ଓ ସମସ୍ତ ଗୃହ ଉପକରଣ

ରଖାଯାଇଥାଏ । କୋଠରୀର ମଧ୍ୟଭାଗ ଶୟନ ପାଇଁ ଓ ଅନ୍ୟପାଖ ରୋଷେଇ ଘର ରୂପେ ବ୍ୟବହୃତ ହୋଇଥାଏ । ଚୁଲି ଉପରେ ଗୋଟାଏ କେଲାଙ୍ଗ ବା ଅଟ୍ଟାଳି ନିର୍ମିତ ହୋଇ ତାହା ଉପରେ ଧାନ ଶୁଖାଯାଏ । ସମଗ୍ର ଗୃହଟି ଅତି ବେଶିରେ ୧୫ ଫୁଟ ଲମ୍ବ ଓ ୧୦ ଫୁଟ ଓସାର ବିଶିଷ୍ଟ ହୋଇଥାଏ । ଘରର ଉଚ୍ଚତା ସାଧାରଣତଃ ୧୦/୧୨ ଫୁଟରୁ ଅଧିକା ହୁଏନାହିଁ । ଏହାର ଦ୍ୱାରାଗୁଡିକ ଅତିକ୍ଷୁଦ୍ର, ଓ ତହିଁରେ ଝରକା ନଥାଏ । ଘରର କାନ୍ଥ, କାଠ ଖମ୍ବ, କାଦୁଅ ଓ ଗୋବରରେ ତିଆରି ତଥା ଘର ଗୁଡିକରେ ଘଳ ନଡା, ଛଣ ବା ଖପରରେ ଛପର ଦିଆଯାଇଥାଏ । ଘର ଅଗଣାରେ ବସାଉଠା କରିବା ପାଇଁ ଖଣ୍ଡେ ଖଣ୍ଡେ ଅପ୍ରଶସ୍ତ ବାରଣ୍ଡା ଥାଏ । ଏହି ଘର ମାନଙ୍କରେ ବାପା, ମାଆଙ୍କ ସହ ଛୋଟ ପିଲାମାନେ କେବଳ ରହନ୍ତି । ପରିବାର କହିଲେ ସ୍ୱାମୀ/ସ୍ତ୍ରୀ ଓ ଶିଶୁ ପୁତ୍ର କନ୍ୟାଙ୍କୁ ବୁଝାଏ । ବୟସ୍କ ପୁତ୍ର/କନ୍ୟାମାନେ ଯଥାକ୍ରମେ "ମଣ୍ଡଘରେ" ବା ମଜାଙ୍ଗରେ ଓ ଧାଙ୍ଗଡି ବସାରେ ଶୟନ କରନ୍ତି । ବିବାହିତ ପୁତ୍ର ନିଜପାଇଁ ନୂତନ ଘର ନିର୍ମାଣ କରି ପୃଥକ ଭାବରେ ବାସ କରେ । ଜୁଆଙ୍ଗ ପରିବାରରେ ପୁରୁଷ ଅପେକ୍ଷା ସ୍ତ୍ରୀ ଅଧିକା ପରିଶ୍ରମୀ ଅଟେ । ଜୁଆଙ୍ଗ ମାନେ ସ୍ୱଭାବତଃ ଆଳସ୍ୟ ପରାୟଣ ଓ ଶ୍ରମ କାତର ଅଟନ୍ତି । ଜୀବନ ଧାରଣ ପାଇଁ ଯେତିକି ଆବଶ୍ୟକ ସେମାନେ ସେତିକି ମାତ୍ର ସଂଗ୍ରହ କରିବା ପାଇଁ ପରିଶ୍ରମ କରନ୍ତି ।


ଜୁଆଙ୍ଗ ସମାଜରେ ଆମ ସମାଜ ପରି ପିତାର ବଂଶ ପୁତ୍ର ମାଧ୍ୟମରେ ପ୍ରସାରିତ ହୋଇଥାଏ । ପରିବାରରେ ମାଆର ଭୂମିକା ବହୁତ ଥିଲେ ମଧ୍ୟ ବାପାର ଭୂମିକା ନିର୍ଣ୍ଣାୟତ୍ମକ । ବାପାର ମୃତ୍ୟୁ ପରେ ସ୍ୱାମୀ ସମ୍ପତ୍ତିର ଅଧିକାରୀ ପୁଅମାନେ ହୋଇଥାନ୍ତି । ବାପା ବଞ୍ଚିଥିବା ସମୟରେ ଯଦି ପୁଅଙ୍କ ମଧ୍ୟରେ ସମ୍ପତ୍ତି ବଣ୍ଟାଯାଏ, ତେବେ ଯେଉଁ ପୁଅ ବାପର ଭଲମନ୍ଦ ବୁଝିଥାଏ, ସେ ସାଧାରଣତଃ କିଛି ଅଧିକ ସମ୍ପତ୍ତି ପାଇଥାଏ । ଯାହାର ପୁଅ ନ ଥାଏ, ସେ ଘର ଜ୍ୱାଇଁ କରି ରୀତି ମୁତାବକ ସବୁ ସମ୍ପତ୍ତି ଜ୍ୱାଇଁଙ୍କୁ ଦେଇଥାଏ । ଯଦି ଘର ଜ୍ୱାଇ ମିଳିବାରେ ଅସୁବିଧା ହୁଏ, ତେବେ ନିଜ ବଂଶରୁ ମଧ୍ୟ ପୋଷ୍ୟପୁତ୍ର ଗ୍ରହଣ କରି ତା ନାମରେ ସବୁ ସମ୍ପତ୍ତି କରାଯାଇଥାଏ ।

ଜୁଆଙ୍ଗ ସମାଜରେ କୌଣସି ଜାତି ନାହିଁ ତଥାପି ଗୋଟିଏ ଗ୍ରାମରେ ବାସ କରୁଥିବା ସମସ୍ତ ଜୁଆଙ୍ଗ ମାନେ ଏକ ବଂଶୋଭବ ହୋଇଥାନ୍ତି । ଜୁଆଙ୍ଗ ସମାଜରେ ଅନେକ ବଂଶ ବା ବକ ଅଛି ଯାହା ପୁର୍ବରୁ ବର୍ଣ୍ଣନା କରାଯାଇଛି । ତେଣୁ ନିଜ ଗ୍ରାମ ମଧ୍ୟରେ ବିବାହ ସମ୍ପୁର୍ଣ୍ଣ ନିଷେଧ ଅଟେ ।

ଜୁଆଙ୍ଗ ସମାଜରେ ଯୌଥ ପରିବାର ନାହିଁ । ବୁଢାବୁଢୀମାନେ ମଧ୍ୟ ହାତଗୋଡ ଚଳିବା ପର୍ଯ୍ୟନ୍ତ ଅଲଗା ରାନ୍ଧି ଖାଇଥାନ୍ତି ଅଚଳ ଅବସ୍ଥା ଆସିଗଲେ ଜଣେ କେହି ପୁଅ ବୁଢା ବୁଢୀଙ୍କର ଦାୟୀତ୍ୱ ବୁଝିଥାଏ । ସମାଜରେ ବୁଢାବୁଢୀଙ୍କୁ ସମସ୍ତେ ଆଦର, ସମ୍ମାନ କରନ୍ତି । ଯେଉଁ ବୁଢା ବୁଢୀ ସନ୍ତାନ ବା ନିଃସହାୟ ଘରେ ଦେଖିବାକୁ କେହିଁନାହିଁ, ସେପରି ଅବସ୍ଥାରେ ପାଳି କରି ଗାଁଲୋକ ମାନେ ଖାଇବାକୁ ଦିଅନ୍ତି ତାଙ୍କର ଭଲମନ୍ଦ କଥା ବୁଝିଥାନ୍ତି ।



ଜୁଆଙ୍ଗମାନଙ୍କ ନାସଦାନି






ଜୁଆଙ୍ଗ କାନ୍ଥ ଚିତ୍ର





ଜୁଆଙ୍ଗ ଚିତ୍ରରେ ପଶୁପକ୍ଷୀ



ଗୋନାସିକା ଜୁଆଙ୍ଗ ପୀଢ଼ିର ଜଣେ ବୃଦ୍ଧା ଜୁଆଙ୍ଗୁଣୀ



ଜୁଆଙ୍ଗ ମଜାଙ୍ଗରେ ସମବେତ ଜୁଆଙ୍ଗ ଯୁବକ




ଜୁଆଙ୍ଗ ମଜାଙ୍ଗରେ ସଂଚୟ କରି ରଖାଯାଇଥିବା
ଧାନ ଓ ଅନ୍ୟାନ୍ୟ ଜିନିଷ



ଜଣେ ଭୂୟାଁ ଘରର ନିତ୍ୟ ବ୍ୟବହାର୍ଯ୍ୟ ଆସବାବପତ୍ର
(୧୭.୦୧.୨୦୧୩)



କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତରୁ ବିପିଏଲ
ଚାଉଳ ଧରି ଜୁଆଙ୍ଗମାନେ ପାହାଡିଆ ରାସ୍ତାରେ ଘରକୁ ଫେରୁଛନ୍ତି
(ଅଗଷ୍ଟ ୨୫, ୨୦୧୩ - ଧରିତ୍ରୀ)



କେନ୍ଦୁଝର ସହରରେ ଜଙ୍ଗଲରୁ ସଂଗୃହୀତ ଛତୁକୁ ଆଦିମ ଜନଜାତି
ଜୁଆଙ୍ଗ ଓ ଭୂୟାଁ ସମ୍ପ୍ରଦାୟର ମହିଳା ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ
(୨୭ ଜୁନ୍ ୨୦୧୩ - ସମାଜ)

# ମଣ୍ଡଘର - (ମଜାଙ୍ଗ)

ଜୁଆଙ୍ଗ ଗାଁ ମଝିରେ ଥାଏ ମଣ୍ଡଘର ବା ମଜାଙ୍ଗ । ନାଚଗୀତ ନ୍ୟାୟ ନିଶାପର ମୁଖଶାଳା । ଏହା ପୁଣି ଅତିଥି ଅଭ୍ୟାଗତ ପାଇଁ ଡାକ ବଙ୍ଗଳା ଓ ପଥଭୁଲା ବାଟୋଇର ପାନ୍ଥଶାଳା । ଗାଁ ମୁଖିଆ ବା ପଧାନ ଘର ନିକଟରେ ଗୋଟିଏ ବୃହତ୍ତ ଝଙ୍କାଳିଆ ଛାୟାପ୍ରଦ ବୃକ୍ଷ ତଳେ ଏହି ମଣ୍ଡଘର ନିର୍ମିତ ହୋଇଥାଏ । ଗ୍ରାମର ସମସ୍ତ ଜୁଆଙ୍ଗମାନେ ମିଶି ଏହି ମଣ୍ଡଘରକୁ ତିଆରି କରିଥାନ୍ତି । ଗ୍ରାମର ସମସ୍ତ ଗୃହ ଅପେକ୍ଷା ଏହା ଅତି ବୃହତ୍ତ ଓ ସୁନ୍ଦର ରୂପେ ଗଠିତ ହୋଇଥାଏ । ଏହା ସମ୍ମୁଖରେ ଅତି ପ୍ରଶସ୍ତ ନୃତ୍ୟଭୂମି ଗଛ ମୂଳରେ ବସିବାକୁ ଖଣ୍ଡେ/ଦୁଇଖଣ୍ଡ ପଟା ଭାଡି ଥାଏ । ଭାଡି ନିକଟରେ ବଡ ବଡ କାଠଗଣ୍ଡି ସମସ୍ତ ଦିନ ଓ ରାତି ଗୋଟିଏ ଧୂନି ଲାଗିଥାଏ । ଏହାର କାଠ ଯୋଗାଇବା ଭାର ଧାଙ୍ଗଡା (ଅବିବାହିତ ଜୁଆଙ୍ଗ) ମାନଙ୍କ ଉପରେ ଥାଏ । ସେମାନେ କାମରୁ ଫେରିବା ସମୟରେ ପ୍ରତ୍ୟେକ ଜୁଆଙ୍ଗ ଗୋଟାଏ ଲେଖାଏଁ କାଠ ଗଣ୍ଡି କାନ୍ଧରେ ବୋହି ଆଣି ମଣ୍ଡଘର ନିକଟରେ ଥିବା ଉକ୍ତ ଗଛ ନିକଟରେ ଡେରି ଦେଇଥାନ୍ତି । ଧାଙ୍ଗଡି (ସେଲାନ) ମାନଙ୍କ ଉପରେ ମଣ୍ଡଘର ଲିପାପୁଛା କାମ ନ୍ୟସ୍ତ ଥାଏ । ତଥା ମଜାଙ୍ଗରେ ଗଚ୍ଛିତ ହୋଇ ରହିଥିବା କୋଠ ଶସ୍ୟକୁ ସେମାନେ କୁଟିକାଟି ପାଛୋଡି ସଫା ସୁତୁରା ରଖନ୍ତି । ଏହି ମଣ୍ଡଘରେ ଗାଁର ଅବିବାହିତ ଯୁବକମାନେ (କାଙ୍ଗେର) ମାନେ ଶୁଅନ୍ତି । ଏଠାରେ ସେମାନଙ୍କର ଚାଙ୍ଗୁ ବାଦ୍ୟ ସହ ବଡକାଠ ତଥା ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ରଖାଯାଇଥାଏ । ଏହି ମଣ୍ଡଘରେ ସବୁବେଳେ ଗୋଟାଏ ଧୂନି ଜଳୁଥାଏ । ଏହି ଧୂନି ଆଡକୁ ଗୋଡକରି ଧୂନିର ଚାରିପାଖେ ପଦ୍ମପତ୍ର ପରି ଜୁଆଙ୍ଗ ଯୁବକମାନେ ଶୁଅନ୍ତି । ଏହି ମଣ୍ଡଘରେ ଗୋଟାଏ ଡୋଲି ବା ପୁଡୁଗରେ ଧାନ, ମାଣ୍ଡିଆ ପ୍ରଭୃତି ଖାଦ୍ୟଶସ୍ୟ ମହଜୁଦ ହୋଇ ରହିଥାଏ । ପ୍ରତ୍ୟେକ ଜୁଆଙ୍ଗ ଯୁବକ ଫସଲ ଅମଳ କରି ଗୃହକୁ ଆଣିବା ସମୟରେ ପ୍ରଥମେ ଏହି ମଣ୍ଡଘରେ କିଛି କିଛି ଦେଇ ଯାଇଥାନ୍ତି । କେହି ଅତିଥି, ଅଭ୍ୟାଗତ ଗାଁକୁ ଆସିଲେ ଏହି ପାଣ୍ଠିରୁ ଅତିଥିମାନଙ୍କୁ ସତ୍କାର କରାଯାଇଥାଏ । ଅନ୍ୟ ଗାଁ ବା ପୀଢିରୁ ଯେତେବେଳେ ପୁଅ ଝିଅମାନେ ଏହି ଗାଁକୁ ନାଚିବାକୁ ଆସନ୍ତି, ସେତେବେଳେ ସେମାନଙ୍କୁ ମଧ୍ୟ ଏହି ମଜାଙ୍ଗ ପାଣ୍ଠିରୁ ଖାଇବାକୁ ଦିଆଯାଇଥାଏ । ଏହି ମଣ୍ଡଘରେ ବା ମଜାଙ୍ଗରେ ଖଣ୍ଡେ ଖଣ୍ଡେ ଖଜୁରି ପଟି ପକାଇ ମୁଣ୍ଡତଳେ କାଠରେ ତିଆରି ହୋଇଥିବା ଖଣ୍ଡେ ଖଣ୍ଡେ

କାଠପିଢ଼ାକୁ ତକିଆ ଭାବରେ ବ୍ୟବହାର କରି କାଙ୍ଗେର ମାନେ ଶୁଅନ୍ତି ।

ଏହି ମଣ୍ଡଘର ସାମ୍ନାରେ ଗ୍ରାମଶିରୀ ବା ଗ୍ରାମ ଦେବତୀଙ୍କୁ ପ୍ରତିଷ୍ଠା କରାଯାଇଥାଏ । ଗ୍ରାମ ଦେବତୀ ବୋଇଲେ ଗୋଟାଏ ବଡ ତରାଟ ଗଛ ବା ଟଗର ଗଛ ମୁଳେ ଗୋଟଏ ବଡ ପଥର ଓ ଅନ୍ୟାନ୍ୟ ଠାକୁରଙ୍କ ପାଇଁ ଛୋଟ ବଡ ଅନେକ ଗୁଡିଏ ପଥର ସଜା ହୋଇ ରହିଥାଏ । ମଣ୍ଡଘରେ ସାଧାରଣତଃ କବାଟ ଝରକା ନଥାଏ । ଏହାର ତିନିପଟେ ମାଟିର କାନ୍ଥ ଦିଆ ଯାଇଥାଏ । ସାମ୍ନା ପଟ ଖୋଲାଥାଏ ଏବଂ ଏକ ଉଚ୍ଚ ଅଥଚ ପ୍ରଶସ୍ତ ବାରଣ୍ଡା ଥାଏ । ଗୋଟିଏ ଗୋଟାଏ ମଣ୍ଡଘର କାନ୍ଥ ନାଲି ବା ଧଳା ମାଟିରେ ଲିପାଯାଇ ତାଙ୍କର ପାରମ୍ପରିକ ଚିତା ବା ହରିଣ, ହାତୀ, ପ୍ରଭୃତି ପଶୁଙ୍କ ଚିତ୍ର ସହିତ ପକ୍ଷୀମାନଙ୍କର ଚିତ୍ର ମଧ୍ୟ ଅଙ୍କା ଯାଇଥାଏ । ମଣ୍ଡଘରର ବାହାର ପଟ କାନ୍ଥ ଉପରି ଭାଗ ନାଲିମାଟି ଓ ତଳଭାଗ କଳାମାଟିରେ ଲିପାଯାଇଥାଏ । ଜୁଆଙ୍ଗ ମାନେ ମଣ୍ଡଘର ଭିତରେ ଚାଙ୍ଗୁ ଓ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ସହିତ ଧନୁ, ତୀର ବାଲା ଇତ୍ୟାଦି ଅସ୍ତ୍ରଶସ୍ତ୍ର ମଧ୍ୟ ରଖିଥାନ୍ତି । ତତସହିତ ଶୁଖିଲା ମକା, ଝୁଡଙ୍ଗ ଇତ୍ୟାଦି ମଧ୍ୟ ବିହନ ଆକାରରେ ସାଇତି ରଖିଥାନ୍ତି ।

ଶୋଇବା ବ୍ୟତୀତ ଅନ୍ୟ ସମୟରେ ଗ୍ରାମର ଲୋକମାନେ ଏଠାରେ ବସାଉଠା କରନ୍ତି । ଗାଁର ନ୍ୟାୟ, ନିଶାପ, ସଭା, ସମିତି ଏହି ମଣ୍ଡଘର ସାମ୍ନାରେ ଅନୁଷ୍ଠିତ ହୋଇଥାଏ । ମଣ୍ଡଘରର ସଭ୍ୟମାନଙ୍କ ଭିତରେ ଜଣକୁ ନେତା ଭାବରେ ବଛାଯାଏ, ତାର କଥା ମାନି ଅନ୍ୟମାନେ ସବୁକାମ କରନ୍ତି । ଜଣେ ନୂଆ ସଭ୍ୟ ହେଲେ ସେ ନେତା ଓ ଅନ୍ୟ ସଭ୍ୟମାନଙ୍କୁ ଗୋଟାଏ ଭୋଜି ଦେଇଥାଏ । ସେହି ପରି ଜଣେ ଯୁବକ ବିବାହ ପରେ ମଣ୍ଡଘର ଛାଡିଥାଏ । ମଣ୍ଡଘର ଛାଡିବା ପୂର୍ବରୁ ସେ ସମସ୍ତ ସଭ୍ୟଙ୍କୁ କୁକୁଡା ମାରି ଗୋଟାଏ ଭୋଜି ଦେଇଥାଏ । ଏହି ଭୋଜି ନ ଦେଲା ପର୍ଯ୍ୟନ୍ତ ଏହି କାଙ୍ଗେର ଜଣକ ମଣ୍ଡଘରେ ହିଁ ଶୋଇଥାଏ ।

ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଏହି ମଣ୍ଡଘର ସମ୍ମୁଖରେ କାଙ୍ଗେର/ ସେଲାନ ମାନେ ଏକତ୍ର ହୋଇ ନାଚଗୀତରେ ମସଗୁଲ ରହନ୍ତି । ଏହି ନାଚ, ଗୀତ, ମଧ୍ୟରେ ଅନ୍ୟ ପୀଢିରୁ ବା ବନ୍ଧୁଗାଁରୁ ଆସିଥିବା ପୁଅଝିଅ ପରସ୍ପର ପ୍ରତି ଆକର୍ଷିତ ହୋଇ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି । ଆହୁରି ମଧ୍ୟ ଅଖଣ୍ଡ ଶିକାର ବା ଅଖାଣ୍ଡ ପାରଧି ସମୟରେ ସମସ୍ତ ଜୁଆଙ୍ଗ ଏହି ମଣ୍ଡଘରେ ଏକତ୍ରିତ ହୋଇ ଗାଁ ଶୀରୀ ଠାକୁରାଣୀଙ୍କୁ

ପୂଜା ବଳୀ ଦେଇ ଶିକାରକୁ ଯାଇଥାନ୍ତି । ଶିକାର କରି ଯାହା ବି ଜୀବଜନ୍ତୁ ଆଣନ୍ତି, ସମସ୍ତେ ଏହି ମଣ୍ଡଘରେ କଟା ବଛା କରି ଭାଗ କରି ମାଂସ ନେଇଯାଇଥାନ୍ତି । ଏହି ସବୁ କଥାକୁ ବିଚାର କରି ଦେଖାଯାଏ ଯେ, ମଣ୍ଡଘର ହେଉଛି ଜୁଆଙ୍ଗ ମାନଙ୍କର ଏକ ସାମାଜିକ ଅନୁଷ୍ଠାନ ।

## ଜୁଆଙ୍ଗ ଜାତିରେ ଜନ୍ମ ସଂସ୍କାରବିଧି -

ଜୁଆଁଙ୍ଗ ଜାତିର ପ୍ରଥା ଅନୁସାରେ ଶିଶୁ ଜନ୍ମ ହେବା ପୂର୍ବରୁ ଗର୍ଭବତୀ ସ୍ତ୍ରୀକୁ କେତେକ ଆଚାର ବିଧି ପାଳନ କରିବାକୁ ପଡିଥାଏ । ପ୍ରଚଳିତ ନିୟମାନୁସାରେ ଗୃହକାର୍ଯ୍ୟ, ଶାରୀରିକ ପରିଶ୍ରମ କରିବା ପାଇଁ ବାରଣ ଥିଲେ ମଧ୍ୟ ଗର୍ଭବତୀ ମହିଳାକୁ ବଣ, ଜଙ୍ଗଲ, ପାହାଡ ପର୍ବତକୁ ଯିବାକୁ ବାରଣ ଥାଏ । ତାର କାରଣ ଜୁଆଙ୍ଗ ମାନଙ୍କର ବିଶ୍ୱାସ ଯେ, ଏହି ସବୁ ସ୍ଥାନ ମାନଙ୍କରେ ଭୂତ, ପ୍ରେତ ବାସ କରିଥାନ୍ତି, ଯଦ୍ୱାରା କି ଗର୍ଭବତୀ ସ୍ତ୍ରୀ ସେଠାକୁ ଗଲେ ତାର ଅମଙ୍ଗଳ ହେବ ।

ଶିଶୁ ଜନ୍ମ ହେବାର କିଛି ଦିନ ପୂର୍ବରୁ ଗର୍ଭବତୀ ଜୁଆଙ୍ଗ ସ୍ତ୍ରୀକୁ ଏକ ସ୍ୱତନ୍ତ୍ର କୋଠରୀରେ ରହିବାକୁ ପଡିଥାଏ । ଏହି ସମୟରେ ସେହି ସ୍ତ୍ରୀ ଲୋକ ପାଖକୁ କେହି ଯାଆନ୍ତି ନାହିଁ । କେବଳ ଜଣେ ବୟସ୍କା ସ୍ତ୍ରୀ ଲୋକ ତାର ଭଲ ମନ୍ଦ ଖାଇବା ପିଇବା କଥା ବୁଝାସୁଝା କରିଥାଏ । ଉକ୍ତ ଗର୍ଭବତୀ ସ୍ତ୍ରୀ ଲୋକ ପାଖରେ ଏକ ବର୍ତ୍ତୁଳାକାର ପଥର ବା କାଠ ପିଢ଼ା ରଖାଯାଇଥାଏ । ପାଖରେ ନିଆଁ ଜଳାଇ ରଖାଯାଇଥାଏ । ସାଧାରଣତଃ ଶିଶୁଟିଏ ସୁରୁଖୁରୁରେ ଜନ୍ମଲାଭ କରିଥାଏ । କୌଣସି କାରଣରୁ ଯଦି ଶିଶୁଟି ଜନ୍ମ ସମୟରେ ମା'କୁ କଷ୍ଟହୁଏ, ବା କୌଣସି ଅସୁବିଧା ଉପୁଜେ, ତେବେ ଜୁଆଙ୍ଗ ମାନଙ୍କର ବିଶ୍ୱାସ ଯେ, ଏହା କୌଣସି ଭୂତ, ପ୍ରେତ, ବା ଗୁଣି ଗାରେଡି ବା ନିୟମ ଉଲଂଘନ କରିଥିବାର ଫଳ । ଗର୍ଭ କଷ୍ଟରୁ ମୁକ୍ତି ପାଇଁ ଜୁଆଙ୍ଗମାନେ ଗାଁରେ ଥିବା ରାଉଳିଆ ବା ଦେହୁରୀକୁ ଡଙ୍ଗର ପଠାଇଥାନ୍ତି । ରାଉଳିଆ ଆସିଲେ ମଣ୍ଡଘର ସମ୍ମୁଖରେ ଥିବା ଗାଁ ଶିରୀ ଠାକୁରାଣୀକୁ କିଛି ପୂଜା କରନ୍ତି । ଦରକାର ପଡିଲେ କୁକୁଡା ବଳୀ ମଧ୍ୟ ଦିଅନ୍ତି । ତାପରେ ଗ୍ରାମ ଠାକୁରାଣୀକୁ (ଗାଁ ଶିରୀ)ଙ୍କୁ ଧୋଇ ସେହି ଧୂଆ ପାଣିକୁ ଗର୍ଭବତୀ ମହିଳାକୁ ପିଆଇ ଦିଆଯାଏ । ଅତି ଦରକାର ପଡିଲେ ଗର୍ଭବତୀର ସ୍ୱାମୀକୁ ଏକ ବର ଓହଳକୁ ଏକ ନିଶ୍ୱାସରେ ଛିଣ୍ଡାଇ ଆଣିବାକୁ କୁହାଯାଏ । ସେହି ବରଓହଳିକୁ ବାଟି କଷ୍ଟ ପାଉଥିବା ମହିଳାକୁ ଦିଆଯାଏ । ଶିଶୁଟି ଜନ୍ମ ହେବା

ପରେ ଯଦି ଫୁଲଟି ଶୀଘ୍ର ନପଡେ, ତାହେଲେ ରାଉଳିଆ ପିତାଆଳୁର ମୂଳକୁ ବାଟି ମାକୁ ପିଇବାକୁ ଦେଇଥାଏ । ଦରକାର ପଡିଲେ ପାଖରେ ଥିବା ବୟସ୍କା ମହିଳା ଜଣକ ନାଡିକୁ ଧରି ଧୀରେ ଧୀରେ ଟାଣି ଆଣନ୍ତି । ଯଦି ପୁଅ ଜନ୍ମ ହୋଇଥାଏ, ତାହେଲେ ନାହିଁର ନାଡ ତୀରରେ କଟା ଯାଇଥାଏ । ଅନ୍ୟଥା ଝିଅ ହୋଇଥିଲେ ଛୁରୀରେ ନାଡ କଟାଯାଏ । ଝିଅ ହେଉ କି ପୁଅ ହେଉ ସମସ୍ତ ଖୁସି ହୋଇଥାନ୍ତି । ଫୁଲଟିକୁ ଗୋଟାଏ ଶିଆଳି ପତ୍ରରେ ଠେଲାରେ ରଖି ଘର ପଛପଟେ ପୋତି ଦିଆଯାଏ । ନଚେତ୍ ବେଳେବେଳେ ଯେଉଁ ଘରେ ବା ଜାଗାରେ ଶିଶୁଟି ଜନ୍ମ ହୋଇଥାଏ, ସେହିପାଖରେ ଗୋଟିଏ ଗାତ ଖୋଳି ଫୁଲଟିକୁ ପୋତି ଦିଅନ୍ତି ଏବଂ ଜାଗାଟିକୁ ନାଲି ମାଟିରେ ଲିପି ପକାନ୍ତି ।

ଶିଶୁଟି ଜନ୍ମ ହେବାପରେ ସେହି ଘରେ ଜଳୁଥିବା ଏନ୍ତୁଡି ନିଆଁରେ ଶିଶୁ ଓ ମା'କୁ ସାତ ଦିନ ଯାଏ ସେକ ଦିଆଯାଏ । ମା'କୁ ସବୁବେଳେ ଗରମ ଓ ସିଝା ଖାଦ୍ୟ ପରଷା ଯାଏ । ୭ ଦିନ ଭିତରେ ଶିଶୁର ନାହି ଶୁଖି ଝଡି ପଡିଲେ ତାକୁ ନେଇ ସେହି ଘରର ଛାଳରେ ଖୋସି ଦିଅନ୍ତି । ଛାଳରେ ଖୋସିବା ସମୟରେ ଏ ଘରେ ବହୁତ ପିଲା ଜନ୍ମ ହୁଅନ୍ତି ବୋଲି ଖୋସିବା ଲୋକଟି କହିଥାଏ ।

ସାତ ଦିନପରେ ଉଠିଆରୀ ଉଠିଲେ, ସେ ଘରକୁ ଭଲ ଭାବରେ ସଫା ସୁତୁରା ଓ ଲିପା ପୋଛା କରାଯାଏ । ମା' ଓ ଶିଶୁକୁ ଗରମ ପାଣିରେ ଗାଧୋଇ ଭଲ ଭାବରେ ପୋଛି ଦିଆଯାଏ । ମ୍ାଁ ହିଁ ନିଜେ ଶିଶୁର ସବୁ କାର୍ଯ୍ୟ କରିଥାଏ । ତତପରେ ତାକୁ କିଛି ଗରମ ଚେରମୂଳି ଖାଇବାକୁ ଦିଆଯାଇଥାଏ । ଉକ୍ତ ଦିନ ଶିଶୁଟିର ନାମକରଣ କରାଯାଏ । ଶିଶୁର ପିତାଙ୍କ ବଂଶରେ ଥିବା କୌଣସି ପୂର୍ବ ପୁରୁଷଙ୍କ ନାମ ଦିଆଯାଇଥାଏ । ନାମକରଣ ବେଳେ ଯଦି ଶିଶୁଟି କାନ୍ଦେ, ତେବେ ଦେହୁରୀକୁ ଡକାଇ ଗାଁ ଶିରିଙ୍କ ନିକଟରେ ପୂଜା କରାଯାଏ ଏବଂ ସେହି ନାମକୁ ବଦଳାଇ ଦିଆଯାଏ । ଜଣେ ବୟସ୍କ ମହିଳା ଉକ୍ତ ନାମକରଣ ଉତ୍ସବରେ ମୁଖ୍ୟ ପୁରୋଧା ଭାବରେ କାର୍ଯ୍ୟ କରନ୍ତି । ମହିଳା ଜଣକ ଗୋଟାଏ ନାମ ଉଚ୍ଚାରଣ କରି ପାଖରେ ରଖା ହୋଇଥିବା ପାଣି ପାତ୍ରରେ ଚାଉଳଟିଏ ପକାନ୍ତି, ଯେଉଁ ନାମ ଉଚ୍ଚାରଣ ପରେ ପାଣିରେ ପକାଇଯାଇଥିବା ଚାଉଳ ଭାସିଯାଏ, ସେହି ନାମ ଅନୁସାରେ ଶିଶୁଟିର ନାମ ରଖାଯାଏ ।

ଶିଶୁଟିଏ ଜନ୍ମହେବା ପରେ ତାକୁ କେବଳ ମା' କ୍ଷୀର ଖାଇବାକୁ ଦିଆଯାଏ । ସାଧାରଣତଃ ଏକବର୍ଷ ପର୍ଯ୍ୟନ୍ତ ଶିଶୁଟିକୁ ମା କ୍ଷୀର ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ଦିଆଯାଏ ନାହିଁ । ତେବେ ଗାଇ କ୍ଷୀରରେ ସମ ପରିମାଣର ପାଣି ମିଶେଇ ଶିଶୁଟକୁ ପିଇବାକୁ ଦିଆଯାଇଥାଏ ।

ଜୁଆଙ୍ଗ ସମାଜରେ କନ୍ୟାଟିଏ ପ୍ରଥମ ଋତୁମତୀ ହେଲେ ବା ବୟଃପ୍ରାପ୍ତ ହେଲେ, ତାକୁ କେତେକ ବିଧିବିଧାନ ମାନିବାକୁ ପଡେ । ବିଧି ଅନୁସାରେ ଋତୁମତୀ କନ୍ୟା ଅଶୌଚ ବୋଲି ଧରାଯାଏ । ସେଥିପାଇଁ ସାତଦିନ ଯାଏ ରଜବତୀ କନ୍ୟାକୁ ଘରର ଗୋଟାଏ କୋଣରେ ରହିବାକୁ ପଡେ । ଜୁଆଙ୍ଗ ନୀତି ନିୟମାନୁସାରେ ଋତୁମତୀ କନ୍ୟାକୁ ରୋଷେଇ ବାସ ଆଦି ଗୃହକାର୍ଯ୍ୟ କରିବା ପାଇଁ ଅଥବା ଧାର୍ମିକ ଉତ୍ସବାଦିରେ ଯୋଗଦେବା ପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଥାଏ । ସାତଦିନ ପରେ ଅଶୌଚ ଜୁଆଙ୍ଗ ଯୁବତୀ ଅତି ପ୍ରାତଃ କାଳରୁ ଦେହରେ ହଳଦୀ, ଅଁଳାଗୁଣ୍ଡ ଲଗାଇ ସ୍ନାନ କଲାପରେ, ନୂଆ ଲୁଗା ପରିଧାନ କରିଥାଏ । ଏଥିପାଇଁ କନ୍ୟାର ପିତାକୁ ଜୁଆଙ୍ଗ ପୀଢିର ସାହିଭାଇଙ୍କୁ ଭୋଜିଭାତ ଅଥବା ମଦ/ହାଣ୍ଡିଆ ଦେଇ ଆପ୍ୟାୟିତ କରିବାକୁ ପଡ଼ିଥାଏ ।

# ଜୁଆଙ୍ଗ ଜାତିରେ ବିବାହ ପ୍ରଥା

ବିବାହ ସଂସ୍କୃତିର ଏକ ବିଶିଷ୍ଟ ଅଙ୍ଗ । ପ୍ରତ୍ୟେକ ଆଦିବାସୀ ସମ୍ପ୍ରଦାୟରେ ବିବାହ ଏକ ଆକର୍ଷଣୀୟ ଉତ୍ସବ ଭାବେ ପାଳନ କରାଯାଇଥାଏ । ବିବାହ ଦୃଷ୍ଟିରୁ ଜୁଆଙ୍ଗ ମାନଙ୍କର ଦୁଇ ପ୍ରକାର ଗ୍ରାମକୁ ବିଚାର କରାଯାଇପାରେ । ରକ୍ତ ସମ୍ପର୍କ ରହିଥିବା କୁଟୁମ୍ବ ଗାଁ ଓ ଅନ୍ୟମାନଙ୍କୁ ବନ୍ଧୁଗାଁ ବୋଲି ଗ୍ରହଣ କରାଯାଇଥାଏ । କୁଟୁମ୍ବ ମଧ୍ୟରେ ଏକ ବଂଶର ବୋଲି ଗ୍ରହଣ କରାଯାଇ ବିବାହ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥାଏ । ବିବାହ କେବଳ ବନ୍ଧୁଗାଁ ସହିତ ଚଳେ ।

ନାରୀ କିମ୍ବା ପୁରୁଷ ବୟଃ ପ୍ରାପ୍ତ ନହେଲେ ବିବାହ ବିଷୟରେ କୌଣସି କଥା ଉତଥାପିତ ହୁଏ ନାହିଁ । ଜୁଆଙ୍ଗ ମାନଙ୍କ ଜୀବନରେ ଗୁରୁତ୍ୱପୁର୍ଣ୍ଣ ଅବସ୍ଥା ହେଉଛି ବିବାହ । ଏମାନଙ୍କ ସମାଜରେ ମଧ୍ୟ ଭୂୟାଁ ମାନଙ୍କ ପରି ବିଭିନ୍ନ ପ୍ରକାରର ବିବାହ ସମ୍ପନ୍ନ ହୋଇଥାଏ । ହେଲେ ଜୁଆଙ୍ଗ ମାନଙ୍କର ନିତି ନିୟମ ଅନ୍ୟ ସମାଜ ଠାରୁ ସମ୍ପୁର୍ଣ୍ଣ ଭିନ୍ନ ହୋଇ ଥିଲେ ମଧ୍ୟ ବିବାହ ପ୍ରଥା ଅନ୍ୟ ଆଦିବାସୀ ସମାଜ ସହିତ ପ୍ରାୟ ସମାନ କହିଲେ ଅତ୍ୟୁକ୍ତି ହେବନାହି । ଏ ବିଷୟରେ Adivasi Vol.XXVIII No.2 June 1988 ରେ Jagannath Dash ଲେଖିଯାଇଛନ୍ତି । Marriage is nothing but an Institution that establishes a kinship relation between two groups of people, one as the bridge giving group and the other as the bride receiving group. In the way it promotes the affinal kinship relation.

In the Juang Marriage ceremony, it is the groom's Party, Who bears all the expenditures towards marriage for bride price, ceremonial feast etc. But bride's party is less concerned about such expenditures. All the bride's villagers come with her to the groom's and enjoy the feast there. Therefore the burden of duty and expenditure is more for the groom's father. Generally they Invite kinsmen who come to the groom's marriage and donate him some amount of rice, goat or hen as presentations. Besides all these the groom also gets help from his patrilocality kind within the lineage.

In the marriage ceremony the members of the local descent group such as hangers and Bhendias help in change beating and inspiring the ceremony. In the feast they equally help the grooms family to serve food items to the villagers of the birds and treat them well in order to keep up their village prestige.

On the first day after the marriage ceremony nagam helps to offer Juri or drink to forefathers. Then from among the members of the local descent group, only kutumb members perform the kadalata ceremony according to their moiety divisions. Thus with the cooperation of all the kin members, the marriage ceremony is smoothly operated strengthening the interrelationship among kind and different kin groups.

ଜୁଆଙ୍ଗ ସମାଜରେ କେହି ଯୁବକ ବା ଯୁବତୀ ବିବାହ ପାଇଁ ଚେଷ୍ଟାକଲେ ତାହାର ପିତାମାତା କିମ୍ବା ଆତ୍ମୀୟ ବର୍ଗ କୌଣସି ବାଧା ଦିଅନ୍ତି ନାହିଁ । ବର ଆବଶ୍ୟକ ସ୍ଥଳେ ନାନା ପରାମର୍ଶ ଦିଅନ୍ତି । ଗୋଟିଏ ପୀଢିରେ ବାସ କରୁଥିବା ସମସ୍ତ ଜୁଆଙ୍ଗମାନେ ଏକ ଗୋତ୍ର ହୋଇଥିବାରୁ ଗ୍ରାମ ମଧ୍ୟରେ ବିବାହ ସମ୍ପୂର୍ଣ୍ଣ ନିଷେଧ ହୋଇଥାଏ । ଅପର ଗ୍ରାମରେ ବା ପୀଢିରେ ବସବାସ କରୁଥିବା ଜୁଆଙ୍ଗ ପରିବାର ସହିତ ବୈବାହିକ ସମ୍ବନ୍ଧ ସ୍ଥାପିତ ହୋଇଥାଏ । ଜୁଆଙ୍ଗ ସମାଜରେ ମଧ୍ୟ ଅନ୍ୟ ଆଦିବାସୀଙ୍କ ପରି ଝିଙ୍କି ଆଣି, ମନା ମନି ବା ଭଲପାଇ, ଚୋରି କରିଆଣି, ଘରଜ୍ୱାଇଁ, ବା କଣ୍ଡରିଆ ଓ ବିଧବା ବିବାହ ପ୍ରଥା ପ୍ରଚଳିତ ଅଛି । ଏକ ପତ୍ନୀ ବିବାହ ଓ ବିଧବା ବିବାହ ଜୁଆଙ୍ଗ ସମାଜରେ ପ୍ରଚଳିତ ।

ଜୁଆଙ୍ଗ ସମାଜରେ ଦେଖାଯାଉଥିବା ବିବାହ ପ୍ରଥା ଗୁଡିକ ହେଲା, ଯଥା- କଣ୍ଡରିଆ (ମଧ୍ୟସ୍ଥି) ବିବାହ- ଜୁଆଙ୍ଗ ସମାଜରେ ଏହି ବିବାହ ବହୁ କାଳଧରି ସର୍ବ ସମ୍ମତି କ୍ରମେ ପ୍ରଚଳିତ ହୋଇ ଆସୁଅଛି । ପୁଅଟିର ବିବାହ ବୟସ ହୋଇଗଲେ ଘରେ ଏବଂ ଗ୍ରାମର ଅନ୍ୟଗୁରୁଜନ ମାନେ ପୁଅ ପାଇଁ କେଉଁ ପୀଢ଼ିରୁ ଝିଅ ଆସିବ, ସେ ବିଷୟରେ ବସି ଆଲୋଚନା କରନ୍ତି । ତତପରେ କଣ୍ଡରିଆ ବା ମଧ୍ୟସ୍ଥି ଡକାଯାଇ ବିବାହ ସମ୍ବନ୍ଧରେ ଆଲୋଚନା ହୁଏ । ଝିଅ ଠିକ୍‌ଠାକ୍ ହେଲାପରେ ପୁଅ ଝିଅର ଭଲ ପଡିବ କି ନାହିଁ ତାହା ଜାଣିବା ପାଇଁ ଗ୍ରାମର ମୁଖିଆ ବା ଯେ କୌଣସି ଗୁରୁଜନଙ୍କ

ଘରେ ଭଞ୍ଜ ରଖାଯାଏ । ସେହି ଘରକୁ ଗୋବରରେ ଲିପି ପରିଷ୍କାର କରାଯାଏ । ସେହି ଘରେ ଶୁଭ ସ୍ଥାନରେ ତିଳଯାଡା ଲେଖାଏଁ ଧାନ ରଖାଯାଇ ଧାନ ଚାରିପଟେ ହଳଦୀ ଗୁଣ୍ଡରେ ଏକ ବଳୟ ଦିଆଯାଇଥାଏ । ଏହା ଉପରେ ଗୋଟିଏ ପିତଳ ପାହି ଘୋଡାଇ ଦିଆଯାଇଥାଏ । ତା ଚାରିପଟେ ଗୋବର ଲେସି ବନ୍ଦ କରିଦିଆଯାଏ । ଯଦ୍ୱାରାକି ତା ଭିତରକୁ ଜନ୍ଦାକି ପିମ୍ପୁଡି ଯେପରି ଯାଇ ନ ପାରିବେ । ଏହା ଉପରେ ଆଉ ଏକ ନୂଆ ହାଣ୍ଡି ଘୋଡାଇ ଦିଆଯାଏ । ଏହାକୁ ଭଞ୍ଜ ବସିବା କୁହାଯାଏ ।

ତା ପରଦିନ ସେହି ଲୋକମାନେ ଆସି ହାଣ୍ଡି ଉଠାଇ ଭଞ୍ଜି କୁ ଦେଖନ୍ତି । ଯଦି ଧାନ ଯୋଡା ପୂର୍ବ ପରି ରହିଥାଏ ତ ପୁଅ ଝିଅ ଭଲରେ ଚଳିବେ ବୋଲି ବିଶ୍ୱାସ କରାଯାଏ । ଯଦି ଧାନ ଯୋଡା ଏପଟ ସେପଟ ବା ଅଲଗା ଅଲଗା ହୋଇଯାଇଥାଏ ତାହେଲେ ସେହି ଜାଗାରେ ବିଭାଘର ମନା କରି ଅନ୍ୟ ଗାଁରେ ଝିଅ ଦେଖାଯାଇଥାଏ । ଯଦି ଧାନ ଯୋଡାଗୁଡିକ ମିଶିଯାଇ ଗୋଟିଏ ଧାନ କେଣ୍ଡା ପରି ଦିଶୁଥାଏ, ତାହେଲେ ଝିଅ ସହିତ ପୁଅର ରାଜ ଯୋଟକ ପଡିଛି ବୋଲି ଜୁଆଙ୍ଗମାନେ ବିଶ୍ୱାସ କରନ୍ତି । ଏହାପରେ ପୁଅ ଝିଅ ପରୋକ୍ଷ ଭାବରେ କୌଣସି ହାଟରେ ବା ପୂଜା ପର୍ବପର୍ବାଣୀରେ ପରସ୍ପରକୁ ଦେଖାଦେଖି ହୁଅନ୍ତି । ପୁଅ/ଝିଅ ଉଭୟ ରାଜି ହେଲେ କେତେଜଣ ବୟସ୍କ ବ୍ୟକ୍ତି କନ୍ୟା ଗ୍ରାମକୁ ଯାଇ କନ୍ୟା ଗୃହର ଦ୍ୱାରଦେଶରେ ଗୋଟିଏ ଠେଙ୍ଗା ଡେରି ଦେଇ ମଣ୍ଡଘରେ (ମଜାଙ୍ଗ)ରେ ଆସି ବସନ୍ତି । ସାଙ୍ଗରେ ନେଇଥିବା ଖାଦ୍ୟ ସାମଗ୍ରୀ ସଜାଡି ସେଠାରେ ରୋଷେଇ ଆରମ୍ଭ କରନ୍ତି । ଏହି ଖବର ଝିଅ ଗାଁର ଲୋକମାନେ ଝିଅଘରେ କୁହନ୍ତି । ଝିଅର ବାପା ମଣ୍ଡ ଘରକୁ ଆସି କଣ୍ଡରିଆ ମାନଙ୍କ ସହିତ କଥାବାର୍ତ୍ତା କରନ୍ତି ତତସହିତ କଣ୍ଡରିଆ ମାନେ ମଧ୍ୟ ପଥ ମଧ୍ୟରେ ଦେଖିଥିବା ଶକୁନ ବିଷୟରେ ଆଲୋଚନା କରିଥାନ୍ତି । ସମ୍ପର୍କ ସ୍ଥିର ହେବାପରେ କୌଣସି ଗୋଟିଏ ଦିନ ବରପକ୍ଷର ଦୁଇ ତିନିଜଣ ବୟସ୍କ ଲୋକ ପୁଣିଥରେ କନ୍ୟାଗ୍ରାମକୁ ଯାଇ ଗ୍ରାମ ଶ୍ରୀ ଙ୍କ ପାଖରେ ଭୋଗ, ବଳୀ ଦିଅନ୍ତି ଓ କନ୍ୟା ଗୃହର ମୂରବି ମାନଙ୍କ ସହିତ ବସି ଦିନଧାର୍ଯ୍ୟ କରନ୍ତି ।

**ଝିଅ ଆଣିବା ଦିନ-** ଧାନ, ଲୁଗା, ମଦ, କୁକୁଡା, ଚାଉଳ ଧରି ଚାରି ପାଞ୍ଚ ଜଣ କଣ୍ଡରିଆ ଯାଇଥାନ୍ତି । ସେମାନେ ମଣ୍ଡଘରେ ନରହି ସିଧା ଝିଅଘର ସାମ୍ନାରେ ଯାଇ ବସନ୍ତି । ସେଠାରେ ନିଜେ ରନ୍ଧାବନ୍ଧି କାର୍ଯ୍ୟ ଆରମ୍ଭ କରନ୍ତି । ସେହି ସମୟରେ

ଝିଅ ଘରେ ଝିଅ ତଥା ଝିଅର ସାଙ୍ଗସାଥୀ ମାନଙ୍କପାଇଁ ରୋଷେଇ କାର୍ଯ୍ୟ ଆରମ୍ଭ ହୁଏ । ଏହାପରେ ଝିଅକୁ ନୂଆ ଲୁଗା ପିନ୍ଧେଇ ତାର ସାଙ୍ଗମାନେ ବାହାରକୁ ଆଣନ୍ତି । ଗ୍ରାମର ମୁଖିଆ ଝିଅ ହାତକୁ ଧରି କଣ୍ଡରିଆଙ୍କ ହାତରେ ବାହାରକୁ ଆଣନ୍ତି । ଗ୍ରାମର ମୁଖିଆ ଝିଅ ହାତକୁ ଧରି କଣ୍ଡରିଆଙ୍କ ହାତରେ ଧରାଇ ଦିଏ । ଝିଅକୁ ଧରି କଣ୍ଡରିଆମାନେ ନିଜ ଗ୍ରାମକୁ ଫେରି ଆସନ୍ତି ।

କନ୍ୟାକୁ ଛାଡିବା ପାଇଁ କନ୍ୟା ଗ୍ରାମରୁ ବୁଢା/ବୁଢୀ/ଯୁବକ/ଯୁବତୀ ତଥା ଝିଅର ଭାଇ ଓ ଅନ୍ୟ କେତେକ ନିଜଲୋକ ଝିଅ ସହିତ ପୁଅ ଗାଁଆକୁ ଆସିଥାନ୍ତି । ବରଘର ପକ୍ଷରୁ ସେମାନଙ୍କୁ ଗାଁ ମୁଣ୍ଡରେ ସ୍ୱାଗତ କରାଯାଏ ତଥା ଜଣେ କଣ୍ଡରିଆ ପୁଅ ଘରକୁ ଯାଇ କନ୍ୟା ଆସିଲାଣି ବୋଲି ଖବର ଦିଏ । ଏହାପରେ ପୁଅ ଘରର ଲୋକେ ନିୟମ ମୁତାବକ ହଳଦୀ ପାଣି, ଋଉଳ ଇତ୍ୟାଦି ଧରି କନ୍ୟାକୁ ପାଛୋଟି ଆଣିବାକୁ ଗୀତ ବୋଲି ବାଜା ବଜାଇ ବରକୁ ଧରି ଆସନ୍ତି । ତାପରେ ବରକନ୍ୟା ଉଭୟଙ୍କ ଗାଁ ଭିତରକୁ ଅଣାଯାଏ । ଘରର ଦ୍ୱାର ଦେଶରେ ବନ୍ଦାପନା କରାଯାଇ ନୂଆ ଲୁଗା ଉପରେ ଧରି ବରକନ୍ୟାକୁ ଘର ଭିତରକୁ ଅଣାଯାଏ । ନୂଆ ପଟିଆରେ ବସାଇ ବରଘରର ଲୋକମାନେ ଉଭୟଙ୍କୁ ପୁଣିଥରେ ବନ୍ଦାପନା କରନ୍ତି । ଏପଟେ କନ୍ୟାଘର ଗାଁରୁ ଆସିଥିବା ଲୋକମାନଙ୍କୁ ଦାଣ୍ଡ ଅଗଣାରେ ପଟି ବା ପଟିଆ ପକାଇ ବସାନ୍ତି । କନ୍ୟା ଘରୁ ଆସିଥିବା ପିଠାକୁ ଖଣ୍ଡ ଖଣ୍ଡ କରି କଟାଯାଏ । କୁକୁଡାକୁ ମାରି ରୋଷେଇ କରାଯାଇ ଠାକୁରଙ୍କୁ ଭୋଗ ଲଗାଯାଇ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ଟିକିଏ ଟିକିଏ କରି ବାଣ୍ଟି ଦିଆଯାଇ, ତତସହିତ ପିଇବାକୁ ମହୁଲି ମଦ ଦିଆଯାଏ । ଏହାକୁ "ଚରର ଆଲାଗ" ବା "ଝରି" କୁହାଯାଏ । ଏହାପରେ ଗ୍ରାମରେ ଋଙ୍ଗୁ ନାଚ ହୁଏ । ଗ୍ରାମର ନାଗମ (ଦେହୁରୀ) ଋଙ୍ଗୁ ନାଚରେ ଘୋଷଣା କରନ୍ତି । ଉଭୟ ଗ୍ରାମର (ବର/କନ୍ୟା) ଲୋକମାନେ ମିଶି ହଳଦୀ ପାଣି ବୋଳାବୋଳି ହୋଇ ଋଙ୍ଗୁନାଚ କରନ୍ତି । ସେଦିନ ରାତିରେ କନ୍ୟା ବରଘରେ ଖାଏନାହିଁ । ସାଙ୍ଗରେ ନେଉଥିବା ପିଠା ଓ ଲାଉ ତୁମ୍ବାରେ ଆଣିଥିବା ପାଣିପିଇ ଶାଶୁଘରେ ରହେ ।

ତହି ପରଦିନ କନ୍ୟା ପକ୍ଷର ଜଣେ ମହିଳାକୁ ଛାଡ଼ି ଅନ୍ୟ ସମସ୍ତେ ଭାତ, ମାଂସ, ଖାଇ କନ୍ୟା ମୂଲଧରି ନିଜ ଗ୍ରାମକୁ ଫେରନ୍ତି । ପୁଅ ଘରର ପରିସ୍ଥିତି ନେଇ ଝିଅ ଘରକୁ 'କନ୍ୟାମୂଲ' ଦିଆଯାଇଥାଏ । କନ୍ୟା ପକ୍ଷରୁ କେବଳ ଜଣେ ବୟସ୍କା

ମହିଳା କନ୍ୟା ସାଙ୍ଗରେ ରହେ, ତାକୁ ରମାଏ କହନ୍ତି । ଗୋଟିଏ ହାଣ୍ଡିରେ ଗରମ ପାଣି କରାଯାଇ ବରକନ୍ୟାଙ୍କୁ ଅଲଗା ଅଲଗା ସ୍ନାନ କରାଇ ଦିଆଯାଏ । ସ୍ନାନ ସମୟରେ କନ୍ୟାଟିକୁ ଉଲଗ୍ନ କରାଯାଇ ତାର ସତୀତ୍ୱ ପରୀକ୍ଷା ଦିଆଯାଏ । ତତପରେ ଉଭୟଙ୍କୁ ନୂତନ ବସ୍ତ୍ର ପରିଧାନ କରିବାକୁ ଦିଆଯାଏ । ଉଭୟ ଭୋଜନ କରନ୍ତି । ବିବାହ କାଳରେ ବର କନ୍ୟା ଉଭୟେ ଆମିଷ ଭକ୍ଷଣ କରନ୍ତି ନାହିଁ ।

ବିଭାଘରର ତୃତୀୟ ଦିନ ସକାଳେ ଗାଁର ସବୁ ଅବିବାହିତ ଝିଅମାନେ ନୂଆ ବୋହୂକୁ ଡାକି ନେଇ ଗାଁ ଦାଣ୍ଡ ଓଳାନ୍ତି । ଏହି ଓଳାଇବା ରୀତିକୁ ଦୁଆର ଜବାର କୁହାଯାଏ । ଓଳା ସରିବା ପରେ ଗ୍ରାମର ଯୁବତୀ ମାନେ କନ୍ୟାକୁ ନେଇ ନଦୀ ବା ନାଳକୁ ଯାଆନ୍ତି । ଏହିଦିନ କାଦମାଟି ଉତ୍ସବ ଅନୁଷ୍ଠିତ ହୁଏ । କନ୍ୟା ନଦୀ ଘାଟକୁ ଯିବା ସମୟରେ ନିଜମୁଣ୍ଡରେ ଗୋଟିଏ ଆମ୍ବ ଡାଳ ମଧ୍ୟରେ କେତେକ ବାସଙ୍ଗ ଫୁଲ ବହନ କରିଥାଏ । ନଦୀ କୂଳରେ କନ୍ୟା ଓ ଗାଁର ଅଭିଆଡ଼ି ଝିଅମାନେ କାଦମାଟି ଲେସା ଲେସି ହୋଇ ସ୍ନାନ କରନ୍ତି । ତତପରେ ନଦୀ କୂଳରେ ପୂଜାସାରି ସମସ୍ତେ ଫେରୁଥିବା ସମୟରେ ବରର ଗୋସବାପା ବା ବଡଭାଇ ବାବାଜୀ ବେଶ ଧାରଣ କରି ବାଟ ଓଗାଳି ବସିଥାଏ । ତାକୁ 'ବଏସମ' କୁହାଯାଏ । ସେହି ବାବାଜୀକୁ ଏକ ପଲଙ୍ଗ ଚାଉଳ ଓ କିଛି ପଇସା (ହାଣ୍ଡିଆ ଓ ଦୋକ୍ତା ପାଇଁ) ଦେଲା ପରେ ସେ ବାଟ ଛାଡେ । ଏହାପରେ ଝିଅମାନେ ବୋହୂକୁ ଧରି ଘରକୁ ଫେରନ୍ତି । ଘରେ ପହଞ୍ଚିଲା ପରେ ଆରମ୍ଭ ହୋଇଯାଏ କାଦୁଅ ଲେସା ଖେଳ । ଏହି ଖେଳକୁ ଦୁଳୀଆ କୁହାଯାଏ । ଏହି ଖେଳ ଅଜା/ଆଈ/ଦିଅର / ଭାଉଜ ସମସ୍ତେ ମିଶି କନ୍ୟା ସହିତ ଖେଳନ୍ତି. ଏହି ସମୟରେ ପରସ୍ପର ହାଣ୍ଡି କଳା ପାଉଁଶ ଓ କାଦୁଅ ଇତ୍ୟାଦି ବୋଳା ବୋଳି ହୁଅନ୍ତି । ସମସ୍ତେ ତା'ପରେ ହାଣ୍ଡିଆ, ମହୁଲି ପିଇ ଚାଙ୍ଗୁ ନାଚ କରନ୍ତି, ବର କନ୍ୟାକୁ ମଧ୍ୟ ସାଙ୍ଗରେ ଧରି ନାଚନ୍ତି । ସେଦିନ ସନ୍ଧ୍ୟାରେ ଗାଁ ବାଲା ଯାହା ବେଭାର ଦେବା କଥା ଦିଅନ୍ତି । ଏହାକୁ ଜୁଆଙ୍ଗ ମାନେ ସମ୍ଭାଳ ବୋଲି କହନ୍ତି । ସେହିଦିନ ବରଘର ଭୋଜି କରି କଣ୍ଡରିଆ ଓ ଗାଁ ବାଲାଙ୍କୁ ଖାଇବାକୁ ଦିଅନ୍ତି । ସକାଳେ ଯେଉଁ ଝିଅମାନେ କନ୍ୟାକୁ ଗାଧୋଇବାକୁ ନେଇଥାନ୍ତି, ସେମାନଙ୍କୁ ମଧ୍ୟ ଖାଇବାକୁ ଡକାଯାଏ । ଏହି ଭୋଜି ପର୍ବକୁ କୁଟୁମ୍ବାଳିଆ ସର୍ମ୍ଭାଳିଆ ବୋଲି କୁହାଯାଏ ।

ବିବାହର ଚତୁର୍ଥ ଦିନରେ ବରକନ୍ୟା, ରମାଏ, ଅବିବାହିତ ପୁଅ/ଝିଅ ଏବଂ କିଛି ଗାଁ ମୁରବୀ ମିଶି କନ୍ୟା ଘରକୁ ଯାତ୍ରା କରନ୍ତି । ଏହାକୁ ସେମାନଙ୍କ ଭାଷାରେ

'ବଉଲାନ୍ତି' କହନ୍ତି । ବରଘରର ଲୋକମାନେ ସାଙ୍ଗରେ କିଛି ଚାଉଳ, ଧାନ, ମହୁଲି ଓ କିଛି ଲୁଗାପଟା ନେଇ ଯାଇଥାନ୍ତି । କନ୍ୟା ନିଜ ଗାଁ ଭିତରକୁ ଯିବା ବେଳେ ସେ ଗାଁଆର ଯୁବକମାନେ ରାସ୍ତାରେ କାଠ ଗଣ୍ଡି ରଖିଥାନ୍ତି । କାଠଗଣ୍ଡି ପିଛା ଗୋଟାଏ ଲେଖାଏଁ ଚାଉଳ ପୁଟୁଳି ଦିଆଯାଏ । ତତ ପରେ କନ୍ୟା ନିଜ ଘର ପାଖକୁ ବରକୁ ନେଇଯାଏ । ସେତେବେଳେ କନ୍ୟାର କିଛି ସାଙ୍ଗ ଝିଅମାନେ କନ୍ୟା ଘରର କବାଟ ବନ୍ଦ କରି ରଖି ଥାଆନ୍ତି । ଶକ୍ତି ଅନୁସାରେ ସେମାନଙ୍କୁ କିଛି ଟଙ୍କା ଦେଲାପରେ ସେମାନେ କବାଟ ଖୋଲନ୍ତି ।

ଏହାବାଦ କନ୍ୟାଘରେ ଝିଅ/ଜ୍ୱାଇଁଙ୍କୁ ପଟିଆରେ ବସାଇ କନ୍ୟାର ବାପା, ମାଆ ପ୍ରଥମେ ବନ୍ଦାପନା କରନ୍ତି । ତାପରେ ଗ୍ରାମର ଅନ୍ୟ ମାନଙ୍କ ସହ କକା, ଖୁଡି, ମାମୁଁ, ମାଇଁ ଓ ସମ୍ପର୍କୀୟ ଲୋକମାନେ ଝିଅ/ଜ୍ୱାଇଁଙ୍କୁ ବନ୍ଦାଇ ଯଥା ସାଧ ଟଙ୍କା, ପଇସା ଦେଇଥାନ୍ତି । ବରଘର ତରଫରୁ ଆସିଥିବା ଲୁଗାପଟା କନ୍ୟା ଘରର ଗୁରୁଜନ ମାନଙ୍କୁ ଯଥାରୀତି ମୁତାବକ ପ୍ରଦାନ କରାଯାଇଥାଏ । ଏହାକୁ 'ପଣଗଣିବା' କୁହାଯାଏ । ସେଦିନ ସନ୍ଧ୍ୟାରେ କନ୍ୟା ଘରେ ଭୋଜିଭାତର ଆୟୋଜନ ହୋଇ ସାହି/ଭାଇ, କୁଣିଆ ମୈତ୍ର ସମସ୍ତେ ଭୋଜିରେ ସାମିଲ ହୋଇ ମଦ/ମାଂସ ଖାଆନ୍ତି । ବିବାହ ଗୀତ ଗାଇ ଚାଙ୍ଗୁ ନାଚ କରନ୍ତି, ତହିଁ ପରଦିନ ବର/ବରଯାତ୍ରୀ ଓ କନ୍ୟା ସମସ୍ତେ ମିଶିକରି ଗାଆଁକୁ ଫେରନ୍ତି ।

'ବଉଲାନ୍ତି'ରୁ ଫେରିଲେ ବରଘର ତରଫରୁ ଗାଁର ଯୁବକ ଯୁବତୀ ତଥା କଣ୍ଡରିଆ (ମଧ୍ୟସ୍ଥି) ଙ୍କୁ ବିଦାୟୀ ସ୍ୱରୂପ ସକ୍ଷମ ଅନୁସାରେ କିଛି ଚାଉଳ ଓ ଛେଳି ଦିଆଯାଇଥାଏ । ସେମାନେ ଏହାକୁ ନେଇ ଭୋଜି କରି ଖାଆନ୍ତି ।

ଯେତେଦିନ ପର୍ଯ୍ୟନ୍ତ ପୁଅ ବୋହୁଙ୍କର ମିଳନ ହୋଇନଥାଏ ସେତେଦିନ ପର୍ଯ୍ୟନ୍ତ ପୁଅ ଓ ପୁଅର ବାପା ମଣ୍ଡଘରେ ଶୁଅନ୍ତି । ବୋହୁ, ଶାଶୁ ଓ ଅନ୍ୟ ଝିଅମାନଙ୍କ ସହିତ ଘରେ ଶୁଏ । ଯେତେବେଳେ ପୁଅ ସକ୍ଷମ ହୁଏ ସେ ତାର ମଣ୍ଡଘରର ସାଙ୍ଗସାଥି ମାନଙ୍କୁ ଖାଇବାକୁ ଦିଏ । ସାଙ୍ଗ ଛାଡି ନୂଆ ସଂସାର କରୁଥିବାରୁ ଦୁଃଖ ପ୍ରକାଶ କରିଥାଏ । ତତ୍‌ସହିତ ମଣ୍ଡଘର ପାଇଁ ସାଧ ମୁତାବକ ନୂଆ ପଟିଆ ବା ଅନ୍ୟ ଯେକୌଣସି ଜିନିଷ ପ୍ରଦାନ କରିଥାଏ ସେଦିନ ସନ୍ଧ୍ୟାରେ କନ୍ୟାକୁ ଗୋଟିଏ ନୂଆ ଘରେ ରଖାଯାଏ । ତାପରେ ବରକୁ ନେଇ ତାର ସାଙ୍ଗମାନେ କନ୍ୟାଥିବା ଘରେ

ଛାଡିଦେଇ କବାଟ ବନ୍ଦ କରି ଦିଅନ୍ତି । ସେହିଦିନ ବରକନ୍ୟାର ମିଳନ ହୋଇଥାଏ ।

ତତ୍ ପରଦିନ ବୋହୁକୁ ରୋଷେଇ କରିବାକୁ ନୂଆ ହାଣ୍ଡି ଦିଆଯାଏ । ସେହିଦିନ ପିତୃ ପୁରୁଷଙ୍କୁ ଶାଳପତ୍ରରେ 'ମଦଜୁରୀ' ବଢା ଯାଇଥାଏ । ତତ୍‌ପରେ ନୂଆ ହାଣ୍ଡିରେ ଚାଉଳ ରଖି ମା ପୁଅ /ବୋହୁ ହାତକୁ ଟେକିଦିଏ । ଏହାକୁ 'ହାଣ୍ଡି ଦେବା' କହନ୍ତି । ବୋହୁଟି ଏହାକୁ ରୋଷେଇ କରେ । ସେହି ରୋଷେଇରୁ ମୁଠେ ଗାଁର ସବୁଲୋକଙ୍କୁ ଦିଆଯାଏ । ଏଥିରୁ ଗାଁର ସମସ୍ତେ ଜାଣନ୍ତି ଯେ, ବୋହୁକୁ ହାଣ୍ଡି ଦିଆଗଲା ବା ବୋହୁଟି ସ୍ୱାମୀଘର  ରୋଷେଇ ଘରେ (ଇଶାଣ) ପଶି ରୋଷେଇ କରିବାର ଅଧିକାର ପାଇଲା । ଏଥିରୁ ଜଣାପଡେ ଯେ, ଜୁଆଙ୍ଗ ସମାଜରେ ଝିଅ ବୋହୁଙ୍କୁ ଯଥେଷ୍ଟ ସମ୍ମାନ ଦିଆଯାଇଥାଏ ।

## ବାପ ସମ୍ମତି ବିବାହ

ଜୁଆଙ୍ଗ ସମାଜରେ କଣ୍ଡରିଆ ବିବାହ ପରେ ଘରର ଗୁରୁଜନ (ବାପା/ ମାଆ)ଙ୍କ ସମ୍ମତି ନେଇ ମଧ୍ୟ ବିବାହ ସମ୍ପନ୍ନ ହୋଇଥାଏ । ଏହି ବିବାହରେ କଣ୍ଡରିଆ (ମଧ୍ୟସ୍ଥି)ର ଦରକାର ପଡିନଥାଏ । ଏହି ବିବାହରେ ପୁଅ ଓ ଝିଅର ପିତା ପ୍ରଥମେ ନିଜ ଭିତରେ କଥାବାର୍ତ୍ତା ହୋଇ ପ୍ରସ୍ତାବ ପକାଇଥାନ୍ତି । ଏହାପରେ ହାଟ/ବାଟ/ ବା ପର୍ବ ପର୍ବାଣୀରେ ଉଭୟ ପୁଅ ଓ ଝିଅ ପରସ୍ପରକୁ ଦେଖାଦେଖି ହୋଇଥାନ୍ତି । ପୁଅ ଝିଅକୁ ଦେଖି ରାଜି ହେଲାପରେ କଣ୍ଡରିଆ ବିବାହରେ ଥିବା ଅନ୍ୟାନ୍ୟ ରୀତି ପରି ଏହା ହୋଇଥାଏ ତଥାପି ଏହା ସାଧାରଣତଃ ଭାବରେ ହୋଇଥାଏ । କେବଳ ଥରେ ମାତ୍ର ପୁଅ ଘରର ଲୋକମାନେ ଝିଅ ଘରକୁ ଯାଇ ଝିଅକୁ ନେଇ ଚାଲି ଆସିଥାନ୍ତି । ପୁଅବୋହୁ ଘରକୁ ଆସିବା ପରଠାରୁ ନାଚ, ଗୀତ, କାଦ ଲେସାଲେସି ଠାରୁ ଆରମ୍ଭ କରି ବୋହୁକୁ ହାଣ୍ଡି ଧରିବା ପର୍ଯ୍ୟନ୍ତ ସମସ୍ତ କର୍ମ କଣ୍ଡରିଆ ବିବାହ ରୀତିରେ ପାଳିତ ହୋଇଥାଏ ।

## ଘିଞ୍ଚା ବିବାହ-

ସମଗ୍ର ବିଶ୍ୱରେ ବିବାହର ମୂଳମନ୍ତ୍ର ହେଉଛି ପ୍ରେମ ଓ ପ୍ରଣୟ । ହେଲେ କନ୍ୟା ଅପହରଣ ଜନିତ ବିବାହ ବା ଜୋର କରି ବଳପୂର୍ବକ କନ୍ୟାକୁ ଅପହରଣ କରିନେଇ ବିବାହ କରିବାଟା ଆଦିବାସୀ ସମାଜର ଏକ ଆଦିମ ପ୍ରଥା । ଭାରତୀୟ

ପ୍ରାଚୀନ ଶାସ୍ତ୍ର ପୁରାଣ, ମହାଭାରତ ଆଦିରେ ଅସଂଖ୍ୟ କନ୍ୟା ଅପହରଣ ବିବାହ ବର୍ଣ୍ଣିତ ହୋଇଅଛି । ସଭ୍ୟ ସମାଜରେ ଏ ପ୍ରଥା ପ୍ରଚଳିତ ନଥିଲେ ମଧ୍ୟ ଆଦିବାସୀ ସମାଜ ସେ ପୁରୁଣା ପରମ୍ପରାନୁ ଜାବୁଡି ଧରିଛି । ଯଦି କୌଣସି ଜୁଆଙ୍ଗ ଯୁବକ ଘର କନ୍ୟା ମୂଲ ଦେବାପାଇଁ ଅକ୍ଷମ ବା ଅସମର୍ଥ ସେପରି ସ୍ଥଳରେ ଏହି ଘିଞ୍ଚା ବା ଝିଙ୍କା ବିବାହ ଅନୁଷ୍ଠିତ ହୋଇଥାଏ । ପୁଅ ଘର ଓ ଝିଅଘର ଏ ବିଷୟରେ ପୂର୍ବରୁ ଜାଣିଥିଲେ ମଧ ଝିଅମାନେ ହିଁ ପୁଅକୁ ଝିଙ୍କି ନେଇଯିବାରେ ସାହାଯ୍ୟ କରିଥାନ୍ତି । ଝିଙ୍କା ପାଇଁ ପୂର୍ବରୁ ସ୍ଥିର ହୋଇଥିବା ଝିଅକୁ ତାର ସାଙ୍ଗମାନେ ଜଙ୍ଗଲକୁ ଜଙ୍ଗଲଜାତ ଜିନିଷ ସଂଗ୍ରହ କରିଯିବା ସମୟରେ ଅଥବା ସନ୍ଧ୍ୟା ସମୟରେ ଧାଙ୍ଗିଡି ବସାକୁ ଶୋଇବାକୁ ଯାଉଥିବା ସମୟରେ ପୁଅ ସେଠାରେ ନିଜ ସାଙ୍ଗମାନଙ୍କ ସହିତ ପହଞ୍ଚି ନିଜ ମନୋନୀତ କନ୍ୟାକୁ ବଳପୂର୍ବକ ଯୁବତୀ ମେଳରୁ ଧରି ଚାଲିଆସେ. ଝିଅ ପଳାଇଗଲା ପରେ ତାର ସାଙ୍ଗମାନେ ଝିଅ ଘରକୁ ଯାଇ ତମ ଝିଅକୁ କିଏ ନେଇଗଲା ବା ତମ ଝିଅକୁ ବାଘ ନେଇଗଲା ବୋଲି କହିଥାନ୍ତି । ଏହାପରେ ହଜିଯାଇଥିବା ଝିଅର ପିତାମାତା ଓ ସମ୍ପର୍କୀୟମାନେ ଅସ୍ତ୍ରଶସ୍ତ୍ର, ଠେଙ୍ଗା ବାଡିଧରି ଜଙ୍ଗଲକୁ ଆସି ମିଛରେ ଖୋଜିବାର ବାହାନା କରିଥାନ୍ତି । ତତପରେ ସେହିଦିନ ଅଥବା ପରଦିନ ପୁଅ ଘରକୁ ଯାଇ ଉଭୟ ପକ୍ଷ ଯୁକ୍ତିତର୍କ ତଥା ମିଛିମିଛିକା ଦ୍ୱନ୍ଦ ଯୁଦ୍ଧ କରି ନିଜ ନିଜ ଭିତରେ ପୁଣି ସମାଧାନ କରିଥାଆନ୍ତି । ଏହି ବିବାହ ଫଳରେ ଉଭୟ ପକ୍ଷର ଲୋକଙ୍କୁ କୌଣସି ପଣ ଦେବାକୁ ପଡିନଥାଏ । ବା ଖର୍ଚ୍ଚାନ୍ତ ହେବାକୁ ପଡିନଥାଏ । କିନ୍ତୁ କିଛିଦିନ ପରେ ବର ତାର ସାଙ୍ଗମାନଙ୍କୁ ସାଧମତେ ଭୋଜିଭାତ ଦେଇ ବିବାହର ସାମାଜିକ ସ୍ୱୀକୃତି କରାଇ ନିଏ ।

## ମନରାଜି ବିବାହ

ମନରାଜି ଅର୍ଥ- ମନକୁ ମନ, ହୃଦୟକୁ ହୃଦୟ ମିଶିଗଲେ ମନରାଜି ବିବାହ ହୋଇଥାଏ । ଏହା ଆଧୁନିକ ଯୁଗର 'ଲଭ ମ୍ୟାରେଜ୍' ପରି । ଏହାକୁ ଜୁଆଙ୍ଗ ଭାଷାରେ 'ରାଜିରୁଜା' ବା 'ଫୁଲସାଙ୍ଗ' ବିବାହ ବୋଲି କହିଥାନ୍ତି । ଯେତେବେଳେ ଜୁଆଙ୍ଗ ଯୁବକମାନେ ଚାଙ୍ଗୁନାଚ କରିବାକୁ ବନ୍ଧୁଗାଁଆକୁ ଯାଇଥାନ୍ତି, ସେତେବେଳେ (ଚାଙ୍ଗୁନାଚ ସମୟରେ) ଉଭୟ ପକ୍ଷର ଯୁବକଯୁବତୀମାନେ ପରସ୍ପର ନାଚଗୀତରେ ମସଗୁଲ ଥିବା ସମୟରେ ଚକ୍ଷୁର ମିଳନରେ ଉଭୟ ପ୍ରତି ଆକୃଷ୍ଟ ହୋଇ ପଡିଥାନ୍ତି ।

ତତପରେ ଉଭୟ କଥାବାର୍ତ୍ତା, ଅଳଂକାର ଆଦାନପ୍ରଦାନ ତଥା ବଣଫୁଲ ପ୍ରଦାନ ଉଭୟଙ୍କ ମଧ୍ୟରେ ପ୍ରେମର ସମ୍ପର୍କ ଗଢି ଉଠିଥାଏ । ତେଣୁ କେହି କେହି ଏହାକୁ 'ଫୁଲସାଙ୍ଗ' ବୋଲି କହିଥାନ୍ତି । ସମୟ ସୁଯୋଗ ଦେଖି ପିଲା ତା ଭଲ ପାଇବା କଥା ସାଙ୍ଗମାନଙ୍କ ନିକଟରେ ପ୍ରକାଶ କରିଥାଏ । ଦରକାର ପଡିଲେ ସାଙ୍ଗମାନଙ୍କ ସହିତ ଝିଅ ଗ୍ରାମକୁ ଯାଇ ଝିଅକୁ ସାଙ୍ଗରେ ନେଇ ନିଜ ଗ୍ରାମକୁ ନେଇ ଆସେ । ସର୍ବ ପ୍ରଥମେ ପୁଅ/ ଝିଅ ଗ୍ରାମର ଗାଁ ଶିରୀଙ୍କ ପାଖକୁ ଯାଇ ଦର୍ଶନ କରନ୍ତି ତଥା ନାଗମ ବା (ଦେହୁରୀ)ର ଆଶୀର୍ବାଦ ଭିକ୍ଷା କରନ୍ତି । ଠାକୁରାଣୀ (ଗାଁ ଶିରୀ)ଙ୍କ ପାଖରେ ଝିଅର ସମସ୍ତ ଭରଣପୋଷଣର ଦାୟିତ୍ୱ ନେବାକୁ ପୁଅ ଶପଥ କରି ସାରିବା ପରେ ଦେହୁରୀ ଉଭୟଙ୍କୁ ଆଶୀର୍ବାଦ କରିଥାନ୍ତି । ଏହାପରେ ଘରର ତଥା ସାହିପଡିଶା ବନ୍ଧୁବାନ୍ଧବମାନେ ନିଜ ସାଧ ମୁତାବକ ପୁଅ/ବୋହୁଙ୍କୁ ଉପହାର ପ୍ରଦାନ କରି ପ୍ରରୋକ୍ଷରେ ସ୍ୱୀକୃତି ପ୍ରଦାନ କରିଥାନ୍ତି । ଏହାପରେ ପୁଅ ନିଜ ସାଧ ମୁତାବକ ସାହି/ପଡିଶା/ ବନ୍ଧୁ ବାନ୍ଧବଙ୍କୁ ଭୋଜି ଭାତରେ ଅପ୍ୟାୟିତ କରିଥାଏ ।

## ଚୋରୀ ବିବାହ-

ଏହି ବିବାହକୁ ଜୁଆଙ୍ଗ ସମାଜରେ 'ଧରିପଳା' ବିବାହ ବୋଲି କହିଥାନ୍ତି । ଏହି ବିବାହ ଫୁଲସାଙ୍ଗ ବା ଘିଞ୍ଚା ବିବାହ ପରି ଜଣାପଡିଥାଏ । କିନ୍ତୁ ଏହି ବିବାହରେ ପୁଅ କିମ୍ବା ଝିଅ ଘରର କୌଣସି ଲୋକ ଏ ବିବାହ ବିଷୟରେ କିଛି ବି ଜାଣି ନଥାନ୍ତି । ଏହା ସାଧାରଣତଃ ଅନ୍ୟ ଜାତିର ପୁଅ ଝିଅଙ୍କ ମଧ୍ୟରେ ସମ୍ପନ୍ନ ହୋଇଥାଏ । ତେଣୁ ଜୁଆଙ୍ଗ ସମାଜରେ ଏହି ବିବାହକୁ ସ୍ୱୀକୃତି ମିଳିନଥାଏ । ଯେଉଁ ଘରର ଝିଅ ଅନ୍ୟ ଜାତିର ପୁଅ ସହିତ ପଳାଇଥାଏ, ସେହି ଝିଅ ଘରର ଲୋକମାନେ ଗ୍ରାମରେ ଭୋଜିଭାତ ଦେଇ ଶୁଦ୍ଧି ହୁଅନ୍ତି । ଶୁଦ୍ଧି ନହେବା ଯାଏ କେହି ତାଙ୍କ ଘରେ ଅନ୍ନ କିମ୍ବା ଜଳ ସ୍ପର୍ଶ କରନ୍ତି ନାହିଁ । ତାଙ୍କ ସହିତ କୌଣସି ସମ୍ପର୍କ ରଖନ୍ତି ନାହିଁ । ଭୋଜିଭାତ ଦେଇ ଶୁଦ୍ଧିହେବାପରେ ସମସ୍ତ ଗ୍ରାମବାସୀ ପୁଣି ତାଙ୍କ ଘର ସହିତ ମିଳାମିଶା କରିଥାନ୍ତି ।

## ଘରଜ୍ୱାଇଁ ବିବାହ

ଘରଜ୍ୱାଇଁ ବିବାହ ପ୍ରଥା ବହୁ ପ୍ରାଚୀନ । ଯେଉଁ ବାପ/ମାଆର କେବଳ ଝିଅଟିଏ ଥିବ, କୌଣସି ପୁଅ ନଥିବେ, ସେପରି ସ୍ଥଳେ ଝିଅର ବାପ/ମାଆ ଚାହାନ୍ତି ନିଜ ଝିଅକୁ ବିବାହ ଦେଇ ଜ୍ୱାଇଁଟିକୁ ନିଜ ଘରେ ଘରଜ୍ୱାଇଁ କରି ରଖିବା । ଏହି

ପ୍ରଥାନୁସାରେ ଯେଉଁ ପରିବାରରେ ପୁଅ ନଥାଏ, (କେବଳ ଝିଅଟିଏ ଥାଏ) ସେମାନେ କୌଣସି ବନ୍ଧୁଘର ପୁଅକୁ ନିଜ ଝିଅ ସହିତ ବିବାହ କରାଇ ଘରେ ବା ଗ୍ରାମରେ ଆଣି ରଖିଥାନ୍ତି । ତେଣୁ ଯେଉଁ ଘରେ ପୁଅ ଥାଆନ୍ତି, ସେ ଘରେ ଘରଜ୍ୱାଇଁ ବିବାହ ହୋଇ ହୋଇନଥାଏ ।

ଏହି ପ୍ରଥାନୁସାରେ ଯାହାର ପୁଅ ନଥିବ, ସେ ଘରର ବାପା/ମାଆ ବନ୍ଧୁ ଘର ଲୋକଙ୍କୁ କହି ଗୋଟିଏ ପୁଅକୁ ଆଣି ନିଜ ପାଖରେ ରଖନ୍ତି । କିଛି ମାସ ରହିଲା ପରେ ସେ ପୁଅ ଯଦି ସେ ଝିଅକୁ ବିବାହ କରିବାକୁ ରାଜିହୁଏ । ତେବେ ଅତି ସାଧାରଣ ଭାବରେ ନିଜଶକ୍ତି ଅନୁସାରେ ଗାଁ ଭାଇଙ୍କୁ ଭୋଜିଭାତ ଦେଇ ଝିଅର ବାହାଘର କରାଯାଇଥାଏ । ନିୟମ ଅନୁସାରେ ଏହି ଘରଜ୍ୱାଇଁ ନିଜ ପୁଅ ପରି ଝିଅ ବାପ ସମ୍ପତ୍ତି ପାଇବାର ହକଦାର ହୋଇଥାଏ । ବୁଢା ବୟସରେ ଶାଶୁ/ଶ୍ୱଶୁରଙ୍କ ଦେହ ପା ତଥା ଭଲମନ୍ଦ ହାନିଲାଭ ସେ ଘରଜ୍ୱାଇଁ ପିଲାଟି ସବୁ ବହିଥାଏ । କିନ୍ତୁ ଆଉ ଗୋଟାଏ ଲକ୍ଷ୍ୟ କରିବା ଯଥାକ୍ରମେ- ପିଲାଟି ଝିଅଟିକୁ ବିବାହ କରି ଘରଜ୍ୱାଇଁ ହୋଇ ରହିଥିଲେ ମଧ୍ୟ ନିଜ ବାପ ବଂଶ ନାମରେ ନାମିତ ହୋଇଥାନ୍ତି ।

## ବାଲ୍ୟ ବିବାହ

ଜୁଆଙ୍ଗ ସମାଜରେ ସାଧାରଣତଃ ବାଲ୍ୟ ବିବାହ ପ୍ରଥା ଦେଖା ଯାଇନଥାଏ । ତଥାପି ଯାହାର କେବଳ ଝିଅଟିଏ ଥାଏ ସେ ବନ୍ଧୁ ଘରୁ ଛୋଟ ପିଲାଟିଏ ଆଣି ନିଜ ଛୋଟ ଝିଅ ସହିତ ବିବାହ କରାଇ ଦେଇ ନିଜ ଘରେ ଯତ୍ନରେ ରଖିଥାଏ । ଏହା ସାଧାରଣତଃ ଘରଜ୍ୱାଇଁ ବିବାହ ପରି ହୋଇଥାଏ । ପୁଅ/ଝିଅ ଦୁଇଜଣ ବିବାହ ହୋଇ ସାରିଥିଲେ ମଧ୍ୟ ଉଭୟ ଭାଇ ଭଉଣୀ ପରି ବଢିବାରେ ଲାଗନ୍ତି । ସେମାନେ ଯେତେବେଳେ ବଡ ହୋଇ ସଂସାର ଓ ବିବାହ ବିଷୟରେ ଜାଣନ୍ତି, ସେତେବେଳେ ସେମାନଙ୍କର ମିଳନ ପର୍ବ ହୁଏ । ସେହିପରି ଯାହାର ଝିଅ ନଥାଏ । ସେ ନିଜର ଛୋଟ ପୁଅପାଇଁ ଛୋଟ ବୋହୁଟିଏ ଆଣି ନିଜ ଘରେ ଝିଅ ପରି ରଖିଥାଏ । ପୁଅ ବୋହୁ ସାଙ୍ଗ ହୋଇ ଖାଆନ୍ତି, ଖେଳନ୍ତି, କିନ୍ତୁ ଅଲଗା ଅଲଗା ଶୁଅନ୍ତି । ପୁଅ ବଡ ହୋଇଗଲେ ତାର ସାଙ୍ଗମାନଙ୍କ ସଙ୍ଗରେ ମଣ୍ଡଘରେ ଶୁଏ । ବିବାହ ବୟସ ହୋଇଗଲେ ପୁଅ/ବୋହୁଙ୍କର ମିଳନ ପର୍ବ ହୁଏ, ତଥା ପୁଅ ତା ମଣ୍ଡଘରର ସାଙ୍ଗମାନଙ୍କୁ ଭୋଜିଭାତ ଦେଇ ସାଙ୍ଗ ଛଡା ହୋଇ ବୋହୁ ସହିତ ଏକାଠି ରୁହେ ।

କିନ୍ତୁ ବେଳେବେଳେ ଏମିତି ବି ଦେଖାଯାଇଥାଏ ଯେ, ପୁଅ ବଡ ହୋଇଗଲା ପରେ ଯଦି କୁନି କନିଆଟିକୁ ବିବାହ କରିବାକୁ ରାଜି ହୋଇନଥାଏ ତେବେ ମିଳନ ପର୍ବ ପୂର୍ବରୁ ପୁଅର ବାପା ଗାଁର ୨ଜଣ ମୁରବି ଲୋକଙ୍କୁ ଧରି ଝିଅ ଘରକୁ ଯାଇ ପୁଅର ଅରାଜି ହେବା କଥା କହେ । ଦରକାର ପଡିଲେ ପୁଅର ବାପା, ଝିଅର ବାପାଙ୍କୁ ଭୁଲ ମଧ୍ୟ ମାଗିଥାଏ । ଉଭୟ ଗାଁର ଲୋକ ବସି ମିମାଂଶା କରନ୍ତି । ପୁଅର ବାପା କ୍ଷତିପୂରଣ ଭାବରେ ସେମାନଙ୍କୁ 'ମହଜୁରୀ' ଦେଇ ଖୁସି କରାଏ । ଏହାପରେ ଏହା ସେମାନେ ସମାଜରେ ବିବାହ ବିଚ୍ଛେଦ ଭାବରେ ସ୍ୱୀକୃତି ପାଏ । ଏହାକୁ 'ଇଲାଏ' ବୋଲି କହନ୍ତି । ଏହି ବିଚ୍ଛେଦ ପରେ ପୁଅ/ ଝିଅ ରୀତି ମୁତାବକ ଅନ୍ୟ ଜାଗାରେ ବିବାହ କରିବା ପାଇଁ ସାମାଜିକ ସ୍ୱୀକୃତି ପାଇଥାନ୍ତି ।

## ବହୁପତ୍ନୀ ବିବାହ

କେବଳ ଜୁଆଙ୍ଗ ସମାଜ କାହିଁକି ସବୁ ସମାଜରେ ଏ ପ୍ରଥା ପ୍ରଚଳିତ ଅଛି । ପ୍ରଥମ ସ୍ତ୍ରୀର ଯଦି କୌଣସି ପିଲାପିଲି ନହୁଅନ୍ତି । ତେବେ ସ୍ୱାମୀ ପ୍ରଥମ ପତ୍ନୀର ମତାମତ ନେଇ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥାଏ. ଯଦି ଦ୍ୱିତୀୟ ପତ୍ନୀ ମଧ୍ୟ କୌଣସି ପିଲାପିଲି ନହେଲା, ତେବେ ୩ୟ /୪ର୍ଥ/୫ମ ପର୍ଯ୍ୟନ୍ତ ପତ୍ନୀ ଗ୍ରହଣ କରିବାର ପରମ୍ପରା ଜୁଆଙ୍ଗ ସମାଜରେ ରହିଛି । ସ୍ୱାମୀ ଯେତେଥର ବିବାହ କରୁଥିବ ତାର ପୂର୍ବତନ ପତ୍ନୀମାନଙ୍କର ମତାମତ ନେଇ କରୁଥିବ । ଜୁଆଙ୍ଗ ସମାଜରେ ୨/୩ୟ / ୪ର୍ଥ ପତ୍ନୀ ଖୋଜିବାକୁ ବହୁ ପରିଶ୍ରମ କରିବାକୁ ପଡିଥାଏ । ସହଜରେ କେହି ୨ୟ ବା ୩ୟ ବା ୪ର୍ଥ ପତ୍ନୀ ହେବାପାଇଁ ରାଜି ହୋଇନ ଥାନ୍ତି । ବହୁ ଖୋଜା ଖୋଜିପରେ ଯଦି କୌଣସି ଝିଅ ବା ତାର ପରିବାର ରାଜି ହୁଅନ୍ତି । ତେବେ ଅତି ସାଧାରଣ ଭାବରେ ପୁଅ କନ୍ୟା ଘରେ 'କନ୍ୟାମୂଲ' (ପଣ) ଦେଇ ସେ ଝିଅକୁ ବାହା ହୋଇଥାଏ । ଏ କ୍ଷେତ୍ରରେ ପୁଅକୁ ପ୍ରଥମ ସ୍ତ୍ରୀ ଓ ୨ୟ ସ୍ତ୍ରୀ ଘରେ ପୁଣିଥରେ କନ୍ୟା ପଣ ଦେବାକୁ ପଡିଥାଏ । ଯଦି ୨ୟ ସ୍ତ୍ରୀଟି ତାହାର (ବରର) ଶାଳୀ ହୋଇଥାଏ, ତେବେ ମଧ୍ୟ ବରକୁ କନ୍ୟାମୂଲ ଦେଇ ଉଭୟ ଗ୍ରାମର ବନ୍ଧୁବାନ୍ଧବଙ୍କୁ ଭୋଜିଭାତ ଦେଇ ବାହା ହେବାକୁ ପଡିଥାଏ ।

## ଶାଳୀ ଅଥବା ଭାଉଜ ବିବାହ-

ଅନ୍ୟ ସମାଜ ପରି ଜୁଆଙ୍ଗ ସମାଜରେ ମଧ୍ୟ ଶାଳୀ ଓ ଭାଉଜ ବିବାହ ପ୍ରଥା

ରହିଛି । ଯଦି ଜଣଙ୍କର ସ୍ତ୍ରୀ ମରିଯାଏ, ତାହାହେଲେ ସେ ତାର ସ୍ତ୍ରୀର ସାନଭଉଣୀ (ଶାଳୀ) କୁ ବିବାହ କରିପାରିବ । ଏ କ୍ଷେତ୍ରରେ ଶ୍ୱଶୁର ଘର ଲୋକଙ୍କୁ ତଥା ଶାଳୀକୁ ରାଜି ହେବାକୁ ପଡିଥାଏ । କୌଣସି ଜଣେ ଯଦି ଅରାଜି ହୁଏ । ତେବେ ଏ ବାହାଘର ହୋଇ ପାରେନାହିଁ । ସମସ୍ତଙ୍କ ରାଜିରୁଜା ତଥା ସାମାଜିକ ଚଳଣୀ ଅନୁସାରେ କନ୍ୟା ମୂଲ ଓ ଭୋଜିଭାତ ଦେଇ ଏ ବାହାଘର ସମ୍ପନ୍ନ ହୋଇଥାଏ ।

ସେହିପରି ଭାବରେ ଯଦି କୌଣସି ସ୍ତ୍ରୀ ଲୋକର ସ୍ୱାମୀ ମରିଯାଏ ତେବେ ଉକ୍ତ ବିଧବା ସ୍ତ୍ରୀ ଲୋକ ତାର ଦିଅରକୁ ମଧ୍ୟ ବିବାହ କରିପାରିବ, ଏହି ପରିପ୍ରେକ୍ଷୀରେ ମୃତ ସ୍ୱାମୀର ସାନଭାଇ ଯଦି ବିବାହ ଯୋଗ ହୋଇ ସାରିଥାଏ, ତେବେ ତାର ମତାମତ ନିଆଯାଇଥାଏ । ସମସ୍ତେ ଏହି ପ୍ରସ୍ତାବରେ ରାଜି ହୋଇ ସ୍ୱୀକୃତି ପ୍ରଦାନ କଲେ ଭୋଜିଭାତ ହୋଇ ବିଭାଗର ହୋଇଥାଏ ।

## ବିଧବା ବିବାହ

ଯଦି ସ୍ତ୍ରୀ ଲୋକଟିଏ କମ ବୟସରେ ବିଧବା ହୋଇଥାଏ, ତେବେ ରୀତି ଅନୁସାରେ ତାର ସ୍ୱାମୀର ସାନଭାଇ (ଦିଅର) କେହିଥିଲେ ତାର ମତାମତ ନିଆଯାଇ ତାକୁ ବିଧବା ଭାଉଜ ସହିତ ବିବାହ କରିଦିଆଯାଏ । ଯଦି କୌଣସି ଦିଅର ନଥାଏ, ତେବେ ବୋହୁର ଶାଶୁ ଶ୍ୱଶୁର ଅନ୍ୟ ଗୋଟିଏ ପୁଅ ଖୋଜନ୍ତି । ଏ କ୍ଷେତ୍ରରେ ମଧ୍ୟ ବୋହୁର ବାପା/ମାଆର ମତାମତ ଲୋଡାଯାଏ । ସମସ୍ତେ ରାଜିହେଲେ ଏହି ବିଧବା ବିବାହ ସଂପନ୍ନ ହୋଇଥାଏ । ତତ୍ ସହିତ ନୂଆ ଜ୍ୱାଇଁକୁ ଶ୍ୱଶୁର ଘରେ ରହିବାର ସୁଯୋଗ ମିଳିଥାଏ । ସେ ଯଦି ରାଜିହୁଏ ତ ତାକୁ ଘରଜ୍ୱାଇଁ ଭାବେ ବୋହୁ ଘରେ ରହେ । ସେଥିପାଇଁ ଉକ୍ତ ଜ୍ୱାଇଁ ନ କନ୍ୟାମୂଲ୍ୟ କାହାରିକୁ ଦେବାକୁ ପଡି ନଥାଏ । ଯଦି ବିଧବା ବୋହୁଟି ନୂଆ ସଂସାର ଗଢି ସ୍ୱାମୀ ସହିତ ତାର ଗ୍ରାମକୁ ଯାଏ, ତେବେ ନୂଆ ଜ୍ୱାଇଁକୁ ବୋହୁର ଶ୍ୱଶୁର ଘରକୁ କନ୍ୟାମୂଲ ଦେବାକୁ ପଡିଥାଏ, ତଥା ଉଭୟ ଗ୍ରାମରେ ଭୋଜିଭାତ ମଧ୍ୟ ଦେବାକୁ ହୋଇଥାଏ ।

## ବିବାହ ବିଚ୍ଛେଦ

ଅନ୍ୟାନ୍ୟ ସମାଜରେ ବିବାହ ବିଚ୍ଛେଦ ବହୁଳ ମାତ୍ରାରେ ଦେଖାଯାଇଥିଲେ ମଧ୍ୟ ଜୁଆଙ୍ଗ ସମାଜରେ ପ୍ରାୟତଃ ବିବାହ ବିଚ୍ଛେଦ ନଥାଏ । ବେଳେବେଳେ ବାଲ୍ୟବିବାହ କ୍ଷେତ୍ରରେ ଏପରି ହେବାର ଦେକାଯାଇଥାଏ । ଯାହାକି ପୂର୍ବରୁ ବର୍ଣ୍ଣନା

କରାଯାଇଛି । ସାଧାରଣତଃ ଜୁଆଙ୍ଗ ସମାଜରେ ସ୍ୱାମୀମାନେ ସ୍ତ୍ରୀଙ୍କୁ ଇଲାଏ (ଛାଡପତ୍ର) ଦେଇନଥାନ୍ତି । ଯଦି କୌଣସି କାରଣରୁ ଛାଡପତ୍ର ହୁଏ ତେବେ ସ୍ୱାମୀକୁ ବହୁଳ ମୂଲ୍ୟ ଦେବାକୁ ପଡିଥାଏ । ଆହୁରି ଯଦି ସ୍ୱାମୀ ଛାଡପତ୍ର ଦେଇ ୨ୟ ସ୍ତ୍ରୀ ଗ୍ରହଣ କରୁଥାଏ ତ ତାକୁ ଅଧିକ ପରିମାଣରେ କନ୍ୟାମୂଲ୍ୟ ଦେବାକୁ ହୋଇଥାଏ । ସେପରି ଲୋକକୁ ମଧ୍ୟ ସମାଜରେ କେହି ଆଦର ସର୍କାର କରିନଥାନ୍ତି । ସେ ଦୃଷ୍ଟିରୁ ଜୁଆଙ୍ଗ ସମାଜରେ ଛାଡପତ୍ର ପ୍ରାୟତଃ ଦେଖା ଯାଇନଥାଏ ।

## ବିବାହ ଓ ପର୍ବପର୍ବାଣୀରେ ବୋଲାଯାଉଥିବା ଜୁଆଙ୍ଗ ଲୋକ ସଂଗୀତ -

ଓଡିଶା ଆଦିବାସୀ ସମାଜ ଅନ୍ତର୍ଗତ "ଜୁଆଙ୍ଗ" ସଂପ୍ରଦାୟର ଲୋକଗୀତକୁ (Folk songs) ଚାରି ଭାଗରେ ବିଭକ୍ତ କରାଯାଇଛି । ଯଥା- ୧) କାଲେ (୨) କାହାଣୀଭିତ୍ତିକ (୩) ବିବାହ ସଂଗୀତ (୪) ଚାଙ୍ଗୁଗୀତ

**(୧) ନାଲେ ସଂଗୀତ** - ଏହି ସଂଗୀତ ବୟସ୍କା ଜୁଆଙ୍ଗ ମା ମାନାେ ତାଙ୍କର କ୍ରନ୍ଦନ ରତ ତଥା କାନ୍ଦୁଣିଆ ସନ୍ତାନମାନଙ୍କୁ ଆଶ୍ୱାସନା ଦେବା ଉଦ୍ଦେଶ୍ୟରେ ଗାଇଥାନ୍ତି । ଏହି ସଂଗୀତରେ ବାତ୍ସଲ୍ୟରସ ପ୍ରକଟିତ ହୋଇଥାଏ ।

**(୨). କାହାଣୀଭିତ୍ତିକ** - (Story telling) ଏହି ସଂଗୀତରେ ମାନବିକ ଦୁଃଖ, ଦୈନ୍ୟ ନିର୍ଯ୍ୟାତନା, ଶୋଷଣ, ପୋଷଣ ଆଦିର କରୁଣ ସ୍ପର୍ଶ ରହିଥାଏ । ସାଧାରଣତଃ ବୟୋବୃଦ୍ଧା ନାରୀମାନେ ଏହି ସଂଗୀତ ଗାନ କରିଥାନ୍ତି । ଆଦିବାସୀ ବୟସ୍କା ନାରୀମାନେ ମିଳିତ ହୋଇ ଏହି ଜୀବନ ଧର୍ମୀ ସଂଗୀତ ପ୍ରଥମା ଧାନବୁଣା ପର୍ବ ସମୟରେ ଗାନ କରିଥାନ୍ତି । ଏହି କରୁଣ ରସାଶ୍ରୟୀ ସଂଗୀତ ଗାନ କରି ସେମାନେ ଦୁଃଖ ଶୋକ, ରୋଗ, ବ୍ୟାଧି, ଓ ଆକସ୍ମିକ ସାମୟିକ ବିପଦରୁ ଉଦ୍ଧାର ପାଇବା ନିମିତ୍ତ ନିଜର ଦେବଦେବୀଙ୍କୁ ପ୍ରାର୍ଥନା କରିଥାନ୍ତି ।

**(୩). ବିବାହ ସଂଗୀତ** - ବିବାହ ଉତ୍ସବାଦିରେ ଜୁଆଙ୍ଗ ଯୁବକ, ଯୁବତୀମାନେ ମିଳିମିଶି ମନ ଆନନ୍ଦରେ ବିବାହ ସଂଗୀତ ଗାନ କରିଥାନ୍ତି । ବିବାହ ସଂଗୀତ ଗାନ କରିବା ସମୟରେ ଉଦ୍ଦାମ ଯୌବନର ପ୍ରେମ ପ୍ରଣୟ ଭାବ ପ୍ରକାଶ କରିବା ପାଇଁ ଧାଙ୍ଗଡା / ଧାଙ୍ଗଡିମାନେ ନୃତ୍ୟ ପରିବେଶଷରେ ଉନ୍ମାଦିତ ହୋଇଯାଇଥାନ୍ତି । ଏହି ନୃତ୍ୟ ଗୀତ ପରିବେଷଣ ମାଧ୍ୟମରେ ଯୁବକା/ଯୁବତୀମାନେ

ନିଜ ନିଜର କଳା ଚତୁରୀ ପ୍ରଦର୍ଶନ ପୂର୍ବକ ପ୍ରତିଯୋଗୀତା ଓ ପ୍ରତିଦ୍ୱନ୍ଦିତା ପର୍ଯ୍ୟାୟରେ ଉପନୀତ ହୋଇଥାନ୍ତି । ଏହି ବିବାହ ସଂଗୀତରେ ଆଦିବାସୀ ତଥା ଶୃଙ୍ଗାର ରସର ଝଲକ ପ୍ରତିବିମ୍ବିତ ହୋଇଥାଏ ।

**(୪) ଚଙ୍ଗୁ ସଂଗୀତ** –ଚଙ୍ଗୁ ସଂଗୀତ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅଧିକ ପ୍ରଭାବଶାଳୀ । ଏହି ଚଙ୍ଗୁ ସଂଗୀତରେ ଲୋକପ୍ରିୟ ଗୀତ, ଚରଣ ସଂଗୀତ, ପ୍ରେମ ସଂଗୀତ, ବିୟୋଗାନ୍ତକ ବିଷାଦ ସଂଗୀତ  ଦୈନନ୍ଦିନ ଜୀବନରେ ଘଟୁଥିବା ଓ ଗ୍ରାମର ପାରିପାର୍ଶ୍ୱିକ ଦୃଶ୍ୟକୁ ନେଇ ସୃଷ୍ଟି ହୋଇଥିବା ସଂଗୀତ ମାନ ଏହି ଚଙ୍ଗୁ ସଂଗୀତ ଅନ୍ତର୍ଭୁକ୍ତ ।

# ବିବାହ ଗୀତ

ବିବାହ ସ୍ଥିର ହୋଇଯିବା ପରେ ଗ୍ରାମର ବୟସ୍କମାନେ କନ୍ୟାର ଗ୍ରାମକୁ ଯାଇ ବଧୂକୁ ନେଇ ଆସନ୍ତି । କାରଣ ବିବାହ ବର ଗ୍ରାମରେ ହିଁ ହୋଇଥାଏ କନ୍ୟା ଆସି ବର ଗ୍ରାମରେ ଉପସ୍ଥିତ ହେବା ପରେ ଗ୍ରାମର ଯୁବକ, ଯୁବତୀମାନେ ତାହା ପ୍ରତି ପରିହାସ କରି ଯେଉଁ ଗୀତ ଗାଇଥାନ୍ତି, ତାହା-

ଶିଶିର ଡାକଡା ଲାଜାଜ୍ ଲୋ ବାଙ୍ଗରି,
ଶିଶିର ଡାକଡା ଲାଲାଜ୍
ଲାଲାଜ ଜଲେ ଜଲେ ଇଣଲୋ
ଜଲେଇ ଆଣାମା କାଟେ କେ
ଲାଲାଜୁଖାଁ କୁ ସେକେ ଲୋ ବାଙ୍ଗରୀ
ବିରି ମିକିବାନ ଏରାତେ
ଆଉବ ଲେଲଗାଁ ଇନେବ ମେଲେଗାଁକାମ ତେର
ମିଜୁରିଅ ଲୋ ବାଙ୍ଗରୀ
କାକାମ ତେର ମିଜୁରିଆ
କସ ଲାଗ ବିଡାମିଞ୍ଜ ବେଜେରାଂ ମୁଟାମିଞ୍ଜି
ମେଗଗ ସେର ଅଦ ଗଟାଙ୍ଗ ତେ ॥
ଆଉବ ମେଲଗାଁ ଇନେବ ମେଲଗାଁ ପରିତିମୂତେ
ମିଜୁରିଅ ଲୋ ବାଙ୍ଗରୀ
ପିରତୀ ମୂତେ ମିଜୁରିଅ,
ମନଚେର ଆଟ ଗଟାଙ୍ଗ ଲୋ ବାଙ୍ଗରୀ, ବିରିତେ ମନ ମିକିବ
ପିତାତେ ମନ ମିକବଲୋ ବାଙ୍ଗରୀ,
ଯେକେଲେଙ୍ଗତେ ମନ ମିକିବ ।

**ଭାବାର୍ଥ-** ରେ ବାଙ୍ଗର (ଗେଡିକଟିଆ) ଶିଶିର ଜଳରେ ସୂର୍ଯ୍ୟ କିରଣ ପଡି ନିଆଁ ଜଳିବା ଧରି ଦେଖାଯାଉଛି । ନିଆଁ ଜଳୁ ଜଳୁ ଦେହମଧ ଜଳୁଛି ଓ ଆତ୍ମାକୁ ବାଧୁଛି ।

ଝିଅଟି ନିଆଁ ଶାଳରେ ଗୋଡ ଲମ୍ବାଇ ଭାତହାଣ୍ଡିକୁ ଆବୋରି ବସିଛି । ରେ ବାଙ୍ଗରୀ ! ତୁ ଗାଧୋଇବାକୁ ଯାଇ ତୁଠରେ କଣ କଲୁ ଓ ସେଠାରେ ଆଖି ଠାରି କାହାପ୍ରତି ମନ ବଳାଇଲୁ । ତୁ ନିଶ୍ଚୟ ଗଲାବେଳେ ବିଡାଏ ଶୁଖିଲା ପତ୍ର ଓ ମୁଠାଏ ଧୂଆପତ୍ର (ଦୋକ୍ତା)ନେଇ ଅଧାଦୂର ଯାଇଥିବ । ସେଠାରେ ଇତସ୍ତତଃ ଆଖିପରି କାହା ପ୍ରତିତିରେ ଇଛାକଲୁ । ହାଟକୁ ଯାଇ କାହାଠାରେ ମନ ଦେଲୁ, ରିବନ ଫିତା ଓ କାନଫୁଲରେ ମନ ଦେଇ କାହାପ୍ରତି ଆକୃଷ୍ଟ ହେଲୁ ?

## ବିବାହ ଗୀତ -୨

କନ୍ୟା ସହିତ ବର ଓ ବରଯାତ୍ରୀଗଣ ଗୃହକୁ ପ୍ରତ୍ୟାବର୍ତ୍ତନ କରି ସାରିବା ପରେ ବର ଗ୍ରାମର ଯୁବକ ଓ ଅନ୍ୟାନ୍ୟ ଗ୍ରାମର ଯୁବତୀ ମାନଙ୍କ ମଧ୍ୟରେ ଙ୍ଗୁନାଚର ଆୟୋଜନ ହୋଇଥାଏ । ଏହି ନୃତ୍ୟ ଅତି ଚିତ୍ତାକର୍ଷକ ଓ ଆମୋଦଦାୟକ ହୁଏ । ସେହି ଙ୍ଗୁ ନାଚରେ ଗାନ କରାଯାଉଥିବା ଗୀତ-

ସୁଜି ବିଲଆ ଲେରାଂଡେନ କାନିଆରେ ବାଅରେନାନ କମେସାର ସୁଜି ବିଲଆ ଏରାଗ ସେକେ ସୁଜାଂ କିଜକେ ଟିଙ୍ଗାଂ ଟିଙ୍ଗାଂ ଲୋ ବିଲ ବାଙ୍ଗରୀ,

ଆକବ ତିତିର ଦେରେ ନାଟା ଶାଳବ ଡାକେ ଇୟାନକ
ମୁଟେ ଆଡେଣ୍ଡେ
ଆଲୁଗାଁ ତିତିର ଚେରେ ଲୋ ବିଲ ବାଙ୍ଗରୀ
କଞ୍ଚେଲାନଡଡେ ଡିଣ୍ଡିଞ୍ଜ ଜେନା ମିଚରେ ଆରାମ ଗାମ
ଆଣୁ ତିର ତିର ଲୋ ବିଲ ବାଙ୍ଗରୀ
ସତ ଜେନା ମିଚ ଜେନା
ମାମିରା ମଡେହଡା କରି ଲୋ ବିଲ ବାଙ୍ଗରୀ ।

ଭାବାର୍ଥ- ମଝି ବିଲରେ ଜହ୍ନ ଉଇଁଲା । କନ୍ୟା ଆଣୁ ରାତି ପାହିଗଲା । ମଝି ବିଲରେ ଧାଟିଙ୍ଗ ଫୁଲ ଫୁଟିଛି । ବାଙ୍ଗରୀ ଝିଅଟି ବିଲରେ ଡେଇ ଡେଇ ନାଚୁଛି । ପାଉଁଶ ଗଦା ହୋଇଛି, ନାଚ, ନାଚିବାକୁ ଡାକିଲେ ଝିଅଟି ମୋଟେ ଆସୁନାହିଁ । ଝିଅଟି ପାଉଁଶ ଗଦା ଉପରେ ଶୋଇଛି । ଛଣ କାଟୁଛି । ଝିଅକୁ ନଦେଇ ମିଛରେ ଜୋଇଁ କହିଲା । ହନୁ ଡେଇଁବା ପରି ବାଙ୍ଗରୀ ଝିଅଟି ନାଚ ନାଚି ତା ଶାଶୁ ନାକରେ ଗୋଇଠା ମାଇଲା । (ଏହି ଗୀତରେ ଭିନ୍ନ ଭିନ୍ନ ପ୍ରସଙ୍ଗର ବର୍ଣ୍ଣନା ହୋଇଥିବା ଦେଖାଯାଏ) ।

## ବିବାହ ଗୀତ -୩

ବିଭାଘର ଉତ୍ତରୁ କନ୍ୟା ଗାଧୋଇ ଆସିବା ପରେ ଗ୍ରାମର ବୟସ୍କା ସ୍ତ୍ରୀ ଲୋକମାନେ ତାହାକୁ କୋଳରେ ଧରି ନୃତ୍ୟ କରନ୍ତି । ସେହି ସମୟରେ ଗାନ କରାଯାଉଥିବା ଗୀତ-

କୁକୁଲୋ ସେମଲାକ ସେଗାଁତାରକୁ
ଦବା ଗୁଡିଆ ଲାଗଣା ଶର ରାସିଂଡେତେ ବାନାରକୁ,
କୁକୁଲେ କମଙ୍ଗ ଗେର ସେ ଗାଁ ତିରାକୁ
କାଉଚିଆ ପାଗମଣ୍ଡେତେ ଲତାଂ ଲତାଂ ଅଣ୍ଡେରକୁ ।
ଡାଏ ଡାଏ ଲୋ ସେମେଲାନ୍ , ଜିଗାଁ ତାର ଡାଏ
ବାର ବାଇ କାକାମ ଜିତେ ଜିଗାଁ ତାର ଡାଏ,
ଉଆ ଉଆ ଲୋ ସେମଲାନ୍ ବାନାର ଉଆ
ବାରାଦିନତେ ବାର ପୁଟାଲା କିବେ
ତେର ଦିନତେ ତେର ପୁଟାଲା କବ ତେର ଉଆ
କୁକୁଲେ କମଙ୍ଗେର ବାନାରକୁ
ବାର ଦିନତେ ବାର ପୁଟାଲା କବରକୁ ।
ଡେଡେଲେ କମଙ୍ଗେର ଡେରାରେର ଡେଜେ
ଉଆ ଉଆଲା ସେମଲାନ୍ ଡେରାରେ ବାଡେରେ ।
ଡେଡେଲୋ ସେମଲାନ ଡେରାରେର ସଦେ
ଡେଡେଲେ କମଙ୍ଗେର ଡେରାରେର ସବର ଡେ
ଡାଏ ଡାଏ ଲେ କମଙ୍ଗେର ଡାଜାଁତାର ଡାଏ
ଡେରା ରେର ସନ ସୁନ୍ ଡାଏ
ଡେଡେଲେ କମଙ୍ଗର ରାସିଂଡେର ଅମଳ ଗେର ତେ
ଡେଡେଲୋ ସେମଲାନ୍ ଅବଲଗ ସୁନଡେ
ବାର ବରଷରା ଜନ ଗନିଞ୍ଜଡେ ତଗାଁ ସୁନଡେ
ଡେ ଡେ ଲୋ ସେମଲାନ୍ ଡେରା ରେର ସବେ
ଅଳେରେ ରଡେ

ଡେଡେଲୋ ସେମଲାନ୍ ତଲାଜି ଗାଁର ଡେ
ଅମରନିଞ୍ଚ ମାକୁର ଡୋ ଲେବେର କେରେଡେ
ଡେଡେଲୋ କମଙ୍ଗେର ତଲାଜିଆଁନ
ଲେବେରେର ଡେ
ଡେଡେଲୋ ସେମଲାନ୍ କାଲେ ନିଞ୍ଚର ଡେ
ନାରିରି, ରି, ରି, ରି, ରି, ରିଲେ କମଙ୍ଗେର
ଲରୁ...ରୁ.....ରୁ.....ରୁ.....ରୁ ॥
ଡୁଡୁଲେ କମଙ୍ଗେର ବୁଲୁ ନାର ଡୁ
ସାଙ୍ଗେ ବାଇ ମ୍ଭାରିକି ନାଟ କରିତନ
ଇଲିକି ବୁରୁ ନାରୁଡୁ
ଧରିଲୋ ଦଇବ ଧରିଲୋ କରମ
ଜନସତା ଜାଲରା କଙ୍ଗେଲ କତା ଜୀବନର ଅଳ ॥

**ଭାବାର୍ଥ-** ରେ ଯୁବତୀ ! ଆଗରେ ଚାଲ । ଏକ ଖାଲୁଆ ଥାନରେ ଲାବଣ ଶର ଫୁଲ ଅଛି । ତାକୁ ଆଣିବା । ରେ ଯୁବକ । ଆଗରେ ଚାଲ ତୋ ମୁଣ୍ଡରେ ଥିବା ପଗଡିକୁ ଚାହିଁ ଚାହିଁ ମୁଁ ଯାଉଥିବି । ରେ ଯୁବତୀ ! ତୁ ତୋର ବାର ଭାଇ ଗ୍ରାମର ବୟସ୍କ ବ୍ୟକ୍ତି) ମାନଙ୍କୁ ପଚାରି ଆ । ବାରଦିନ ପାଇଁ ବାର ଗୋଟିଏ ଖାଦ୍ୟ ପୁଟୁଳି ସଙ୍ଗରେ ନେଇ ଆ । ମୁଁ ତେର ଦିନ ପାଇଁ ତେରଟି ପୁଟୁଳି ଧରିଅଛି । ତୁ ମଧ୍ୟ ସେହିପରି ଆ । ଯେ ଯୁବକ ! ଚାଲଯିବା, ମୁଁ ବାରଦିନ ପାଇଁ ବାରଟି ପୁଟୁଳି କରିଅଛି । ଏହା ଉତ୍ତାରୁ ଯୁବତୀଟି ଲାବଣ୍ୟ ଶର ଫୁଲ ଗଛରେ ଚଢିବାକୁ ଗୋଟିଏ ଡେରା ହାଣିବାକୁ ଅନୁରୋଧ କରିଛି । ଯୁବକଟି ଗୋଟିଏ ଡେରା ନିର୍ମାଣ କରି ଯୁବତୀଟିର ସାହାଯ୍ୟରେ ଗଛରେ ଡେରିଛି । ଯୁବତୀଟି ଡେରାକୁ ଧରିଛି ଓ ଯୁବକ ତାହା ସାହାଯ୍ୟରେ ଗଛରେ ଚଢିଛି । ସେ ଗଛ ଉପରକୁ ଉଠିଯିବା ପରେ ଯୁବତି ତାହାକୁ ଫୁଲ ତୋଳି ତଳକୁ ପକାଇବାକୁ ଅନୁରୋଧ କରିବାରେ ଯୁବକ ଦୁଇଟି ଫୁଲ ପକାଇଛି, ବାରବର୍ଷ ହେଲା ମନ କରିଥିଲୁ ପିନ୍ଧ ବୋଲି । ଯୁବତୀଟି ଫୁଲ ପିନ୍ଧିବା ପରେ ଯୁବକକୁ ଗଛରୁ ଓହ୍ଲାଇ ଆସିବାକୁ କହିଛି । ସେ ଡେରାଟି ଧରିଛି ଓ ଯୁବକ ଓହ୍ଲାଇ ଆସିଛି । ତା ପରେ ଯୁବତୀ ଗୋଡ ଲମ୍ଭାଇଛି, ଯୁବକଟି ଆଖିରେ ନିଦ ଆସୁଛି କହି ଶୋଇ ପଡିଛି ଓ ଯୁବତୀ ଗୀତ ଗାଇଛି । କିଛି ସମୟ ପରେ ସାଙ୍ଗସାଥୀମାନେ ନାଚ କୀର୍ତ୍ତନ କରିବାରେ ଶୁଭିବାରୁ

ଯୁବତୀଟି ଯୁବକକୁ ଉଠାଇଛି । କିନ୍ତୁ ତାର ଜୀବନ ଚାଲି ଯାଇଛି । ସେ ନିଜର ଭାଗ୍ୟକୁ ଦୋଷ ଦେଇ ବାହୁଟି ବାହୁଟି ବିଳାପ କରୁଛି ।

## ବିବାହ ଗୀତ-୪

ଜୁଆଙ୍ଗ ଗ୍ରାମରେ ବୃଦ୍ଧ ଓ ବୃଦ୍ଧାମାନେ ବାବାଜୀ ବେଶରେ କନ୍ୟାକୁ ବାଟ ଓଗାଳିବା ସମୟରେ ଗାଉଥିବା ଗୀତ-

ରାଙ୍ଗାଗାମ ରିଙ୍ଗିଗିମ କାଳାର ଲୋ ରାଇମୁଲ୍ଲୀ
ବାଡୁଙ୍ଗେ ବାଡୁଙ୍ଗେ ମେଗାମ କେଜୁ ବଡୁ କଣ୍ଡାଏ
ଗଟାଂ ବଡେ ଲାଙ୍କା ଲୋ ରାଇମୂଲି
କି ସେଲାନ ଡାଏରେ ଇତି ସେଗନ ମୁଆଁ ଦି ଖଣ୍ଡି
ଗଟାଂର କାଇ ଲୋ ରାଇମୁଲ୍ଲୀ
ବାସାଞ୍ଜୀ ବାସାଞ୍ଜା ମେଗାମ୍ କେଜ ଗାଇମୁଲ୍ଲୀ

**ଭାବାର୍ଥ-** ରେ ଯୁବତୀ! ଆଗରେ ବୁଢାବୁଢୀ କଙ୍କଡା ଜଗିଛନ୍ତି, ତୁ ପଳାଇବା ବୋଲି କହୁଛୁ ଯେ ବାଟ ତ ବହୁତ ଦୂର ଅଛି । ଏ ଝିଅଟି ଦୁଇଟି ମୁଆ ରଖିଥିଲା । ବାଟରେ ଖାଇବା ପାଇଁ ହେ ଯୁବତୀ । ବାଟରେ କାଇ ପିମ୍ପୁଡି ରହିଛନ୍ତି । ଝାଡିବା କହୁଛୁ ଯେ ସେମାନେ ଆଖି ନାକକୁ କାମୁଡି ଦେଉଛନ୍ତି ।

## ବିବାହ ଗୀତ-୫

ବିବାହ ପରେ ଗ୍ରାମର ବୁଢା ଓ ବୁଢୀମାନେ ଆନନ୍ଦିତ ହୋଇ ଯେଉଁ ନୃତ୍ୟ କରନ୍ତି, ସେ ସମୟରେ ବୋଲା ଯାଉଥିବା ଗୀତ-

ଉଆ ଲୋ ବାଉଳି ବାନା ଦାଣ୍ଡକୁ
ଜିଙ୍ଗାରିଆ ଗୀତ ଶୁଣି ଆସିବା
ଅଙ୍ଗସେର ଆମା ଅଙ୍ଗ ସେର
କନଣ୍ଡ ଅଲୁଆ କିବଲୋ ବାଚୁରୀ
କଞ୍ଚେଲୋକିଞ୍ଜୀ ଅଲୁଆ କିବ ।
ବୁଜା କକବ ଡେର ମନମ ଲୋ ଲାଣ୍ଡି
ଚୁଡା କକବଡେ ମନ ।
ବୁଆ ଡୁଲୁଙ୍ଗ କେଜୁ ସାକଚ ବାକବ କେ

କୁଦୂରେ ରିଟ୍ କେକୁ କାଲଂ କାଲଂ କେ
ପୁଣି ଇତିଆଣ୍ଡେ କାଶୁକେ ଗାମକେ ଲୋ ବାବୁରୀ
କେଳାଗ ଇତିଅଣ୍ଡେ କାଶୁକେ ଗାମକେ
ବିରତେ ଲେ ଲାଣ୍ଡା ବିରିତେ ଜେନା
ପରବୁଆ ଶୁଣିତେ ମିଲିଲଜ ମେକନ କନ୍
ଧନ ଦୁଗାନମ ଡେକ ଗମ ଗିଜାଂ କି
ଡେଡେ ଲୋ ବଇଆ ଗଗାନ କି ଜାଲେ
ବୁଢା ବଳଦରେ ସାଡେରେ ମେକି
ବାଗା ବଇଁଶିରେ ସାଡେରେ ମେକ
ରାକାଜ ଆଟିଆରେ ସାଡେରେ ମେକ ।
ଅମାମ ଡେ ଅନଚେରେ ଆଣ୍ଡୁ ଗଲେ ତେ
ବୁଇନମଡେ ଅନଚେରେ ଲୁହୁଂ ବୟମତେ
ଅବାମ କାଙ୍ଗାଲରେ ଜିମ୍
ବୁଇନମ କାଙ୍ଗାଲରେ ଜିମ୍ ॥

**ଭାବାର୍ଥ-** ରେ ବାଉଳି ! ଚାଲ ଦାଣ୍ଡକୁ ଯିବା । ଝଂକାରିଆ ଗୀତ ଶୁଣି ଆସିବା । ଉତ୍ତରରେ ବଉଳି କହୁଛି । ଶୁଣିଥାନ୍ତି କି ନ ଶୁଣିଥାନ୍ତି, ମୋର ପୁଅ, ଝିଅ, ମୋତେ ଅଦୁଆ କରୁଛନ୍ତି । ରେ ଲାଣ୍ଡି, ମୋର ମୁଢି ଖାଇବାକୁ ମନ ହେଉଛି, ଚୂଡା ଖାଇବାକୁ ମନ ହେଉଛି । ଲାଣ୍ଡି (ଝିଅ) ଉତ୍ତର ଦେଉଛି ଯେ, ତାର ଭାଉଜ ଧାନ କୁଟୁଛି ଯେ ସାକବ ସାକବ ଶବ୍ଦରେ ବିଆଡି ପଡୁଛି......ମାଣ୍ଡିଆ ବାଟୁଛି ଯେ, କାଲଙ୍ଗ କାଲଙ୍ଗ ଶବ୍ଦ କରି ତଳକୁ ଗଳି ଆସୁଛି । ପୁଣି ଗଣ୍ଠି ହାତଟି ବ୍ୟଥା କରୁଛି ବୋଲି କହୁଛି ଓ ବୁଢା ଆଙ୍ଗୁଠିଟି ମଧ୍ୟ ବଥା କରୁଛି ବୋଲି କହୁଛି । ଲାଣ୍ଡା (ପୁଅ) ତୁ କଣ ପାଇଁ ପର ଭୁଅଅଶୁଣୀକୁ ହଇରାଣ କଲୁ ? ସେମାନେ ତୋର ସବୁ ଧନ ସମ୍ପତ୍ତି ନେଇଯିବେ । ଉତ୍ତରରେ ଲାଣ୍ଡା କହୁଛି- ହଉଲୋ ମାଆ ! ସେମାନେ ସବୁ ନିଅନ୍ତୁ ପଛେ, ମୋର ବୁଢା ବଳଦଟି, ମୋର ଭଙ୍ଗା ବାଉଁଶଟି ଓ ମୋର ଛିଣ୍ଡା ପଟିଆଟି ନ ନେଇ ଛାଡି ଦିଅନ୍ତୁ । ଝିଅଟି କହୁଛି ତୋ ବାପା ହନୁ ମାରିବାକୁ ଓ ମାଆ ବଇଙ୍ଗା ଆଳୁ ଖୋଳିବାକୁ ଯାଇଛନ୍ତି । ସେ କାଙ୍ଗାଳ/ କାଙ୍ଗାଳୁଣୀ ସବୁ ଖାଇଦେଲେ ।

## ଗୀତ ନଂ ୬

କନ୍ୟା ଘରୁ ବର ଫେରିଲାପରେ ଏହି ଗୀତ ବୋଲି ନାଚ କରାଯାଇଥାଏ

କାଜେ ଲାଗ ଟେଲେଜ ଟେଜାନ୍

କାଁଜେଲାଗ ଟେଲେଜ ଟେଜାନ୍ ।

ଆଜି ରତେ ଡିଞ୍ଜି ଡିଞ୍ଜି ଦେନା ମିଚରେ

କଲେଜ ଲେଜାନ୍

ସୁକୁଡାଗ ପାର ଗାମଲେ ସୁକୁଡାଗ ପାଉଗାମ ।

ଆଜିରତେ ଡିଞ୍ଜି ଡିଞ୍ଜି

ଜେନା ମିଚରେ ବାଉ ଗାମ ।

ଗିମାରେ କଜେବ କେ ଜେବକେ ଗିମାରେ

କଜେବକେ ଜେବ କେ ।

ଆଉ କିନା ଟିଣ ଅନଜ ସେଲାନ ଡାଏରେ ଜେକେ

ଅଜାଙ୍ଗ ଲେରା ବସେକେ, ଅଜାଙ୍ଗ ଲେରାବ ସେକେ

କାନିଆଁ ଲୁଣ ଭରଜ ଆଲୁଗାଁ ଲିଗବ ସେକେ ।

**ଭାବାର୍ଥ-** ସାନ ଚଢେଇଟି କିଚିରି କିଚିରି ବୋବାଇଲା । ଝିଅଟି, ତା ନାନୀକୁ ଦେଇନାହିଁ, ମିଛରେ କଳିକଲା, ଲାଉତୁମ୍ଭାଟି ଉପରୁ ପଡିଲା । ଝିଅଟି, ତା ନାନୀକୁ ଦେଇନାହିଁ, ମିଛରେ ଭିଣୋଇ କହିଲା । ବର୍ଷା ଝିପି ଝିପି ଦେଉଛି, ଘର ପଛ ପାଖେ ଯୁବତୀଟି କାନ୍ଦୁଛି ବଣ ଆଳୁ ଫଳ ଗଦା ହୋଇଛି । ଯୁବତୀଟି ସେପରି ବାହା ଘରିଆ ଭାତ ଖାଇ ଘର ଭିତରେ ଶୋଇ ରହିଛି ।

## ବିବାହ ଗୀତ - ୭

ବିବାହ ଶେଷରେ ଗ୍ରାମର ବୃଦ୍ଧ / ବୃଦ୍ଧା, ଯୁବକ / ଯୁବତୀ ସମସ୍ତେ ମିଳିମିଶି ଆନନ୍ଦରେ ନୃତ୍ୟ କରିବାର ଅନ୍ୟତମ ଗୀତ ।

ଡେ ଡେକ ଡେ ଡେକ ଡିଅମଡ

ସେଙ୍କଏ ବକ ବଡ ରେଅବଡ

ମାରାଗତେ ବାଜଁଅ ଉଡାଇ ଇଣି

ଉଆଲେ ବନାଏ ବକ ମା ମିକିଜ
ଆଲାଏ ବକ ଗାମକେ ଜେନା ଜେନା
ରାସିଂ ବକ୍ ଗାମେକ ଅଜଡେ ଅଜଡେ
ଉଆଲେ ବୁଡା ବିଗା ଡେନା
ରଙ୍ଗୁରେ ଦି ହାତ ସମା
ସେଲାନ କି ଡେଣ୍ଡେକି କଜଣ କିଜଣ
କାଣ୍ଡା ଏକି ଡେଣ୍ଡେକି କିଜଣ କିଜଣ
କୁ ଲୋ ବୁଡ ବାଡୁଂ ଗେଣ୍ଡଲଙ୍ଗ ବାଡିରେ ସବେ
ଅଏଁ ତେ ବଡେ ଗିଆନ କେ
ସୁଗୁଇ କାଣ୍ଡାଏକି ଡେଣ୍ଡେକି ।

**ଭାବାର୍ଥ-** ମୋତେ କୁକୁଡାର ଛାତି ମାଂସ ଦେ । କୁକୁଡା ମୁଣ୍ଡରେ ଚୂଳ ଅଛି । ମୟୂର ଟିଏ ଦେଖିଲୁ, ତାର, ଦେହ କାଲରେ ନାଞ୍ଚବକ (ନାଞ୍ଚ ବଂଶର ଯୁବତୀ) ଆ ତୁ ନାଚିବୁ ନାହିଁ? ଆଲାଏବକ (ଆଲାଏ ବଂଶର ଯୁବକ ) ମନା କରୁଛି ।

## ଗୀତ ନଂ ୮

ବିବାହ ସମୟରେ ଆନନ୍ଦ ଉତ୍ସବ କରିବା ବେଳେ ଗାନ କରାଯାଉଥିବା ଗୀତ -

ସବ ସେକେ ବକ ସବ ସେକେ
କେଡାବ କେଲେବକ୍ କେଡାବ କେଲେ
କାଲଡଡେ ସବଜୁ କେଡା ବଞାଲେ
ଆଲୁଂଣ ବାଏବ ଲଂସେକେ
ତିଲାଜ କେଲେ ବକ ତିଲାଜ କେ
ଢଣାରେ କୁଟିଜ ଡିଜିଞ ଉଆ ।
କମିଣ୍ଡାଞ ଡେ ବକ ମାଣ୍ଡିଆ
ଡାକେ ପାଏ ବକ ପକେ ପାଏ
ଚଣ କୁଟିଜ ଡିଣ୍ଡିମିଞ କି
ବିରି ଶାଙ୍କାଣା ବକ ଡେଞେ କ କି
ଶାଙ୍କାଣାରେ କୁଟିଜ ଡିଣ୍ଡିମିଞ କ ॥

**ଭାବାର୍ଥ-** ବଡଭାଇ କଙ୍କଡାଟିଏ ଧରିବାକୁ ଚେଷ୍ଟା କଲାବେଳେ ସାନଭାଇକୁ ଡାକ କହୁଛି । ଏ କଙ୍କଡାଟି ମୋତେ ଧରିଛି ଓ କାମୁଡିଛି । ସେ ଭିତରୁ ବାହାରକୁ ଟାଣିଛି । କିଛି ସମୟ ପରେ ପୁଣି କହୁଛି- ମୋତେ ଭୋକ ହେଉଛି ଗଣ୍ଡିଏ ଭାତ ଦେ । ସାନ ବୋହୂ କୁଆଡେ ଗଲେ ? ଭାଇ ! ତାକୁ ଡାକିବୁ । ସେ ଖଣ୍ଡିଏ ଭାତ ଦେବେ । କଣ ତରକାରୀ ରାନ୍ଧିଛନ୍ତି ? ତରକାରୀ ଟିକିଏ ମଧ ଦିଅନ୍ତି ।

## ଗୀତ ନଂ -୯
## ବରଗୁଡି ପର୍ବ

ରାତ୍ରୀରେ ଗ୍ରାମର ବୁଢା/ବୁଢୀ, ଯୁବକ/ଯୁବତୀ ସମସ୍ତେ ମିଶି ଉତ୍ସବକୁ ଆନନ୍ଦ ମୁଖର କରିବା ପାଇଁ ଏହି ଗୀତ ଗାଇନୃତ୍ୟ କରନ୍ତି-

ବୁଢା ବୁଢୀ କଥା ଶୁଣ, ଦେଖ ଦଇବ ଦାରୁଣ
ସାତଖଣ୍ଡ ଝାଲଖଣ୍ଡ ବାନା କୁଲେ ବୁଢୀ
କାଲାସାତେ ଡାଗ ଅରେନ୍ ବୁଢା
ଝାଗଡେ ଅତେଞ୍ଚ କେଲେ ବୁଢା ଡାଗଡେ ଅତେଞ୍ଚକେ
ସେଙ୍ଗନ ଡେ ଅରେନ୍ ବୁଢା, ସେଙ୍ଗନ ଡେ ଅରେଲ
ତାସ କିଞ୍ଚିଣ୍ଡେ ଜଡେ ବୁଢା ତାସ କିଞ୍ଚଣ୍ଡେ ଯଡେ
ଉଡାଇ ଶିମ ନକବେ ।
ବଣରା ଡ଼ଗ ଆସିକେ ବୁଢା ବତରା ଡାଗ ଆସିକେ
ଏ ଜେ ଲାଙ୍ଗଲ ଡାଗ ବାଉଁରେ
କଏତେ ମେଲାଗଁର କଲେର ବାଡୁଙ୍ଗେ ।

**ଭାବାର୍ଥ-** ପ୍ରାକୃତିକ ଦୁର୍ବିପାକ ମଧରେ ଖାଦ୍ୟାଭାବରେ ଶିକାର ପାଇ ବୃଦ୍ଧ ନିଜର ବୃଦ୍ଧା ପତ୍ନୀକୁ ଧରି ସାତ ଖଣ୍ଡିଆ ପାର୍ବତ୍ୟାଞ୍ଚଳରେ ଥିବା ଗ୍ରାମକୁ ଅତିକ୍ରମ କରି ଯିବାପାଇଁ ଇଛା କରଛନ୍ତି ଓ ପରସ୍ପର କୁହାକୁହି ହେଉଛନ୍ତି । ରେ ବୁଢା ! ସାତଖଣ୍ଡ ଝାଡଖଣ୍ଡ ଯିବା, ରେ ବୁଢା ମାଠିଆରେ ପାଣି ଆଣରେ ବୁଢା । ପାଣି ଚୂଲିରେ ବସାଉଚିରେ ବୁଢା । କାଠ ଆଣ, ରେ ବୁଢା ! ଘରବାସ ନାହିଁରେ ବୁଢା ! କେବଳ ବରଗୁଡି ଖାଇ ବଞ୍ଚିବା, ରେ ବୁଢା, ବଣରେ ପାଣିଅଛି, ତୃଷା ହେଲେ ପାଣି ପିଇବା କାହାକୁ ଅନାଇ ରହିବୁ ନାହିଁ, ଚୁପଚାପ ପଳାଇ ଯିବା ।

## ଗୀତ ନଂ - ଦଶ

ଯେ କୌଣସି ଖୁସି ଅବସରରେ ଋଙ୍ଗୁ ବଜାଇ ଗାଉଥିବା ଗୀତ-

ସତେ ବନ ଶିଆଳ ସେକେ ଲେପ ଗାମ
ଅନଚେର ଡାଲୁ ଗଟାଂ ସେ ଲାକଟି ବେପତଙ୍ଗ କି ଆଞ୍ଜତେ
ଅବେ ଲଙ୍ଗହୁ ଲଲା ରାୟକ
ସତେ ବନ ଶିଆଳ ସେକେଲେପ ଗାମ
ଡାଲୁ ଗଟାଙ୍ଗ କସର ସେଣଙ୍ଗ
କଙ୍ଗେର କି ଗାମଟି ବାକେଞ୍ଜ କେଞ୍ଜତାନ
ସେଲାନ କି ସବକି ବକ ବଡଣ
କଙ୍ଗରେ ସବକି ଆଟାର ଡଣ
ସତେ ବନ ଶିଆଳ ସେକେଲପ ଗାମ ।

**ଭାବାର୍ଥ-** (ଗାଧୋଇଯିବା କାଳରେ ବାଟରେ ଗୋଟିଏ ପାଖେ କେହି ଦୌଡି ପଳାଇବା ପରି ଶବ୍ଦ ହେଲା) ସତେକି ଜଙ୍ଗଲ ଶିଆଳଟା ଶବ୍ଦ କଲା । ଗାଧୁଆ ତୁଠକୁ ଯାଇଥିଲି ଯେ ଯୁବତୀମାନେ ଡରାଇଲେ । ପଛକୁ ଅନାଇ ଦେଖିଲି ଯେ ସେମାନେ ହସି ଦେଲେ । ଗାଧୁଆ ତୁଠରୁ ବାଟରେ ଗୋଟିଏ ମଲା ଶୁଖିଲା ସମ୍ବର ପଡିଛି । ଯୁବକମାନେ କହିଲେ, କାଟିବ । ଯୁବତୀମାନେ ମୁଣ୍ଡ ପଟ ଧରିଲେ ଓ ଯୁବକମାନେ ଲାଞ୍ଜ ପଟେ ଧରିଲେ ।

## ଗୀତ ନଂ. ୧୧

ଅବସର ସମୟରେ ସମସ୍ତେ ମିଶି ଋଙ୍ଗୁନାଚକରି ଗାଉଥିବା ଗୀତ

**ଗୀତ-** କଟାଙ୍ଗ ପାଳିଆ ଇତରା ମେଲା ମୁଦି
ମେଗରା ସେରାନ ବନ୍ଦା ।
ବୁଣ ଏରା ତମ ରଡି ଲୋ ବୁଣ ଏରା ତମରଡି
ଲେଜ କିମ୍ବା କି ଗାମ କେମ୍ବା କି
ଇତିରା ଲୋ ମେଲା ମୁଦି ଡିଣ୍ଡା ସେଲାନ ଗୁଣ
କାଟି ଦେଲି ମୁଣ୍ଡା ସେଲାକ ଡାକା ବକବ ଡାକା
ଏ ସେ ମୁଣ୍ଡା ମୁଣ୍ଡା ।

**ଭାବାର୍ଥ-** କଟାଙ୍ଗ ଗଛର ଫାଳିଆ ପରି ଯୁବତୀ ହାତରେ ମୁଦି ଶୋଭା ପାଉଛି । ତୁ ସେ ମୁଦି ମୋ ଠାରୁ ବନ୍ଧା ନେଇଥିଲୁ । ଯେଉଁମାନେ ରାଗ କରୁଛନ୍ତି ସେମାନଙ୍କର ପାଟି ବାରହା-ପାଟି ପରି ଚିରି ଯାଉ । ହାତରେ ମୁଦି, ଯୁବତୀଙ୍କର ଏକ ଭୂଷଣ ଅଟେ । ମୁଁ କାଠ ଗଣ୍ଡିଟିଏ କାଟିଲି । ଯୁବତୀମାନଙ୍କ ମୁଣ୍ଡରେ ମେଞ୍ଚା ମେଞ୍ଚା ଉକୁଣୀ ଜମିଛି ।

## ଗୀତ ନଂ. ୧୨

ଯେ କୌଣସି ଅବସର ସମୟରେ ବୋଲା ଯାଉଥିବା ଗୀତ

ଗୀତ- ତୁବ ଡିରିଡେ ବୁବ ଡିରି ସେକେ
ଲାଟବ ଜେନାକ ଗିତବ ଜେନା
ଆଲୁଗାଁ ଉଣ୍ଡର ସେକେ,
ଶିମିରେ ଲେରାବ ସେକ,
ନାଟବ ଜେନାକି ଗୀତବ ଜେନା
ଆଲୁଗାଁ ଲାରା ସେକେ ।
ଶିମିରେ ଲୁଲିଆଇ ସେକେ
ଜାଲ ଖଣ୍ଡରା ଶାଳି ରାୟେଞ୍ଚ ବାରେ
ଡେନ ଚେରେଙ୍ଗୁ ବିରିତେ ଉଲିଆଇ ସେକେ
ଗିମାରେର ଝଏ ଗାମ କାନିଆ ସପ ସପତେ
ଅଙ୍ଗଜ ଜୀବନରେ ଝଏ ଗାମ୍ ।

**ଭାବାର୍ଥ-** ଉଇ ଲାଗିଛନ୍ତି । ଯୁବତୀଟି ନାଚ ନାଚିବାକୁ କିମ୍ବା ଗୀତ ଗାଇବାକୁ ଆସୁନାହିଁ । କେବଳ ଭିତରେ ଥାଇ ଶୁଣୁଛି । ଶିମ୍ବ ମଞ୍ଜିଟି ଗଜା ହୋଇଛି । ସେ ନାଚରେ ନାହିଁକି ଗୀତରେ ନାହିଁ, ଖାଲି ଭିତରେ ଭିତରେ ହସୁଛି । ଶିମ୍ବ ଗଛଟି ଲଟେଇଛି । ଝାଡଖଣ୍ଡରୁ ଶାଳୀ ଆସିଛି ଯେ, ସେ କୌଣସି କାରଣରୁ ଅଳି କରୁଛି । ବର୍ଷା ଝିପିଝିପି ଶବ୍ଦ କରୁଛି । କନ୍ୟାକୁ ଝିଙ୍କା ହେବା ଶୁଣି ଯୁବତୀଟି ଡରି ଯାଇଛି ।

## ଗୀତ ନଂ. ୧୩

ଯେ କୌଣସି ଅବସର ସମୟରେ ଋଙ୍ଗୁ ବଜାଉ ଗାଉଥିବା ଗୀତ-

ଗୀତ- ଗୁମୁ ଗୁମୁ ଗୁମୁଟାକ ଋଙ୍ଗୁରେ ଅଡଂଡେ
ଅର୍ଥ- (ଗୁମୁ ଗୁମୁ ଗୁମୁ ହୋଇ ଋଙ୍ଗୁ ବାଜଇ)
ଗୀତ- ଡାଇଁ ଡାଇଁ ଡାଇଁ ଡାଇଁ ଡଲରେ ଅଡଂଡେ
ଅର୍ଥ (ଢାଇଁ, ଢାଇଁ, ଢାଇଁ, ଢାଇଁ ଢୋଲ ବାଜଇ)
ଗୀତ- ଉଆଲ ସମଦାୟ କିନ୍ଦରେ କିନ୍ଦରେ ଡାଲ ନିକିଜେ
ଅର୍ଥ- (ଆସ ସବୁ ମିଳିମିଶି ନାଚ କରିବା)
ଗୀତ- ବରଷ ମିଡିଂଡେ ତରମିଂ ଡେଣ୍ଡେ ଅବରେ
ଅର୍ଥ- (ବରଷକେ ଥରେ ପରବ ଆସିଛି)
ଗୀତ- ଉଆଲ ନିଗିତଏ ଋଙ୍ଗୁ ଗୀତରେ
ଅର୍ଥ- (ଢୋଲ, ଋଙ୍ଗୁ ବାଇ ଗୀତ ଗାଇବା)

## ଗୀତ ନଂ. ୧୪

ଯେ କୌଣସି ଅବସର ସମୟର ଗୀତ-

ଗୀତ- ଜାବାକାଲେ ବକ ଜାବାକାଲେ
ସେଲାନ ଡାକା ବକବଡାକା ଜାବକାଲେ
ଅଙ୍ଗାର ଲେ ବକ ଅଙ୍ଗାଲେ
ସେଲାନ କିତେ ବାଜଁ ସେତାନ କମେସାର ।
କୁଟୁଲାଲେ ବକ କୁଟୁଲାଲେ
ସେଲାନ ଡାକା ଲୁଟୁରେ ଡାକା ବଣ୍ଟୁଲା
ବାଡୁଙ୍ଗ ଗେଁରି ବକ ବାଡୁଙ୍ଗ ଗେଁର
ଚଲିଆ ପାଦା କାଲୁଙ୍ଗ ଡେତେ ବାଅନାରି ।

ଭାବାର୍ଥ- ରେ ସାନଭାଇ । ଗୁଗୁଚିଆ ଫଳ, ଯୁବତୀମାନଙ୍କ ମୁଣ୍ଡରେ ଗୁଗୁଚିଆ ଫଳ ଲାଗିଛି । ରେ ଭାଇ ! କିଆ ଅଙ୍ଗାର । ଯୁବତୀମାନଙ୍କୁ ଦେଖିଥାନ୍ତୁ ଯେ ରାତି ପାହିଗଲା । ହେ ଭାଇ ! ନିଆଁଖୁଣ୍ଟା ଯୁବତୀମାନଙ୍କ କାନରେ କାନଫୁଲ ଅଛି । ରେ ଭାଇ ପଳାଇବା କି ? ଚିକିଆ ପଦାରେ ଯେଉଁ କଣ୍ଟାଆଳୁ ଅଛି, ତାକୁ ଆଣିବାକୁ ଯିବାକି ?

## ଗୀତ ନଂ. ୧୫

ଆମ୍ଭ ନୂଆଖିଆ ପର୍ବରେ ସମସ୍ତେ ମିଶି ଗାଉଥିବା ଗୀତ-

ଗୀତ- ଲାରାକେ ଗାଣ ଏକେ ଇଟି ସେଲାନ୍ ଡାଏରେ
କେଡେ ସୁନ୍ଦର ମନ ମାନେକେ ।
ବେଜେରାଂ ମୁଟାମିଞ୍ଜ କାଳିଆ ଲାଗ ମୁଟାମିଞ୍ଜି
ଡାଲୁଙ୍ଗ ଗଟାଂଗ ତେ ମେରାଙ୍ଗିଞ୍ଜି ।
ଲାକାତେ ମୁନେ ଇତି ଞବ ମିଡିଞ୍ଜଇ
ଜାତି ମଣ୍ଡେର ବୁମୁଡିନା
ମନ ଚେର ଆଟବ ବିରି ମଟ ମିକିବାନା
ଚୁକମଡେ ଆସିକେ ମୁଦି ସଡେ ଆସିକେ
ମାଣ୍ଡି କଙ୍ଗେଲକ ତେ ମନ ମଣ୍ଡେ ମାନକେ
ଗୀତ ତେ ମିମୁନ ଋଙ୍ଗୁନ
ଆମା ଚୁକମ ଡେତେ ମନମଣ୍ଡେ ମାନେଅ ।

**ଭାବାର୍ଥ-** ଏହି ଯୁବତୀଟି ହସୁଛି, କଥା କହୁଛି, କେଡେ ସୁନ୍ଦର ମାନୁଛି । ମୁଠାଏ ଦୋକ୍ତା ପତ୍ର, ଓ ବିଡାଏକାହାଲୀ ପତ୍ର ଗାଧୁଆ ତୁଠ ବାଟକୁ ନେବୁ । ତଳେ ରଖିଦେବୁ, ତା କାହାକୁ ଦେବୁନାହିଁ । ତୋର ଜାତି ଅଶୁଦ୍ଧ ଅଶୁଦ୍ଧ ହୋଇଯିବ । ହାଟକୁ ଯାଇଥିଲୁ ଯେ କାହିକିଁ ବିଳମ୍ବ କଲୁ ? ତୋର ତ ଚୁଡି ଓ ଗୋଡ ମୁଦି ଅଛି । କେଉଁ ଯୁବକକୁ ତୋର ମନ ମାନୁଛି ? ତୁ ମୋର ଗୀତକୁ ବାହୁଟିଲୁ, ମୋର ଋଙ୍ଗୁକୁ ବାହୁନିଲୁ, କିନ୍ତୁ ତୋର ଚୁହି ହାରକୁ ମୋର ମନ ମାନିଲା ।

## ଗୀତ ନଂ. ୧୬

ଯେ କୌଣସି ସମୟରେ ଅବସର ଗୀତ-

ଗୀତ- ତେରା ଡେମନା କଲେକଟର
ଡିମିଜେ କଟେ ଋଦର
ଟାଙ୍ଗୁଣିଞ୍ଜ ଗାଆଁ ବୁମୁଲ
ଡିମିଜେ ବିଅନ ସାର ।
ଡିମିଜେ କୁଡି, ଶାବଲ ଅଳେଜ

ନିଞ୍ଜନିରେ ଟାଙ୍କୁଣିଞ୍ଜ ଆରାସାନ ବକର ।

ଟାଙ୍କା ଡିଞ୍ଜକେ ସରକାର

କସ କବକେ ଜୁଆଙ୍ଗ ଅଫିସର

ତେରା ଡେମନା କଲେକଟର

ଡିମିଜେ କେତେ ଘଦର ।

ଭାବାର୍ଥ- କାଲି କକେକଟର ଆସିବେ, ସେ ଲୁଗା ଓ ଘଦର ଦେବେ । ସବୁ ଗାଁ ବୁଲିବେ । ବିହନ ଓ ସାର ଦେବେ । କୋଡି ଶାବଳ ଓ ବଳଦ ଦେବେ । ଆମେ ସମସ୍ତେ ତାଙ୍କର ସାନ ଭାଇପରି । ସରକାର ଟଙ୍କା ଦେଇଛନ୍ତି ଓ ଜୁଆଙ୍ଗ ଅଫିସର କାମ କରାଉଛନ୍ତି ।

## ଗୀତ ନଂ. ୧୭

ଯେ କୌଣସି ପର୍ବପର୍ବାଣୀରେ ବୋଲା ଯାଉଥିବା ଗୀତ-

ଗୀତ- ବାସବାନ ରାଗାଁଣାମ କଳାର ଲୋ ରାଇମୁଲ୍ଲୀ

କୁଟିଙ୍ଗାଂ ଟିଙ୍ଗାଂ

ଡାକଡେ ବାତାଗ ଉଆଁଲୋ ରାଇମୁଲ୍ଲୀ

ଡାକଡେ ବାପଗ ଭୂୟାଁ

ମେଡେ ନାର ତେରା ମୟା

ସେଣାଏ ରେ ଗାଗାଜାନ୍ ଟକବ ଲୋ ରାଇମୁଲ୍ଲୀ

ନିଞ୍ଜବା ତୁଲଂ ଦାନ୍ତ କକବ ଲୋ ରାଇସୁଲ୍ଲୀ

ଗଟାଙ୍ଗା ବାକୁୟାନ ବାଲା ବାଲ ଲୋ ରାଇମମୁଲ୍ଲୀ

ଟଗାଙ୍ଗା ବାକୁୟାନ୍ ବାଲା ବନ୍ଧା

ନିଞ୍ଜବା ତୁଲଂ ଘର ବାନ୍ଧା ଲୋ ରାଇମୁଲ୍ଲୀ

ଗଟାଙ୍ଗା ବାକୁୟାନା ସେମର ଲୋ ରାଇମୁଲ୍ଲୀ

ଗଟାଙ୍ଗା ବାକୁୟାନ୍ ସେମର

ନିଞ୍ଜବାରା ଆମଡାବ ଏମର ଲୋ ରାଇମୁଲ୍ଲୀ

ଗୁଣ୍ଡି ତୁଳିଆର ଅଲଙ୍ଗ ଲୋ ରାଇମୁଲ୍ଲୀ

ଗୁଣ୍ଡି ତୁଳିଆର ଆଲଙ୍ଗ

ମେଡେନାର ଡେରା ଗଲାଂଗ ।
ଗଟାଙ୍ଗ ବାକୁୟାନା କିମ୍ବରିଂ ଲୋ ରାଇମୁଲ୍ଲୀ
ଗଟାଙ୍ଗା ବାକୁୟାନା କିରିଂ
ନିଞ୍ଜବାରା ଆମ ଣ୍ଡାବ ବିରି
ଗଟାଙ୍ଗା ବାକୁୟାନା କଶର କନ୍ତାଂଗ ଲୋ ରାଇମୁଲୀ
ସେଲେନାକି ଗାମ କେକି ନେକେଞ୍ଜା କେଦାଂ
କଂଗେର କି ଗାମ କେକ ଜେନା ଜେନ୍
ଡାଲୁଂ ଗଟାଙ୍ଗ ସାରୁଲାଣ, ସେଲାନ କି କଙ୍ଗେ କି ଲାରାଗାଣ
ପାକୁଟି କମାଣ ଡେଜି ଜକି, ସେଲାନ କି କଙ୍ଗେର କି ଗଜି ଜକ

**ଭାବାର୍ଥ-** ରେ ସୁନ୍ଦରୀ ! ବୁଢା କଙ୍କଡା ଧରିଲୁ ଓ ବାଟରେ ଝାଟିଙ୍ଗ ଫୁଲର ରସ ପିଇଲୁ । ନାଚ କରୁଛି ଯେ ଡେଇଁ ଡେଇଁ ନାଚ କରୁଛୁ । ପାଣିକୁ ମାଡି ଦେଲୁ ଯେ, ପାଣି ଗୋଳିଆ ହୋଇଗଲା । କାଲି କମ୍ବା ପରଦିନ ଆସିବୁ (ବୁଢୀକୁ ବୁଢା କହୁଛି) ତୁ ଟାଣ କରିହରଡ ଭାଜିଲୁ ଯେ । ଆମର ତ ଦାନ୍ତ ଭାଙ୍ଗି ଯାଇଛି । ତୁ ବାଟରେ ବାଲା ବନ୍ଧା (ଏକ ପ୍ରକାର ସୁଗନ୍ଧ ଫୁଲ) ପାଇଲୁ ଯେ ଆମେ ତ ଘରବନ୍ଧା (ବିବାହିତ) ଲୋକ । ତୁ ବାଟରେ ଗୋଟିଏ ଛୁରି ପାଇଲୁ । ଆମର ତୋ ଠାରେ କଜର ରହିଛି । ଗଣ୍ଡି ଜଳରେ ଠେକୁଆ ଅଛି । ତୁ କାଲି ଶୀଘ୍ର ଆସିବୁ । ତୁ ବାଟରେ କୁରେଇ ଗଛ ପାଇଲୁ, ଆମର ତୁମ ସହିତ କି ସମ୍ପର୍କ ଅଛି ? ତୁ ବାଟରେ ଶୁଖିଲା ଶମ୍ବର ଛୁଆ ପାଇଲୁ । ଯୁବତୀମାନେ କାଟିବାକୁ କହିବାରୁ ଯୁବକମାନେ ମନାକଲେ । ଗାଧୁଆ ତୁଠରେ ଗୁମ୍ଫାଥିଲା । ଯୁବକଯୁବତୀମାନେ ହସ ଖୁସିରେ ଜଙ୍ଗଲ ସବୁ ହାଣିଦେଲେ । ତାପରେ ଯୁବକ ଓ ଯୁବତୀମାନେ ସବୁ ମରିଗଲେ ।

## ଗୀତ-୧୮

ଯେ କୌଣସି ଅବସରକାଳୀନ ଗୀତ-

ଗୀତ - ବାନ ବାଉନାନ ସେକାଲ ଖିଆ
ସେକାଲ ଖିଆ ବାନ ଏବାରେ ମାଗ ବରେଅ
ବାନ ବାଉନା ଯେମନ୍ତ ଗୁଣ୍ଡୁରି ବାନ୍
ଗୁଣ୍ଡୁରି ବାଉନା ଯେମନ୍ତ କଣ ତୁଲିଆ

କଣ ତୁଳିଆ ବାନଏ ବାର ମାରା ବରେଅ,
ବାନ୍ ବାଉନା ଯେମନ୍ତ ଆଡାଲେଙ୍ଗେ ବାନ୍ ।
ଆଡା ଲେଙ୍ଗବାନ ଏବାରେ ମାରା ବରେଅ
ବାଉନା ଯେମନ୍ତ ସେଣାଏ ତୁଳିଆ ।

**ଭାବାର୍ଥ-** ଆମେ ଫୁଲ ବା ସଙ୍ଗୀତ ଡକା ରଖିବା, ସକାଳ ଖିଆ ଡାକରାଥିବା, ନାଁ....ନାଁ ସକାଳଖିଆ ଡାକ ସୁନ୍ଦର ହେଲାନାହିଁ । ଆମେ ଗୁଣ୍ଡୁରି ବାନା ଡାକ ରଖିବା । ଗୁଣ୍ଡୁରି ବାନା ଡାକ ରଖିବାକି କଣ ତୁଳିଆ (କୋଣ ତଳ) ଡାକ ରଖିବା । କ'ଣ ତୁଳିଆ ଡାକ ସୁନ୍ଦର ହେଲା ନାହିଁ । ଆମେ ଆଡାଲେଙ୍ଗ ବାନ (ଡଙ୍କି ପକ)ରଖିବା । ନାଁ ଆଡାଲେଙ୍ଗ ଡାକ ମଧ୍ୟ ସୁନ୍ଦର ହେଲାନାହିଁ । ତାହେଲେ ଯେପରି ଆମେ ସେଣାଏ ତୁଳିଆ (ହରଡ ଗଛ) ଡାକ ରଖିବ ।

## ଗୀତ-୧୯

ଯେକୌଣସି ଅବସର ସମୟରେ ବୋଲା ଯାଉଥିବା ଗୀତ-

ଗୀତ- କଅନା ଲୋ ମିତ କଅନା ଏତେ ବୁଦ୍ଧି ବାଗାତାନ
ସେକାମ ଡାଏ ଜୁଲାକ ଲୁଟିଆ ବାଗାତାୟାନ୍
ଆମତେ ମିଞ୍ଜିଆନା ଆଏ ମିକିବାନ୍
ଆଞ୍ଜଡେ ଝୁରିଝୁରି ଦିନଅନ
ଆମଡେ ପର ବୁଦ୍ଧିବ ମେ ମାତେଆନା
ଆଡି ଗମନମ ଲୋ ଆଡି ଜେନା
ନିବାରେ ଲୋ ଝୁରି ଝୁରି ଦିନ ମନା ।

**ଭାବାର୍ଥ-** ଲୋ ମିତ ! ସେ କଥା କହନା । କେତେ ବୁଦ୍ଧିରେ କଥା ହେବା, ଲୋ ସେକାମ ବଂଶର ଝିଅ । ଚଲ କଣ୍ଟା ନଟି ନିକଟରେ କଥା ହେବା । ତୁ ବାହା ହେଲୁ, ଦୁଃଖରୁ ପାରି ହୋଇଗଲୁ । ମୋର ଝୁରି ଝୁରି ଦିନ ଗଲା । ତୁ ପର ବୁଦ୍ଧିରେ ମାତିଗଲୁ । କିଏ ବାହାହେବ, କିଏ ବାହା ହେବ ନାହିଁ, ମୋର କିନ୍ତୁ ଝୁରି ଝୁରି ଦିନଯିବ ।

## ଗୀତ ନଂ. ୨୦

ଯେ କୌଣସି ଅବସର ସମୟରେ ଚାଙ୍ଗୁ ବଜାଇ ଗାନ କରାଯାଉଥିବା ଗୀତ-

ଗୀତ- ଅଲଙ୍ଗ, ଅଲଙ୍ଗ ଡୁଙ୍ଗଲୋ ମାଗୁଦି ତଳ ସାହିବ,
କାଣ୍ଡାଏ ବଲବ ମିଜିମ ମେ ସିମୁଲି ଠେଙ୍ଗାବ
ତୁଳି ସାହିବ ମନଜ ବିରି ମିକିବାନ
ଛୁଆ ପିଲାବାରେ ମେକେ କିନ୍ତୁ ବତେ ଅଏରାଣ
ଉଆଲି ବାତେ ଗତେ ଲୋ ବୁଢ଼ି ଡୁଙ୍କେ ବନବାସ
ଛୁଆପିଲା ରା ଲାଗି କେତେ ଅଏରାଣ କୁଏ

**ଭାବାର୍ଥ-** ଲୋ ମାଗୁଦି ! ତୁ ତଳ ସାହିବକୁ ନଇଁ ନଇଁ ଚାଲିଯା, ବୁଢ଼ୀ ବେଳେ କୁ ତୁ ଶିମୁଳି ପାହାର ଖାଇବୁ । ତୁ ତଳ ସାହିକୁ ଯାଇ କଣ କଲୁ ? ଛୁଆ ପିଲାମାନେ କାନ୍ଦୁଛନ୍ତି, ବଡ ହଇରାଣ କରୁଛନ୍ତି । ତୁ ଛୁଆ ଗୁଡିକୁ ରଖ । ମୁଁ ବନବାସ ଯାଉଛି । ଆଉ ସେହି ଛୁଆ ପିଲାଙ୍କ ପାଇଁ ମୁଁ କେତେ ହଇରାଣ ପାଇବି ?

## ଗୀତ ନଂ. ୨୧

(ଅବସର ସମୟରେ ବୋଲାଯାଉଥିବା ଗୀତଟି କବି ଶିରପାଣି ଲେଂକାଙ୍କ ସୌଜନରୁ ପ୍ରାପ୍ତି)

ଗୀତ- କୁକୁଲୋ କମେଙ୍ଗର ଦୁବା ଗାଡିୟାର ସେଙ୍ଗାର
ବୁଣୟା ତଡାର ମୈଲେ ହେ ବୁଣୟା ତଡାର
ଲେକମ୍ ବାରା ଗାମ କିମି ବାରା
ମୈଲେ ହେ ରାମାଙ୍ଗା ତଡାର ।
ଅଜାଙ୍ଗ ଲେରାପେ ସେରେ ମୈଲେ ହେ
ଅଜାଙ୍ଗ ଲେରାପେ ସେରେ
ନାଟ ବଜେନା ଲୋ ଗୀତ ବଜେନା, ମୈଲେ ରେ
ବିରିତେ ଲରା ସେରେ
ବାଡିଲୋ ଡୁଡୁଙ୍ଗୁ ମୈଲେ ହେ
ବାଡିଲେ ଡୁଡୁଙ୍ଗୁ ଡୁଡୁଙ୍ଗ
ସେଣ୍ଡା ଡାଇବର ଡେଞ୍ଚେରଙ୍ଗୁ ମୈଲେହେ
ମାଇୟା ହାକର ମୁଡୁଙ୍ଗୁ ।

ବିଦ୍ର- (ଅନ୍ୟ ଗୀତ ଗୁଡିକ,୪ ଜଗବନ୍ଧୁ ପାଢୀ ଓ.ଏ.ଏସ୍ ଙ୍କ ପୁସ୍ତକ ଜୁଆଙ୍ଗ ଜୀବନ ସଂଗୀତ ଓ ଅନ୍ୟ ପୁସ୍ତକରୁ ସଂଗ୍ରହ କରାଯାଇଛି)

# ଜୁଆଙ୍ଗ ଦେବ ଦେବୀ

ଜୁଆଙ୍ଗମାନେ ସାଧାରଣତଃ ଖୁବ ଧର୍ମଭୀରୁ ଓ ଈଶ୍ୱର ବିଶ୍ୱାସୀ । ତାଙ୍କ ଜୀବନ ଧାରାରେ ଆସୁଥିବା ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ନିମନ୍ତେ ଅଦୃଶ୍ୟାଆଧି ଭୌତିକ ଶକ୍ତି ସେମାନେ ଦାୟୀ କରିଥାନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ, ଜଳ, ସ୍ଥଳ, ଆକାଶ, ବଣ, ପାହାଡ, ନଦୀରେ କୌଣସି ଅଦୃଶ୍ୟ ଶକ୍ତି ଲୁଚି ରହିଛି । ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂଜା ପାଠ, ବଳି ଭୋଗ ନ ଦେଲେ ସେମାନେ ମନୁଷ୍ୟ ସମାଜରେ ବିଘ୍ନ ଘଟାଇବେ । ନାନା ରୋଗ ବଇରାଗ ସୃଷ୍ଟି କରି ମଣିଷକୁ ମୃତ୍ୟୁ ମୁଖରେ ପକାଇବେ ।

ଅନ୍ୟ ଆଦିବାସୀଙ୍କ ପରି ଧର୍ମାନୁଷ୍ଠାନ ଜୁଆଙ୍ଗ ସମାଜର ଏକ ମୁଖ୍ୟ ଅଙ୍ଗ । ବହୁଦେବ ଦେବୀ, ଭୂତ ପ୍ରେତରେ ବିଶ୍ୱାସ ଏ ସମ୍ପର୍କୀୟ କାର୍ଯ୍ୟାନୁଷ୍ଠାନ ଭିତ୍ତିକରି ସେମାନଙ୍କର ଏ ଅନୁଷ୍ଠାନ ଗଢି ଉଠିଛି । ସେମାନଙ୍କର ଜୀବନଧାରଣ ମୁଖ୍ୟତଃ ଦେବଦେବୀ ଓ ପିତୃ ପୁରୁଷଙ୍କ ଦ୍ୱାରା ନିୟନ୍ତ୍ରିତ । ଏହା ଦେବଦେବୀମାନେ ନିର୍ଦ୍ଦିଷ୍ଟ ଆସନ ଓ ଅଧିକାର ଭୋଗ କରିଥାନ୍ତି ।

ପ୍ରାକୃତିକ ପ୍ରାଚୁର୍ଯ୍ୟ ମଧ୍ୟରେ ଜୀବନ ଅତିବାହିତ କରୁଥିବା ଜୁଆଙ୍ଗମାନଙ୍କ ପରିବେଶ ମଧ୍ୟରେ ଯାହା ସେମାନଙ୍କ ପକ୍ଷରେ ଅଲୌକିକ ରହସ୍ୟମୟ ଏବଂ ଅପାରାଧେୟ ସେ ସବୁର ସମନ୍ୱୟରେ ସମ୍ଭବତଃ ଏହି ଧର୍ମ ଧାରଣାର ସୃଷ୍ଟି । ତେଣୁ ସେମାନଙ୍କର ଧର୍ମାନୁଷ୍ଠାନରେ ସୂର୍ଯ୍ୟ, ବଣ, ପାହାଡ, ଅରଣ୍ୟ, ନଦୀ, ଝରଣା ଇତ୍ୟାଦି ବିଭିନ୍ନ ପ୍ରାକୃତିକ ଉପାଦାନ ଦେବଦେବୀ ରୂପେ ପୂଜା ପାଆନ୍ତି । ଏଥି ସହିତ ମୃତ ପିତୃ ପୁରୁଷଙ୍କୁ ମଧ ଜୁଆଙ୍ଗମାନେ ବିଭିନ୍ନ ଭାବରେ ପୂଜା କରିଥାନ୍ତି ।

ସୂର୍ଯ୍ୟ ବା ଧରମ ଦେବତା ପୃଥିବୀ ବା ବାସୁକୀମାତାଙ୍କୁ ଜୁଆଙ୍ଗମାନେ ମୁଖ୍ୟ ଦେବତା ଭାବରେ ପୂଜା କରିଥାନ୍ତି । ଦେବଦେବୀ କିମ୍ବା ପିତୃପୁରୁଷମାନେ ରୁଷ୍ଟ ହେଲେ ଅଥବା ପୂଜା ନ ପାଇଲେ ସେମାନଙ୍କ ସମାଜ ନାନା ଦୁଃଖ ଦୁର୍ବିପାକ ଦେଇ ଗତି କରିଥାଏ ବା ଧ୍ୱଂସ ପାଇଥାଏ ବୋଲି ସେମାନଙ୍କର ଦୃଢ ବିଶ୍ୱାସ । ତେଣୁ ବିଭିନ୍ନ ପର୍ବପର୍ବାଣୀ ସେମାନଙ୍କୁ ପୂଜା ଓ ପ୍ରାର୍ଥନାରେ ବଳି ଦେଇ ସନ୍ତୁଷ୍ଟ କରିବାକୁ ପଡିଥାଏ ।

ଏହି ପୂଜାରେ ଜୁଆଙ୍ଗମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ସ୍ୱତନ୍ତ୍ର ଗୁଣ ବଳରେ ଏହି ପୂଜକ ମାନେ (ନାଗମ) ଦେବଦେବୀ ଓ ପିତୃ ପୁରୁଷମାନଙ୍କର କ୍ରୋଧର କାରଣ ଜାଣି ପାରନ୍ତି ତଥା ଏମାନଙ୍କୁ ଶାନ୍ତ କରିବାର ଉପାୟ ମଧ୍ୟ ସ୍ଥିର କରନ୍ତି । ଏହି ପୂଜକମାନଙ୍କୁ 'କାମାନ୍ଦକ' କୁହାଯାଏ । ନାଗମ ଏମାନଙ୍କ ମଧ୍ୟରେ ମୁଖ୍ୟ ପୂଜକ ଅଟନ୍ତି ।

ଜୁଆଙ୍ଗ ସମାଜରେ ବହୁ ଦେବଦେବୀ ଓ ପିତୃ ପୁରୁଷ ପୂଜା ପ୍ରଚଳିତ ଅଛି । ନିମ୍ନରେ ସେମାନଙ୍କର ଦେବଦେବୀ ବିଷୟରେ ଆଲୋଚନା କରାଗଲା ।

**ସୂର୍ଯ୍ୟ ବା ଧରମ ଦେବତା-** ଜୁଆଙ୍ଗ ସମାଜରେ ଧର୍ମଦେବତା ସବୁଠାରୁ ବଡ ଠାକୁର । ସେ ଆକାଶରେ ରହି ଦିନ / ରାତି କରୁଛନ୍ତି, ଆଲୋକ, ଉତ୍ତାପ ଦେଇ ବର୍ଷା କରୁଛନ୍ତି । ତେଣୁ ଜୁଆଙ୍ଗମାନେ ତାଙ୍କୁ ମହାପ୍ରୁର ବା ଭଗବାଁ ବୋଲି କହିଥାନ୍ତି । ସେମାନଙ୍କର ବିଶ୍ୱାସ ଯେ ଧର୍ମଦେବତା ଏ ପୃଥିବୀକୁ ସୃଷ୍ଟି କରିଛନ୍ତି । ଋଷି ଓ ଋଷିଆଣିଙ୍କ ପାଖରୁ ଜୁଆଙ୍ଗ ଜାତିର ଉତ୍ପତ୍ତି । ତେଣୁ ଭଲମନ୍ଦ ସମସ୍ତ କାମରେ ଜୁଆଙ୍ଗମାନେ ସର୍ବ ପ୍ରଥମେ ଧର୍ମଦେବତାଙ୍କୁ ହିଁ ପୂଜା କରିଥାନ୍ତି । ସମାଜ ତଥା ଗ୍ରାମର କିଛି ସୁବିଧା, ଅସୁବିଧା ହେଲେ ଏହାର ପ୍ରତିକାର ପାଇଁ ପ୍ରଥମେ ଧର୍ମଦେବତା ମଙ୍ଗଳମୟ ସେ କାହାର କୌଣସି କ୍ଷତି କରନ୍ତି ନାହିଁ । ଜୁଆଙ୍ଗ ସମାଜରେ କୌଣସି ଦେବଦେବୀଙ୍କର ନିର୍ଦ୍ଦିଷ୍ଟ ମୂର୍ତ୍ତିନାହିଁ । ସେମାନେ ଭାବନ୍ତି ଧର୍ମ ଦେବତା ସର୍ବବ୍ୟାପକ । ତେଣୁ ସବୁ ଦେବଦେବୀ ପରି ଧର୍ମ ଦେବତାଙ୍କୁ ମଧ୍ୟ ପ୍ରାଣୀ ବଳି ଦେଇ ସନ୍ତୁଷ୍ଟ କରିଥାନ୍ତି । ତେଣୁ ଏହି ଧର୍ମଦେବତାଙ୍କୁ ପୂଜା କରିବା ସମୟରେ ବା ବଳି ଭୋଗ ଦେବା ସମୟରେ ପୂଜକ ଆକାଶକୁ ଚାହିଁ- "ଉପରେ ଧରମ ଦେବତା ତଳେ ବାସୁକୀ ମାତା, ତୋର ଭୋଗ ନେ" ବୋଲି ପ୍ରାର୍ଥନା କରିଥାଏ ।

**ବାସୁକି ମାତା** - ଦେବୀ ଧରିତ୍ରୀ ଜୁଆଙ୍ଗ ସମାଜରେ ବସୁମାଣ, ବାସୁକି ମାତା, ଧରନୀ ମାଣ, ଇତ୍ୟାଦି ନାମରେ ପରିଚିତା । ବାସୁକୀମାତାଙ୍କୁ ଧରମ ଦେବତାଙ୍କ ପତ୍ନୀ (ସ୍ତ୍ରୀ) ଭାବେ ଜୁଆଙ୍ଗମାନେ ପୂଜା କରିଥାନ୍ତି । ପ୍ରତ୍ୟେକ ପୂଜାରେ ସର୍ବପ୍ରଥମେ ଧରମ ଦେବତା ଓ ବାସୁକି ମାତାଙ୍କୁ ପ୍ରାର୍ଥନା କରାଯାଏ । ଏପରିକି ପୂଜା ସମୟରେ ସୂର୍ଯ୍ୟଙ୍କୁ (ଧର୍ମଦେବତା)ଙ୍କୁ ପ୍ରଥମେ ଭୋଗ ଅର୍ପଣ ସହ ଭୂମି ଉପରେ କୁଡି (ଭୋଗ) ଦେଇ

କିଛି ମଦ ଢାଳି ଦିଆଯାଇଥାଏ । ବାସୁକି ମାତାଙ୍କ ପୂଜା ସମୟରେ ପୂଜକ ଆକାଶକୁ ନ ଚାହିଁ ବାସୁକି ମାତା (ଭୂମି ବା ତଳକୁ ଚାହିଁ) ଙ୍କୁ ପୂଜା କରିଥାଏ । ଧର୍ମ ଦେବତାଙ୍କ ପରି ବାସୁକି ମାତା ମଧ ମଙ୍ଗଳମୟୀ । ସେ କାହାର କ୍ଷତି ନ କରି । ଧର୍ମ ଦେବତାଙ୍କ ପରି ବାସୁକି ମାତା ମଧ ମଙ୍ଗଳମୟୀ । ସେ କାହାର କ୍ଷତି ନ କରି ମଙ୍ଗଳମୟୀ । ସେ କାହାର କ୍ଷତି ନକରି ମଙ୍ଗଳ କରିଥାନ୍ତି ବୋଲି ଜୁଆଙ୍ଗ ମାନଙ୍କର ବିଶ୍ୱାସ ।

## ଗ୍ରାମଶିରି (ଗାଁ ଶିର)

ଗ୍ରାମର ମୁଖ୍ୟ ଦେବୀ ହେଉଛନତି । "ଗ୍ରାମଶିରି" । ଗ୍ରାମର ବିପଦ ଆପଦରୁ ଗାଁକୁ ସେ ରକ୍ଷା କରିଥାଆନ୍ତି । ଜୁଆଙ୍ଗ ଦେବଦେବୀଙ୍କର କୌଣସି ମନ୍ଦିର ନାହିଁ ।ପ୍ରାୟତଃ ସମସ୍ତ ଦେବଦେବୀଙ୍କୁ "ଗ୍ରାମଶିରି"ଙ୍କ ସ୍ଥାନରେ ପୂଜା କରାଯାଇଥାଏ । ସାଧାରଣତଃ ଜୁଆଙ୍ଗ ଗ୍ରାମର ମଜାଙ୍ଗ ସାମ୍ନାରେ ଦୁଇଟି ବଡ ପଥର ଏବଂ କିଛି ଛୋଟ ଛୋଟ ପଥର ପୋତା ଯାଇଥାଏ । ଏହି ବଡ ପଥର ମଧରୁ ଗୋଟିକୁ ଜୁଆଙ୍ଗମାନେ ଗ୍ରାମଶିରି ରୁପେ ଅନ୍ୟ ପଥରଟିକୁ ଗ୍ରାମଶିରିଙ୍କ ସ୍ୱାମୀ "ବୋଢ଼ାମ" ରୂପେ ପୂଜା କରିଥାନ୍ତି । ଅନ୍ୟ ଛୋଟ ଛୋଟ ପଥର ଗୁଡିକୁ ସେମାନଙ୍କର ପୁଅ/ଝିଅ ରୂପରେ ପୂଜା କରାଯାଇଥାଏ । ପ୍ରାୟତଃ ପ୍ରତ୍ୟେକ ଗ୍ରାମରେ ଗ୍ରାମଶିରିଙ୍କ ପାଖରେ ଗୋଟିଏ କାଠ ଚମ୍ପା (ଟଗର) ଗଛ ଥାଏ । ଏହି ଗଛରେ ସବୁବେଳେ ଫୁଲଫୁଟି ଠାକୁରାଣୀଙ୍କ ଆସ୍ଥାନ ସହିତ ଚଉଦିଗକୁ ମହକିତ କରୁଥାଏ । ଏହି ଗଛ ମୂଳରେ ଗୋଟିଏ କାଠଖୁଣ୍ଟ ପୋତା ଯାଇଥାଏ, ଏହାକୁ "ବଳିଖୁଣ୍ଟ" ବୋଲି କୁହାଯାଏ । ଏହି ଠାକୁର/ ଠାକୁରାଣୀଙ୍କ ନିକଟରେ ଯାହା ବଳି ଦିଆଯାଏ, ଏହି ଖୁଣ୍ଟରେ ବାନ୍ଧି ବଳି ଦିଆଯାଇଥାଏ । ଗ୍ରାମର ଯେକୌଣସି ପୂଜା ଏହି ଗ୍ରାମ ଶିରିଙ୍କ ନିକଟରେ ହିଁ ସମ୍ପନ୍ନ ହୋଇଥାଏ । ଅଖଣ୍ଡ ଶିକାର ସମୟରେ ଗ୍ରାମର ସମସ୍ତ ଯୁବକ ଶିକାରକୁ ଯିବା ପୂର୍ବରୁ ଏହି ଗ୍ରାମ ଶିରିଙ୍କ ନିକଟରେ ପୂଜା ଓ ବଳି ଦେଇ ଭଲ ଶିକାର ପାଇବାକୁ ପୂଜା କରିଥାନ୍ତି ।

**ଥାନପତି–** "ଗ୍ରାମଶିରି" ଙ୍କ ପରେ ଗ୍ରାମର ଦ୍ୱିତୀୟ ଦେବତା ହେଉଛନ୍ତି "ଥାନପତି" "ଥାନପତି" ପୁରୁଷ ବା ନାରୀ ହୋଇପାରନ୍ତି । ଗାଁ ସନ୍ନିକଟ କୌଣସି ଏକ ପାହାଡରେ ଥାନ ରହୁଥିବାରୁ ଜୁଆଙ୍ଗ ମାନଙ୍କର ବିଶ୍ୱାସ । ଏଣୁ ବିଭିନ୍ନ ଗ୍ରାମର ଥାନପତି ନିକଟବର୍ତ୍ତୀ ପାହାଡ ଦ୍ୱାରା ଚିହ୍ନିତ ହୋଇଥାନ୍ତି ।

**ଭୀମା ବାଡମା / କଂଚୁଟି** – ଜୁଆଙ୍ଗ ମାନଙ୍କର ପ୍ରିୟ ବାଦ୍ୟ ଚାଙ୍ଗୁ । ଏହି ବାଦ୍ୟର ସ୍ୱର ମୂର୍ଚ୍ଛନା ଦେବଦେବୀଙ୍କ ଦ୍ୱାରା ସଂଚାରିତ ହୁଏ ବୋଲି ସେମାନଙ୍କର ବିଶ୍ୱାସ । ଚାଙ୍ଗୁ ବାଦ୍ୟାୟିତ୍ୱରେ ଥିବା ଏହି ଦେବାଦେବୀ ହେଲେ ଭୀମା ବଡମା ଓ କୁଚୁକି । କଂଚୁକି ଦେବୀ ଭୀମା ବାଡମାଙ୍କର ପତ୍ନୀ ରୂପେ ପୂଜା ପାଇଥାନ୍ତି । ଏହି ଦୁଇ ଦେବଦେବୀ ମଜାଙ୍ଗରେ ଥିବା ଚାଙ୍ଗୁରେ ବାସ କରନ୍ତି । ଏହି ଠାକୁର/ଠାକୁରାଣୀ ଅବିବାହିତ ଯୁବକ ଓ ଯୁବତିଙ୍କ ସ୍ୱାସ୍ଥ୍ୟ, ସୁଖ ସ୍ୱାଚ୍ଛନ୍ଦ୍ୟର ଯତ୍ନ ନେଇଥାନ୍ତି । ଆମ୍ବ ନୂଆ ପର୍ବରେ ଜୁଆଙ୍ଗ ଯୁବକମାନେ "ମଜାଙ୍ଗ"ରେ ଏହି ଭୀମା ବଡମା କଂଚୁଟି ଦେବୀଙ୍କୁ ପୂଜା କରି ବଳି ଭୋଗ ଦେଇଥାନ୍ତି । ଚାଙ୍ଗୁ ନାଚ ପ୍ରତିଯୋଗୀତାରେ ବିଜୟ ଲାଭର ଆଶା ରଖି ଏହି ଦେବଦେବୀଙ୍କୁ ସର୍ବଦା ଖୁସି ମିଜାଜ୍‌ରେ ରଖିବାକୁ ହୋଇଥାଏ । ବିବାହ / ଉତ୍ସବାଦି ମାନଙ୍କର ମଧ୍ୟ ଏହି ଚାଙ୍ଗୁ ଦେବତାଙ୍କୁ ଅରୁଆ ଚାଉଳ ଭୋଗ ଏବଂ କୁକୁଡା ବଳି ଦେଇ ପୂଜା ଦିଆଯାଇଥାଏ ।

**ବନବେଦୀ–** ଜଙ୍ଗଲର ସୁରକ୍ଷା ଓ ଜଙ୍ଗଲରୁ ଭଲ ଫଳମୂଳ ସହିତ ଭଲ ଶିକାର ମିଳିବା ନିମନ୍ତେ ଜୁଆଙ୍ଗମାନେ ଏହି ବନଦେବୀଙ୍କୁ ପୂଜା କରିଥାନ୍ତି । ବନବେଦୀଙ୍କ ସ୍ୱାମୀଙ୍କୁ ଅନେକ ସ୍ଥାନରେ "ବନରାଏ" ବୋଲି କୁହାଯାଇଥାଏ । ବନରାଏ ଓ ବନଦେବୀ ସବୁ ସମୟରେ ବଣରେ ରହିଥାନ୍ତି । ପାହାଡରେ ପୋଡୁଚାଷ ସମୟରେ ଏହି ଦେବୀ, ଦେବତାଙ୍କୁ ପୂଜା ନକଲେ ଭଲ ଚାଷ ହୋଇନଥାଏ କିମ୍ବା ବଣରୁ କୌଣସି ସୁଫଳ ମିଳି ନଥାଏ । ଏହି ବନବେଦୀଙ୍କୁ ପୂଜା କରିବା ସଙ୍ଗେ ସଙ୍ଗେ ଜୁଆଙ୍ଗମାନେ ଜମିରେ ଗୋଟିଏ କାଠଗୁଣ୍ଡ ପୋତି ସେଠାରେ ପାହାଡକୁ ପୂଜାର୍ଚ୍ଚନା କରନ୍ତି । ପାହାଡ, ନଦୀ, ଅରଣ୍ୟର ଦେବତା ହେଉଛନ୍ତି ତୁମ୍ବାକ ଓ ପାଟ । ଅରଣ୍ୟ ଦେବତାଙ୍କୁ ପାଟ ବୋଲି କୁହାଯାଏ । ଏହିପରି ବିଭିନ୍ନ ଜାଗାରେ ଭିନ୍ନ ଭିନ୍ନ ପାଟ ସବୁ ରହିଥାନ୍ତି । ଏହି "ପାଟ" ମାନଙ୍କ ମଧ୍ୟରୁ ଯିଏ ବଡ ତାଙ୍କୁ "ମହାପାଟ" କୁହାଯାଏ । କେତେକ ଅରଣ୍ୟରୁ ଦେବତା ନିର୍ଦ୍ଦିଷ୍ଟ ଭାବେ ଗୁଟିପାଟ, ରେଂଗା ପାଟ, କଳା ପାଟ, ସାହାଡପାଟ, ବୁଇତନିପାଟ, ନାମରେ ଏ ଅଞ୍ଚଳରେ ପରିଚିତ ।

**ବାଘିଆ ଦେବତା–** ଜୁଆଙ୍ଗ ମାନଙ୍କରେ ବିଶ୍ୱାସ ଅନୁଯାୟୀ ରଷି, ରଷିଆଣି ହେଉଛନ୍ତି ପୃଥିବୀର ପ୍ରଥମ ସୃଷ୍ଟି । ଗୋନାସିକା ପାହାଡ ନିକଟବର୍ତ୍ତୀ ଗୁପ୍ତଗଙ୍ଗା

ପାହାଡରେ ଏମାନଙ୍କର ଆଦିମ ବସତି ସ୍ଥାପିତ ହୋଇଥିଲା । ଋଷି, ଋଷିଆଣୀ ପ୍ରଥମେ ଅଗ୍ନୀ ଉତ୍ପାଦନ କଲେ । ଜଙ୍ଗଲରେ ଫଳ, ମୂଳ ଖାଦ୍ୟରୂପେ ବ୍ୟବହାର କଲେ । ହେଲେ ସେମାନଙ୍କର ପ୍ରଥମ ସନ୍ତାନକୁ ଜଙ୍ଗଲରେ ବାଘ ମାରି ଦେଇଥିଲା । ସେହି ପ୍ରଥମ ସନ୍ତାନର ଆତ୍ମା ବାଘିଆ ରୂପରେ ଘୁରି ବୁଲିଲା । ତେଣୁ ଋଷି, ଋଷିଆଣଙ୍କର ପ୍ରଥମ ସନ୍ତାନ ଭାବରେ ଜଙ୍ଗଲରୁ ଅମଳ ହେଉଥିବା ଫସଲ ବା ଫଳମୂଳ ନିଜେ ଖାଇବା ପୂର୍ବରୁ ଅନ୍ୟ ଦେବଦେବୀମାନଙ୍କ ସହିତ ବାଘିଆ ଦେବତାଙ୍କୁ ମଧ୍ୟ ପୂଜା କରାଯାଇଥାଏ । ପୂଜା କରି ସାରିବା ପରେ ସେହି ନୂତନ ଫସଲ ବା ଫଳମୂଳ ପ୍ରତ୍ୟେକ ଜୁଆଙ୍ଗ ଘରେ ଖିଆଯାଇଥାଏ । ସେମାନଙ୍କର ବିଶ୍ୱାସ ଯେ, ବାଘିଆ ଦେବତାଙ୍କୁ ପ୍ରଥମେ ପୂଜା ନଦେଇ ନୂତନ ଫସଲ ଭକ୍ଷଣ କଲେ, ବାଘିଆ ଦେବତା ଭାରି ଅନିଷ୍ଟ କରିଥାନ୍ତି ।

**ବୁଲା ବାଉତି-** ଜୁଆଙ୍ଗ ମାନଙ୍କର କିମ୍ବଦନ୍ତୀରୁ ଜଣାଯାଏ ଯେ, ଯେତେବେଳେ ପ୍ରଥମ ଜୁଆଙ୍ଗ ଭାଇମାନେ ସେମାନଙ୍କ ସ୍ତ୍ରୀମାନଙ୍କୁ ନେଇ ଜଙ୍ଗଲରେ ଫଳମୂଳ ସଂଗ୍ରହ ପାଇଁ ଯାଇଥିଲେ, ସେହି ଜଙ୍ଗଲରେ ତାଙ୍କ ସ୍ତ୍ରୀମାନେ ହଜିଗଲେ । ସେମାନଙ୍କୁ ଖୋଜି ଖୋଜି ନପାଇ ଜୁଆଙ୍ଗ ଭାଇମାନେ ଗୋଟାଏ ଗଛମୂଳେ ହାଲିଆ ହୋଇ ବସି ପଡିଥିଲେ । ଏହି ସମୟରେ ବୁଲା ବାଉତି ଛୋଟ ପିଲାଟିଏ ବେଶରେ ତାଙ୍କୁ ଦେଖାଦେଇ ତାଙ୍କର ସ୍ତ୍ରୀମାନଙ୍କର ଖବର ଦେଇଥିଲେ । ସେହି ଦିନଠାରୁ ଜଙ୍ଗଲକୁ ଗଲାବେଳେ ଜୁଆଙ୍ଗମାନେ ବୁଲାବାଉତିଙ୍କୁ ପୂଜା କରିଯାଆନ୍ତି । ଜଙ୍ଗଲରୁ ଫଳମୂଳ, କାଠ ପ୍ରଭୃତି ସଂଗ୍ରହ କରି କିପରି ସମସ୍ତେ ଭଲରେ ଫେରି ଆସିବେ, ସେହି ଉଦ୍ଦେଶ୍ୟରେ ଏହି ଠାକରଙ୍କୁ ପୂଜା କରାଯାଇଥାଏ ।

**ବର୍ଷା ଦେବତା-** ଜୁଆଙ୍ଗ ମାନଙ୍କର ବିଶ୍ୱାସ ଯେ, ବର୍ଷା ଦେବତା ମହାପୁରଙ୍କର ଏକ ଅଂଶ । ତାଙ୍କୁ ପୂଜା କଲେ ଜଙ୍ଗଲରେ ଭଲ ବର୍ଷା ହୁଏ । ବଣ, ପାହାଡରେ ପାଣିର ଅଭାବ ରହେନାହିଁ । ପୋଡୁଚାଷରୁ ବା କପାଚାଷରେ ଭଲ ଅମଳ ହୋଇଥାଏ । ଏହି ବର୍ଷା ଦେବତାଙ୍କୁ ଗ୍ରାମରୁ ଦେହୁରୀ (ନଗମ) ରେ ଅବିବାହିତ ପୁଅହିଁ ପୂଜା କରିଥାଏ । ଯଦି ନଗିମର କୌଣସି ପୁଅ ନଥାଏ, ତେବେ ଦେହୁରୀ ବଂଶର ଯେ କୌଣସି ପୁଅ ଏହି ପୂଜାକାର୍ଯ୍ୟ ସମ୍ପନ୍ନ କରିଥାଏ ।

**କାରିକାର (ଅଗ୍ନି) ଦେବତା-** ଜୁଆଙ୍ଗମାନଙ୍କର କିମ୍ବଦନ୍ତୀ ଅନୁସାରେ ଥରେ ରଷି/ରଷିଆଣୀ ଖୁସୁଣି ନେଇ ଜଙ୍ଗଲରୁ ଫଳମୂଳ ତଥା ଆଳୁ ଖୋଳୁଥିଲେ । ଏହି ଆଳୁ ଖୋଳୁ ଖୋଳୁ ଖୁସୁଣୀ ଗୋଟିଏ ପଥରରେ ବାଜି ସେଥିରୁ ନିଆଁ ବାହାରିଲା, ତତ ସହିତ ଜଙ୍ଗଲରେ ପଡିଥିବା ଶୁଖିଲା ପତ୍ରରେ ସେ ନିଆ ଲାଗି ପୋଡି ଯାଇଥିଲା । ସେ ଅଦଭୁତ ଦୃଶ୍ୟ ଦେଖି ରଷି/ରଷିଆଣୀ ଭୟରେ ସେ ସ୍ଥାନ ଛାଡି ଦୌଡିବାକୁ ଲାଗିଲା ଏହି ସମୟରେ ସେମାନଙ୍କୁ ଶୂନ୍ୟବାଣୀ ହେଲା- "ମୁଁ ହେଉଛି କାରକାର (ଅଗ୍ନୀ) ଦେବତା, ମୋତେ ଦେଖି ମୋତେ ଦେଖି ପଳାଇଲେ, ମୁଁ ସମସ୍ତଙ୍କୁ ଖାଇଯିବି । ମୋତେ ସାଙ୍ଗରେ ନେଇ ଗୋଟିଏ ଜାଗାରେ ରଖି ପୂଜାରେ, ତୁମର ମଙ୍ଗଳ ହେବ । ଏହାଶୁଣି ରଷି/ରଷିଆଣି ପତ୍ର ଠୋଲାରେ ୧ସହି ଅଗ୍ନି ଦେବଙ୍କୁ ଆଣି ଘରର ଗୋଟିଏ କୋଣରେ ରଖି ପୂଜା କଲେ । ସେହିଦିନ ଠାରୁ ପ୍ରତ୍ୟେକ ଜୁଆଙ୍ଗ ପୀଢିର ମଜାଙ୍ଗ (ମଣ୍ଡ) ଘରେ ଗୋଟିଏ କୋଣରେ ଦିନରାତି ସେହି କିଆଁ ଜଳୁଥାଏ । ଜୁଆଙ୍ଗ ଯୁବକମାନେ ସେ କିଆଁକେବେ ଲିଭିବାକୁ ଦିଅନ୍ତି ନାହିଁ ।"

ବର୍ଷରେ ଥରେ ଯେତେବେଳେ ଜଙ୍ଗଲ ସଫାହୁଏ, ସେତେବେଳେ ଏହି ମଣ୍ଡଘରୁ କିଆଁ ନେଇ ଶୁଖିଲା ଡାଳପତ୍ର ସବୁ ପୋଡି ଦିଆଯାଏ । ଏହି ଶୁଖିଲା ଡାଳପତ୍ରର ପାଉଁଶ ପାହାଡରେ କମାଣ ଚାଷ ପାଇଁ ସାରରୂପେ ବ୍ୟବହାର ହୋଇଥାଏ । ଏହି ଜଙ୍ଗଲର ଡାଳପତ୍ର ପୋଡାକୁ ଆମ ସଭ୍ୟ ସମାଜ କହିଥାଏ ଯେ ଆଦିବାସୀମାନେ ଜଙ୍ଗଲରେ ନିଆ ଲଗାଇ ଜଙ୍ଗଲ ଧ୍ୱଂସ କରୁଛନ୍ତି । ପ୍ରକୃତରେ ଏହାଦ୍ୱାରା ଜଙ୍ଗଲ କଷ୍ଟ ନ ହୋଇ ଟାଙ୍ଗରା ପାହାଡ ବା କମାଣ ଜମିର ଉର୍ବରତା ବଢିଥାଏ । ଗୋଟିଏ ଜାଗାକୁ ଥରେ ଚାଷ କଲେ ତାକୁ ଚାରି ପାଞ୍ଚ ବର୍ଷ ଯାଏ ଛାଡି ଦିଆଯାଏ । ଫଳରେ ଜମିର ଉର୍ବରତା ସହିତ ପାହାଡ ଚାଷ ବା କମାଣ ଚାଷ ଭଲ ହୋଇଥାଏ । ଏହିପରି ଭାବରେ କାରିକାର (ଅଗ୍ନି) ଦେବତାଙ୍କୁ ପୂଜା କରି ଜୁଆଙ୍ଗମାନେ ଉପକୃତ ହୋଇଥାନ୍ତି ।

## ପିତୃ ଦେବତା

ପିତୃ ପୁରୁଷ ବା ପିତୃ ଗଣ ଗୃହଦେବତା ଭାବେ ପରିବାର ମଧ୍ୟରେ ପୂଜା ପାଇଥାନ୍ତି । ପରିବାର ମଧ୍ୟରେ ଅଦୃଶ୍ୟ ଭାବରେ ରହି ସେମାନଙ୍କର ସନ୍ତାନମାନଙ୍କର କାର୍ଯ୍ୟକଳାପ ପ୍ରତି ପିତୃକି ଗଣ ଲକ୍ଷ୍ୟ ରଖିଥାନ୍ତି । ଏମାନେ ବିପଦ ଆପଦରେ

ପରିବାରରୁ ରକ୍ଷା କରିଥାନ୍ତି । କୌଣସି ଅନ୍ୟାୟ, ଅନୀତି ବା ସାମାଜିକ ଶୃଙ୍ଖଳା ନଷ୍ଟ କରନ୍ତି । ଲୋକମାନଙ୍କୁ ନାନାଦି ରୋଗ ଆକ୍ରମଣ କରେ । ବିଭିନ୍ନ ଉତ୍ସବାନୁଷ୍ଠାନ ବା ସାମାଜିକ କାର୍ଯ୍ୟ ଏହି ପିତୃକ ମାନଙ୍କ ଦ୍ୱାରା ପରୋକ୍ଷରେ ନିୟନ୍ତ୍ରିତ ହୋଇଥାଏ । ବିବାହିତ କାର୍ଯ୍ୟ ନିମନ୍ତେ ବା ଗ୍ରାମ ପରିବର୍ତ୍ତନରେ ପିତୃକୀମାନଙ୍କର ସ୍ୱପ୍ନା ଦେଶ ହୁଏ । ସେମାନେ ଅନିଚ୍ଛା ପ୍ରକାଶ କଲେ ସ୍ଥିର ହୋଇଥିବା ବିବାହ ଭାଙ୍ଗି ଦିଆଯାଏ । ଏଣୁ ଏହି ପିତୃକମାନଙ୍କୁ ପରିବାର ବା ଗ୍ରାମର ଅଦୃଶ୍ୟ ଅବିଭାବକ ରୂପେ ସ୍ୱତନ୍ତ୍ର ପୂଜାପାଠ କରିଥାନ୍ତି ।

ତା'ଛଡା ଆଜିକାଲି ବାହ୍ୟ ପ୍ରଭାବରେ ଜୁଆଙ୍ଗମାନେ ଆର୍ଯ୍ୟ ଠାକୁର/ ଠାକୁରାଣୀଙ୍କୁ ମଧ୍ୟ ପୂଜା ପାଠ କଲେଣି । ଲକ୍ଷ୍ମୀ, ଦୁର୍ଗା, କାଳୀ, ରାମ, ହନୁମାନ, ସୀତା, ଶିବ, ପାର୍ବତୀଙ୍କୁ ବିଭିନ୍ନ ସ୍ଥାନରେ ଯଥାବିଧି ପୂଜାର୍ଚ୍ଚନା କରି ଜୁଆଙ୍ଗମାନେ ସେମାନଙ୍କର ପାରମ୍ପରିକ ରୀତିନିୟମ ସହିତ ଆଞ୍ଚଳିକ ପୂଜାବିଧି ସହ ସମନ୍ୱୟ ରକ୍ଷା କରିପାରିଛନ୍ତି ।

# ଜୁଆଙ୍ଗ ପର୍ବପର୍ବାଣି

ଜଙ୍ଗଲମୟ ଜୀବନରେ ମଣିଷ ଖୋଜେ ଟିକିଏ ସୁଖ, ଶାନ୍ତି, ନାଚ, ଗୀତର ମାହୋଲ । ଅନ୍ୟାନ୍ୟ ଆଦିବାସୀଙ୍କ ପରି ରାତି ପାହିଲେ ଜୁଆଙ୍ଗମାନଙ୍କର କର୍ମମୟ ଜୀବନ ଚଳ ଚଞ୍ଚଳ ହୋଇଉଠେ । ପ୍ରକୃତି କୋଳରେ ବଢିଆସିଥିବା ସେଇ ମଣିଷଟିଏ ଟିକିଏ ଅବସର ପାଇଲେ ଚାଙ୍ଗୁ, ଟମକ, ଢୋଲ ଇତ୍ୟାଦିର ତାଳେ ତାଳେ ପାରମ୍ପରିକ ନୃତ୍ୟଗୀତର ଛନ୍ଦେ ଛନ୍ଦେ ପାଦରେ ପାଦ ମିଶାଇ ସୃଷ୍ଟି କରନ୍ତି ଚରମ ମାଦକତା । ଦାରିଦ୍ର୍ୟର ସୀମାରେଖା ତଳେ ରହି ପେଟକୁ ଭଲ କରି ଗଣ୍ଡିଏ ଦାନା ଓ ପିନ୍ଧିବାକୁ ଖଣ୍ଡିଏ କନା ପାଉନଥିବା ମଣିଷଟି ନିଜର ଆଦିମ ସଂସ୍କୃତି ଓ ପରମ୍ପରାକୁ ନ ଭୁଲି ବାରମାସରେ ତେର ଯାତ ଭଳି ବର୍ଷସାରା ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ପର୍ବପର୍ବାଣି ଓ ଯାନିଯାତ୍ରା ମହାଆନନ୍ଦରେ ପାଳନ କରିଥାଏ । ପ୍ରକୃତି ଓ ଋଷ ସହିତ ଖାପ ଖୁଆଇ ବର୍ଷକରେ ଜୁଆଙ୍ଗ ମାନଙ୍କର ଅଳ୍ପ କିଛି ପର୍ବପର୍ବାଣି ପାଳନ ହୋଇଥାଏ । ପ୍ରାଚୀନ ପରମ୍ପରା ଓ ନୀତ ନିୟମମାନି ଜୁଆଙ୍ଗ ଜାତିର ପିଲା କି ବୁଢା ସମସ୍ତେ ଗ୍ରାମର ବିଧି ମୁତାବକ ସାମୁଦିକ ଭାବରେ ଏହି ପର୍ବଗୁଡିକ ପାଳନ କରିଥାନ୍ତି । ଜୁଆଙ୍ଗମାନେ ପାଳନ କରୁଥିବା ପର୍ବଗୁଡିକ ହେଲା- ମାଘ ପୋଡା, ଆମ୍ବନୂଆଖିଆ, ତିରିତିଆ, ଆଶାଢୀ, ଗହ୍ମା, ଧାନ ନୂଆଖିଆ, ସାରୁପୂଜା ଓ ରୁମା ପୂଜା, ଗୁଣ୍ଡଦିଆ ଚିନା ନୂଆଖିଆ ।

**ମାଘପୋଡ଼ା-** ଏହି ପର୍ବକୁ ଜୁଆଙ୍ଗ ସମାଜରେ ପୁଷ ପୁନେଇଁ କିମ୍ବା ମାଘପରବ ବା ମାଘଯାତ୍ରା ବୋଲି କହିଥାନ୍ତି । ଏହି ପର୍ବ ତିନିଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ପ୍ରଥମ ଦିନ ବାର ରୁଆହୁଏ ଓ ଗ୍ରାମର ନାଗମ ଶୁଦ୍ଧପୂତ ହୋଇ ଦେବତାମାନଙ୍କୁ ଉତ୍ସବର ଅନୁଷ୍ଠାନ ସମ୍ପର୍କରେ ଅବଗତ କରାନ୍ତି । ଦ୍ୱିତୀୟ ଦିନ ଭାତଖିଆ ଓ ତୃତୀୟ ଦିନ ପିଠାଖିଆ ପର୍ବ ଅନୁଷ୍ଠିତ ହୁଏ । ଗ୍ରାମର ସମସ୍ତ ପରିବାର ନାଗମଙ୍କ ଦ୍ୱାରକୁ ଯାଇ ଧାନ, ମାଣ୍ଡିଆ, ରୁମା ଜାଲ, ହରଡ, କାଙ୍ଗୁ ପ୍ରଭୃତି ନୂତନ ଶସ୍ୟ ଏକତ୍ର କରନ୍ତି । ସେହି ସବୁଧାନ ଓ ଶସ୍ୟ ୪ ଭାଗ ହୁଏ ଓ ନାଗମ ଗ୍ରାମବାସୀ ଗଣ, ବା ବାରଭାଇ ଗ୍ରାମର ଯୁବକ (କଂକେରକି)

ଯୁବତୀ (ସେଲାନଙ୍କି) ତଥା ବୟସ୍କ ଲୋକମାନେ (ସର୍ଦ୍ଦାର) ପ୍ରଧାନ, କାମାନ୍ଦକ) ଏକ ଏକ ଭାଗ ବାଣ୍ଟି ନେଇ ଯାଆନ୍ତି । ପିଠାଖିଆଦିନ ମଧ୍ୟ ଗ୍ରାମର ସମସ୍ତ ପରିବାର ପିଠାକରି ନାଗମଙ୍କ ଦ୍ୱାରକୁ ନେଇ ଯାଆନ୍ତି ଓ ତାହାକୁ ସମସ୍ତଙ୍କୁ ବଣ୍ଟନ କରାଯାଏ । ଏହି ପର୍ବ ସାଧାରଣତଃ ମକର ସଂକ୍ରାନ୍ତି ପରେ ପରେ ପଡ଼ିଥାଏ । ଏହି ପର୍ବ ସରିବା ପରେ ପରେ ଜୁଆଙ୍ଗ ମାନେ ଜଙ୍ଗଲ ସଫା କାମରେ ଲାଗିପଡନ୍ତି । ଏହି ଜଙ୍ଗଲ ସଫା କୃଷି କର୍ମର ଆରମ୍ଭ ବୋଲି ସେମାନଙ୍କର ମତ । ଏହି ପର୍ବ ଶେଷ ନହେବା ଯାଏ ସେମାନେ ଜମି ବା କମାଣରେ ଖତ ମଧ୍ୟ ପକାନ୍ତି ନାହିଁ । ଏହି ମାଘ ପୋଡା ପର୍ବରେ ଜୁଆଙ୍ଗମାନେ ଗାଁ ବାହାର ଗୋଟିଏ କୁଡିଆ ଘର ତିଆରି କରନ୍ତି । ଏହି କୁଡ଼ିଆକୁ ମଣ୍ଡଘରୁ ନିଆ ଆଣି ପୋଡି ଦିଅନ୍ତି । ମଜାଙ୍ଗ ବା ମଣ୍ଡଘରୁ ନିଆଁ ଆଣି ସାରିଲା ପରେ ସେ ଘରକୁ ଲିପା କରି ସଫା ସୁତରା କରି ଦିଅନ୍ତୁ । ଗାଁର ସବୁ ଚୁଲିକୁ ମଧ୍ୟ ଲିଭାଇ ଦିଅନ୍ତି ।

ତା' ପରଦିନ ଲାଗମ କୁଡିଆ ପୋଡ଼ା ଜାଗାରେ ରୀତ ମୁତାବକ ପୂଜାକାମ କରିଥାଏ । ସେହି ପାଉଁଶକୁ ସମସ୍ତେ ମୁଣ୍ଡରେ ଲଗାଇ ଥାନ୍ତି । ସେଠାରେ ଆନୁଷ୍ଠାନିକ ଭାବେ ହଳ ଚାଲାଯାଇ ଋଡଳ ପକାଯାଏ । ଏହା ଜମିର ଉର୍ବରତା ବଢାଇ ଥାଏ ବୋଲି ଜୁଆଙ୍ଗ ମାନଙ୍କର ବିଶ୍ୱାସ । ସେହି ପୋଡା ଜାଗାରୁ ନିଆଁ ଆଣି ମଣ୍ଡଘରେ ଜଳୁଥାଏ । ଏହି ମାଘ ପୋଡି ପର୍ବରେ ଜୁଆଙ୍ଗମାନେ ଗ୍ରାମଶିରିଙ୍କ ନିକଟରେ ଆମ୍ବ ବଉଳକୁ ପୂଜା କରିଥାନ୍ତି । ସାଧାରଣତଃ ବଉଳ ପୂଜାପରେ କଷି ଆମ୍ବ ବା କଅଁଳ ଆମ୍ବ ସହିତ ବିଭିନ୍ନ ପ୍ରକାର ଡାଲି ଜାତୀୟ ଶସ୍ୟ ଉଗଡି ଖାଇ ପାରନ୍ତି ଓ ଘର ଛାଉଣୀ ମଧ୍ୟ କରି ପାରନ୍ତି । ଏହି ପର୍ବ ପରେ ବିବାହ କାର୍ଯ୍ୟ ଆଦି ସମ୍ପନ୍ନ କଲେ ସମାଜରେ ମଙ୍ଗଳ ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ ।

**ଆମ୍ବ ନୂଆଖିଆ-**

ଏହି ଆମ୍ବନୂଆଖିଆ ପର୍ବ ସାଧାରଣତଃ ବୈଶାଖ ମାସ ବା ଫେବୃୟାରୀ / ମାର୍ଚ୍ଚ ମାସରେ ପାଳନ କରାଯାଇଥାଏ । ଆମ୍ବ ଗଛରେ ବଉଳରୁ ଟଣା ହୋଇ

ସାମାନ୍ୟ ବଡ ଆକାର ଧାରନ କରେ ବା ଖାଇବା ଯୋଗ୍ୟ ଅବସ୍ଥାକୁ ଆସିଗଲେ । ଦେହୁରୀ (ନାଗମ)ଙ୍କ ଦ୍ୱାରା ପୂର୍ବରୁ ନିର୍ଦ୍ଧାରିତ ଦିବସରେ ଆମ୍ବ ବଉଳ ଓ ଆମ୍ବ କଷି ସଂଗ୍ରହ କରାଯାଇ ଗ୍ରାମଶିରୀଙ୍କ ପାଖରେ ପ୍ରଥମେ ପୂଜା କରାଯାଇ ଗ୍ରାମବାସୀମାନଙ୍କୁ ବାଣ୍ଟି ଦିଆଯାଏ । ଏହି ପର୍ବ ମଧ ଚାରିଦିନ ଧରି ଅନୁଷ୍ଠିତ ହୋଇଥାଏ । ପ୍ରଥମ ଦିନ ମଣ୍ଡବାର ରୁଆ ଓ ଦ୍ୱିତୀୟ ଦିନ ଓ ତୃତୀୟ ଦିନ ଭାତ ଖିଆ ଅନୁଷ୍ଠିତ ହୁଏ । ୪ର୍ଥ ଦିନ ପ୍ରକୃତ ଆମ୍ବ ନୂଆ ଅଖିଆ ପର୍ବ ପାଳନ କରାଯାଏ । ଆମ୍ବନୂଆ ଖିଆ ପରେ ଚାଷପାଇଁ ପାହାଡ ଜମିକୁ ଚିହ୍ନଟ କରାଯାଏ । ଗ୍ରାମର ପ୍ରାୟ ସବୁଘର ଭାଗରେ କିଛି  କିଛି ଜମି ଜମି ଜାଗା ପଡ଼ିଥାଏ । ସେହି ଚିହ୍ନଟ ଜାଗା ମାନଙ୍କରେ ଯିଏ ଯାହାର ଚାଷ କରିବା ପାଇଁ ଦିନେ / ୨ ଦିନ ପରେ ହଳ /ଲଙ୍ଗଳ ଧରି ଏକାଠି ହୁଅନ୍ତି । ଜାଗା ଚିହ୍ନଟ ପରେ ଜୁଆଙ୍ଗମାନେ ଗାଁକୁ ଫେରି ଗାଁ ଶିରୀଙ୍କୁ ପାଖରେ ବୋଦା ବଳୀ ପକାଇ ମହୁଲି/ହାଣ୍ଡିଆ ପିଇ ସନ୍ଧ୍ୟା ଚାଙ୍ଗୁ ବଜାଇ ମଣ୍ଡ ଘର ନାଚ କରିଥାନ୍ତି । ସବୁଠାରୁ ଉଲ୍ଲେଖ ଯୋଗ୍ୟ କଥା ହେଲା ଏହି ପର୍ବ ତିନଦିନ ଅବିବାହିତ ଯୁବକ/ଯୁବତୀଙ୍କ ପାଇଁ ସ୍ମରଣୀୟ ଦିବସ । ଏହି ଦିନରେ ସେମାନେ ନୂତନ ବ୍ରତ ଗ୍ରହଣ କରି ବିଧିବଦ୍ଧ ଭାବରେ ମଣ୍ଡଘର ବା (ମଜାଙ୍ଗ)ର ସଭ୍ୟ ହୁଅନ୍ତି ଏବଂ ବିବାହିତ ଯୁବକ/ଯୁବତୀ ସଭ୍ୟ ପଦରୁ ବିଦାୟ ନିଅନ୍ତି । ଏହି ଦିନ ଯୁବକ/ଯୁବତୀମାନେ ସ୍ୱୟଂ କିମ୍ବା ନାଗମ ଦ୍ୱାରା ଚାଙ୍ଗୁ ଦେବତା ଭୀମ ବଡାମା ଓ କଂଚୁନିଙ୍କୁ କୁକୁଡା ଅଣ୍ଡା ଅଥବା ପେଣ୍ଠି କୁକୁଡା ଅର୍ପଣ କରନ୍ତି । ସେମାନେ  ଏହିଦିନ ବିଭିନ୍ନ ପଶୁ/ପକ୍ଷୀର ବିଚିତ୍ର ବେଶ ଧାରଣ କରି ମଜାଙ୍ଗ ସମ୍ମୁଖରେ ମଦ ନିଶାରେ ଚାଙ୍ଗୁ ବଜାଇ ଗୀତଗାଇ ନୃତ୍ୟ କରନ୍ତି । (ଆମ୍ବ ନୂଆଖିଆ ପର୍ବର ଗୀତ -୧୫ନଂ)ଏବଂ ଗ୍ରାମର ଭୋଜିଭାତର ଆସର ହୋଇ ସମସ୍ତ ହସଖୁସିରେ ପଙ୍କ୍ତିଂ ଭୋଜନ କରନ୍ତି । ଏହି ପର୍ବ ଶେଷ ହେବାକ୍ଷଣି ସାମୁହିକ ଶିକାର ବା ପାରିଧିର ଆୟୋଜନ ହୁଏ ।

**ପ୍ରଥମ ଦିନ-** ଯେଉଁଦିନ ମୁଣ୍ଡାଖିଆ ପରବ ହୁଏ, ସେଦିନ ପତ୍ୟେକ ଜୁଆଙ୍ଗ ପରିବାର ଏଇଠୁର ମୁଖ୍ୟ ବା ମୂରବୀ ନିଜ ନିଜ ଘରୁ ଚାଉଳ, ଗହମ, ମାଣ୍ଡିଆ, ଗଙ୍ଗେଇ ଇତ୍ୟାଦିର ଚୁନା ଆଣି ଗାଁ ଶିରି ଠାକୁରାଣୀ ମଣ୍ଡପ ନିକଟରେ ଏକତ୍ର କରନ୍ତି । ଏହା ସହିତ ପ୍ରତ୍ୟେକ ଘରୁ ଧୂପ, ଦୀପ, ହଳଦି ଗୁଣ୍ଡ ଫୁଲ, ଅରୁଆ

ଚାଉଳ ଇତ୍ୟାଦି ମଧ୍ୟ ଅଣାଯାଇଥାଏ । ବୂଇତା ବା ଦେହୁରୀ ଏବଂ ଗାଁ ପ୍ରଧାନ ଏକ ଏକ ପୂଜା ଡଲାରେ ସବୁ ପୂଜା ସାମଗ୍ରୀ ଏକତ୍ରିତ କରି ତଥା ଲାଉ ତୁମ୍ବାରେ ପବିତ୍ର ବୈତରଣୀର ଜଳନେଇ ମଣ୍ଡଘର (ମଜାଙ୍ଗ)ଙ୍କ ଘରେ ସେଦିନ ମଣ୍ଡାପିଠା ହୋଇ ସମସ୍ତ ଖୁସି ମନରେ ବଣ୍ଟାବଣ୍ଟି କରି ଖାଆନ୍ତି ।

**ଦ୍ୱିତୀୟ ଦିନ** – (ବାରରୁଆ ପର୍ବ) ଏହିଦିନ ଗାଁର ବୂଇତା / ପ୍ରଧାନ ତଥା ଅନ୍ୟାନ୍ୟ ମୁଖ୍ୟ ବ୍ୟକ୍ତିମାନେ ସକାଳୁ "ବାରୁରୁଆ" କହନ୍ତି । ଏହିଦିନ ସକାଳୁ ଧାଙ୍ଗିଡିମାନେ ବା ସେଲାନିମାନେ ମଧ୍ୟ ବିଭିନ୍ନ ରଙ୍ଗୀନ ମାଟିରେ ତଥା ଗୋବରରେ ନିଜ ଘର ସହିତ ମଜାଙ୍ଗଙ୍କୁ ଲିପାପୋଛା କରି ଝୋଟି ଚିତାରେ ରଙ୍ଗୀନ କରିଥାନ୍ତି ।

**ତୃତୀୟ ଦିନ**- (ଭାତଖିଆ ପର୍ବ) ଦ୍ୱିତୀୟ ଦିନରୁ ନିଷ୍ଠାର ସହ ଉପବାସ ପାଳନ କରିଥିବା ଦୁଇତା / ପ୍ରଧାନ ବା ଗ୍ରାମର ମୁଖ୍ୟ ବ୍ୟକ୍ତି ସମସ୍ତେ ଏକତ୍ରିତ ହୋଇ ଗ୍ରାମ ନିକଟରେ ଥିବା ଶାଳଘରକୁ ଯାଇଥାନ୍ତି । ସେଠାରେ ପହଞ୍ଚି ରୀତି ନୀତି ପୂର୍ବକ ସମସ୍ତ ସମସ୍ତ ପୂଜା କର୍ମ ସମାପ୍ତ କରାଯାଏ । ବୂଇତା ବା ନାଗମ ଶାଳଗଛ କୋରଡରୁ (ପୂର୍ବରୁ ରଖା ହୋଇଥିବା ବଢା) ମାଟି ହାଣ୍ଡିକୁ ଆଣି ସାଥିରେ ନେଇଥିବା ଗାଈକ୍ଷୀରକୁ ଢାଳି ସେଇ ବଢାରେ ଶାଳ ନିକଟରେ ଥିବା ଚୂଲିରେ ବସାନ୍ତି । ଏହି ମାଟି ହାଣ୍ଡିରେ ପାଣି/ଅରୁଆ ଚାଉଳ ଇତ୍ୟାଦି ପକାଇ ସାତଥର ଫୁଟାନ୍ତି । ଏହାକୁ "ସାତ ଫୁଟଣା" କହନ୍ତି । ଏହାପରେ ଏହି ମାଟି ହାଣ୍ଡିକ ତଳକୁ ଉହ୍ଲାଇ ରୋଷୋଇ ହୋଇଥିବା ଅରୁଆ ଅନ୍ନକୁ ସାତୋଟି ଶିଆଡି ପତ୍ରରେ ଦେବଦେବୀ ତଥା ପିତୃକଙ୍କ ଆତ୍ମା ଉଦ୍ଦେଶ୍ୟରେ ବାଢୀ ଫୁଲ ଅରୁଆ ଚାଉଳ ଇତ୍ୟାଦି ପୂଜା କରିଥାନ୍ତି । ତତପରେ ଯାହା ଭୋଗ ରହେ ତାଙ୍କୁ ଯାଇଥିବା ସମସ୍ତ ବ୍ୟକ୍ତି କରିଥାନ୍ତି । ତତପରେ ଯାହା ଭୋଗ ରହେ ତାଙ୍କୁ ଯାଇଥିବା ସମସ୍ତ ବ୍ୟକ୍ତି ଏକତ୍ରିତ ହୋଇ ଭୋଜନ କରନ୍ତି । ଏହାକୁ "ଭାତଖିଆ" କୁହାଯାଏ ।

**ଚତୁର୍ଥଦିନ**- (ଆମ୍ବ ନୂଆଖିଆ ପରବ) ଏହି ଚତୁର୍ଥ ଦିନ ହିଁ ପ୍ରକୃତ ଆମ୍ବନୂଆଖିଆ ପର୍ବ ପାଳନ କରାଯାଏ । ଏହିଦିନ ସକାଳୁ କିଛି ଅବିବାହିତ

ଜୁଆଙ୍ଗ ଯୁବକ ନିକଟସ୍ଥ ଆମ୍ବତୋଟାକୁ ଯାଇ ତାଙ୍କ ଲାଗିଥିବା କିଛି କଷି ଆମ୍ବତୋଳି ଆଣନ୍ତି । ଏହା ବ୍ୟତୀତ ଜଙ୍ଗଲରୁ ଫୁଲ, ବେଲପତ୍ର, ଶାଳପତ୍ର ଏବଂ କିଛି କିଛି ଶିଆଳି ପତ୍ର ମଧ୍ୟ ସଂଗ୍ରହ କରି ନେଇ ଆସିଥାନ୍ତି । ଏହିସବୁ ସାମଗ୍ରୀ ଜୁଆଙ୍ଗ ଯୁବକମାନେ ସଂଗ୍ରହ କରି ଆଣି ମଣ୍ଡଘରେ (ମଜାଙ୍ଗ) ରେ ରଖିଦେଇ ଅନ୍ୟତ୍ର  ଚାଲିଯାନ୍ତି ।

ପ୍ରଥମରେ ବୁଇତା ଡାଲାରେ ଥିବା ସମସ୍ତ ସରଞ୍ଜାମ ଭିତରୁ ଦୁଇଗୋଟି କଷିଆମ୍ବକୁ ଆଣି ଟାଙ୍ଗିଆରେ ସମାନ ଦୁଇଫାଳ କରି କାଟନ୍ତି । ଏହାପରେ ଅରୁଆ ଚାଉଳ, ଫୁଲ, ବେଲପତ୍ର ଦେଇ ଏହି ଫାଳ ଆମ୍ବକୁ ଭୋଗ ଲଗାଇ ପାଣି ଛଡାନ୍ତି । ତତପରେ ଦେବ ଦେବୀଙ୍କ ଉଦ୍ଦେଶ୍ୟରେ ଛେଳ ବା ବୋଦା ବଳୀପଡେ ବା କୁକୁଡା ବଳୀ ଦିଆଯାଏ । ଏହାପରେ ଛେଳ ପଡିଥିବା ମାଂସକୁ ନିଆଁରେ ପୋଡି ମାଂସ ପ୍ରସ୍ତୁତ କରାଯାଏ । ଜଣେ ଏହାକୁ ଖଣ୍ଡ ଖଣ୍ଡ କରି ୨୦/୩୦ ଭାଗ କରନ୍ତି । ଶିଆଳି  ପତ୍ର ବା ଶାଳ ପତ୍ରରେ ଏହି ମାଂସକୁ ସମସ୍ତଙ୍କ ଘର ପାଇଁ ଭାଗ ବଣ୍ଟାଯାଇ ଘରର ମୁଖିଆ ହସ୍ତରେ ପ୍ରଦାନ କରାଯାଏ । ମୁଖିଆ ଏହି ପତ୍ର ଭାଗରେ ପାଇଥିବା ମାଂସକୁ ନେଇ ଘରେ ଛେଳ ପଡିଥିବା ବା କଟା ଯାଇଥିବା ମାଂସ ସହିତ ମିଶାଇ ତରକାରୀ ପ୍ରସ୍ତୁତ କରାଯାଏ । ତତପରେ ଗାଁର ମୁଖିଆ ବା ପଧାନ, ବୁଇତା, ତଥା ଅନ୍ୟାନ୍ୟ ବୟସ୍କ ଜୁଆଙ୍ଗମାନେ ଆସି ମଜାଙ୍ଗରେ ଏକତ୍ରିତ ହୁଅନ୍ତି । ଏହିଠାରେ ସମସ୍ତଙ୍କ ପକ୍ଷରୁ ମହୁଲି ମଦ ପିତୃଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥାଏ । ଏହାକୁ ଜୁରିପକା କହନ୍ତି । ଯିଏ ଆସି ନଥାଏ, ତାଙ୍କୁ ଗାଁର ଡାଙ୍ଗୁଆ ବା ଡାକୁଆ ବଡ ପାଟିରେ କୁହାଟି ମାରି ଡାକେ ସମସ୍ତେ ଏକତ୍ରିତ ହେବା ପରେ ଜୁରିପକା ବଡ ପାଟିରେ କହନ୍ତି । ଯିଏ ଆସିନଥାଏ, ତାଙ୍କୁ ଗାଁର ଡାଙ୍ଗୁଆ ବା ଡାକୁଆ ବଡ ପାଟିରେ କୁହାଟ ମାରି ଡାକେ । ସମସ୍ତେ ଏକତ୍ରିତ ହେବାପରେ, ଜୁରିପକା ପର୍ବପାଳନ କରାଯାଏ । ଏହାକୁ ଅନ୍ୟ ଅର୍ଥରେ ସମୂହ ମଦ୍ୟପାନ ବୋଲି ବାଧ୍ୟ କୁହାଯାଇଥାଏ । ସମସ୍ତେ ମଜାଙ୍ଗରେ ଏକତ୍ରିତ ହେବାପରେ ବୃତ୍ତାକାରରେ ଘେରି ବସନ୍ତି । ମଣ୍ଡଘର ପାଣ୍ଠିରେ କିଣା ଯାଇଥିବା ମହୁଲିମଦ ଏକ ଜାରରେ ରଖାଯାଇଥାଏ । ଏହି ଜାରରୁ ସମସ୍ତେ ଟକେ ଟକେ ମଦ ଢାଳି ମନ୍ତ୍ର ପାଢି ନିଜ ନିଜର ପିତୃପୁରୁଷଙ୍କ

ଉଦ୍ଦେଶ୍ୟରେ ଭୂମିରେ ସମର୍ପଣ କରନ୍ତି । ସମସ୍ତଙ୍କୁ କେହିଜଣେ ଜୁଆଙ୍ଗ ଯୁବକ ଗୋଟିଏ ଗୋଟିଏ ଶିଆଡି ପତ୍ର ଅର୍ପଣ କରେ । ପ୍ରତ୍ୟେକ ଜୁଆଙ୍ଗ ଏହି ଶିଆଡି ପତ୍ରକୁ ମୋଡି ଠୋଲା ପ୍ରସ୍ତୁତ କରନ୍ତି । ଯେ କୌଣସି କଙ୍ଗେର ସମସ୍ତଙ୍କୁ ଢାରରୁ ମହୁଲି ମଦ ଢାଳି ଅର୍ପଣ କଲେ ସମସ୍ତେ ଏକ ସାଥିରେ ମଦପିଇ ମାତାଲ ହୁଅନ୍ତି । ସାଧାରଣତଃ ଏହି ଆମ୍ବ ଆଖିଆ କଙ୍ଗେରମାନଙ୍କ ପରବ ବୋଲି ଗ୍ରହଣ କରାଯାଇଥାଏ । ତଥାପି ଏହି ପର୍ବରେ ସମସ୍ତେ ସାମିଲ ହୋଇ ଖୁସି ମନରେ ପର୍ବ ପାଳନ କରିଥାନ୍ତି । ମଦ/ମାଂସର ଭୋଜିରେ ମତୁଆଲା ଜୁଆଙ୍ଗ ଯୁବକ/ଯୁବତୀ ଚାରିଦିନ ଧରି ଏହି ପର୍ବ ପାଳନ କରି ନିଜର ପ୍ରାଚୀନ ପରମ୍ପରାକୁ ଉଜ୍ଜୀବିତ କରି ରଖିଥିବା ପରି ମନେହୁଏ ।

**ଆଶାଢୀ ପର୍ବ**- ରଜ ସଂକ୍ରାନ୍ତି ପରେ ପରେ ଆଶାଢ ମାସ ଅର୍ଥାତ୍ (ଜୁନ୍ / ଜୁଲାଇ) ମାସର ଶେଷ ଗୁରୁବାର ଦିନ ଏହି ଆଶାଢ଼ୀ ଉତ୍ସବ କେବଳ ୧ ଦିନ ପାଇଁ ପାଳନ କରାଯାଏ । ଏହିଦିନ ଦେବତା ମାନଙ୍କ ପାଖରେ କୁସୁମ କୋଳି ଅର୍ପଣ କରାଯାଇ ବୋଦା ବଳି ପକାଯାଏ । ଆଶାଢୀ ଜୁଆଙ୍ଗ ମାନଙ୍କର ଏକ ବଡ ପର୍ବ । ଏହି ପର୍ବ ପରଠାରୁ ଜୁଆଙ୍ଗମାନେ କୁସୁମ କୋଳି, ଆମ୍ବୁଲ, ଆମ୍ବସଢା ପ୍ରଭୃତି ଭୋଜନ କରନ୍ତି । ତଥା ସାଧାରଣ ନିଜ ଚାଷ ଜମିରେ ବୁଣାବୁଣି ଆରମ୍ଭ କରିଥାନ୍ତି ।

ଏହି ପର୍ବଦିନ ପ୍ରାୟ ସବୁ ଘରର ଜୁଆଙ୍ଗମାନେ ମିଶି ଗୋଟିଏ ଘୁଷୁରୀ ଓ ଗୋଟିଏ କଳା ଗଞ୍ଜାକୁ ଧରି କମାଣ ବା ପାହାଡ ଜମିକୁ ଯାଆନ୍ତି । ପ୍ରଥମେ ନାଗମ ଘୁଷୁରିର ଗୋଟିଏ କାନକୁ କାଟି ଦିଅନ୍ତି । କାନ କଟା ଘୁଷୁରୀକୁ ଧରି ସମସ୍ତେ ନିଜ ନିଜ ଚାଷ ପାଇଁ ଉଦ୍ଦିଷ୍ଟ ଜାଗାରେ ଘୁଷୁରିକୁ ବୁଲାନ୍ତି ଯେପରି ସବୁଆଡେ ଅର୍ଥାତ୍ ଚାଷ ଜମିରେ ଟୋପେ ରକ୍ତ ପଡେ, ତାହା ସମସ୍ତେ ଦେଖିଥାନ୍ତି । ଏହାପରେ କଳା ଗଞ୍ଜାର ପର ଗୋଟିଏ ଗୋଟି କରି ଛିଣ୍ଡାଇ ଜମିରେ ସବୁଆଡେ ପକାଯାଏ । ଜୁଆଙ୍ଗମାନଙ୍କର ବିଶ୍ୱାସ ଯେ, ଘୁଷୁରି ରକ୍ତ ଓ କଳାଗଞ୍ଜାର ପର ଜମିରେ ପଡିଲେ ଭଲ ଚାଷ ହୋଇଥାଏ ।

ଶେଷରେ ଘୁଷୁରୀ ଓ କଳା ଗଞ୍ଜାର ମୁଣ୍ଡ କଟାଯାଇ ଗାମରେ ବେଶୀ ଚାନ୍ଦା ବା (ପଇସା) ଦେଇଥିବା ବ୍ୟକ୍ତିର ଋଷଜମିରେ ପୋତ ଦିଆଯାଏ । ତତପରେ ସମସ୍ତେ ପୁରୁଷ ଜୁଆଙ୍ଗମାନେ ସେହି ଘୁଷୁରୀ ଓ କଳାଗଂଜାର ମାଂସକୁ ରୋଷେଇ କରି ଖାଇ ଥାଆନ୍ତି । ଏହିପରି ଭାବରେ ଅଶାଢୀ ପର୍ବ ଜୁଆଙ୍ଗମାନେ ବେଶ ଧୁମଧାମରେ ପାଳନ କରିଥାଆନ୍ତି ।

**ଧାନ ନୂଆଖିଆ-** ଏହି ଧାନ ନୂଆ ଖିଆପର୍ବଟି ଆଶ୍ୱୀନ ପଞ୍ଚମୀ ତିଥିରେ ପଡିଥାଏ । ପ୍ରତ୍ୟେକ ଜୁଆଙ୍ଗ ଘରୁ ନୂଆ ଧାନ ସଂଗ୍ରହ କରାଯାଇ ଗ୍ରାମଶିରୀଙ୍କ ନିକଟରେ ଘୋବ ଲଗାଯାଏ । ସମସ୍ତଙ୍କ ଘରୁ ଗୋଟିଏ ଗୋଟିଏ କୁକୁଡା ତରକାରୀ ସମସ୍ତଙ୍କ ପରେ ରୋଷେଇ ହୁଏ ଏହିଦିନ ମଧ ଘରେ ପିତୃ ପୁରୁଷଙ୍କୁ ପୂଜା ଦେଇ ଘରେ ଓ ମଜାଙ୍ଗରେ ନୂଆ ଧାନ ପୁଟୁଳି ବା ପୁଡୁଗ କରି ରଖାଯାଏ । ଏହିଦିନ ବରଗୁଡି ମଞ୍ଜି ଆଣି ଛଡାଇ ପାକ କରି ଭାତ ସହିତ ପିତୃଗଣଙ୍କୁ ଅର୍ପଣ କରାଯାଏ । ଗାଁର ଯୁବକ ମାନେ ମଜାଙ୍ଗ (ମଣ୍ଡପରି)ରେ ଥିବା ଋଙ୍ଗୁ ତଥା ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ସବୁ ଏହି ଦିନ ପୂଜା କରନ୍ତି । ସନ୍ଧ୍ୟାରେ ସମସ୍ତେ ମହୁଲି ହାଣ୍ଡିଆ, ସଲପ, ରସ ପିଇ ମଣ୍ଡଘର ସମ୍ମୁଖରେ ନାଚ, ଗୀତଗାଇ ରାତି ଗୁହାରି ଦିଅନ୍ତି । ଏହି ପର୍ବକୁ କମିୟାଙ୍ଗ ବା ଧାନପର୍ବ ବା ବାଲାର ଅବର ବା ବରଗୁଡି ପର୍ବ ବୋଲି ସେମାନେ କହିଥାନ୍ତି ।

**ଗୁଣ୍ଡଦିଆ ପର୍ବ-** ଗୁଡାଧାନ ବା କମ୍ପାଧାନ ଅଥବା ବଡଧାନ ଅମଲ ହେଲାପରେ ଏହି ଗୁଣ୍ଡଦିଆ ପର୍ବ ପାଳନ କରାଯାଇ ଧାନକୁ ବିଡା ବନ୍ଧାଯାଏ ଓ ଆବଶ୍ୟକୀୟ ପୂଜାପାଠ ପରେ ଧାନ ବେଙ୍ଗଳା ପଡ଼େ ।

**ତିରିତିଆ ପର୍ବ-** ମନେ କରାଯାଏ ଯେ, ଏହି ପର୍ବ ଜୁଆଙ୍ଗମାନେ ଓଡିଆମାନଙ୍କ ଠାରୁ ଅନୁକରଣ କରିଛନ୍ତି । କାରଣ ଏହି ପର୍ବଦିନ ବିଲଜମି ଋଷ କରୁଥିବା ଜୁଆଙ୍ଗମାନେ ବୈଶାଖ ମାସ ତୃତୀୟ ତିଥି । (ଓଡିଆ ମାନଙ୍କର) ଅକ୍ଷି ତୃତୀୟା) ଦିନରେ ଧାନଋଷ କାମ ଅନୁକୂଳ କରିଥାନ୍ତି । ତେଣୁ ଏହି ପର୍ବକୁ ତିରିତିଆ କହନ୍ତି । ଏହିଦିନ ନୂଆ ଲୁଗା ପିନ୍ଧି ଘରର ମୂରବୀ ଧାନବିଲରେ ଧାନ ଅନୁକୂଳ କରିଥାନ୍ତି ।

**ଚିନାନୂଆ ପର୍ବ-** ଜୁଆଙ୍ଗମାନେ ଏହି ପର୍ବ ଶ୍ରାଗନ ମାସରେ ପାଳନ କରିଥାନ୍ତି । ଏହି ପର୍ବ ଅନୁଷ୍ଠିତ ହେବା ପରେ ସେମାନେ ଶାଗ, ମକା, କାକୁଡି, ବୋଇତାଳୁ, ପନିପରିବା, ଗୁଲୁଚି, ଚିନାବାଦାମ, ସୁଆଁ ପ୍ରଭୃତି ଖାଇବା ଆରମ୍ଭ କରିଥାନ୍ତି ।

**ସାରୁ ନୂଆଖିଆ-** ସ୍ଥାନେ ସ୍ଥାନେ ଏହି ପର୍ବକୁ ଜୁଆଙ୍ଗମାନେ "କନ୍ଦପୂଜା" ବା "କନ୍ଦପରବ" ବୋଲି କହିଥାନ୍ତି । ଏହି ସାରୁ ନିଆଖିଆ ପର୍ବ ପାଳନ ପରେ ଜୁଆଙ୍ଗମାନେ ବାଡି ବଗିଚା ଅଥବା ଜଙ୍ଗଲରେ ବିଭିନ୍ନ ଖାଦ୍ୟ ଉପଯୋଗୀ ଚେର, ମୂଳ, କନ୍ଦ ଆଦି ଖୋଜି, ଖୋଳି କରି ଖାଇବାକୁ ନେଇ ଆସିଥାନ୍ତି । ଏହି ମୂଳ ଭିତରେ ସାର, କନ୍ଦମୂଳ, ପିତାଆଳୁ, ତୁଙ୍ଗା ବଇଁଗା ଇତ୍ୟାଦି......ଇତ୍ୟାଦି । ଏହି ପୂଜା ପୂର୍ବରୁ କେହି କୌଣସି ଚେର, ମୂଳ, କନ୍ଦ ଆଦି ଖୋଳିବା କାର୍ଯ୍ୟ କରି ନଥାନ୍ତି । ଏହି ପୂଜାଦିନ ଗାଁ ଶିରିଙ୍କ ପାଖରେ ଯଥା ବିଧି ପୂଜା ଭୋଗ ଲାଗି ବଳି ଦିଆଁ ଯାଇଥାଏ । ତାପରେ ସବୁ ଚେର, ମୂଳ, ଖାଇବା ଆରମ୍ଭ ହେବା ସହିତ ଖୋଳା ଖୋଳି ହୋଇଥାଏ ।

**ରୁମା ପୂଜା (ପର୍ବ)-** ଏହି ପୂଜା ସାଧାରଣତଃ ପୌଷ ପୂର୍ଣ୍ଣିମା ତିଥି ଅର୍ଥାତ୍ (ଡିସେମ୍ବର ମାସ)ରେ ପଡିଥାଏ । ଏହି ଦିନ ଗ୍ରାମଶିରାଙ୍କ ନିକଟରେ ସବୁ ଡାଲି ଜାତୀୟ ଫସଲର ପୂଜା କରାଯାଇ ବଳି ଦିଆଯାଇଥାଏ । ଏହି ରୁମା ପୂଜା ପରେ ଡାଲି ଜାତୀୟ ଶସ୍ୟକୁ ଭାଜି ରଗଡି ଖାଦ୍ୟ ରୂପେ ବ୍ୟବହାର କରାଯାଏ । ଏହି ପୂଜା ପୂର୍ବରୁ ରୁମା ମଞ୍ଜିକୁ ଗୋଟା ସିଝାଇ ଖିଆ ଯାଉଥାଏ । ଏହା ଜୁଆଙ୍ଗ ମାନଙ୍କର ଋଷ ବର୍ଷର ଶେଷ ପର୍ବ ବୋଲି ଧରା ଯାଇଥାଏ । ଏହା ବ୍ୟତୀତ ଜୁଆଙ୍ଗମାନେ ହିନ୍ଦୁ ସଂସ୍କୃତିର ଅନୁକରଣରେ ଅକ୍ଷିତୃତୀୟା ଗହ୍ମା ପର୍ବ ପ୍ରଭୃତି ମଧ୍ୟ ପାଳନ କରିଥାନ୍ତି ।

ଜୁଆଙ୍ଗ ମାନଙ୍କର ପୂଜା ସାଧାରଣତଃ ଦୁଇ ଭାଗରେ ବିଭକ୍ତ । ପ୍ରତିବର୍ଷ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ଦେବଦେବୀମାନଙ୍କୁ ପୂଜା କରାଯାଇଥାଏ । ଏପରି ପୂଜାକୁ କର୍ତ୍ତବ୍ୟ ମୂଳକ ଭାବେ ବିଚାର କରାଯାଇପାରେ । ସେହିପରି କୌଣସି ବିପଦରୁ ରକ୍ଷାପାଇ ଦେବ, ଦେବୀ ବା ପିତୃକମାନଙ୍କୁ ସେମାନେ ଇଚ୍ଛାନୁଯାୟୀ ନିର୍ଦ୍ଦିଷ୍ଟ ଭୋଗ ଦେବାକୁ ହୋଇଥାଏ । ଏହାକୁ ସର୍ତ୍ତମୂଳକ ପୂଜା କୁହାଯାଇପାରେ ।

ତେବେ ଦେବା/ଦେବୀଙ୍କ ସମ୍ମାନ ଓ ସନ୍ତୋଷ ନିମନ୍ତେ ବର୍ଷର ବିଭିନ୍ନ ପର୍ବରେ ପୂଜା ଓ ବଳି ଭୋଗ ଦେବା ଜୁଆଙ୍ଗ ମାନଙ୍କର କର୍ତ୍ତବ୍ୟ ବୋଲି ସେମାନେ ମନେ କରନ୍ତି । ଆହୁରି ମଧ୍ୟ ଜୁଆଙ୍ଗ୍ ମାନଙ୍କର ପ୍ରାୟ ସବୁ ଦେବଦେବୀ ଆମିଷାଶୀ । ଏପରିକି ସୂର୍ଯ୍ୟ ବା ଧରମ ଦେବତାଙ୍କୁ ଏମାନେ ପ୍ରାଣୀ ବଳି ଦେଉଥିବାର ମଧ୍ୟ ନଜିର ରହିଛି । ଏଣୁ ସେମାନଙ୍କର ପୂଜକ ସ୍ଥାନ ଅଧିକାର କରିବାକୁ ହେଲେ, ଯେଉଁ ସବୁ ଗୁଣର ଅଧିକାରୀ ହେବା କଥା ସେଥିମଧ୍ୟରୁ ପ୍ରାଣୀ ବଲୀ ଦେଇ ପାରିବାର ସାହସୀ ଅନ୍ୟତମ । ଏ ପ୍ରକାର ସାହସିକ ଗୁଣି ଜୁଆଙ୍ଗ ସମାଜର ନାଗମ ବା ଆରଧନ ଠାରେ ଅଧିକ ଭାବେ ଆବଶ୍ୟକ କରାଯାଇଥାଏ । କାରଣ ପୂଜା ଅନୁଷ୍ଠାନରେ ସାଧାରଣତଃ ବଳି ଦେବା କାର୍ଯ୍ୟ ଦେହୁରୀ (ନାଗମୀ) ଙ୍କ ଉପରେ ନ୍ୟସ୍ତ ଥାଏ । ତେଣୁ ତାଙ୍କୁ ପାଟଖଣ୍ଡା ବା ପୂଜାଠାକୁର ଦିଆଯାଇଥାଏ । ଏହାରି ସାହାଯ୍ୟରେ ସେ ବଳି ଦିଅନ୍ତି । ତେଣୁ ନାରୀମାନଙ୍କର ବଳି ଦେବାର ଅଧିକାର ନଥିବାରୁ ସମ୍ଭବତଃ ସେ ବଳି ଦିଅନ୍ତି । ତେଣୁ ନାରୀମାନଙ୍କର ବଳି ଦେବାର ଅଧିକାର ନଥିବାରୁ ସମ୍ଭବତଃ ଆରଧନ ଦାୟୀତ୍ୱ କେବଳ ପୁରୁଷମାନଙ୍କୁ ଦିଆଯାଇଥାଏ ।

# ଜୁଆଙ୍ଗ କଳା ସ୍ଥାପତ୍ୟ, ସଂଗୀତ ଓ ନୃତ୍ୟ

**କଳା ସ୍ଥାପତ୍ୟ -** ପ୍ରତ୍ୟେକ ଆଦିବାସୀ ଗାଁରେ ସେମାନଙ୍କର ଦୈନନ୍ଦିନ ଜୀବନଧାରା ଅନୁଧ୍ୟାନ କରିବା ସମୟରେ ସେମାନଙ୍କର ଲୋକକଳା, ହସ୍ତକର୍ମ ତଥା ସୌନ୍ଦର୍ଯ୍ୟ ବୋଧ ଆମ୍ଭର ଦୃଷ୍ଟି ଆକର୍ଷଣ କରିଥାଏ। ଲୋକ କଳା ବା କଳାସ୍ଥାପତ୍ୟ ଲୋକ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଲୋକ ସମାଜ ସହ ଏହା ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଏହା ସୌନ୍ଦର୍ଯ୍ୟ ବୋଧର ପରିଚାୟକ। ଏକ ନିର୍ଦ୍ଦିଷ୍ଟ ସଂସ୍କୃତି କ୍ଷେତ୍ରରେ ଲୋକମାନେ ପ୍ରାକୃତିକ ପରିବେଶରୁ କଳା ଓ ସୌନ୍ଦର୍ଯ୍ୟବୋଧ ସଂପର୍କରେ ଜ୍ଞାନଲାଭ କରନ୍ତି। ଏ ସମସ୍ତ ସେମାନଙ୍କ ମାନସ ପଟରେ ହିଁ ଦେଖା ଦେଇଥାଏ। ସମୁଚିତ୍ ଚିନ୍ତନ ଫଳରେ ସେଗୁଡ଼ିକ ଲୋକକଳା ମାଧ୍ୟମରେ ପ୍ରସ୍ଫୁଟିତ ହୋଇଥାଏ। ଏହି ଲୋକକଳା ସାଧାରଣତଃ ଦୁଇ ପ୍ରକାର- ଯଥା- ଅଙ୍କନ କଳା ୨) ସ୍ଥାପତ୍ୟ କଳା ବା ବିଭିନ୍ନ ବସ୍ତୁ ଉପରେ ନିର୍ମିତ କଳା। ପ୍ରାଗୈତିହାସିକ କାଳରୁ ଆଜି ପର୍ଯ୍ୟନ୍ତ ଲୋକ କଳାର ପରିଚୟ ମିଳିଥାଏ। ଗୁମ୍ଫା, ଗୁହା ବା ପଥର ଚଟାଣରେ ବାସ କରୁଥିବା ଆଦିମାନବ ସେମାନଙ୍କ କଳା ନିପୁଣତାର ପରିଚୟ ଆମପାଇଁ ଛାଡ଼ି ଯାଇଛନ୍ତି। ଗୁହା କାନ୍ଥରେ ବିଭିନ୍ନ ରଙ୍ଗ ପ୍ରଲେପିତ ଶୈଳ କଳା ସେ କାଳର ଲୋକମାନଙ୍କର ମାନସିକତାର ପରିଚୟ। ସେହିଭଳି ଆଦିବାସୀ ଗାଁର ବାସଗୃହର କାନ୍ଥ ଏବଂ ଦ୍ୱାର କବାଟରେ ଅଙ୍କନ କଳା, ଦେଖାଯାଏ। ଏଥିରୁ ସେମାନଙ୍କର କଳାଶୈଳୀ, ସମ୍ବନ୍ଧରେ ଜ୍ଞାନଲାଭ କରାଯାଏ। ଲୋକକଳା ଏକ ସାମୂହିକ ଅଧ୍ୟୟନ ଫଳରେ ସେମାନଙ୍କ ସମାଜ ଓ ସଂସ୍କୃତିରେ ପ୍ରଚଳିତ ସମାଜିକ ସଂଗଠନ, ରାଜନୈତିକ, ନିକାୟ, ଅର୍ଥନୈତିକ ବ୍ୟବସ୍ଥା ଓ ଧର୍ମୀୟ ଚିନ୍ତନ ବିଷୟରେ ଆମେ ଜାଣିପାରୁ। କଳା ସ୍ଥାନ, କାଳ, ପରିସୀମା ମଧ୍ୟରେ ଆବଦ୍ଧ ନୁହେଁ। ଏହି କଳା ସ୍ଥାପତ୍ୟ ପ୍ରସ୍ତୁତି କ୍ଷେତ୍ରରେ ବିଭିନ୍ନ ପଦାର୍ଥ ଯଥା- କାଠ, ବାଉଁଶ, ବେତ, ପଥର, ଅସ୍ଥି, ଶିଙ୍ଗ ହାତୀଦାନ୍ତ, ଝୋଟ, ଲାଖ, ଘାସ, ପତ୍ର, ଫୁଲ ଇତ୍ୟାଦି। ବ୍ୟବହୃତ ହୋଇଥାଏ। କଳାପ୍ରସ୍ତୁତି କୌଶଳ ବିଭିନ୍ନ ପ୍ରକାରର ହୋଇଥାଏ। ଯଥା- ଜ୍ୟାମିତିକ ରୈଖିକ, ବକ୍ର, ସଂଯୁକ୍ତ, ବିଚ୍ଛିନ୍ନ, ବିନ୍ଦୁ ସଂଯୁକ୍ତ, ଏକ ରୈଖିକ, ଦ୍ୱିରୈଖିକ, ବହୁ-ରୈଖିକ ଇତ୍ୟାଦି। ଏହା ବ୍ୟତୀତ ପତ୍ର, ଫୁଲ, ଫଳ, ପଶୁ, ପକ୍ଷୀ, ଠିକିରୀ, କ୍ରୁଶ ଚିହ୍ନ, ମୋଡି ମୋଡି ହୋଇଥିବା ଚେକଡ, ମିଶାଣ ଓ ଗୁଣନ ଚିହ୍ନ, ଆକାର, ବକ୍ରରେଖା ସହ ବୃତ୍ତ, ଡେଉଁଜଙ୍କା ଇତ୍ୟାଦି

ଆକୃତି ଦେଖାଯାଏ । ଏ ଗୁଡ଼ିକ ଉଭୟ ଅଙ୍କିତ ବା ପ୍ରଲେପିତ କଳା ଏବଂ ସ୍ଥାପତ୍ୟ ମାଧ୍ୟମରେ ପ୍ରକାଶିତ ହୋଇଥାଏ । କଳା ସର୍ବଦା ସର୍ଜନାତ୍ମକ ହୋଇଥିବାରୁ କଳାକାରମାନେ କାଳର ଗତିରେ ପାରମ୍ପରିକ କଳାସହ ନୂତନ କଳା ସୃଷ୍ଟି କରନ୍ତି । ପ୍ରତୀକାତ୍ମକ ଲୋକକଳା ବା ସଂକେତମୂଳକ ଲୋକକଳା ସେମାନଙ୍କ ସଂସ୍କୃତି ଅନୁରୂପ ହୋଇଥାଏ । ସୂର୍ଯ୍ୟ, ଚନ୍ଦ୍ର, ତାରା, ମନୁଷ୍ୟ, ପଶୁପକ୍ଷୀ ଇତ୍ୟାଦି ମଧ୍ୟ ସଙ୍କେତ ଆକାରରେ ଦର୍ଶାଯାଇଥାଏ । କେତେବେଳେ ଆକୃତିକ କେତେବେଳେ ଗୁଣର ପରିପ୍ରକାଶ ମାଧ୍ୟମରେ କଳା ସୃଷ୍ଟିକରାଯାଇଥାଏ । କଳାର ସ୍ପର୍ଶରେ ଏକ ସାଧାରଣ ପଦାର୍ଥ ଅସାଧାରଣ ଓ ଅଲୌକିକ ରୂପଧାରଣ କରିଥାଏ । ଯେଉଁ ଗୁଡ଼ିକ ଆମେ ସାଧାରଣତଃ ଆଦିବାସୀ ମାନଙ୍କର ଗ୍ରାମରେ ଘରେ କାନ୍ଥରେ ବ୍ୟବହୃତ ଦ୍ରବ୍ୟରେ ଦେଖିବାକୁ ପାଇଥାଉଁ ।

**ସଂଗୀତ-** ସଂଗୀତ ମାନବ ସଭ୍ୟତା ଓ ସଂସ୍କୃତିର ସୁଚୀପତ୍ର । ସାଙ୍ଗିତୀକ ବୈଭବରୂପେ କୌଣସି ସମାଜର ଭୂତି, ବିଭୁତି ଓ ସଂସ୍କୃତିର ପରିଚୟ ମିଳିଥାଏ । ସଂଗୀତ ଏକ ଜୀବନ ଧର୍ମୀ ଲଳିତ କଳା ଏହା କର୍ମ କୁଶଳ ମନୁଷ୍ୟ ଚଞ୍ଚଳ ତପସ୍ୱୀକୁ ତପୋନିଷ୍ଠ କରିଥାଏ ଓ ସାଧକକୁ ସିଦ୍ଧି ସାଧନା ପାଇଁ ପ୍ରରୋଦିତ କରିଥାଏ ।

ଏହି ସଂଗୀତ ବିଦ୍ୟାର ସୃଷ୍ଟି ଓ ବିକାଶ ସମ୍ପର୍କରେ ଭାରତୀୟ ମୁନିଋଷି ଓ ତତ୍ତ୍ୱବିତ୍‌ମାନେ ବହୁ ତତ୍ତ୍ୱ ଓ ତଥ୍ୟର ଅବତାରଣ କରିଛନ୍ତି । କେତେକ ସଂଗୀତ ବିଶାରଦ ଗବେଷକମାନେ ମତବ୍ୟକ୍ତ କରନ୍ତି ଯେ, ବନବାସୀ ଶବର ଦେବତା ଶିବ ଓ ତାଙ୍କ ପତ୍ନୀ ପାହାଡ କନ୍ୟା ପାର୍ବତୀ ହେଉଛନ୍ତି ସଂଗୀତ ବିଦ୍ୟାର ଆଦିସ୍ରଷ୍ଟା । ଦେବଦେବ ମହାଦେବ ପଞ୍ଚାନନ ଶିବଙ୍କ ସଦ୍ୟୋଜାତ ସୁଖରୁ "ଶ୍ରୀ" ବାମ ମୁଖରୁ "ବସନ୍ତ", ଅଘୋର ମୁଖରୁ "ଭୈରବ" ତତପୁରୁଷ ମୁଖରୁ "ପଞ୍ଚମ" ଓ ଈଶାନ ମୁଖରୁ "ମେଘ" ଏହିପରି ପାଞ୍ଚୋଟି ମୌଳିକ ରାଗ ଉତ୍ପତ୍ତି ହୋଇଥିଲା । ସେହିପରି ପାର୍ବତ୍ୟ ପ୍ରଦେଶ ବାସିନୀ ପାର୍ବତୀ ତଥା ହିମଗିରୀ ସଙ୍କୁଳ ରାଜ୍ୟର ଅଲୀଅଳୀ କନ୍ୟା ଗିରିଜାଙ୍କ ମୁଖରୁ କଟନାରାୟଣ ନାମକ ସ୍ୱର ଜନ୍ମଲାଭ କରିଥିଲା । ଏହି ଛଅଟି ମୌଳିକ ରାଗରୁ ୩୬ଟି ସ୍ତ୍ରୀ ସ୍ୱଭାବ ବିଶିଷ୍ଟ ରାଗିଣୀ ସୃଷ୍ଟି ହୋଇଥିଲା ।

୧) ଶ୍ରୀ ରାଗରୁ- ମାଳଶ୍ରୀ, ତ୍ରିବେଣୀ, ଗୌରୀ, କେଦାରି, ମଧୁ ମାଧବୀ, ଓ ପାହାଡିଆ ରାଗିଣୀ ସମ୍ଭୁତ ହୋଇଥିଲା ।

୨. ବସନ୍ତ ରାଗରୁ- ଦେଶି, ଦେବକିରୀ, ବରଟୀ, ତୋଡିକା, ଲଳିତା, ଓ ହିନ୍ଦୋଳି ଆଦି ଛ ରାଗିଣୀ ଉତ୍ପତ୍ତି ହୋଇଥିଲା ।

୩. ଭୈରବ ରାଗରୁ- ଭୈରବୀ, ଗୁର୍ଜରୀ, ରାମକିରୀ, ଗୁଣକିରୀ, ବାଙ୍ଗାଳୀ ଓ ସୈନ୍ଧବୀ ରାଗିଣୀ ଜାତ ହୋଇଥିଲା ।

୪. ପଞ୍ଚମ ରାଗରୁ- ବିଭାଷା, ଭୂପାଳୀ, କର୍ଣ୍ଣାଟୀ, ବଡପହଂସିକା, ମାଳବୀ, ଓ ପଟ୍ଟମଞ୍ଜରୀ ରାଗିଣୀ ସୃଷ୍ଟି ହୋଇଥିଲା ।

୫. ମେଘ ରାଗରୁ- ମଲ୍ଲାରୀ, ସୋରବୀ, ସାବେରୀ, କୌଶିକୀ, ଗାନ୍ଧାରୀ ଓ ହରଶୃଙ୍ଗାର ରାଗିଣୀ ଉତ୍ପତ୍ତି ହୋଇଥିଲା ।

୬. ନଟ ନାରାୟଣ ରାଗରୁ- କାମୋଦୀ, କଲ୍ୟାଣୀ, ଆଭରୀ, ସାରଙ୍ଗୀ, ନଟ ହାମାରା ଓ ନଟିକା ନାମକ ୬ଟି ରାଗିଣୀ ଶିବ ଓ ଶିବାଙ୍କ ପ୍ରଭାବରୁ ସୃଷ୍ଟି ହୋଇଥିଲା ।

ବୈଜ୍ଞାନିକ ଦୃଷ୍ଟି କୋଣରୁ ଏହି ଛଅ ରାଗ, ଛବିଶ ରାଗିଣୀର ସ୍ୱର ସପ୍ତକ (ସାର-ରେ-ଗା-ମା-ପା-ଧା-ନି) ଉଦାରା, ମୁଦାରା ଓ ତାରା ଦି ସ୍ୱରଗ୍ରାମ ଓ ମାତ୍ରାର ଧାର ଆଦବାସୀମାନଙ୍କ ସଂଗୀତରେ ଖୋଜି ବସିଲେ ଆମକୁ ନିରାଶ ହେବାକୁ ପଡିଥାଏ । ଆଦିବାସୀ ସଂଗୀତର ଛନ୍ଦ ଅଛି, ପୁଣି ସେ ଛନ୍ଦହୀନ । ତାଳ, ଲୟ, ଗ୍ରାମ, ଥାଟ, ସ୍ୱର ଓ ମୂର୍ଚ୍ଛନା ମଧ୍ୟ ଆଦିବାସୀ ସଂଗୀତରେ ରହିଛି । କିନ୍ତୁ ସେଥିରେ ଶାସ୍ତ୍ରୀୟ ଅନୁଶାସନ ଓ ନିର୍ଭୁଲ ଅନୁସରଣର କଡାକଡି ନିୟମ ଲାଗୁ ହେବାର ଅବକାଶ ନାହିଁ । ସେମାନେ ଜଟିଳ, କୁଟିଳ, ଭେଦ ବହୁଳ ଶାସ୍ତ୍ରୀୟ ବିଧିବିଧାନ ଅନୁସରଣ କରନ୍ତି ନାହିଁ । ସେମାନଙ୍କ ସଂଗୀତରେ ଅମୀୟ ଧାରା ବାଧା ବନ୍ଧନ ନିୟମ ଶୃଙ୍ଖଳାରେ ଛନ୍ଦିମନ୍ଦି ନ ହୋଇ ଗିରି ଝରଣାର ସ୍ୱଚ୍ଛନ୍ଦ ଗତି ଅନୁକରଣ କରି ଆଗକୁ ଆଗକୁ ବହିଯାଏ । ତେଣୁ ଆଦିବାସୀମାନଙ୍କର ସଂଗୀତ ଓ ନୃତ୍ୟ କଳାର ମୌଳିକ ସ୍ୱର ଏକ ଅଭିନ୍ନ । ପରମ୍ପରା କ୍ରମେ ଗୋଟିଏ ପୁରୁଷ ବା ପୀଢିରୁ ପରବର୍ତ୍ତୀ । ପୀଢିକୁ ସଂଗୀତର ଭାବାବେଗ ଧାରା ଓ ଶୈଳୀ ଗଢି ଗଢି ଚାଲିଛି । ଏହି ସଂଗୀତ ଆମ ବେଦସୁକ୍ତ ପରି ମହଁରୁ ମୁହଁକୁ କଂଠରୁ କଂଠକୁ ସଂପ୍ରସାରିତ ହୋଛି । ଭାଷା ଓ ଲିପିର ଅଭାବ ସେ ଦିଗରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରି ପାରିନାହିଁ । ଆଦିବାସୀ

ସଂଗୀତର ସ୍ୱଚ୍ଛନ୍ଦ ସାବଲୀଳ ଓ ଗତିଶୀଳ ଧାରା ବହୁବିଧ ଧର୍ମ ସମ୍ପର୍କୀୟ ପୂଜାର୍ଚ୍ଚନା, ଉପାସନା ସହିତ ଓତଃପ୍ରୋତ ଭାବେ ଜଡ଼ିତ। ଆଦିବାସୀମାନଙ୍କ ଦେବାଦେବୀ ପୂଜା, ପ୍ରାର୍ଥନା ସାମାଜିକ ସଂସ୍କୃତି ଜଟିଳ ଜନ୍ମ, ଜୀବନ, ଜୀବିକାର ବୃତ୍ତି ଅବଲମ୍ବ ବିବାହ ପ୍ରଥା ଓ ମୃତ୍ୟୁର ଶୌଚ ସଂସ୍କାର ପ୍ରଥାକୁ ଭିତ୍ତିକରି ବିଭିନ୍ନ ସ୍ୱାଦର ସଂଗୀତ ସୃଷ୍ଟି ହୋଇଥାଏ। (ଯାହାକି ପୂର୍ବରୁ ଦିଆସରିଛି) ପ୍ରତ୍ୟେକ ଦେବଦେବୀ, ପୃଥିବୀ ମାତା, ଭୂତ ସମ୍ବନ୍ଧିତ ଗୀତ ଗାନ କରାଯାଏ ନୃତ୍ୟ ପରିବେଷଣ ହୁଏ। ଆଦିବାସୀଙ୍କର ଉଚ୍ଚ କୋଟୀର ସାମାଜିକ ସଂସ୍କୃତି ଜୀବନଧର୍ମୀ ସଂଗୀତର ସ୍ୱର, ମାଦକ ଭରା ନୃତ୍ୟର ଅନ୍ତରାଳରେ ଚରମ ଦାରିଦ୍ର୍ୟ ଓ ଶୋଷଣର ବିଷକ୍ରିୟା ବଢ଼ି ଚାଲିଥିଲେ ମଧ୍ୟ ସହାବସ୍ଥାନ ଓ ସାମାଜିକ ସଂହତିକୁ ଦୁର୍ବଳ କରିପାରିନାହିଁ। ଆଧୁନିକତାର ଝଞ୍ଜାବାତ୍ୟା, ଅନୁକରଣର ପ୍ରଲୋଭିତ ଉନ୍ମାଦନା ନିତି ପ୍ରତି ଅନୁପ୍ରବେଶ କରୁଥିଲେ ସୁଦ୍ଧା ଚିରାଚରିତ ମୌଳିକ ସଂସ୍କୃତି ଓ ସାମାଜିକ ଚଳଣି ଅପରିବର୍ତ୍ତିତ ହୋଇରହିଛି। ଏହାହିଁ ଆଦିବାସୀ ଜୀବନଧର୍ମୀ ସଂସ୍କୃତିର ସ୍ୱକୀୟ ଓ ସ୍ୱାଭିମାନଶୀଳ ବାହାଦୁରୀ ମହିମା ଓ ମହତ୍ତ୍ୱ।

**ନୃତ୍ୟ-** ଶରୀରର ଛନ୍ଦୋମୟ ଅଭିବ୍ୟକ୍ତିର ନାମ ହିଁ ନୃତ୍ୟ। ଏହା ଯେ କୌଣସି ପ୍ରତ୍ୟେକ ବା ସମଗ୍ର ଅଙ୍ଗ ପ୍ରତ୍ୟେଙ୍ଗ ଦ୍ୱାରା ପ୍ରକାଶିତ ହୋଇ ମନୁଷ୍ୟର ହୃଦଗତ ଭାବବିଚାର ବା ବିଶ୍ୱାସକୁ ପ୍ରତିଫଳିତ କରେ। ତାଳ ବା ଛନ୍ଦ ଏହାର ସହଚର। ଏହା ବିନା ନୃତ୍ୟ ଅସମ୍ଭବ। ହାତତାଳି, ଗୀତ ଗାୟନ, ଛନ୍ଦମୟ ଭାଷା ବା କୌଣସି ବାଦ୍ୟ ଏଥିମଧ୍ୟରୁ ନୃତ୍ୟ ଯେ କୌଣସିଟିରୁ ଗୋଟିକୁ ନିଶ୍ଚୟ ଆଶ୍ରୟ କରେ। କେତେକଙ୍କ ମତରେ ଏହା ଆନନ୍ଦର ଏକ ଅଭିବ୍ୟକ୍ତି କେତେକଙ୍କ ମତରେ ଏହା ମନୁଷ୍ୟଦ୍ୱାରା ଅନୁଭୂତ ଭାବରେ ବାହ୍ୟ ପ୍ରକାଶ ଏବଂ କେତେକଙ୍କ ମତରେ ଏହା କମୋଦ୍ରେକ ସାମଗ୍ରୀ। ପୁଣି କେତେକଙ୍କ ମତରେ ଏହା ଏକ ଆନନ୍ଦମୟ ଉତ୍ତେଜନା ଓ ଏକ ପ୍ରଭାବଶାଳୀ ସାମାଜିକ ପ୍ରକ୍ରିୟା। ଆଉ କେତେକ ମତ ପୋଷଣ କରନ୍ତି ଯେ, ଏହା ସୌନ୍ଦର୍ଯ୍ୟର ଏକ ଅସାଧାରଣ ପରିପ୍ରକାଶ। ମନସ୍ତତ୍ତ୍ୱବିତମାନେ ମତ ପୋଷଣ କରନ୍ତି ଯେ, ମନୁଷ୍ୟ ଦେହରେ ସର୍ବଦା ଶକ୍ତି ସଞ୍ଚିତ ହୋଇ ରହେ ଏବଂ ଏହି ଶକ୍ତିକୁ ସେ ନାନା ଭାବରେ ଖଟାଇବାକୁ ଚାହେଁ। କର୍ମରେ କ୍ରୀଡାରେ ଯୁଦ୍ଧରେ ଏବଂ ସାଙ୍ଗଠନିକ ଉଦ୍ୟମରେ। ନୃତ୍ୟ ମଧ୍ୟ ଏହିପରି ଏକ କ୍ରୀଡା, ଯେଉଁଥିରେ କି ମନୁଷ୍ୟ ତାର ସଞ୍ଚିତ ଶକ୍ତିକୁ ନିୟୋଜିତ କରେ। ପ୍ରାଚୀନ ଭାରତରେ ନୃତ୍ୟ ଏକ କ୍ରୀଡା ଭାବରେ ପ୍ରସିଦ୍ଧ ଲାଭ କରିଥିବାର ପ୍ରମାଣ ମିଳେ।

ଧର୍ମତତ୍ତ୍ୱବିଦ୍ ଓ ଦାର୍ଶନିକମାନଙ୍କ ମତରେ ନୃତ୍ୟ ଏକ ଯୋଗ । ଈଶ୍ୱରଙ୍କ ଉପଲବ୍ଧ କରିବାର ଏକ ଆଧ୍ୟାତ୍ମିକ ମାର୍ଗ । ସତ୍ୟ-ଶିବ-ସୁନ୍ଦରର ଏକ ଅପୂର୍ବ ପରିପ୍ରକାଶ । ଏହି କାରଣରୁ ବହୁ ପୁରାତନ ସମାଜରେ ନୃତ୍ୟ ଧର୍ମାଚରଣର ଏକ ଅଂଗରୂପ ପରିଗଣିତ ହେଉଥିଲା ଏବଂ ଈଶ୍ୱରଙ୍କ ଉପାସନା ସହିତ ଏକାନ୍ତ ଭାବରେ ଜଡିତ ଥିଲା । ବର୍ତ୍ତମାନ ସୁଦ୍ଧା ପୃଥିବୀର ବିଭିନ୍ନ ଅଧିବାସୀମାନଙ୍କ ମଧ୍ୟରେ ଦେବଦେବୀଙ୍କର ଉପାସନା ଉଦ୍ଦେଶ୍ୟରେ ନୃତ୍ୟ ହେଉଥିବାର ଦେଖାଯାଏ । କାରଣ ଆଦିମ ଯୁଗରେ ମନୁଷ୍ୟ ନୃତ୍ୟ ମାଧ୍ୟମରେ ହିଁ ଉପାସନା କରୁଥିଲା । ପୃଥିବୀର ସର୍ବତ୍ର ଆଦିମ ଅଧିବାସୀ ଗଣ ନୃତ୍ୟ କରୁଥିବା ସ୍ଥଳେ ସୁସଂସ୍କୃତ ଲୋକେ ପ୍ରାର୍ଥନା କରନ୍ତି । ସୁସଂସ୍କୃତ ଲୋକେ ନତଜାନୁ ହୋଇ ପ୍ରାର୍ଥନା କରି ତାଙ୍କର ପ୍ରଶଂସା ଓ ବିସ୍ମୟକୁ ପ୍ରକାଶ କରୁଥିବା ସ୍ଥଳେ ଆଦିମ ଅଧିବାସୀଗଣ ନୃତ୍ୟ ମାଧ୍ୟମରେ ତାହା ପ୍ରଦର୍ଶନ କରନ୍ତି । ଏଥିପାଇଁ ଭାବ ପ୍ରକାଶର ପ୍ରଥମ ପନ୍ଥା ହେଲା ନୃତ୍ୟ ଏବଂ ଏହା ସମସ୍ତ କଳା ବିଦ୍ୟାର ଉତ୍ସ ।

ନୃତ୍ୟର ସୃଷ୍ଟି ଯେଉଁ କାରଣରୁ ହୋଇଥାଉନା କାହିଁକି ଏକଥା ସତ୍ୟ ଯେ, ନୃତ୍ୟ କରିବା ମନୁଷ୍ୟର ସହଜାତ ପ୍ରବୃତ୍ତି । ଶିଶୁ ଭୂମିଷ୍ଠ ହେବାର କିଛି ଦିନ ପରେ ମାତା କୋଳରେ ହସ୍ତପଦ ସଞ୍ଚାଳନ କରି ସ୍ୱତଃ ନୃତ୍ୟ କେ । ଟିକିଏ ବଡ ହେଲେ ମାଆର ଗୀତଛନ୍ଦରେ ସେ ନୃତ୍ୟ କରେ । ବାଳକ, ବାଳିକାମାନେ କଳପଡିଆରେ ଘରେ, ବାହାରେ ଆନନ୍ଦରେ ନୃତ୍ୟ କରିଥାନ୍ତି । ଅତିଶୟ ଆନନ୍ଦିତ ହେଲେ ବୃଦ୍ଧ ମଧ୍ୟ ନୃତ୍ୟ କରିଥାନ୍ତି । କାରଣ ଆନନ୍ଦର ଆଉ ଏକ ଅଭିବ୍ୟକ୍ତି ହେଲା ନୃତ୍ୟ । ମନୁଷ୍ୟର ଏହି ସ୍ୱଭାବ ଜାତ ପ୍ରବୃତ୍ତିର ଉତ୍ସ ସ୍ୱରୂପ ପ୍ରକୃତିର ଚିରନ୍ତନ ନୃତ୍ୟକୁ ଗ୍ରହଣ କରାଯାଏ । କାରଣ ମନୁଷ୍ୟ ବ୍ୟତୀତ ପଶୁପକ୍ଷୀ, ଜଡ ପ୍ରକୃତିର ବିଭିନ୍ନ ଉପାଦାନ ମଧ୍ୟ ନୃତ୍ୟ କରନ୍ତି । ହସ୍ତୀ ବନରେ ନୃତ୍ୟ କରେ, ମୟୂର ମେଘ ଦର୍ଶନରେ ଚନ୍ଦ୍ରିକା ମେଲି ନୃତ୍ୟ କରେ, ଝରଣା, କୁଳୁକୁଳୁ ତାନରେ ନୃତ୍ୟ କରେ, ପବନ ଶସ୍ୟ କ୍ଷେତ୍ରରେ, ଗଛରେ, ଲତାରେ, ଜଳରେ ନୃତ୍ୟ କରେ । ଏତଦ ବ୍ୟତୀତ ଅନନ୍ତ ଆକାଶର ଗ୍ରହ ନକ୍ଷତ୍ରାଦିର ଛନ୍ଦୋମୟ ଗତିକୁ ନିରୀକ୍ଷଣ କଲେ ମନେହୁଏ । ଏସମସ୍ତ ଜଗତ ଯେପରି ନୃତ୍ୟର ମହାଭାବରୁ ସମ୍ଭୂତ । ଭାରତୀୟ ନୃତ୍ୟ ଭାଷାରେ ପ୍ରକୃତିର ଏତରାଦୃଶ୍ୟ ଚିରନ୍ତନ ନୃତ୍ୟକୁ ଦୈନିକ ନୃତ୍ୟ ନାମରେ ଅଭିହିତ କରାଯାଇଅଛି । ପୃଥିବୀ ପୃଷ୍ଠରେ ମାନବ ଜାତିର ଆବିର୍ଭାବ ହେବା ପୂର୍ବରୁ ପ୍ରକୃତି ନୃତ୍ୟ କରୁଥିଲା ଏବଂ ଏବେ ମଧ୍ୟ କରୁଛି ।

ଯେ ହେତୁ ମନୁଷ୍ୟ ପ୍ରକୃତି ଅନ୍ତର୍ଗତ ଏକ ପ୍ରାଣୀ, ପ୍ରକୃତିର ଏହି ପ୍ରକ୍ରିୟାକୁ ସେ ଆଦିମ କାଳରୁ ମଜ୍ଜାଗତ କରିନେଇଛି । ଏହି କାରଣରୁ ନୃତ୍ୟର ଇତିହାସକୁ ମାନବ ଜାତିର ଇତିହାସ ଠାରୁ ଆହୁରି ପୁରାତନ ବୋଲି କୁହାଯାଏ ।

ସବୁଦିଗରୁ ବିଚାର ଓ ଆଲୋଚନା କଲେ ଦେଖାଯାଏ ଯେ, ମନୁଷ୍ୟର ଜୀବନ ପ୍ରଣାଳୀରୁ ହିଁ ନୃତ୍ୟର ଉତ୍ପତ୍ତି । ତେଣୁ ପୃଥିବୀରେ ବାସ କରୁଥିବା ପ୍ରାଚୀନତମ ଆଦିମ ଅଧିବାସୀଙ୍କ ଠାରୁ ଆରମ୍ଭ କରି ଆଧୁନିକ ଯୁଗର ଶିକ୍ଷିତ ଓ ଆଭିଜାତ୍ୟ ଗୋଷ୍ଠୀ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ନୃତ୍ୟର ପ୍ରଚଳନ ରହିଛି । କାରଣ ମନୁଷ୍ୟର ଆଦିମ ଅବସ୍ଥାରେ ନୃତ୍ୟ ଏକ କଳା ରୂପରେ ଦେଖା ନ ଦେଇ ଜୀବନର ଏକ ଆବଶ୍ୟକୀୟ ଅଙ୍ଗ ରୂପେ ଦେଖା ଦେଇଥିଲା ।

ଆଦିମ ମଣିଷ ବଣ ଜଙ୍ଗଲରେ ହିଂସ୍ର ଜୀବଜନ୍ତୁଙ୍କ ସହିତ ବାସବାସ କରୁଥିଲା । ଆଦିମ ମନୁଷ୍ୟ ହିଂସ୍ର ଜୀବଜନ୍ତୁଙ୍କ ଦାଉରୁ ରକ୍ଷା ପାଇବା ପାଇଁ ନାନା ଉପାୟ ଖୋଜିଲା ମନୁଷ୍ୟ ସମାଜ ସଂଗଠିତ ହେଲା । ସମସ୍ତେ ମିଶି ବସବାସ କରୁଥିବା ପଲ୍ଲୀର ଏକ ଉନ୍ମୁକ୍ତ ପ୍ରାଙ୍ଗଣରେ ନିଆଁ ଜାଳିଲେ ଏ ନିଆ ଚାରିପାଖରେ ଘେରି ହୋଇ ନାନା ପ୍ରକାର ଦୁରୁହ ଶବ୍ଦ ଉଚ୍ଚାରଣ କରି ବନ୍ୟଜନ୍ତୁଙ୍କୁ ଭୟଭୀତ କରି ଦୂରେଇ ରଖିବାର ଚେଷ୍ଟା କଲେ । ଅଧିକ ସମୟ ପାଟିତୁଣ୍ଡ କରିବାର ସାମର୍ଥ୍ୟ ନ ରହିବାରୁ ଶବ୍ଦ ସୃଷ୍ଟି କରିବା ପାଇଁ ବାଦ୍ୟଯନ୍ତ୍ରର ଆବିଷ୍କାର କଲ । ନିଜ ଦେହରେ ଉତ୍ତେଜନ ସୃଷ୍ଟି କରିବା ପାଇଁ ସେ ଲମ୍ଫ ଦେଲେ, ନାନା ପ୍ରକାର ଅଂଗଭଙ୍ଗୀ କଲେ । ରାତି ରାତି ଏଇଆ କରି ସମୂହ ଭାବରେ ସେମାନେ ଜୀବଜନ୍ତୁଙ୍କ ମନରେ ଭୟ ସୃଷ୍ଟି କରି ଆତ୍ମରକ୍ଷା କଲେ । କ୍ରମେ ଏହା ବିରକ୍ତକର ବୋଧହେବାରୁ କେତେକ ଜୀବଜନ୍ତୁଙ୍କ ଚାଲିଚଳନ ହାବଭାବ, ଭଙ୍ଗୀକୁ ଅନୁକରଣ କରି ନୃତ୍ୟ କଲେ । ଏହା ସେମାନଙ୍କୁ ଆନନ୍ଦ ଦେଲା । ଏହି ଅନୁକରଣ ଭଂଗୀ ଓ ଉତ୍ତେଜନାମୂଳକ ଅଙ୍ଗ ପ୍ରତ୍ୟଙ୍ଗର ବିଭିନ୍ନ ପ୍ରକାର ଚାଳନାରୁ ଜନ୍ମ ନେଲା ନୃତ୍ୟ ।

ନାଚ, ଗୀତ, ଆଦିବାସୀ ଲୋକ ସଂସ୍କୃତିରେ ଏକ ପ୍ରଧାନ ବିଭବ । ନାଚଗୀତର ତାଳେ ତାଳେ ଗ୍ରଥିତ ହୁଏ ସାହିତ୍ୟର ଅସରନ୍ତି ଧାରା । ମାତ୍ର ଏଥିରେ ରୂପାୟିତ ହୋଇଥାଏ ଜୀବନ ଓ ଜୀବିକାର ଅନ୍ତରଙ୍ଗ ଚିତ୍ର । ନୃତ୍ୟ ଆଦିବାସୀ ସଂସ୍କୃତିର ସବୁଠାରୁ ଗୋଟିଏ ଆକର୍ଷଣୀୟ ଦିଗ । କୃତ୍ୟ ସେମାନଙ୍କର ଭାବ ପ୍ରବଣତାକୁ

ସନ୍ତୁଷ୍ଟ କରୁନଥାଏ କିମ୍ବା କେବଳ କଳାର ପରିପ୍ରକାଶ ପାଇଁ ଅନୁଷ୍ଠିତ ହୋଇ ନଥାଏ । ବରଂ ଏହା ସାମାଜିକ ଏକତା ତଥା ବିବାହ କରିବାର ସହାୟତା କରିଥାଏ । ଏହା ଶୂନ୍ୟ ସଞ୍ଚାରି ଭାବୋଚ୍ଛାସ ନୁହେଁ । ସେମାନଙ୍କ ପ୍ରତ୍ୟେକ ଗୀତରେ, ନାଚରେ ଭରି ରହିଛି ସେମାନଙ୍କର ସଂସ୍କୃତିର ଅପୂର୍ବ ରୂପ, ରସ , ରଙ୍ଗ । ଗୀତଗାଇ, ନାଚକରି ଆଦିମ ଅଧିବାସୀ ଦେହ ଓ ମନରେ ଶକ୍ତ ଓ ବିଶ୍ୱାସ ଲାଭ କରନ୍ତି ଏବଂ ଜୀବନ ସଂଗ୍ରାମର ସମ୍ମୁଖୀନ ହୁଅନ୍ତି । ଅବସର ସମୟକୁ ସେମାନେ ନାଚ, ଗୀତରେ ଅତିବାହିତ କରିଥାନ୍ତି । ଜୁଆଙ୍ଗ ମାନେ ପ୍ରକୃତି କୋଳରେ ପାଳିତ । ପ୍ରକୃତି ହିଁ ସେମାନଙ୍କର ସର୍ବସ୍ୱ । ବିଭିନ୍ନ ପର୍ବପର୍ବାଣୀରେ ଭିନ୍ନ ଭିନ୍ନ ନାଚ, ଗୀତ ଜୁଆଙ୍ଗ ମାନଙ୍କର ଏକ ପାରମ୍ପରିକ ପ୍ରଥା । ଚାଙ୍ଗୁନାଚ ତାଙ୍କର ପ୍ରଧାନ ନାଚ । ଚାଙ୍ଗୁର ତାଳେ ତାଳେ ବିଭିନ୍ନ ଜୀବଜନ୍ତୁଙ୍କୁ ଅନୁକରଣ କରି ଗୀତ ଗାଇ ପ୍ରଭୃତି ପ୍ରାଣୀମାନଙ୍କୁ ଅନୁକରଣ କରି ଏହି ନୃତ୍ୟ ସେମାନେ ସୃଷ୍ଟି କରିଛନ୍ତି । ସେଥି ମଧ୍ୟରୁ ନିମ୍ନରେ କେତୋଟି ନାଚ ସମ୍ପର୍କରେ ବର୍ଣ୍ଣନା କରାଗଲା ଯଥା-

**ବାଘ ପାଳିନାଚ-** ଜୁଆଙ୍ଗ ମାନଙ୍କର ସାମୂହିକ ନୃତ୍ୟରେ ଏହା ଏକ ଆକର୍ଷଣୀୟ ପାଳି । କେତେକ ଯୁବତୀ ନଇଁ ନଇଁ ହରିଣ ଚରୁଥିବା ପରି ଅଭିନୟ କରି ନୃତ୍ୟ କଲାବେଳେ ଜୁଆଙ୍ଗ ଯୁବକମାନେ ବାଘ ଯେପରି ହରିଣକୁ ଆକ୍ରମଣ କରେ, ଠିକ୍ ସେହିଭଳି ଭଙ୍ଗୀରେ ସମସ୍ତେ ନାଚ କରନ୍ତି । ଏହାକୁ ବାଘପାଳି ନାଚ କହନ୍ତି ।

**ଭାଲୁପାଳି ନାଚ-** କେତେକ ଜୁଆଙ୍ଗ ତରୁଣୀ (ସେଲାନି) ନୃତ୍ୟ କରୁଥିବାବେଳେ ଜଣେ ଜୁଆଙ୍ଗ ଯୁବକ (କଙ୍ଗେର) ଭାଲୁ ଭଂଗୀମାରେ ସେମାନଙ୍କୁ ଆକ୍ରମଣ କରିବା ପରି ନୃତ୍ୟ କରିଥାଏ । ଏହାକୁ ଭାଲିପାଳି ନାଚ କୁହାଯାଏ ।

**ସାପପାଳି ନାଚ –** ଏହି ସାପପାଳି ନୃତ୍ୟ ଭାର କଷ୍ଟସାଧ ହୋଇଥିଲେ ମଧ ଜୁଆଙ୍ଗ ରମଣୀମାନେ ଭୂଇଁରେ ଆଣ୍ଠୋଇ ଗୋଟିଏ ସିଧା ଧାଡିରେ ନିଜ ମୁଣ୍ଡଗୁଡିକୁ ସାମନା ପାଖକୁ ବଙ୍କାଇ ଭୂଇଁ ଆଡକୁ ଦେଇଥାନ୍ତି । ଭୂଇଁରେ ମୁଣ୍ଡଟି ମାନ ଲାଗ ନଲାଗ ପରି, ବାଦ୍ୟର ତାଳରେ ସାପପରି ମୁଣ୍ଡଟି ମାନ ଏ ପାଖ ସେପାକ ହଲାଇ ନୃତ୍ୟ କରନ୍ତି । ବୋଡା ସାପ ଭଳି ଏହି ନୃତ୍ୟର ଭଙ୍ଗୀ ରହିଥିବାର ସେମାନେ ଏହାକୁ ସାପପାଳୀ ନାଚ ବୋଲି କହିଥାନ୍ତି ।

**ମିରିଗ ପାଳି ନାଚ-** ଜୁଆଙ୍ଗ ତରୁଣୀମାନେ ଜଙ୍ଗଲରେ ଛନଛନ ହୋଇ ମିରିଗ (ମୃଗା/ହରିଣୀ) ଚରୁଥିବା ପରି ନୃତ୍ୟ କଲାବେଳେ, ଜଣେ ଜୁଆଙ୍ଗ ଯୁବକ ହରିଣ ଶିକାର କଲାପରି ଭଙ୍ଗୀ କରି ନୃତ୍ୟ କରେ। ତେଣୁ ଏହାକୁ ମିରିଗ ପାଳି ନାଚ ବୋଲି କହିଥାନ୍ତି।

**ହାତୀପାଳି ନାଚ-** ଜୁଆଙ୍ଗ ରମଣୀମାନେ ଜଙ୍ଗଲରେ ହାତୀର ଥୋଡପା ପରି ଖଣ୍ଡେ ଖଣ୍ଡେ ଲୁଗା ମୁହଁ ପାଖରେ ଲଗାଇ ପିଠି ଉପରେ ଛୋଟ ପିଲାକୁ ବସାଇ ହାତି ପରି ଝୁଲି ଝୁଲି ଏହି ନୃତ୍ୟ କରୁଥିବାରୁ ଏହାକୁ ସେମାନେ ହାତୀପାଳି ନାଚ କହନ୍ତି।

**ଗୁଣ୍ଡୁରି ପାଳି ନାଚ-** ଗୁଣ୍ଡୁରି ପକ୍ଷୀ ଯେପରି ଲାଞ୍ଜ ହଲାଇ ଆଗକୁ ପଛକୁ ହୋଇ ନୃତ୍ୟ କରିଥାଏ। ଏହି ନୃତ୍ୟ ମଧ୍ୟ ସେହି ଗୁଣ୍ଡୁରି ପକ୍ଷୀକୁ ଅନୁକରଣ କରି ହୋଇଥାଏ।

**ଗୀଧପାଳି ନାଚ-** ଗୀଧମାନେ ମଢ଼ ଦେଖି ଆନନ୍ଦରେ ଯେପରି ଚକ୍କର କାଟିଥାନ୍ତି, ଏହି ନୃତ୍ୟରେ ମଧ ଜୁଆଙ୍ଗ ଯୁବକ ଓ ଯୁବତି ସେହିପରି ଅନୁକରଣ କରି ନୃତ୍ୟ କରୁଥିବାରୁ ଏହାକୁ ଗୀଧପାଳି ନୃତ୍ୟ କହନ୍ତି।

# ଜୁଆଙ୍ଗମାନଙ୍କ ବାଦ୍ୟଯନ୍ତ୍ର

ବାରମାସରେ ତେର ପର୍ବପରି ଜୁଆଙ୍ଗମାନେ ବର୍ଷସାରା କିଛି ନା କିଛି ପର୍ବପର୍ବାଣୀରେ ବ୍ୟସ୍ତ ଥାନ୍ତି । ପୂଜା, ପର୍ବପର୍ବାଣୀ ପାଇଁ ଜୁଆଙ୍ଗମାନେ ଅନେକ ପ୍ରକାର ବାଦ୍ୟଯନ୍ତ୍ର ମଧ୍ୟ ବ୍ୟବହାର କରିଥାନ୍ତି । ସେମାନେ ବ୍ୟବହାର କରୁଥିବା ବାଦ୍ୟଯନ୍ତ୍ର ମଧ୍ୟରେ ଚାଙ୍ଗୁ ହିଁ ସେମାନଙ୍କର ମୁଖ୍ୟ ବାଦ୍ୟଯନ୍ତ୍ର । ସେମାନଙ୍କର ଦୃଢଯୁକ୍ତି ଯେ, ଚାଙ୍ଗୁ ଜୁଆଙ୍ଗମାନଙ୍କର ସୃଷ୍ଟି । ଯାହାକୁ ଆଜି ଅଧିକାଂଶ ଆଦିମ ଅଧିବାସୀ ବ୍ୟବହାର କରି ନିଜର ସୃଷ୍ଟି ବୋଲି ଯୁକ୍ତି ବାଢନ୍ତି । ସେ ଯା ହେଉ ଚାଙ୍ଗୁ ବ୍ୟତୀତ ଜୁଆଙ୍ଗମାନେ ଢୋଲ, ଘୁମୁରା, ବଂଶୀ, ଶିଙ୍ଗା, ତଥା ଓଡିଆମାନଙ୍କ ସଂସ୍ପର୍ଶରେ ଆସି ମୃଦଙ୍ଗ, ଗିନି, ଝାଞ୍ଜ, ଖଞ୍ଜଣୀ ଇତ୍ୟାଦି ବାଦ୍ୟଯନ୍ତ୍ରର ବ୍ୟବହାର ମଧ୍ୟ କରୁଥିବାର ଦେଖାଯାଏ ।

**ଚାଙ୍ଗୁ-** ଶାସ୍ତ୍ରମତରେ ଚାଙ୍ଗୁ ଏକ ଅନବଦ୍ୟ ବାଦ୍ୟ । ଏହାର ବର୍ଣ୍ଣନା ଓଡିଆ କାବ୍ୟ, କବିତା ସହ ପୁରାଣ ଶାସ୍ତ୍ରରେ ମଧ୍ୟ ଉପଲବ୍ଧ ହୋଇଥାଏ । ମନୋରଞ୍ଜନ ବ୍ୟତୀତ ଚାଙ୍ଗୁ ବୀରବାଦ୍ୟ ଭାବରେ ମଧ୍ୟ ବ୍ୟବହୃତ ହୋଇଥାଏ । ଓଡିଆ ସମର କାବ୍ୟରେ ଏହାର ସୂଚନା ମିଳେ । ଯଥା-

"ଧଅଁସା ନାଗରା, ନୌବତ, ଝାଡି

ତେଲିଙ୍ଗିବାଜା, ଚାଙ୍ଗୁ, ଗୁଡଗୁଡି ॥"

ଗଜପତି ନାରାୟଣ ଦେବଙ୍କ ସଂଗୀତ ନାରାୟଣ ଗ୍ରନ୍ଥରେ ଚାଙ୍ଗୁବାଦ୍ୟର ବର୍ଣ୍ଣନା ଉଲ୍ଲେଖନୀୟ । ଚାଙ୍ଗୁ ଯେ ଏକ ଲୋକପ୍ରିୟ ବାଦ୍ୟ ଏଥିରୁ ଏହାର ପ୍ରାମାଣ ମିଳେ । ଚାଙ୍ଗୁ ବାଦ୍ୟର ଉତ୍ପତ୍ତି ସମ୍ବନ୍ଧରେ ବହୁ ମୁନିଙ୍କର ବହୁମତ ରହିଛି । ଚକ୍ରଧର ମିଶ୍ରଙ୍କ ବଡାମ ପୁରାଣରେ ଚାଙ୍ଗୁର ସୃଷ୍ଟି ବିଷୟରେ ଭିନ୍ନ ରହସ୍ୟ ଉନ୍ମୋଚିତ ହୋଇଛି ଯଥା-

"ଚାପୁଡା ମାରି ଅଙ୍ଗରୁ
ବାଦ୍ୟକଳା ଜାତ
ତେଣୁ କରି ବାଦ୍ୟ ନାମ
ଚାଙ୍ଗୁ ହେଲା ଖ୍ୟାତ ।"

ଆଉ କେତେକ ପୌରାଣିକ ମତବାଦକୁ ସମର୍ଥନ ଜଣାନ୍ତି । ସେମାନଙ୍କ ଅନୁସାରେ ଶିବ ପାର୍ବତୀଙ୍କୁ ବିବାହ କଲାପରେ ସାତ ଜଣ ଅପସରାଙ୍କୁ ନେଇ କୁଣ୍ଡଳୀ ନୃତ୍ୟ କରିଥିଲେ । ଏହି ଋଙ୍ଗୁ ନୃତ୍ୟକୁ ମଧ୍ୟ ବାଇ କୁଣ୍ଡଳୀ ନୃତ୍ୟ କୁହାଯାଏ । ଏଣୁ ଋଙ୍ଗୁର ଅନ୍ୟନାମ ବାଇକୁଣ୍ଡଳ ହୋଇଛି । ଋଙ୍ଗୁ ଶିବଙ୍କ ଡମ୍ବରୁର ପରବର୍ତ୍ତୀ ବିକାଶ ବୋଲି ବିଶ୍ୱାସ ରହିଛି । ଏହି ଋଙ୍ଗୁ ମୁଖ୍ୟତଃ କେନ୍ଦୁ, ବର ଓହଳ, ସାହାଡା, ତେନ୍ତୁଳି ଗଛର କାଠରୁ ତିଆରି ହୋଇଥାଏ । ଏହି ସବୁ କାଠକୁ ହାଣି ସଫା କରି ପ୍ରାୟ ଦୁଇ ଫୁଟ ବ୍ୟାସର ଗୋଟିଏ ଗୋଲେଇ ତିଆରି କଲାଯାଇଥାଏ । ଏହି ଗୋଲେଇ ପଟ୍ଟାଟିକୁ କିଛିଦିନ ମାଟିରେ ପୋତି ରଖାଯାଇଥାଏ । ଛେଳି ଚମଡାକୁ ସଫାକରି ଶୁଖାଇ ପ୍ରସ୍ତୁତି କରି ରଖାଯାଏ । ପୋତା ହୋଇଥିବା ଗୋଲାକାର ପଟାଟିକୁ ମାଟି ତଳୁ କାଢି ସଫାକରି ଏହାର ଗୋଟାଏ ପଟେ ଶୁଖୁଥିବା ଛେଳି ଚମଡାକୁ ଲଗାଇ ଋଙ୍ଗୁ ବାଦ୍ୟର ଚାରିପଟେ ୩୩ଗୋଟି କାଠ କିଲା ଦ୍ୱାରା ସୁଦୃଢ ଭାବରେ ବାନ୍ଧି ଦିଆଯାଏ । ଏହି ୩୩ ଗୋଟି କିଲା ୩୩ କୋଟି ଦେବତାଙ୍କ ପ୍ରତୀକ ବୋଲି ସେମାନଙ୍କର ବିଶ୍ୱାସ । ଏହା ବ୍ୟତୀତ ଋଙ୍ଗୁରେ ଦୁଇଟି ଝର ଲାଗିଥାଏ । ଏହାକୁ ଚନ୍ଦ୍ର/ସୂର୍ଯ୍ୟଙ୍କ ପ୍ରତୀକ ବୋଲି ଗ୍ରହଣ କରାଯାଏ । ଋଙ୍ଗୁ ବଜାଇବା ଆଗରୁ ନିଆରେ ଚମଡାକୁ ଟିକେ ଗରମ କରାଯାଏ । ଜୁଆଙ୍ଗମାନେ ଏହାକୁ ବାମ ହାତରେ ଧରି ଡାହାଣ ହାତର ଆଙ୍ଗୁଠି ଦ୍ୱାରା ତାଳ ଅନୁସାରେ ବଜାଇ ଥାନ୍ତି ।

**ବଡକାଠ-** ଏହାକୁ ଜୁଆଙ୍ଗମାନେ ବଡକାଠ ବା ବଡ ଢୋଲ ବୋଲି କହନ୍ତି । ଢୋଲ ଦୁଇ ପ୍ରକାରର । ବଡ ଢୋଲ ଓ ସାନ ଢୋଲ । ଏହି ବଡକାଠକୁ ସେମାନେ ବେଳେବେଳେ ମନ୍ଦା ବୋଲି କହନ୍ତି । ଏହାର ବ୍ୟାସ ପ୍ରାୟ ୧୮ ଇଞ୍ଚ ଏବଂ ଲମ୍ବ ପ୍ରାୟ ୫/୬ ଫୁଟ ହୋଇଥାଏ । ଏହାକୁ ଦୁଇଜଣ କାନ୍ଧେଇ ଥାଆନ୍ତି ଓ ଜଣେ ଦୁଇଟି ବକ୍ରାକୃତି ବାଡି ସାହାଯ୍ୟରେ ଏହାକୁ ବଜାଇଥାଏ । ଏହାକୁ ମଧ୍ୟ ସବୁ ସମୟରେ ବ୍ୟବହାର କରାଯାଇନଥାଏ । କେବଳ ପୂଜା/ପର୍ବ/ପର୍ବାଣୀରେ ଏହି ବଡକାଠ ବ୍ୟବହାର ହୋଇଥାଏ, ନଚେତ୍ ଏହା ସବୁ ସମୟରେ ମଣ୍ଡଘର (ମଜାଙ୍ଗ) ରେ ରହି ପୂଜା ପାଉଥାଏ ।

**ଢୋଲ-** ଏହି ଢୋଲର ଲମ୍ବ ପ୍ରାୟ ୨ ଫୁଟ ଓ ବ୍ୟାସ ୧୫ ଇଞ୍ଚ । ଏହାକୁ ଜଣେ କାନ୍ଧେଇ ବାମ ପଟେ ଖାଲି ହାତରେ ଏବଂ ଡାହାଣ ପଟେ ବାଡିରେ ବଜାଇ ଥାଏ ।

ଏହି ଢୋଲ ଗୁଡିକୁ ହାଡିମାନଙ୍କ ସାହାର୍ଯ୍ୟରେ ତିଆରି କରାଯାଏ । ଏହା ସାଧାରଣତଃ କେନ୍ଦୁ, ଶାଳ, ପିଆଶାଳ, କାଠରେ ପ୍ରଥମେ ଗୋଟିଏ ଫିମ୍ପା ପରି ତିଆରି କରାଯାଇଥାଏ । ଏହାର ଦୁଇପଟେ ଗୋରୁ ଚମଡା ଲଗାଇ ଚମଡା ଦଉଡି ସାହାଯ୍ୟରେ ସୁଦୃଢ଼ ଭାବରେ ବନ୍ଧାଯାଇଥାଏ । ଏଥିରେ ଗୋରୁ ଚମଡା ବ୍ୟବହୃତ ହେଉଥିବାରୁ ଏହି ଢୋଲକୁ ଜୁଆଙ୍ଗ ମାନେ ନିଜେ ତିଆରି ନ କରି ହାଡିମାନଙ୍କ ସାହାଯ୍ୟରେ ତିଆରି କରାଇଥାନ୍ତି ।

**ଘୁମୁରା-** ଏହି ଘୁମୁରା ବାଦ୍ୟଟି ଛୋଟ ଛୋଟ ମାଟି କଳସ ପରି ପାତ୍ରରେ ନିର୍ମିତ ହୋଇଥାଏ । ଏହି ମାଟି ପାତ୍ରର ମୁହଁକୁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଗୋଧି ଚମଡାରେ ଭଲ ଭାବରେ ବନ୍ଧାଯାଇ ଛାଉଣୀ କରାଯାଇଥାଏ । ଏହାକୁ ଛୋଟ ଛୋଟ ଦୁଇଟି କାଠି ସାହାଯ୍ୟରେ ବା ଆଙ୍ଗୁଠି ସାହାର୍ଯ୍ୟରେ ବଜାଇଥାନ୍ତି ।

**କେନ୍ଦରା-** ଆଧୁନିକ ଭାଉଲିନର ପୂର୍ବ ରୁପ କେନ୍ଦରା । ଦୁଇହାତ ଲମ୍ବର ଗୋଟିଏ ବଙ୍କା ବାଉଁଶ ଆଗରେ ଗୋଟିଏ ନଡିଆ ସରେଇ ବନ୍ଧାଯାଇଥାଏ । ଏହାମଧ ଗୋଧି ଚମଡାରେ ଛାଉଣୀ ହୋଇ ବାଉଁଶ ମୂଳରେ ୨/୩ ଟି କିଳା ମାରି ଘୋଡା ଲାଞ୍ଜରେ ତାହା ତଳ ଉପର କରି ବନ୍ଧା ଯାଇଥାଏ । ଉଭୟ ଘୋଡାଲାଞ୍ଜର ମୂଳକୁ ଢିଲା ବା ଟାଣ କରି ସ୍ୱର ଅନୁସାରେ ଏହି କେନ୍ଦରା ବଜା ଯାଇଥାଏ । କେନ୍ଦରାର କରୁଣ ସ୍ୱର ହୃଦୟକୁ ବ୍ୟଥିତ କରିପକାଏ ।

**ବଂଶୀ-** ଏହି ବଂଶୀ ସାଧାରଣତଃ କାଠ ବା ବାଉଁଶରେ ନିର୍ମିତ ହୋଇଥାଏ । ବୁଢା ଆଙ୍ଗୁଠି ଆକାର ବା ତାଠାରୁ ମୋଟା ବଂଶୀ ମଧ ତିଆରି ହୋଇଥାଏ । ୧ ଫୁଟ ବା ତଦୁର୍ଦ୍ଧ ଲମ୍ବା ବାଂଶରେ କିଛି ଛିଦ୍ର (କଣା) କରି ଏହି ବଂଶୀ ତିଆରି ହୋଇଥାଏ । କର୍ମକ୍ଳାନ୍ତ ଜୀବନରେ ଅବସର ବିନୋଦନ ବା ଗାଈ, ଛେଳି ଚରାଇବା ସମୟରେ ଜୁଆଙ୍ଗ ଯୁବକମାନେ ଏହି ବଂଶୀ ବାଦନ କରିଥାନ୍ତି । ଏହି ବଂଶୀ ବାଦନ କରି ଅନେକ ଜୁଆଙ୍ଗ ଯୁବକ ଜୁଆଙ୍ଗ ଯୁବତୀକୁ ଆକର୍ଷିତ କରିବାର ଦୃଷ୍ଟାନ୍ତ ରହିଛି ।

**ଶିଙ୍ଗା-** ଏହି ଶିଙ୍ଗା ଗୟଳ ଶିଙ୍ଗ ବା ମଇଁଷି ଶିଙ୍ଗରେ ନିର୍ମିତ ହୋଇଥାଏ । ଯୁଦ୍ଧ ଯାତ୍ରା ସମୟରେ ବା କୌଣସି ବିଷୟ ଗ୍ରାମରେ ନିଷେଧ କରିବାକୁ ହେଲେ, ଜୁଆଙ୍ଗମାନେ ଏହି ଶିଙ୍ଗା ବ୍ୟବହାର କରିଥାନ୍ତି । ଶିଙ୍ଗରେ ନିର୍ମିତ ହୋଇଥିବାରୁ ଏହାର ଏପରି ନାମକରଣ

ହୋଇଥିବା ଅନୁମେୟ । ଜୁଆଙ୍ଗ ଯୁବକମାନେ ଏହି ଶିଙ୍ଗାକୁ ମଜାଙ୍ଗରେ ଅତି ଯତ୍ନ ସହକାରେ ତେଲ ସିନ୍ଦୁର ଲଗାଇ ଚିକ ଚିକ ଟାଙ୍ଗଇ ରଖିଥାନ୍ତି ।

**ଖଂଜଣି-** ଖଞ୍ଜଣୀ ଜୁଆଙ୍ଗ ମାନଙ୍କର ଆଉ ଏକ ବାଦ୍ୟଯନ୍ତ୍ର । ଏହି ଖଞ୍ଜଣି ମାଡରେ ନିଶାସକ୍ତ କଙ୍ଗେର ଯୁବକର ଅବଶ/ଶଥିଳ ପାଦମଧ ନାଚିବା ପାଇଁ ଆଗଭର ହୋଇଉଠେ । ଗୋଟାଏ କାଠକୁ ଗୋଲାକାର ଭାବରେ ପୋଲରା କରି କଟାଯାଏ । ଗୋଟାଏ ପଟରେ ଗୋଧି ଚମଡାରେ ଏହି ଖଞ୍ଜଣୀକୁ ଛାଉଣି କରାଯାଏ । ଉପରେ ୭/୮ଟି ଟିଣର ପାତିଆ ବା କୁବୁଜି ଆକାରର ଗିନି ବାନ୍ଧି ଦିଆଯାଏ, ଖଞ୍ଜଣୀ ବଜାଇବାର ଘଣ୍ଟେ/ ଦୁଇ ଘଣ୍ଟା ପୂର୍ବରୁ ଖରାରେ ରଖିଦେଲେ ଗୋଧି ଚମଡା ଖରା ବାଜି ଟାଣ ହୋଇଯାଏ ଆଉ ତା' ପରେ ଏହା ଖୁବ ସୁନ୍ଦର ବାଜେ ।

# ଚାଷ ଓ ଗୃହୋପକରଣ

ଅନ୍ୟାନ୍ୟ ଆଦିବାସୀଙ୍କ ପରି ଜୁଆଙ୍ଗମାନେ ମଧ୍ୟ ପାହାଡ ଉପରେ ଚାଷ କରନ୍ତି । ଏହାକୁ କମାଣ ଚାଷ କହନ୍ତି । ଚାଷ ପାଇଁ ଜାନୁୟାରୀ ମାସରୁ ଜୁଆଙ୍ଗମାନେ ପାହାଡ ଉପରେ ନିଜ ନିଜ ଜାଗା ବାଛି ନେଇଥାନ୍ତି । ପ୍ରାୟତଃ ପ୍ରତ୍ୟେକ ପରିବାର ପାଇଁ ଜାଗା ଚିହ୍ନଟ କରାଯାଇଥାଏ । ପ୍ରତ୍ୟେକ ଜୁଆଙ୍ଗ ନିଜ ନିଜ ଚିହ୍ନଟ ଜାଗାରୁ ଛୋଟ ଛୋଟ ଅନାବନା ଗଛ ଘାସ ପତ୍ରକୁ କାଟି ସଫା କରିଥାନ୍ତି । ବଡ ଗଛ ଭାଗରେ ପଡିଥିଲେ ଏହାକୁ ସେମାନେ କାଟନ୍ତି ନାହିଁ । ସଫା କରିଥିବା ଡାଳପତ୍ରକୁ ନିଜ ଜାଗାରେ ଏକାଠି କରି କିଛି ଦିନପାଇଁ ଶୁଖିବାକୁ ଛାଡିଦିଆଯାଏ । ଡାଳପତ୍ର ଶୁଖିଗଲା ପରେ ଫେବୃୟାରୀ ମାସର ପ୍ରଥମ ସପ୍ତାହରେ ଏହି ଶୁଖିଲା ଡାଳପତ୍ରକୁ ପୋଡି ଦିଆଯାଇଯାଏ । ଏହାକୁ ସେମାନେ ମାଘ ପୋଡା ପର୍ବଭାବେ ପାଳନ କରିଥାନ୍ତି । (ଯାହାକି ଜୁଆଙ୍ଗ ଜାତିର ପର୍ବପର୍ବାଣୀର ମାଘ ପୋଡାରେ ପୂର୍ବରୁ ବର୍ଣ୍ଣନା କରାଯାଇଛି) ଜୁନ / ଜୁଲାଇ ମାସରେ ବର୍ଷା ହେଲା ପରେ ସେମାନେ ଜମିକୁ ହଳ ଲଙ୍ଗଳ ଦ୍ୱାରା ଖୋଳି ବିଭିନ୍ନ କିସମର ମଞ୍ଜି ଯଥା- ଧାନ ସହିତ ରାଶି, ସୋରିଷ, କାଙ୍ଗୁ, ଗୁମା, ହରଡ, ଗଂଗେଇ, ଗୁଆର ଆଦି ନିଜ ଜାଗାରେ ବୁଣନ୍ତି । ସେମାନଙ୍କର ପଥୁରିଆ ପାହାଡ ଜମିରେ ଜଳ ସେଚନର କୌଣସି ବ୍ୟବସ୍ଥା ନଥିଲା ବେଳେ, ସେମାନେ ବର୍ଷା ଉପରେ ନିର୍ଭରଶୀଳ ହୋଇଥାନ୍ତି । ସେପ୍ଟେମ୍ବର ମାସ ବେଳକୁ ଏହି ସବୁ ଫସଲ ଅମଳ କରାଥଏ । ଅମଳ ପରେ କିଛି ବିହନ ସାଇତି ରଖି ବାକି ଫସଲ ସେମାନେ ନିଜପାଇଁ ବ୍ୟବହାର କରନ୍ତି । ବେଳେ ବେଳେ ବଳନା ହେଲେ ଫସଲ ଜାତ ଦ୍ରବ୍ୟ ବିକ୍ରୟ କରି ବା ବଦଳ କରି ସେମାନେ ତେଲ, ଲୁଣ, ଲୁଗାପଟା ଇତ୍ୟାଦି କିଣି ଥାଆନ୍ତି ।

ପାହାଡ ଚାଷ ବ୍ୟତୀତ ଜୁଆଙ୍ଗମାନେ (ଯେଉଁମାନେ ସମତଳ ଅଞ୍ଚଳରେ ରହନ୍ତି) ସେମାନେ ପାହାଡ ଉପରେ କମାଣ ଚାଷ ନ କରି ସମତଳ ଅଞ୍ଚଳରେ ଅଉ ଦୁଇ ପ୍ରକାର ଚାଷ କରିଥାନ୍ତି । ଏହାକୁ ଗୁଡାଜମି ଚାଷ ଓ ବିଲଜମି ଚାଷ ବୋଲି କୁହାଯାଏ । ଏହି ଗୁଡାଜମିରେ ସାଧାରଣତଃ ଧାନ, ରାଶି, କୋଳଥ, ବିରି, ଗୁମା ଛୁଇଁ ଇତ୍ୟାଦି ଚାଷ କରିଥାନ୍ତି । ବିଲ ଜମିରେ ଧାନବ୍ୟତୀତ ସେମାନେ ଅନ୍ୟ କିଛି ଚାଷ କରନ୍ତି ନାହିଁ । ଏହି ଚାଷର ଯାହା ଅମଳ ହୁଏ କିଛି ବିହନ ପାଁ ରଖି ଅନ୍ୟସବୁ

ବାଡି ବଗିଚାରେ ଜୁଆଙ୍ଗ ମାନେ ଜହ୍ନି ଭେଣ୍ଡି, ବୋଇତାଳୁ, ମକା, କାକୁଡି ତଥା ବିଭିନ୍ନ ପ୍ରକାର ଶାଗ, ଲଗାଇଥାନ୍ତି । ନିଜେ ଖାଇବା ସହିତ ହାଟ, ବଜାରରେ କଦଳୀ ଜିନିଷ ବିକ୍ରି କରି ନିଜର ଅତ୍ୟାବଶ୍ୟକ ଜିନିଷ କିଣିଥାନ୍ତି ।

ଋଷ ନିମନ୍ତେ ଜୁଆଙ୍ଗମାନେ କୃଷି ଉପକରଣ ଭାବରେ ବ୍ୟବହାର କରୁଥିବା ଉପକରଣ ଗୁଡିକ ହେଲା- ଶାବଳ, କୋଡି,କୋଦାଳ, ଦା, ଲଙ୍ଗଳ, ଜୁଆଳୀ, ମଇ, ଏକମୁନା (ବାଙ୍କୁଡି) କୁଟୁଣୀ, କାଠପିଟଣା, ପୁଡୁଗ, ଡୋଲି ଇତ୍ୟାଦି ।

**ଲଙ୍ଗଳ-** ବଡଗଛକୁ କାଟି ସେମାନେ ଲଙ୍ଗଳ ତିଆରି କରିଥାନ୍ତି । ଏହାର ତଳ ଭାଗରେ ଏକ ଇଶରେ ଏକ ଲମ୍ବ ଲୁହା ଫଳ କୀଳା ଦେଇଥାନ୍ତି । ଉପର ମୁଣ୍ଡକୁ ନିଜେ ହାତରେ ଧରି ଦୁଇଟା ବଳଦ/ପଣ୍ଡା/ଅଥବା ଗାଇ ବେକରେ ଜୁଆଳି ପକାଇ ଏହି ଲଙ୍ଗଳ ଦ୍ୱାରା ସେମାନେ ବିଲ / ପଡିଆ ଅଥବା ଟାଙ୍ଗରା ଭୂଇଁ ଋଷ କରିଥାନ୍ତି ।

**ଜୁଆଳୀ-** କୃଷି ଉପକରଣ ଭାବରେ ଜୁଆଳି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ବିଲ ଚଷିବା ସମୟରେ ବା ଖଳାରେ ବଳଦ ଦ୍ୱାରା ଧାନମଡା ସମୟରେ ଏହି ଜୁଆଳି ଦରକାର ପଡିଥାଏ । ଜୁଆଳି ଏକ ସିଧା ଓସାରିଆ କାଠ, ଯାହାର ଦୁଇ ପାର୍ଶ୍ୱରେ ଦୁଇଟି ସରୁ କାଠ କିଳା ଭଳି ଲାଗିଥାଏ । ଏହା ବଳଦଙ୍କ କାନ୍ଧରେ ବନ୍ଧାଯାଏ । ଏହାଦ୍ୱାରା ପଣ୍ଡାମାନେ ବା ବଳଦମାନେ ଆଗପଛ ନ ହୋଇ ସମାନ୍ତର ଭାବରେ ଚାଲିଥାନ୍ତି । ଏହାରି ଦେହରେ ଲଙ୍ଗଳ ବା ମହି ବନ୍ଧାଯାଇ ସର୍ବକାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥାଏ ।

**ମହି-** ଧାନ ରୁଆରୋଇ ସମୟରେ ଏହି ମହି ଦରକାର ପଡିଥାଏ । ଅସମତୁଲ ଧାନ କ୍ଷେତକୁ କାଦୁଅ କରି ଏହା ଉପରେ ମହି ଚଲାଇଲେ ଏହା କାଦୁଅ ମାଟିକୁ ସମତୁଲ କରିଥାଏ । ଦୁଇ ବଳଦ ମଝିରେ ଜୁଆଳି ଦେହରେ ଏହି ମହିକୁ ବାନ୍ଧିଦେଇ ଜଣେ ବ୍ୟକ୍ତି ଏହା ଉପରେ ଠିଆହୁଏ । ବଳଦମାନେ ଏହି କାଦୁଆ ମାଟି ଉପରେ ଏହାକୁ ଟାଣି ଟାଣି ନେଲେ, କାଦୁଆ ଅସମତଳ ମାଟି ସମତଳ ହୋଇଥାଏ । ତାପରେ ସେହି ବିଲରେ ସିଧା ଭାବରେ ବା ଧାଡିକିଆ ଧାନ ରୋଇବା ପାଇଁ ସୁବିଧା ହୋଇଥାଏ । ଯେଉଁ ଜୁଆଙ୍ଗ ମାନେ ସମତଳ ଅଞ୍ଚଳରେ ରହି ବିଲ ଋଷ କରିଥାନ୍ତି । କେବଳ ସେହିମାନେ ହିଁ "ମହି" ବ୍ୟବହାର କରିଥାନ୍ତି ।

**ଦାଆ-** ଦାଆ ଦେଖିବାକୁ କଟୁରୀ ଭଳି । ଏହି କୃଷି ଅସ୍ତ୍ରଟି ଲୁହାରେ ତିଆରି

ହୋଇଥାଏ । ଏହାର ଭିତର ପାଖ କଣ୍ଟା କଣ୍ଟା ଦାନ ଭଳି ଧାରୁଆ ହୋଇଥିବା ବେଳେ ଅନ୍ୟ ପାଖଟି ଧାର ବିହନ ହୋଇଥାଏ । ହାତରେ ଧରିବା ପାଇଁ ଏଥିରେ ଏକ ସରୁକାଠ ଲାଗିଥାଏ । ଯଦ୍ୱାରା ଏହାକୁ ସୁବିଧାରେ ଧରି ଧନ କଟା ଯାଇଥାଏ ।

**ଏକମୁନା (ବାଙ୍କୁଡି)-** ଧାନ ଅମଳ ପରେ ଜୁଆଙ୍ଗମାନେ ନିଜ ନିଜ ଖଳା ବା ବାଡିରେ ସକାଳୁ ପତୁଲି ପକାଇଥାନ୍ତି । ୨/୪ ଟି ବଳଦକୁ ଦଉଡିରେ ବାନ୍ଧି ଏହି ଏକ ମୁନା ବା ବାଙ୍କୁଡି ସାହାଯ୍ୟରେ କୁଟାକୁ ଅଲଗା କରିଦିଆଯାଇଥାଏ । ଏହି ଏକ ମୁନା ବା ବାଙ୍କୁଡି ଗୋଟିଏ ମଧ୍ୟମ ଧରଣର ଟିଭେ ଉଚର ବାଉଁଶ ଅଗରେ ଏକ ବଙ୍କା ଲୁହାକୁ ଲଗାଇ ଦିଆଯାଇଥାଏ ବା ବାନ୍ଧି ଦିଆଯାଇଥାଏ । ଏହାଦ୍ୱାରା ବହୁକାର୍ଯ୍ୟ (ଯଥା- ଶାଗ ପାରିବା, ଆମ୍ବ/ପିଜୁଳି )ସାଧିତ ହୋଇଥାଏ ।

**କାଠପିଟଣା-** ଏହି କାଠ ପିଟଣାଟି ଏକ ଶକ୍ତ, ମଜବୁତ କାଠରେ ତିଆରି ହୋଇଥାଏ । ଏହାର ଗୋଟିଏ ପଟ ସାମାନ୍ୟ ମୋଟା ଓ ଅନ୍ୟ ପଟଟି ସରୁ । ଏହାଦ୍ୱାରା ଖଳାରେ ଧାନ ଥିବା ସମୟ କଡୋକୁ ରଖି ପିଟାଯାଇଥାଏ । ଯଦ୍ୱାରା କଚଡା ବା କଳେଇ ରୁ ଧାନ ଝଡି ଗୋଟିଏ ସ୍ଥାନରେ ଗଦା ହୋଇଥାଏ । ପରେ ଏହାକୁ କୁଲାଦ୍ୱାରା ଅଗାଡି ଉଡେଇ ଡୋଲି ବା ପୁଡୁଗରେ ରଖାଯାଏ ।

**ପୁଡୁଗ-** ବାଉଁଶର ଡୋଲି, ଅମାର ବା ଶିଆଡି ପତ୍ରରେ ବାଉଁଶ ଗଞ୍ଜଡା ଦେଇ ଜୁଆଙ୍ଗମାନେ ଧାନ ରଖିବା ପାଇଁ ଏକ ପ୍ରକାର ଡୋଲି ଡମ ମାନଙ୍କ ଦ୍ୱାରା ତିଆରି କରାଇଥାନ୍ତି ବା ନିଜେ ତିଆରି କରିଥାନ୍ତି । ବର୍ଷକ ପାଇଁ ଧାନ ସାଇତି ରଖିବା ପାଇଁ କୁଟା (ପୁଆଳ) କୁଦଉଡି ପରି ବଳି ଏକ ଲମ୍ବା ବେଣ୍ଟି ବୁଣା ଯାଇଥାଏ । ଏହି ବେଣ୍ଟକୁ ମୋଡି ମୋଡି ଗୋଲ ଡୋଲି ଆକାରରେ କରାଯାଏ । ଏହାକୁ ପୁଡୁଗ କୁହାଯାଏ । ଏହାରି ଭିତରେ ଧାନ ରଖି ବେଣ୍ଟିକ କାଠ ପିଟଣାରେ ପିଟି ସଲଖ ଭାଗରେ ଫାଶ ପକାଇ ରଖିଲେ ମୂଷା ଆଦିଙ୍କ ଉପଦ୍ରବରୁ ରକ୍ଷା ମିଳିଥାଏ ।

**କୁଟୁଣୀ-** କାଠ ପିଟଣା ପରି ଏହି କୁଟୁଣୀର ଆକାର ପ୍ରାୟ ସମାନ ସ୍ଥାନେ ସ୍ଥାନେ ଏହା ବଡ ସାନମଧ ହୋଇଥାଏ । ଧାନ ଅମଳ ପରେ ଜୁଆଙ୍ଗମାନେ ଧାନକୁ ହାଣ୍ଡିରେ ସିଝେଇ ଖରାରେ ଶୁଖେଇ ଘର ପିଣ୍ଡାରେ ଥିବା (ଢେଙ୍କିଗାତ ପରି) ଗାତରେ ଧାନକୁ

ପୁରାଇ ଏହି କୁଟୁଣି ଦ୍ୱାରା କୁଟି କୁଟି ଚାଉଳ କରିଥାନ୍ତି, ନଚେତ୍ ଯାହାର ଢିଙ୍କିଥାଏ, ସେ କୁଟୁଣିରେ ନ କୁଟି ଢିଙ୍କି ବ୍ୟବହାର କରିଥାଏ ।

**ଧାନଖଳା-** ଛୋଟ ହେଉବା ବଡ ହେଉ, ପ୍ରତ୍ୟେକ ଜୁଆଙ୍ଗଙ୍କର ଘରପାଖ ବାଡିରେ ବା ପଥର ଚଟୁରିରେ ଗୋବର ଲିପାଯାଇ ଏକ ଧାନ ଖଳା ତିଆରି ହୋଇଥାଏ । ଧାନ ଅମଳ ସମୟରେ ଧାନ କଳେଇ, ନଡା ଆଦି ଏହି ଖଳାରେ ରଖାଯାଏ । ଧାନକଟା ସରିଗଲେ ସକାଳୁ ଜୁଆଙ୍ଗ ଯୁବକମାନେ ଏହି ଧାନ ଖଳାରେ ଧାନ ପତୁଲି ପକାନ୍ତି । ଏହି ଧାନ ଖଳାରେ ଯାନ କଳେଇବା ଧାନ ଥିବା ସମୟରେ ଜୁଆଙ୍ଗମାନେ ଜୋତା ମାଡି ଯାଆନ୍ତି ନାହିଁ ବା କେହି ବାହାର ବ୍ୟକ୍ତି ଗଲେ, ଏହି ଖଳା ମଧକୁ ଯିବାକୁ ଦିଅନ୍ତି ନାହିଁ ।

**ଗୃହପାଳିତ ପଶୁ –** ଜୁଆଙ୍ଗମାନେ ନାଚ, ଗୀତ, କୃଷି ବ୍ୟତୀତ ପଶୁ ସମ୍ପଦ ଉପରେ ମଧ୍ୟ ନିର୍ଭର କରନ୍ତି । ପଶୁ ସମ୍ପଦ ସେମାନଙ୍କର ଅର୍ଥନୀତିକ୍ ବେଶ୍ ପ୍ରଭାବିତ କରିଥାଏ । ସେମାନେ ଗୃହପାଳିତ ପଶୁ ଭାବରେ ଗାଈ, ଛେଳି, କୁକୁଡା, ମୟୁର, ବତକ, ଶୁଆ, ଶାରୀ, ମାଙ୍କଡ, ବଣି, ହରଡ ଚଢେଇ ଓ କୁକୁରକୁ ପାଳନ କରିଥାନ୍ତି । କୁକୁର କେହି ନଥିବା ସମୟରେ ଘର ବାଡି, ଖଳା ଇତ୍ୟାଦି ଜଗିବା ସହିତ ଜୁଆଙ୍ଗମାନଙ୍କୁ ଶିକାର ସମୟରେ ଅନେକ ସାହାଯ୍ୟ କରିଥାଏ, ତଥା ଜୁଆଙ୍ଗ ପୀଢି ଉପରକୁ କୌଣସି ହିଂସ୍ର ଜନ୍ତୁ ଆଦି ଅଚାନକ ପ୍ରବେଶ କରି ଆସିଲେ । ଗାଁରେ ଥିବା ସମୂହ କୁକୁର ଭୁକିବା ଦ୍ୱାରା ସମସ୍ତଙ୍କୁ ସତର୍କ କରାଇ ଦେଇଥାନ୍ତି । ଶୁଣାଯାଏ, ପୂର୍ବକାଳରେ ଜୁଆଙ୍ଗ ମାନେ ଗୋ ମାଂସ ଭକ୍ଷଣ କରୁଥିଲେ । ହେଲେ ଏବେ ସେ ସବୁ ନାହିଁ । ଯେଉଁଦିନ ଠାରୁ ସେମାନେ ବସ୍ତ୍ର ପିନ୍ଧିବା ଶିଖିଲେ, ସଭ୍ୟ ସମାଜର ସଂସ୍ପର୍ଶରେ ଅସିଲେ, ସେଦିନଠାରୁ ସେମାନେ ଅଖାଦ୍ୟ ଖାଇବା ପ୍ରାୟ ବନ୍ଦ କରିଦେଇଛନ୍ତି । ବେଳେବେଳେ ଦେଖାଯାଏ ଅର୍ଥର ଅଭାବ ହେଲେ ସେମାନେ ଘରେ ପାଳିଥିବା ଛେଳି, କୁକୁଡା, ବତକ, ଶୁଆ ଶାରୀ ଆଦି ନିକଟସ୍ଥ ହାଟ ବା ବଜାରରେ ବିକି କରି ଅଭାବ ମେଣ୍ଟାଇ ଥାନ୍ତି କିମ୍ବା ଖାଦ୍ୟାଭାବ ହେଲେ ଆମ୍ବଟାକୁଆକୁ ଶୁଖାଇ ଚୂନା କରି ସେଥିରେ ପିଠାକରି ଖାଇଥଅନ୍ତି । ନଚେତ୍ ମକା, କାଙ୍ଗୁ, ମାଣ୍ଡିଆ ଜାଉରେ ଅଭାବ ପୂରଣ କରିଥାନ୍ତି ।

# ଗୃହୋପକରଣ

ମଣିଷ ବଞ୍ଚି ରହିବା ପାଇଁ ଯେପରି ଖାଦ୍ୟ ପାନୀୟ ଦରକାର, ସେହିପରି ଗୃହକାର୍ଯ୍ୟଠାରୁ ଆରମ୍ଭକରି ବାହାର କାର୍ଯ୍ୟ କରିବା ପାଇଁ ଗୃହୋପକରଣ ବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମଧ୍ୟ ନିହାତି ଦରକାର ସେଗୁଡିକ ନଥିଲେ ମଣିଷ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତା । ଠିକ୍ ସେହିପରି ଜୁଆଙ୍ଗ ମାନଙ୍କର କେତୋଟି ନିତ୍ୟ ବ୍ୟବହାର୍ଯ୍ୟ ଗୃହୋପକରଣ ନାମ ନିମ୍ନରେ ପ୍ରଦାନ କରାଗଲା ।

**ଢେଙ୍କି-** ଏହି ଢେଙ୍କି ପ୍ରାୟତଃ ସମସ୍ତ ଜୁଆଙ୍ଗଙ୍କ ଘରେ ନଥାଏ । କେହି କେହି ଜୁଆଙ୍ଗ ବହୁ କଷ୍ଟ ସ୍ୱୀକାର କରି ସିଧାକାଠରେ ପ୍ରାୟ ୫/୭ ଫୁଟ ଲମ୍ବରେ ଏହି ଢେଙ୍କି ତିଆରି କରିଥାନ୍ତି । ଏହାର ଅଗ୍ରଭାଗରେ ଏକ ଛୋଟ କାଠ ଲାଗି, ମୁହଁରେ ଏକ ଲୁହା ଲାଗିଥାଏ । ଏହାକୁ ଶମା କହନ୍ତି । ଗୋଟିଏ ଗାତରେ ଧାନରଖି ଏହି ଶମା ଦ୍ୱାରା ଧାନକୁଟା ଯାଇଥାଏ । ଢେଙ୍କିର ପଛପଟ ଚେପଟା ଓ ଓସାର କରାଯାଇଥାଏ । ଯେଉଁଠାରେ ପାଦରଖି ଧାନକୁ କୁଟନ୍ତି । ମଧ୍ୟ ଭାଗରେ ଏକ ମୋଟା କାଠକୁ କାଟି ଅଧା ଯାଏଁ ଦୁଇଫାଳ କରାଯାଇଥାଏ । ଏହାରି ମଝିରେ ସେହି ଲମ୍ବା ଢେଙ୍କିଟି ରହିଥାଏ । ପଛ ପଟରେ ଥିବା ସ୍ୱଳ୍ପ ଗାତରେ ସେହି ଚେପଟା ଅଂଶଟିକୁ ମାଡି ଦେଲେ ତାହା କିଛି ଉପରକୁ ଉଠି ଆଗରେ ଥିବା ଗାତରେ (ଯେଉଁଠି ଧାନ ଥାଏ) ଢୋ କରି ପିଟିହୁଏ । ଫଳରେ ସୁବିଧାରେ ଧାନ କୁଟି ହୁଏ ।

**ସିଡି-** (ନିଶୁଣି) ଏହି ସିଡିଟି ଅଧିକାଂଶ ଜୁଆଙ୍ଗ / ଭୂୟାଁ ମାନଙ୍କ ଘରେ ଥାଏ । ଏହା ଦୁଇଖଣ୍ଡ ସରୁକାଠ ବା ବାଉଁଶରେ ତିଆରି ହୋଇଥାଏ । ଦୁଇଖଣ୍ଡ ସିଧା କାଠ ବା ବାଉଁଶ ମଝିରେ ୫/୬ ଟି ଫାଳି ଲାଗିଥାଏ । ଏହାରି ସହାୟତାରେ ଜୁଆଙ୍ଗ ସ୍ତ୍ରୀଲୋକମାନେ ଉଚ୍ଚା କାନ୍ଥ ଲିପା ପୋଛା କରିବା ସହିତ ଜୁଆଙ୍ଗ ଯୁବକମାନେ ଗଛରେ ମଞ୍ଚା ଉପରକୁ ଚଢିବା, କୁଟା ଭାଡିରେ କୁଟା ରଖିବା ବା ଭୂମିଠାରୁ ଉଚ୍ଚ ଜାଗାରେ ଯେ କୌଣସି ସ୍ଥାନରେ ଏହାରି ଦ୍ୱାରା ସହଜରେ କାର୍ଯ୍ୟ ସମ୍ପାଦନ କରିଥାନ୍ତି ।

**ଶିଳ / ଶିଳପୁଆ-** ଶିଳ/ଶିଳପୁଆ ପ୍ରାୟତଃ ସମସ୍ତ ଜୁଆଙ୍ଗମାନଙ୍କ ଘରେ ଦେଖିବାକୁ ମିଳିଥାଏ । ଏହା ମଧ୍ୟ ସହଜରେ ପାହାଡିଆ ଅଞ୍ଚଳରେ ଉପଲବ୍ଧ ହୋଇଥାଏ । ଗୋଟାଏ ବଡ ଚିକ୍କଣ ପଥର ଉପରେ ଆଉ ଛଖଣ୍ଡ ଲମ୍ବର ରଗଡା ପଥରକୁ ରଖି ଜୁଆଙ୍ଗୁଣୀମାନେ

ଘଉଳା/ ମସଲା/ ହଳଦୀ / ସୋରିଷ ଆଦି ବଟାବଟି କରିଥାନ୍ତ । ବଡ ପଥରଟିକୁ ଶିଳ ଓ ସାନ ପଥରଟିକୁ "ଶିଳପୁଆ" ବୋଲି କହନ୍ତି ।

**କହଣିଆ-** ଜୁଆଙ୍ଗମାନେ ମାଛ ଧରିବା ପାଇଁ ଏହି କହଣିଆ ବ୍ୟବହାର କରିଥାନ୍ତି । ବିଲ, ନାଳ, ବା ଯେ କୌଣସି ବେଢ଼ା ଜାଗାରେ ବୋହି ଯାଉଥିବା ଜଳକୁ ଦୁଇ ବିଲ ହିଡ ମଧରେ ଏକ ଘାଇ ସୃଷ୍ଟି କରି ଏହି କହଣିଆ ବସାଯାଏ । ପଛ ପଟରେ ଖାଲି ସ୍ଥାନରେ ଘାସ ବା ନଡା ଦେଇ ଦିଆଯାଇଥାଏ । ରାତିରେ ବସାଯାଇଥିବା କହଣିଆ ସକାଳକୁ ଯଅଇ କହଣିଆରୁ ମାଛ ଝାଡି ଅଣାଯାଏ ।

**ଖାଲେଇ-** ଏହା ମଧ ମାଛ ଧରିବା କହଣିଆରୁ ମାଛ ଝାଡିବା ପରେ ବ୍ୟବହାର କରାଯାଏ । ପୋଖରୀ ବା ନାଳରୁ ମାଛ ଧରି ସାରିବା ପରେ ଏହା ଭିତରେ ରଖି ଦେଲେ ମାଛ ଆଉ ବାହାରକୁ ଆସି ନ ପାରି ସେଇଠି ସୁରକ୍ଷିତ ରହେ ।

**ଝାଂପି-** ଏହା ସାଧାରଣତଃ ଶୀତ, ବର୍ଷା, ଖରା ଦାଉରୁ ମଣିଷରୁ ରକ୍ଷା କରିଥାଏ. ଏହାକୁ ମୁଣ୍ଡରେ ଦେଇ ଋଷ କାର୍ଯ୍ୟ ବା ଖରାରେ ବାହାରକୁ ଗଲେ ଖରା/ବର୍ଷା କାଟେ ନାହିଁ ।

**ପଟିଆ-** ଖଜୁରୀ ପଟିଆ ପ୍ରାୟତଃ ସମସ୍ତଙ୍କ ଘରେ ଦେଖାଯାଏ । ଜୁଆଙ୍ଗ ସ୍ତ୍ରୀଲୋକମାନେ ବା ସେଲାନି ମାନେ ଅବସର ସମୟରେ ପାଲ ବା ଖଜୁରୀ ପତ୍ରରେ ଏହି ପଟିଆ ବୁଣିଥାନ୍ତି । ଏହି ପଟିଆ ଉପରେ ସମସ୍ତେ ବିଛଣ କରି ଶୁଅନ୍ତି । ଦରକାର ବେଳେ ଫଳ, ମୂଳ, ରେ ଆଦି ଖରାରେ ଏହି ପଟିଆ ଉପରେ ଶୁଖାଇ ଥାନ୍ତି । ଆମ୍ବର ରସକୁ ଏହି ପଟିଆ ଉପର ଶୁଖାଇ ଆମ୍ବସଢା ତିଆରି ନିଜେ ଖାଇବା ସହିତ ବଜାରରେ ବିକ୍ରି ମଧ କରିଥାନ୍ତି ।

**ପଖିଆ-** ଏହି ପଖିଆ ମଧ ଅଧିକାଂଶ ଜୁଆଙ୍ଗ ମାନଙ୍କ ଘରେ ଥାଏ । ଏହାକୁ ସେମାନେ ତାଳବରଡା କାଟି ଆଣି ତିଆରି କରିଥାନ୍ତି । ଋଷ ସମୟରେ ବା ବର୍ଷା ଦାଉରୁ ରକ୍ଷା ପାଇବା ନିମନ୍ତେ ଏହାକୁ ସେମାନେ ବ୍ୟବହାର କରିଥାନ୍ତି ।

**କୁଲା-** କୁଲା ଗୋଟାଏ ଏପରି ଦ୍ରବ୍ୟ, ଯାହା କି ଧନୀ କି ଗରୀବ ସମସ୍ତଙ୍କ ଘରେ ଥାଏ । ଧାନ, ମକା, ମାଣ୍ଡିଆ, ପାଛୋଡିବା ପାଇଁ ଜୁଆଙ୍ଗୁଣୀମାନେ ଏହାକୁ ବ୍ୟବହାର

କରିଥାନ୍ତି । ଧାନ ଖଳାରେ ହେଉବା ଧାନରୁ ମାଟି ଗୋଡି ଅଲଗା କରିବା କାର୍ଯ୍ୟରେ ହେଉ, ଏହି କୁଲା ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

**ଦଉଡି ଖଟ-** ଏହା ପ୍ରାୟତଃ ସମସ୍ତଙ୍କର ଘରେ ନଥାଏ । ଆର୍ଥିକ ସ୍ୱଚ୍ଛଳ ଥିବା ଜୁଆଙ୍ଗ ଘରେ କାଁ ଭାଁ ଏହି ଖଟ ଦେଖାଯାଇଥାଏ । ଘରକୁ କେହି ଅତିଥି ଅଭ୍ୟାଗତ ଅଅସିଲେ, ସେମାନେ ଏହା ଉପରେ ଗଣ୍ଡାଟାଏ ବିଛେଇ ବସିବାକୁ ଦିଅନ୍ତି । ଯାହାର ଏହି ଖଟ ନଥାଏ ସେମାନେ ପିଣ୍ଡାରେ ବା ତଳେ ପଟିଆ ବିଛେଇ ଅତିଥିଙ୍କୁ ବସିବାକୁ ଦେଇଥାନ୍ତି । ଜଙ୍ଗଲରେ ସହଜରେ କାଠ ମିଳୁଥିବାରୁ ଜୁଆଙ୍ଗ ଯୁବକମାନେ ନିଜେ ଏହି ଖଟର ଫ୍ରେମ ତିଆରି ଘାସରୁ ପ୍ରସୁତ ଏକ ପ୍ରକାର ଦଉଡିରେ ଏହାକୁ ବୁଣିଥାଆନ୍ତି । ଗୋଟାଏ ଗୋଟାଏ ଖଟ ୩/୪ ବର୍ଷରୁ ଅଧିକ ବ୍ୟବହାରରେ ଲାଗିଥାଏ ।

ତା' ଛଡା ପ୍ରାୟତଃ ସମସ୍ତ ଜୁଆଙ୍ଗ ଘରେ କୋଡି, କୋଦାଳ, ଶାବଳ, କାଠ ପଞ୍ଜୁରୀ, ଖଣତି, ବାଉଁଶ ପାତିଆର କୁକୁଡା ଘାରି, ଡଲା, ଝୁଡି, ହାଣ୍ଡି ମାଠିଆ, ଇତ୍ୟାଦି ଅନେକ ପ୍ରକାରର ଗୃହୋପକରଣ ଦେଖିବାକୁ ମିଳିଥାଏ । ତା ସହିତ ଘର କରଣା ଉପକରଣ ଭାବରେ ବେଲା, ବାସନ, ଥାଳି, ତାଟିଆ, ଖୁସୁଣି, ଡଙ୍କା ଚିମୁଟା, ଇତ୍ୟାଦି ଦେଖିବାକୁ ମିଳିଥାଏ । ପୂର୍ବ କାଳରେ ତଥା ଏବେ ମଧ୍ୟ ଅଧିକାଂଶ ଜୁଆଙ୍ଗ ଜଙ୍ଗଲରରୁ ଶାଳପତ୍ର ଆଣି ସେଥିରେ ଖଲି ଚଉପଟି ପଲଙ୍ଗା ତିଆରି ନିଜେ ଖାଇବା ସଙ୍ଗେ ସଙ୍ଗେ ବଳକା ସବୁକୁ ବଜାରକୁ ନେଇ ବିକ୍ରି କରି ଦି ପଇସା ପାଆନ୍ତି । ଏବେ କିନ୍ତୁ ସହରୀ ସଭ୍ୟତାର ଆକର୍ଷଣରେ ଆକର୍ଷିତ ହୋଇ ସେମାନେ ସବୁକିଛି ସହରୀ ଢାଞ୍ଚାରେ କରି ଶିଖିଲେଣି । ଜୁଆଙ୍ଗ ମାନଙ୍କ ନିକଟରେ ବାସ କରୁଥିବା ଡମ ଜାତିର ଲୋକମାନେ ଜୁଆଙ୍ଗ ମାନଙ୍କର କୃଷି ଉପକରଣ ଓ ଗୃହୋପକରଣ ନିମନ୍ତେ ଦରକାର ପଡୁଥିବା ମାଣ ପୁଡି ପାହି, ବୋଝ, କୁଲା ଡଲା, ଡୋଲି, ଆଦି ବାଉଁଶ ଜାତ ଦ୍ରବ୍ୟ ଯୋଗାଇ ଦେଇଥାନ୍ତି । ସେହିପରି ଭୂୟାଁ ଓ ଗଉଡମାନେ ମଧ୍ୟ ସେମାନଙ୍କ ସହିତ ମିଳିମିଶି ଭଲ ମନ୍ଦରେ ସାହାଯ୍ୟ ସହଯୋଗ କରିଥାନ୍ତି ।

# ଅସ୍ତ୍ରଶସ୍ତ୍ର

ହିଂସ୍ରଜନ୍ତୁ ପରିପୂର୍ଣ୍ଣ ବଣ ଜଙ୍ଗଲରେ ରହୁଥିବା ମଣିଷର ଆତ୍ମରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ଦରକାର । ତେଣୁ ପିଲାଟି ବେଳରୁ ବଣ ପାହାଡରେ ବଢି ଆସୁଥିବା ଜୁଆଙ୍ଗ ଶିଶୁଟିଏ । ପିଲାବେଳରୁ କାନ୍ଧରେ ଟାଙ୍ଗିଆ ବା ବୋଡିଆ ଟିଏ ପକାଇ ବୁଲୁଥିବାର ଦେଖାଯାଇଥାଏ । ଆତ୍ମରକ୍ଷା ଠାରୁ ଆରମ୍ଭ କରି ଜଙ୍ଗଲର ଗଛ, ଡାଳ, କାଠ କାଟିବା ପାଇଁ ଏହି ବୋଡିଆଟି ନିହାତି ଦରକାର । ଏହିପରି ଜୁଆଙ୍ଗମାନେ ବ୍ୟବହାର କରୁଥିବା ବିଭିନ୍ନ ଅସ୍ତ୍ରଶସ୍ତ୍ର ଗୁଡିକର ବର୍ଣ୍ଣନା ତଳେ ଦିଆଗଲା ।

**ଧନୁଶର-** ଧନୁ ଓ ଶର ହେଉଛି ଜୁଆଙ୍ଗମାନଙ୍କର ଏକ ପ୍ରଧାନ ଅସ୍ତ୍ର । ଏହାଦ୍ୱାରା ସେମାନେ ସୁନ୍ଦର ଭାବରେ ଲକ୍ଷ୍ୟ ବିନ୍ଧି ପାରନ୍ତି । ପଶୁ, ପକ୍ଷୀ ଓ ଅରଣ୍ୟର ଜୀବଜନ୍ତୁ ଶିକାର ପାଇଁ ଏହି ଧନୁ-ଶର ଜୁଆଙ୍ଗ ମାନଙ୍କର ପ୍ରମୁଖ ଅସ୍ତ୍ର ଭାବରେ ବ୍ୟବହୃତ ହୋଇଥାଏ । ସାଧାରଣତଃ ପାକଳ ବାଉଁଶରେ ଧନୁ ତିଆରି ହୋଇଥାଏ । ବାଉଁଶକୁ ଅର୍ଦ୍ଧ ଚନ୍ଦ୍ରାକାର କରି ଏଥିରେ ଦଉଡି କିମ୍ବା ଚମଡାରେ ବନ୍ଧା ଯାଇଥାଏ । ଗୁଣ ସରୁ ବାଉଁଶରେ ତିଆରି ହୋଇ ଦୁଇପାଖ ଚମଡା ଦ୍ୱାରା ଧନୁରେ ଫାଶ ଦେଇ ବନ୍ଧା ହୋଇଥାଏ । ପତଳା ସରୁ କାଠିରେ ତୀର ପ୍ରସ୍ତୁତ କରାଯାଇଥାଏ । ଗୀରର ଅଗ୍ରଭାଗରେ ମୁନିଆ ଓ ପତଳା ଲୁହାଦ୍ୱାରା କରି ଲଗାଯାଇଥାଏ । ବେଳେ ବେଳେ ଜୁଆଙ୍ଗମାନେ ଏହି ତୀରର ଅଗ୍ରଭାଗରେ ହାତ ତିଆରି କିଛି ବିଷାକ୍ତ ପଦାର୍ଥ ବୋଳି ଦେଇଥାନ୍ତି । ତୀରଟି କୌଣସି ଜଙ୍ଗଲ ଜୀବଜନ୍ତୁ ବା ପକ୍ଷୀ ଦେହରେ ବାଜିଲେ ସେହି ବିଷ ସାରା ଶରୀରରେ ଚରିଯାଇ ଜନ୍ତୁଟିର ମୃତ୍ୟୁ ଘଟେ ।

**ଟାଙ୍ଗିଆ-** ଧନୁପରି ଟାଙ୍ଗିଆ ମଧ୍ୟ ଜୁଆଙ୍ଗ ମାନଙ୍କର ଆଉ ଏକ ପ୍ରମୁଖ ଅସ୍ତ୍ର । କୌଣସି ଜୁଆଙ୍ଗ ଧନୁ ତୀର ସହିତ କାନ୍ଧରେ ଟାଙ୍ଗିଆଟିଏ ନଥିଲେ ଜଙ୍ଗଲ ଭିତରକୁ ଯାଏନି । ଜଙ୍ଗଲରୁ କାଠ କାଟିବା ବା ଜୀବଜନ୍ତୁଙ୍କୁ ଆଘାତ କରିବା ପାଇଁ ଏହି ଟାଙ୍ଗିଆ (ବୋଡିଆ) ପ୍ରମୁଖ ଭୂମିକା ନିଭେଇ ଥାଏ ।

**ବାଲା-** ଏହା ଟାଙ୍ଗିଆ ପରି ବେଣ୍ଟ ଲାଗିଥିବା ଆଉ ଏକ ଅସ୍ତ୍ର । ସେମାନେ ପୂଜା, ପର୍ବ-ପର୍ବାଣୀରେ ଠାକୁର ଠାକୁରାଣୀଙ୍କ ପାଖରେ ଛେଦ (ବଳି) ପକାଇବା ସମୟରେ ଏହାକୁ ବ୍ୟବହାର କରିଥାନ୍ତି ।

**ଖଣ୍ଡା-** ଏହା ଲୁହାରେ ତିଆରି ହୋଇଥିବା ଏକ ସୁନ୍ଦର ଅସ୍ତ୍ର । ଏହାର ଗୋଟାଏ ପଟ ଧାରୁଆ ହୋଇଥିବା ବେଳେ, ଅନ୍ୟ ପଟଟି ଧାରୁଆ ନୁହେଁ । ହାତରେ ଧରିବା ପାଇଁ ପଟ ଧାରୁଆ ହୋଇଥିବା ବେଳେ, ଅନ୍ୟ ପଟଟି ଧାରୁଆ ନୁହେଁ । ହାତରେ ଧରିବା ପାଇଁ ଗୋଟିଏ ଲୁହାର ବା କାଠର ମୁଠୁଣି ଲାଗିଥାଏ । ଏହି ଖଣ୍ଡା ଜୁଆଙ୍ଗ ମାନଙ୍କର ଶିକାର କାର୍ଯ୍ୟରେ ନ ଲାଗିଲେ ମଧ୍ୟ ଦେବଦେବୀ ପୂଜାବେଳେ ଏହା ବ୍ୟବହୃତ ହୋଇଥାଏ । ଅଥବା ଦେବଦେବୀ ଶାଳରେ ଶାଳରେ ରହି ଠାକୁର ଠାକୁରାଣୀଙ୍କ ପ୍ରତିନିଧି ଭାବେ ପୂଜା ପାଇଥାଏ । ପୌଷ ମାସ ଶେଷ ଗୁରୁବାରରେ ଏହି ଖଣ୍ଡା ପୂଜାକୁ ଦେବତା ଗାଧୁଆ ବା ପାଟଖଣ୍ଡା ପୂଜା ଭାବରେ ପାଳନ କରାଯାଇଥାଏ । ଏହିଦିନ ଗାଁ ଶିରୀ ଠାକୁରାଣୀ ଶାଳରୁ ଠାକୁରାଣୀଙ୍କ ପ୍ରତନିଧି ଭାବରେ ଏହି ଖଣ୍ଡା ବାଜା, ବଡକାଠ, ସହିତ ନାଚ, ଗୀତ ଭିତରେ ମଣ୍ଡ ଘର (ମଜାଙ୍ଗ) ନିକଟକୁ ଆସି ଲାଗମ ଦ୍ୱାରା ପୂଜାପାଠ ହୋଇ ସ୍ଥାନ କରାଯାଏ । ସେଦିନ ସମସ୍ତଙ୍କ ଘରେ ପିଠାପଣା ସହ ସମସ୍ତେ ନାଚ ଗୀତରେ ରାତିସାରା ମସଗୁଲ ହୋଇଥାଆନ୍ତି । ଏହି ପୂଜା ସମୟରେ ପଶୁପକ୍ଷୀ ବଳିଦେବା ସମୟରେ ଏହି ଖଣ୍ଡାର ବହୁଳ ବ୍ୟବହାର ହୋଇଥାଏ ।

**ବର୍ଚ୍ଛା-** ଜୁଆଙ୍ଗ ମାନେ ଶିକାର ସମୟରେ ଆଉ ଏକ ଅସ୍ତ୍ର ବ୍ୟବହାର କରିଥାନ୍ତି । ଯାହାକୁ ସେମାନେ ବର୍ଚ୍ଛା ବୋଲି କହନ୍ତି । ଗୋଟିଏ ଲମ୍ବା କାଠ ବା ବାଉଁଶ ଅଗ୍ରଭାଗରେ ତୀରଭଳି ଗୋଟିଏ ମୁନିଆ ଧାରୁଆ ଲୁହାଟିଏ ଲାଗିଥାଏ । ସାଧାରଣତଃ ଏହା ମୁନିଆ ତ୍ରିଭୂଜା କାର ଅଥବା ତୀରଭଳି ହୋଇଥାଏ । ଶିକାର ସମୟରେ ଦୂରରୁ ଥାଇ ଜୁଆଙ୍ଗମାନେ ଜଙ୍ଗଲ ଜନ୍ତୁ ଉପରକୁ ଏହା ନିକ୍ଷେପ କରିଥାନ୍ତି । ଜନ୍ତୁ ଦେହରେ ଏହା ଥରେ ଗଳି ଗଲେ ସେ ଜନ୍ତୁ ବଞ୍ଚିବା କଷ୍ଟକର ହୋଇ ପଡେ ।

**ଗୁପୁନି-** ସାଧାରଣତଃ ଦଉଡିରେ ବଳା ହୋଇଥିବା ଘରର ଶିକା ପରି ଏହି ଗୁପୁନି ଦଉଡି ବଳା ହୋଇ ଏହା ତିଆରି ହୋଇଥାଏ । କାଦୁଆ ମାଟିରେ ଗୋଲ ଗୋଲ ମାଟି ଗୋଲକରି ଶୁଖାଇ ରଖାଯାଇଥାଏ । ଦରକାର ବେଳେ ଜୁଆଙ୍ଗ ଯୁବକମାନେ ଏହି ଗୁପୁନିରେ ମାଟି ଗୋଳି ରଖି ତାକୁ ଘୁରାଇ ଘୁରାଇ ଜୀବଜନ୍ତୁ ଉପରକୁ ଏହା ନିକ୍ଷେପ କରିଥାନ୍ତି । ଏହା ଖୁବ ଜୋରରେ ଘାଇ ଇପସିତ ଜନ୍ତୁ ଦେହରେ ବାଜିଲେ ସେ ଆଘାତ ପାଏ ବା ମୃତ୍ୟୁବରଣ କରେ ବା ଭୟ ପାଇ ପଳାୟନ କରେ ।

**ଅଠାକାଣ୍ଡିଆ–** ଜୁଆଙ୍ଗ ମାନଙ୍କର ଆଉ ଏକ ଅସ୍ତ୍ର ଅଠାକାଣ୍ଡିଆ । ଏହାକୁ ସେମାନେ ନିଜ ହତରେ ତିଆରି କରିଥାନ୍ତି । ଏହାର ନିର୍ମାଣ ଶୈଳୀ ମଧ୍ୟ ଖୁବ ସହଜ ଓ ସରଳ ବାଉଁଶକୁ ପତଳା ଓ ସରୁ ଖଡିକା ଭଳି କାଟି ଗୋଟାଏ ବାଉଁଶ ନଳୀ ଭିତରେ ବରଗଛର ଅଠା ଓ ରାଶି ତେଲ ବା ଜଡା ତେଲ ମିଶାଇ ତାକୁ ଅଠାଳିଆ ଭଳି କରି ଏହି ବାଉଁଶ ନଳୀ ଭିତରେ ଢାଳି ରଖନ୍ତି । ସେହି ସରୁ ବାଉଁଶ ଖଡିକାରେ ଗୋଟାଏ ପଟ ଏହି ଅଠା ବୋଳି ହୋଇ ରହିଥାଏ । ଦରକାର ବେଳେ ଗଛରେ ବିଲ ମାନଙ୍କରେ ଏହି ଅଠାକାଠିକୁ ଶକ୍ତ ଭାବେ ପୋତି ଦେଇ ଜୁଆଙ୍ଗ ଯୁବକମାନେ ନିକଟରେ ଲୁଚି ବସିଥାନ୍ତି । ଖାଦ୍ୟ ଖାଇବାକୁ ଆଦି ପକ୍ଷୀମାନେ ଏହି ଅଠା ବୋଳା କାଠି ପାଖରେ ସବିଲେ, ତାଙ୍କ ଡେଣାରେ ବା ପରରେ ଏହା ଲାଗିଯାଏ । ଚଢେଇଟି ଉଡି ନପାରି ଛଟପଟ ହୋଇ ପଡିଗଲେ ଜୁଆଙ୍ଗମାନେ ଦଉଡିଯାଇ ଚଢେଇକୁ ଧରି ନିଅନ୍ତି ।

# ବିଚାର ବ୍ୟବସ୍ଥା ଓ ଦଣ୍ଡ ବିଧାନ

ପ୍ରତ୍ୟେକ ଜୁଆଙ୍ଗ ଗାଁରେ ଜଣେ ଜଣେ ମୁଖିଆ ଥାଆନ୍ତି । ସେମାନଙ୍କୁ "ପଧାନ" କୁହାଯାଏ । ପୂର୍ବରୁ କୁହାଯାଇଛି କେତେଗୁଡିଏ ଗାଁ ମିଶି ଗୋଟିଏ ପୀଢ଼ି ହୋଇଥାଏ । ପୀଢ଼ିର ମୁଖିଆଙ୍କୁ ସର୍ଦ୍ଦାର ବୋଲି କୁହାଯାଏ । ଏହି ସର୍ଦ୍ଦାର ଗୋଟିଏ ପୀଢ଼ିର ଭଲମନ୍ଦ କଥା ବୁଝନ୍ତି । ସେହିପରି ଗୋଟାଏ ଗୋଟାଏ ପୀଢ଼ିରେ ଗ୍ରାମର ମୁଖ୍ୟ ପୁରୋହୀତ ନାଗମ ନାମରେ ପରିଚିତ । ସେ ବୋଇତା ବା ଦେହୁରୀ ନାମରେ ମଧ୍ୟ ପରିଚିତ ହୋଇଥାନ୍ତି । ସେ ଜଣେ ବୟୋବୃଦ୍ଧ ବ୍ୟକ୍ତି ହୋଇଥାନ୍ତି । ସେ ଗ୍ରାମର ସମସ୍ତ ପର୍ବପର୍ବାଣୀ ଓ ଉତ୍ସବରେ ପରିଚାଳନା କରିବା ସଙ୍ଗେ ସଙ୍ଗେ ପୌରହିତ୍ୟ କରନ୍ତି ଓ ବିଭିନ୍ନ ଉତ୍ସବସର ଶୁଭଦିନ ମଧ୍ୟ ଧାର୍ଯ୍ୟ କରନ୍ତି । ଧାର୍ମିକ ରୀତିନୀତି ଓ ଉତ୍ସବ ସମ୍ପର୍କରେ ତାଙ୍କର ପ୍ରଭୁତ ଅଧିପତ୍ୟ ଥାଏ । ସେହିପରି ଡାଙ୍ଗୁଆ ପଦବୀଧାରୀ ଜୁଆଙ୍ଗ ବ୍ୟକ୍ତି ନାଗମଙ୍କୁ ଧର୍ମୋତ୍ସବ ପରିଚାଳନାରେ ସାହାଯ୍ୟ ସହଯୋଗ କରିବା ସହିତ ଧର୍ମୋତ୍ସବ ତଥା ଭଲମନ୍ଦ, ଗ୍ରାମ ସଭା ଆଦିରେ ଘୋଷଣା ଜାରୀ ବା ଖବର ପ୍ରଦାନ କାରୀ ବ୍ୟକ୍ତି ଭାବରେ ପରିଚିତ ହୋଇଥାନ୍ତି । ଜୁଆଙ୍ଗମାନେ ପାଳିକରି ଦେଇଥାନ୍ତି । ଜୁଆଙ୍ଗ ଗାଁ ଗୁଡିକରେ କୌଣସି କଳି ଗୋଳ ହେଲେ ଏହା ଗାଁ ମୁଖିଆ ବା ପଧାନ ଓ ନାଗମ୍ ତଥା ବୟସ୍କ ଜୁଆଙ୍ଗମାନଙ୍କ ଦ୍ୱାରା ବିଚାର କରାଯାଇ ସମାଧାନ କରାଯାଇଥାଏ । ଗ୍ରାମର ସାଧାରଣ କଳି ବିଚାର କରି ସେମାନେ ନିଷ୍ପତ୍ତି ଗ୍ରହଣ କରନ୍ତି । ଏହି ନିଷ୍ପତ୍ତି ଓ ଦଣ୍ଡ ପ୍ରାଚୀନ ଆଦିବାସୀ ପରମ୍ପରା ଉପରେ ପର୍ଯ୍ୟବେସିତ ହୋଇଥାଏ । ଗ୍ରାମ କଳିର ମିମାଂସା କରିବା ବ୍ୟତୀତ "ପଧାନ" ଓ ନାଗମ ଆଉ କେତେକ କାମ କରିଥାନ୍ତି । ଯଦି କୌଣସି ଜୁଆଙ୍ଗ ଯୁବକ ନିଜ ସଂପ୍ରଦାୟ ଭିନ୍ନ ଅନ୍ୟ ଗୋଷ୍ଠୀରୁ ଯୁବତୀ ଗ୍ରହଣ କରି ବିବାହ କରେ, ବା ଧର୍ଷଣ କରେ ତେବେ ସେ ଦୋଷୀ ସାବ୍ୟସ୍ତ ହୁଏ । ସେ କ୍ଷେତ୍ରରେ ପଧାନ ଓ ନାଗମ ତାକୁ ସମାଜରୁ ବାସନ୍ଦ କରିଥାନ୍ତି । ଜ୍ଞାତ ସାରରେ ହେଉ ବା ଅଜ୍ଞାତାରେ ହେଉ କେହି ଯଦି ବାଛୁରୀ, ଗାଈ, ପ୍ରଭୃତି ମାରିଦିଏ, ତେବେ ତାକୁ ମଧ୍ୟ ଜୁଆଙ୍ଗ ସମାଜରୁ ବାସନ୍ଦ ହେବାକୁ ପଡିଥାଏ । ସେମାନଙ୍କୁ ଦୋଷମୁକ୍ତ ହେବାପାଇଁ ପ୍ରାୟଶ୍ଚିତ ସ୍ୱରୂପ ଚାଉଳ, ଛେଳି, ଘୁଷୁରୀ, ଲୁଣ ଓ ଅନ୍ୟାନ୍ୟ ଜିନିଷମାନ ଗ୍ରାମ ପଞ୍ଚାୟତକୁ ଦେବାକୁ ପଡିଥାଏ । ଯେତେସବୁ ବିଚାର ଆଲୋଚନା, ନ୍ୟାୟ ନିଶାପ ଗାଁ ପଞ୍ଚାୟତରେ ସମାଧାନ ହୋଇ ନ ପାରିଲେ ତାହା

ବଡ ପଞ୍ଚାୟତ ବା ପୀଢୀର ସର୍ଦ୍ଦାରମାନଙ୍କୁ ନେଇ ନିଷ୍ପତ୍ତି କରାଯାଇଥାଏ । ଦୋଷୀ ଠାରୁ ସଂଗୃହୀତ ଜିନିଷ ଏହି ବଡପଞ୍ଚାୟତ ଭିତରେ ଭୋଜି କରାଯାଇଥାଏ ।

ଜୁଆଙ୍ଗ ଗ୍ରାମରେ ବା ପୀଢିରେ କୌଣସି ଲୋକ ବିପକ୍ଷରେ ଯଦି ଦ୍ରବ୍ୟ ଚୋରି କରିବାର ଅଭିଯୋଗ ହେଲା, ତେବେ ମଜାଙ୍ଗ (ମଣ୍ଡଘର) ଠାରେ ଦରବାର ବସି ଚୋର ଧରାଯାଏ ଓ ଅପହୃତ ଦ୍ରବ୍ୟକୁ ଉଦ୍ଧାର କରାଯାଇ ତାହା ଦ୍ରବ୍ୟର ମାଲିକକୁ ଫେରାଇ ଦିଆଯାଏ କିମ୍ବା ଅପହୃତ ଦ୍ରବ୍ୟର ମୂଲ୍ୟ ଚୋରଠାରୁ ଆଦାୟ କରାଯାଇ ମାଲିକକୁ ପ୍ରଦାନ କରାଯାଏ । ଚୋରର ପ୍ରଥମ ଚୋରି ମୋକଦ୍ଦମାର ଏହା ହେଉଛି ସାଧାରଣ ଦଣ୍ଡ ବିଧାନ ।

ମାତ୍ର ଚୋର ତା ଚରିତ୍ରର ସଂଶୋଧନ ନ କରି ଯେବେ ବାରମ୍ବାର ଚୋରି କରେ, ତେବେ ସେ ସମାଜରେ ଦୋଷୀ ବିବେଚିତ ହୋଇ, ସାଧାରଣରେ ଘୃଣ୍ୟ ବିବେଚିତ ହୁଏ, ଏବଂ ଗ୍ରାମବାସୀମାନେ ଉକ୍ତ ଦୋଷୀ ସହିତ ସମସ୍ତ ସମ୍ପର୍କ ଛିନ୍ନ କରି ଦିଅନ୍ତି । ନିଆ, ପାଣି, ପିଣ୍ଡା, ସବୁ ତା ତାପାଇଁ ବାରଣ ହୋଇଯାଏ । ସେ ସବୁ ଦିନ ପାଇଁ ସାମାଜିକ ବାସନ୍ଦ ହୋଇରହେ ।

ଗାଁ ଭିତରେ କଳିଗୋଳ ଲାଗିଲେ, ବିଚାର ଆଲୋଚନା ଓ ସମାଧାନ ପାଇଁ ଡାଙ୍ଗୁଆ ଦ୍ୱାରା ପଧାନ ଓ ଅନ୍ୟ ମୁରବୀମାନଙ୍କୁ ଡକାଯାଇ ପଞ୍ଚାୟତ ବସେ । ଉଭୟ ପକ୍ଷଙ୍କୁ ମିଳାଇ ଦିଆଯାଏ । ଉଭୟ ପକ୍ଷଙ୍କୁ ମିଳାଇ ସାରିବାପରେ ମଜାଙ୍ଗ (ମଣ୍ଡଘର)ରେ ଜଳୁଥିବା ନିଆଁ ଖୁଣ୍ଟାରୁ ଖଣ୍ଡିଏ ଉଠାଇ ଆଣି ଉଭୟ ପକ୍ଷ ଛେପ ପକାଇ ନିଆଁକୁ ଲିଭାଇ ଦିଅନ୍ତି । ସତେ ଯେମିତି ପୂର୍ବରୁ ହୋଇଥିବା ଅପଟ କଟିଯାଇ ଉଭୟ ପୁଣି ମିଶିଗଲେ । ଏହିପରି ଭାବରେ ଗାଁର ଅପରାଧ ଗୁଡିକ ଥାନା/ଫାଣ୍ଡିକୁ ନଯାଇ ଗାଁରେ ବିଚାର କରାଯାଏ । ଗାଁ ଦରବାରରେ ଏପରି ସରଳ, ପ୍ରାକୃତିକ ଓ ଧାର୍ମିକକ ବିଚାରରେ ଦୁଇପକ୍ଷ ନ୍ୟାୟ ପାଇ ସନ୍ତୁଷ୍ଟ ହୋଇ ରହନ୍ତି । ସାମାଜିକ ନୀତି ନିୟମର ରକ୍ଷା କରିବା ଗ୍ରାମର କଳି କଜିଆ ଭାଙ୍ଗିବା, ନ୍ୟାୟ ଅନ୍ୟାୟର ବିଚାର କରିବା, ପୁନେଇ ପର୍ବ ପାଳନ କରିବା ଏବଂ ଶତ୍ରୁ ଆକ୍ରମଣ ଓ ଭୟରୁ ରକ୍ଷା ପାଇବା ପାଇଁ ଗ୍ରାମବାସୀଙ୍କୁ ପ୍ରସ୍ତୁତ କରି ରଖିବା ହେଉଛି ଗାଁ ଦରବାରର ମୂଳଲକ୍ଷ୍ୟ । ଗ୍ରାମବାସୀ ମାନଙ୍କର ଏପରି ଗ୍ରାମ ସଭାଗୁଡିକରେ ହେଉଥିବା ନିଷ୍ପତ୍ତିଗୁଡିକ ପଧାନ ମୁଖ୍ୟତଃ କାର୍ଯ୍ୟକାରୀ କରିଥାନ୍ତି । ଡାଙ୍ଗୁଆ ସଭାର ଯୋଗାଡ କରେ । ସେ ମଜାଙ୍ଗ ପିଣ୍ଡାରେ

ଠିଆ ହୋଇ ଅତି ଉଚ୍ଚ ସ୍ୱରରେ ତିନିଥର ରଡି ଛାଡେ, ଏବଂ ସେହି ରଡି ଶୁଣିବା ସଙ୍ଗେ ସଙ୍ଗେ ଗ୍ରାମବାସୀମାନେ ମଜାଙ୍ଗଠାରେ ରୁଣ୍ଡ ହୋଇଯାଆନ୍ତି । ଏହି ରଡି କରି ଡାକୁଥିବାରୁ ତାକୁ ସମସ୍ତେ ଡାକୁଆ ବା ଡାଙ୍ଗୁଆ ବୋଲି କହନ୍ତି । ଡାଙ୍ଗୁଆ ବିଭିନ୍ନ କାର୍ଯ୍ୟ ପାଇଁ ବିଭିନ୍ନ ସ୍ୱରରେ ରଡି ଦେଇ ଗ୍ରାମବାସୀମାନଙ୍କୁ ଡାକିବାର ଉଦ୍ଦେଶ୍ୟ ଓ ଭୟଙ୍କରଣ ବିଷୟରେ ଅଭିହିତ କରାଇଦିଏ । ଡାଙ୍ଗୁଆ ବ୍ୟତୀତ ଇତର ବ୍ୟକ୍ତି କେହି ଏ ଡାକ  ପାରେ ନାହିଁ, ଡାକିଲେ ଗ୍ରାମରେ ବିପଦ ପଡିବାର ଆଶଙ୍କା କରାଯାଏ ।

ଜୁଆଙ୍ଗମାନେ ଖୁବ ଧର୍ମଭୀରୁ ଓ ଭୟାଳୁ ସେମାନଙ୍କର ଧର୍ମ ବନ୍ଧନ ଅତି କଠୋର ଏବଂ ସେମାନେ ସେ ପ୍ରଥାର ବଶବର୍ତ୍ତୀ ହୋଇ ଚଳିବାକୁ ବାଧ୍ୟ ଅଟନ୍ତି । ଯେ କୌଣସି ଦୋଷ ପାଇଁ ବିଚାର ବ୍ୟବସ୍ଥାରେ ସେମାନେଗାଁ ଶିରୀ ଠାକୁରାଣୀଙ୍କ ପାଖରେ ଉପରେ ଧର୍ମଦେବତା ତଳେ ବାସୁକୀମାତା, ଯାହା କହିବି ସତ କହିବି ବୋଲି ଥରେ ନିୟମ କରିଦେଲେ କେହି କିଛି ଗୋପନ ରଖିବାକୁ ସାହସ କରିପାରେ ନାହିଁ । ସେମାନଙ୍କର ବିଶ୍ୱାସ ଧର୍ମଦେବତା ଓ ବାସୁକି ମାତାଙ୍କ ନିୟମ ଖାଇ ମିଛ କହିଲେ ଅଳ୍ପଦିନ ଭିତରେ ବାଘ ନେଇଯିବ ନଚେତ୍ ବଂଶବୁଡି ଯିବ ।

ଜୁଆଙ୍ଗ ସମାଜର ବିଚାର ବ୍ୟବସ୍ଥା ଓ ଦଣ୍ଡ ବିଧାନ ଖୁବ ସହଜ ଓ ସରଳ ମନେ ହେଉଥିଲେ ମଧ୍ୟ ଏହା ମଧ୍ୟରେ ବେଳେ ବେଳେ ବହୁ କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିଥାଏ । ଲୋକପବାଦ ବାସନ୍ଦ ପ୍ରଭୃତ ଲୋକଲଜ୍ୟା ପାଇଁ ଜୁଆଙ୍ଗ କେବେ ଭୁଲ କରିବାକୁ ଚେଷ୍ଟା କରେ ନାହିଁ । ଶାନ୍ତ, ସରଳ, ଧର୍ମଭୀରୁ ମଣିଷ ଜୁଆଙ୍ଗ ଗଣ୍ଡେ ଖାଇ ଦଣ୍ଡେ ବଞ୍ଚିବାରକୁ ପସନ୍ଦ କରିଥାଏ ।

# ଜଙ୍ଗଲ ଜୀବନ

କେଉଁ ଆଦିମ ଅନାଦି କାଳରୁ ବଣ, ଜଙ୍ଗଲ ନଦୀ କୂଳରେ ବସବାସ କରି ଆସୁଥିବା ଜୁଆଙ୍ଗମାନେ ଯେ ପ୍ରଥମେ କେଉଁଠୁ ଆସିଲେ, ନାଁ ଆର୍ଯ୍ୟମାନଙ୍କ ଆଗମନ ପୂର୍ବରୁ ସେମାନେ ଏଠିଥିଲେ, ତାହା ବର୍ତ୍ତମାନ ଗବେଷଣା ସାପେକ୍ଷ । ଏହି ଭଞ୍ଜଭୂମି କେନ୍ଦୁଝର ରାଜ୍ୟରେ ପୃଥିବୀର ପ୍ରାଚୀନ ତମ ପ୍ରସ୍ତର ଯେପରି ରହିଅଛି । ସେହିପରି ପ୍ରାଚୀନତମ ନଦୀ ମାତୃକାରେ ପ୍ରାଚୀନତମ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ତଥା ପ୍ରାଚୀନ ତମ ପୃଥିବୀର ସର୍ବପ୍ରଥମ ଆଦିମ ଅଧିବାସୀ ବ୍ୟବହାର କରୁଥିବା ଆଦିମ ତମ ପଦାର୍ଥର ସଙ୍କେତ ପ୍ରତ୍ନତତ୍ତ୍ୱ ଖନନରୁ ହସ୍ତଗତ ହୋଇଛି । ୰ ବିପିନ ବିହାରୀ ଦାସଙ୍କ ମତରେ -ପୃଥିବୀର ପ୍ରାଚୀନ ତମ ଆଦିମ ଅଧିବାସୀ ହେଉଛନ୍ତି ଜୁଆଙ୍ଗ । ସୃଷ୍ଟିର ଆବହମାନ କାଳରୁ ବୈତରଣୀ ସଭ୍ୟତାର ଦାୟଦ ରୂପେ ଏଠାରେ ସେମାନେ ବସବାସ କରି ଆସୁଛନ୍ତି । ଅରଣ୍ୟ ସଭ୍ୟତାର କେନ୍ଦ୍ରଭୂମି ଏହି ଆରଣ୍ୟକ ଭୂମି ସେମାନେ ହେଉଛନ୍ତି ପ୍ରକୃତି ଦାୟାଦ । ଏମାନେ ଜହ୍ନୁ ଋଷିଙ୍କର ଅଙ୍ଗଦ ରୂପେ ନିଜକୁ ପ୍ରକାଶ କରନ୍ତି । ଏମାନଙ୍କର ସ୍ୱତନ୍ତ୍ର ଭାଷା, ସଂସ୍କୃତି ଓ ସାମାଜିକ ନୀତ ବ୍ୟବସ୍ଥା ଅନ୍ୟ ଆଦିବାସୀ ସମ୍ପ୍ରଦାୟ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

କବଡେନ ରାମସେ ତାଙ୍କ Feudatory State Gazetter ରେ ଲେଖିଛନ୍ତି- ଭାରତର ପୂର୍ବ ଭାଗରେ ଘନ ବନ ପ୍ରଦେଶରେ ବାସ କରୁଥିବା ଆଦିମ ଅଧିବାସୀ ମାନଙ୍କ ମଧ୍ୟରେ ଜୁଆଙ୍ଗମାନେ ସମ୍ଭବତଃ ପ୍ରାଚୀନ ତମ ଅଟନ୍ତି ।

କର୍ଣ୍ଣେଲ ଡାଲଟନ ତାଙ୍କର Descriptive Ethnology of Bengal ପତ୍ରିକାରେ ସ୍ୱୀକାର କରିଛନ୍ତି ଯେ ଅଭ୍ୟାସ ଓ ଚାଲିଚଳନରେ ଜୁଆଙ୍ଗ ଜାତି ଅତି ଆଦିମ ଓ ତାହା ତାଙ୍କୁ ପ୍ରାଚୀନ ପ୍ରସ୍ତର ଯୁଗର ସ୍ମରଣ କରାଇ ଦିଏ ।

ଇତିହାସ ବିହାନ ପ୍ରଫେସର ୱାଲଟର ରେଲେ ମଧ୍ୟ ଅନେକ ଅନୁସନ୍ଧାନ ପରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ- ଜଳ, ପ୍ରଳୟର ସମସ୍ତ ଶେଷରେ ଭାରତ ବା (ଆର୍ଯ୍ୟବର୍ତ୍ତ) ରେ ପ୍ରଥମେ ବୃକ୍ଷଲତା (ଅକ୍ଷୟ ବଟ)ର ଉତ୍ପତ୍ତି ହୋଇଥିଲା ଏବଂ ମନୁଷ୍ୟ ପ୍ରଥମେ ଏଠାରେ ବସତି ସ୍ଥାପନ କରିଥିଲା ।

ସେ ଯାହା ହେଉ, ସୃଷ୍ଟିର ଆରମ୍ଭ କାଳରୁ ଜୁଆଙ୍ଗମାନେ ଯେ ବୈତରଣୀ ସଭ୍ୟତାରେ ବସବାସ କରୁଥିଲେ ଏହା ଅନସ୍ୱୀକାର୍ଯ୍ୟ । ମନେ ହୁଏ ଜୁଆଙ୍ଗମାନେ ସମ୍ଭବତ ଚୀନ ଆଡୁ ଏହି ଭାରତ ଭୂମିକୁ ପ୍ରବେଶ କରି ଆର୍ଯ୍ୟମାନଙ୍କ ଦ୍ୱାରା ଅତ୍ୟାଚାରିତ, ବିତାଡିତ ହୋଇ ଗୋନାସିକା ଗିରି ଗର୍ଭରେ ଆଶ୍ରୟ ନେଇଥାଇ ପାରନ୍ତି । ନଚେତ୍ ଅନ୍ୟାନ୍ୟ ଆଦିମ ଅଧିବାସୀ ଦଳ ଦଳ ହୋଇ ଭାରତର ବିଭିନ୍ନ ବଣ, ଜଙ୍ଗଲ, ଅରଣ୍ୟରେ ଆଶ୍ରୟ ନେଇଥିଲେ ମଧ୍ୟ ଜୁଆଙ୍ଗମାନେ କେବଳ କେନ୍ଦୁଝରର ଗୋନାସିକା ବ୍ୟତୀତ ଅନ୍ୟ କୋଣସିଠାରେ ଦେଖାଯାଆନ୍ତି, ନାହିଁ କାହିଁକି ? ଜୁଆଙ୍ଗ ମାନଙ୍କ ପୂର୍ବ ପୁରୁଷ କ'ଣ ଚୀନା ଥିଲେ ? ନଚେତ୍ ଚୀନାମାନଙ୍କ ପରି ଜୁଆଙ୍ଗ ମାନଙ୍କରେ ଉଚ୍ଚତା ମୁଖମଣ୍ଡଳ ଓ ନାକ ଅଗରେ କହୁଥିବା କଥା । ଠିକ୍ ଚିନା ମାନଙ୍କ ପରି ସାଦୃଶ୍ୟ ଏକା ପରି ଜଣାପଡେ କାହିଁକି ? ଚୀନ୍‌ର ହୋୟାଙ୍ଗ ହୋ ନଦୀର ନାମକରଣ ପରି ହୋୟାଙ୍ଗ- ଜୁଆଙ୍ଗ ଏକାପରି ଲାଗୁନାହିଁକି ? ସେ ଯାହା ହେଉ ଏ ସବୁ ଗବେଷଣା ସାପେକ୍ଷ । ଯିଏ ଯେତେ ଅଧିକ ପରିମାଣରେ ପ୍ରମାଣ, ଯୁକ୍ତି ଓ ତଥ୍ୟ ସଂଗ୍ରହ କରି ଯୁକ୍ତିର ସହିତ ପ୍ରମାଣ କରିପାରିବେ ସେ ସେତେ ସତ୍ୟମୁଳକ ଓ ବିଜ୍ଞାନ ସମ୍ମତ ମତ ଆଡକୁ ଅଗ୍ରସର ହୋଇପାରିବେ ଏବଂ ସତ୍ୟ ସେତେ ପ୍ରତିଭାତ ହେବ ।

ଜଙ୍ଗଲକୁ ନେଇ ଜୁଆଙ୍ଗ ମାନଙ୍କର ଜୀବନ ଜୀବିକା । ସଂପ୍ରତି ବ୍ୟାପକ ଜଙ୍ଗଲ କ୍ଷୟ ହୋଇଥିଲେ ମଧ୍ୟ ପୂର୍ବରୁ ଏହା ବିଶେଷ ଭାବରେ ଶାଳ ଜଙ୍ଗଲ ଦ୍ୱାରା ପରିବେଷ୍ଟିତ ଥିଲା । ଏହା ସହିତ ଶିଶୁ, ଅଶନ, କୁରୁମ, ପିଆଶାଳ ମଧ୍ୟ ରହିଥିଲା । ଜଙ୍ଗଲରୁ ମିଳୁଥିବା ଫଳମୂଳ, ଚେର, ଶାଗ, ସବଜି, ପ୍ରଭୃତିକୁ ସେମାନେ ଅଭାବ ସମୟରେ ଖାଦ୍ୟ ଭାବରେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଔଷଧ ଭାବରେ ମଧ୍ୟ ବ୍ୟବହାର କରୁଥିଲେ । ପୂର୍ବ ପୁରୁଷ ମାନଙ୍କଦ୍ୱାରା ଚିହ୍ନିତ ତଥା ସ୍ମୃତିରେ ଥିବା ବିଭିନ୍ନ ପ୍ରକାର ଚେରମୂଳିକା ସଂଗ୍ରହ କରି ସେମାନେ ବିଭିନ୍ନ ରୋଗଯନ୍ତ୍ରଣାରୁ ଆରୋଗ୍ୟ ଲାଭ କରୁଥିଲେ । ଏ ସବୁ ସଂଗ୍ରହ କରିବା ପାଇଁ ଜୁଆଙ୍ଗ ମାନଙ୍କୁ ବଣ, ଜଙ୍ଗଲ, ପ୍ରକୃତି ଉପରେ ନିର୍ଭର କରିବାକୁ ପଡୁଥିଲା ।

ପିଲାଟି ଦିନରୁ ଜଙ୍ଗଲରେ ଜୀବନଯାପନ ତଥା ପ୍ରକୃତି ସହିତ ମିଶି ଆସିଥିବାରୁ ଜୁଆଙ୍ଗ କଂଗେର ବିଭିନ୍ନ ପ୍ରକାର ପଦାପର୍ବ, ପର୍ବାଣୀ ଆଦିରେ ଦେଖୁଥିବା ନୀତି ନିୟମ, ଆଚାର ବ୍ୟବହାର ଦ୍ୱାରା ସେମାନେ ସବୁ ସମୟରେ ଗଛ ବୃଚ୍ଛ ସହିତ

ଅଙ୍ଗାଙ୍ଗୀଭାବେ ଜଡିତ । ପର୍ଯ୍ୟାୟକ୍ରମେ ପୁରୁଷ ପରେ ପୁରୁଷ ବହୁପୁରୁଷ ଧରି ଜୁଆଙ୍ଗମାନେ ଗଛ ବିଭିନ୍ନ ଅଂଶ ଯଥା- ପତ୍ର, ଛାଲି, ଡାଳ, ଚେର, ଆଦିକୁ ଔଷଧ ରୂପେ ବ୍ୟବହାର କରିବା ଶିକ୍ଷା କରିଛି । ସେମାନଙ୍କର ଲିଖିତ କୌଣସି ସାହିତ୍ୟ ନଥିବାରୁ ସଞ୍ଚିତ ଅନୁଭୂତିକୁ ପାଥେୟ କରି ଜୁଆଙ୍ଗମାନେ ଏହି ଚେରମୂଳିକୁ ବ୍ୟବହାର କରି ବିଭିନ୍ନ ବ୍ୟାଧିର ଆରୋଗ୍ୟ ଲାଭକରନ୍ତି । କଥିତ ଅଛି, ଭୂୟାଁ, ଜୁଆଙ୍ଗ, ପୀଢି ବା ଗୋନାସିକା, ଗନ୍ଧମାର୍ଦ୍ଦନ ପାହାଡରେ ପୂର୍ବରୁ ବହୁ ପରିମାଣରେ ଭ୍ରମରମାରୀ ନାମକ ଏକ ଦୁର୍ମୁଲ୍ୟ ଔଷଧ ବୃକ୍ଷ ମିଳୁଥିଲା । ଯାହାକି କୃଷରୋଗ ପାଇଁ ଏକ ଅବ୍ୟର୍ଥ ଔଷଧ ଥିଲା ଯାହା ଭୂୟାଁ ଓ ଜୁଆଙ୍ଗ ମାନଙ୍କ ଦ୍ୱାରା ବହୁ ପୂର୍ବରୁ ବ୍ୟବହୃତ ହେଉଥିବାର ଜଣାଯାଏ । ଏହି ବୃକ୍ଷକୁ ଦେବୀ ଭାବରେ ମାନ୍ୟତା ଦେଇ ବିଧି ବିଧାନ ଅନୁସାରେ କେନ୍ଦୁଝରର ରାଜବଂଶ ପୂଜା କରୁଥିବାରୁ ତାଳପତ୍ର ପୋଥିରେ ଉଲ୍ଲେଖ ଥିବାର ଦେଖାଯାଏ । ତତସହିତ ଭୂୟାଁ ଜୁଆଙ୍ଗମାନେ କେନ୍ଦୁଝର ରାଜାଙ୍କ ଆଦେଶ କ୍ରମେ ରାଜ ପ୍ରସାଦର ଔଷଧ ଭଣ୍ଡାର ପାଇଁ ଚୂର୍ଣ୍ଣ ଅରିଷ୍ଟ ଆସବ, ମୋଦକ, ତିଆରି ପାଇଁ ମହୁ, ଝୁଣା, ଚେର, ଫଳ,ଫୁଲ, ମଞ୍ଜି, ପତ୍ର ଛାଲି ଇତ୍ୟାଦି ଯୋଗାଉଥିଲେ । ଜୁଆଙ୍ଗ ପୀଢିରେ ରାଜବୈଦ୍ୟ ବା ଆୟୁର୍ବେଦିକ, କିମ୍ବା ଡାକ୍ତରୀ ଚିକିତ୍ସା ପ୍ରତି ଟିକିଏ ବି ଆଦର ନଥିଲା । ବରଂ ଏହାକୁ ସେମାନେ ବିରୋଧ କରୁଥିଲେ । ସେମାନଙ୍କର ବଣୁଆ ବୈଦ୍ୟ ବା ଗୁଣିର ପ୍ରଦତ୍ତ ଔଷଧ ବା ଚେରମୂଳକୁ ସେମାନେ ଅମୃତ ତୁଲ୍ୟ ମଣି ସେବନ କରୁଥିଲେ, ତଥା ଆରୋଗ୍ୟ ମଧ୍ୟ ହେଉଥିଲେ । ଜୁଆଙ୍ଗମାନେ ବ୍ୟବହାର କରୁଥିବା ବିଭିନ୍ନ ଚେର, ମୂଳରୁ ବିଭିନ୍ନ ରୋଗରୁ ଆରୋଗ୍ୟଲାଭ କରୁଥିବାର ଏକ ସଂକ୍ଷିପ୍ତ ତାଲିକା ଶ୍ରୀଯୁକ୍ତ ନୀଳାଦ୍ରୀ ବିହାରୀ ମିଶ୍ର ତାଙ୍କର ବଣ ପାହାଡରର ଗୀତ ପୁସ୍ତକରେ ସ୍ଥାନିତ କରିଛନ୍ତି । ତାହା ନିମ୍ନରେ ପ୍ରଦତ୍ତ ହେଲା-

## ଜୁଆଙ୍ଗମାନେ ବ୍ୟବହାର କରୁଥିବା ବନୌଷଧି

| କ୍ର.ସଂ | ରୋଗର ନାମ | ଗଛର ନାମ | ଗଛର ବ୍ୟବହୃତ ଅଂଶ | କିପରି ବ୍ୟବହାର ହେବ |
|---|---|---|---|---|
| ୧. | ଯକ୍ଷ୍ମା | ଆଳୁ | ଚେର | ଗୁଣ୍ଡକରି ଖାଇବା |
| ୨. | ହାଡଭଙ୍ଗା | କୁବା | ଛାଲି | ପେଷି, ଘଷିବା |
| ୩. | ଛାତି ଯନ୍ତ୍ରଣା | ବାଙ୍ଗୁର | ଛାଲି | ଗରମ ସେକ |
| ୪. | ନାକ ରକ୍ତଝାଡା | ଜଙ୍ଗଡାକ | ଚେର | ପେଷି ପିଇବା |

| | | | | |
|---|---|---|---|---|
| ୫. | ଆଖିଧରା | ମାଲୁଙ୍ଗନା | . ଫୁଲ | ଆଖିରେ ପକାଇବା |
| ୬. | କୃମିରୋଗ | ଚିରେଇତା | ପତ୍ର | ଘୋରି ପିଇବା |
| ୭. | ସହଜ ପ୍ରସବ | ମହୁଲ | ଛାଲି | ଶରୀର ସାରା ଲଗାଇବା |
| ୮. | ଥଣ୍ଡା-କଫ | ବଡାମଜଟା | ମୂଳ | ପେଷିପିଇବା |
| ୯. | ମାର କ୍ଷୀର ନହେବା | କ୍ଷୀର ମାଏ | ମୂଳ | ପେଷି ପିଇବା |
| ୧୦. | ଆଣ୍ଠୁଗଣ୍ଠି ବାତ | ଅକାଣ୍ଡବିନ୍ଧୁ | ମୂଳ | ପେଷି ପିଇବା |
| ୧୧. | ପେଟ ଯନ୍ତ୍ରଣା | କାକୁଟାଡ | ମୂଳ | ପେଷି ପିଇବା |
| ୧୨. | ଦାନ୍ତ ଯନ୍ତ୍ରଣା | ମଟକଲା | ଛାଲି | ପେଷି ପିଇବା |

କ୍ଷିପ୍ର ଗତିରେ ଜଙ୍ଗଲ ଅବକ୍ଷୟ ଘଟୁଥିବାରୁ ବଣ୍ୟ ଅର୍ଥନୀତି ଉପରେ ସେମାନଙ୍କର ଜୀବନଧାରା ଆଉ ନିର୍ଭରଶୀଳ ନୁହେଁ । ତେଣୁ ସଂପ୍ରତି ଚେର, ମୂଳକୁ ନେଇ ଔଷଧ କରି ଖାଇବାରସ୍ୱପ୍ନ କେତେ ପରିମାଣରେ କ୍ଷୁର୍ଣ୍ଣ ହୋଇଛି । ଜଙ୍ଗଲରୁ ମିଳୁଥିବା ଦାନ୍ତକାଠି, ମହୁଲ, ଟୋଲ, ଝୁଣା, ମହୁ, କାଇ, ଚିରେଇତା, କେନ୍ଦୁ, ପଣସ ବିକ୍ରିକରି ଅଭାବରେ ଚାହିଦା ମେଣ୍ଟାଇବା ସହିତ ଔଷଧ ତିଆରିରେ ବ୍ୟବହୃତ ହୋଇ ପାରୁଥିଲା । ଜଙ୍ଗଲ ଧ୍ୱଂସ ଯୋଗୁଁ ସୁବିଧାରେ ବଞ୍ଚିତ ଜୀବନ ଜୀବିକା କ୍ଷତିଗ୍ରସ୍ତ ହେବା ସହିତ ଦିନକୁ ଦିନ ସମସ୍ତ ସୁଖ ସୁବିଧାରୁ ବଞ୍ଚିତ ହୋଇ ଦୁର୍ବିସହ ହୋଇ ପଡୁଛି ସେମାନଙ୍କର ଜୀବନ ।

# ମୃତ୍ୟୁ ସଂସ୍କାର

*"ଜାତସ୍ୟ ହି ଧ୍ରୁବ ମୃତ୍ୟୁ"*

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ । ଜୁଆଙ୍ଗ ସମାଜରେ ମଧ୍ୟ ମୃତ୍ୟୁ ଆସେ ବୟସର ଶେଷ ପର୍ଯ୍ୟାୟରେ, କେହି ରୋଗ ଶଯ୍ୟାରେ ତ କେହି ଜଙ୍ଗଲରେ ଘୁରିବୁଲୁଥିବା ସମୟରେ ଅଥବା ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ସମୟରେ ବାଘ, ଭାଲୁ, ସର୍ପଦଂଶନରେ ଅସମୟରେ କେହି କେହି ମୃତ୍ୟୁବରଣ କରୁଥିବାର ଦେଖାଯାଇଥାଏ ।

ସେ ଯାହାବି ହେଉ, କେହି ଜଣେ ଜୁଆଙ୍ଗ ମରିଗଲେ ମରଶରୀରକୁ ଅଧିକାଂଶ ସମୟରେ ଜୁଆଙ୍ଗମାନେ ପୋଡି ଦେଉଥିବାର ପ୍ରଥା ପ୍ରଚଳିତ । ମୃତ୍ୟୁ ପରେ ମର ଶରୀରରେ ଜୁଆଙ୍ଗମାନେ ତେଲ, ହଳଦୀ ଲଗାଇ ନୂଆ ଲୁଗା ଖଣ୍ଡେ ପିନ୍ଧାଇ ଦିଅନ୍ତି । (ତାହାବି ଯଦି ଉକ୍ତ ଜୁଆଙ୍ଗ ପରିବାରର ଲୁଗା କିଣି ପାରିବାର ସାମର୍ଥ ଥାଏ ନଚେତ୍ ସେ ମଲା ସମୟରେ ପିନ୍ଧିଥିବା ଲୁଗାରେ ଚଳେଇ ଦିଅନ୍ତି) । ଗ୍ରାମର ସାହିଭାଇ ଜଙ୍ଗଲରୁ କାଠ ସଂଗ୍ରହ କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଠୁଳ କରନ୍ତି । ଆମମାନଙ୍କର ମଶାଣି ପରି ସେମାନେ ଏହାକୁ (ଶିର ଗୁଣି) କହନ୍ତି । ଶବକୁ ଏକ ଦଉଡିଆ ଖଟରେ ଅଥବା ଛଅଖଣ୍ଡ ବାଉଁଶରେ ଏକ କୋକେଇ ତିଆରି କରି ତାରି ଉପରେ ଶୁଆଇ କାନ୍ଧରେ କାନ୍ଧେଇ କାଠ ଗଦା ହୋଇଥିବା ସ୍ଥାନକୁ ନେଇ କାଠ ଗଦା ଉପରେ ଶୁଆଇ ଦିଅନ୍ତି । ମୃତ ଶରୀର ସହିତ ତାର ବ୍ୟବହୃତ ଲୁଗାପଟା, ବାସନ କୁସନ, ତଥା ସେ ଖାଉଥିବା ପିକା, ଦୋକ୍ତା ପତ୍ର ଇତ୍ୟାଦି ନେଇ ସେହି ଶବ ପୋଡା ସ୍ଥାନରେ ଫୋପାଡି ଦିଅନ୍ତି । ଶବ ସହ ଯାଇଥିବା ବାପ, ଭାଇ ବା ପୁଅ ଘରୁ ପାଳଦଉଡିରେ ଲଗାଇ ନେଇଥିବା ନିଆକୁ ସେହି କାଠଗଦାରେ ଲଗାଇ ଦିଅନ୍ତି । ଶରୀରଟି ସମ୍ପୂର୍ଣ୍ଣ ପୋଡିଯିବା ପର୍ଯ୍ୟନ୍ତ ଯାଇଥିବା ସମସ୍ତେ ସେଠାରେ ଜଗି ରହନ୍ତି । ଶରୀରଟି ପୋଡିଗଲା ପରେ କେହି ଆଉ ଜୁଇ ନିଆଁକୁ ନଚାହିଁ ଏକ ମୁହାଁ ହୋଇ ଚାଲି ଆସନ୍ତି । ପାଖରେ ଥିବା ଯେକୌଣସି ନଈ, ପୋଖରୀ, ଅଥବା ଝରଣାରେ ସମସ୍ତେ ଗାଧୋଇ ପାଧୋଇ ଘରକୁ ଫେରନ୍ତି ।

ତହିଁ ପରଦିନ ପାଖ ପଡୋଶୀ, ବନ୍ଧୁ ଲୋକମାନେ ମୃତ ପରିବାରର ଘରକୁ ସଫା ସୁତୁରା କରନ୍ତି । ସ୍ତ୍ରୀଲୋକମାନେ ଘର ଲିପାପୋଛା କରି ସାରିବା ପରେ

ଗାଁରେ ଥିବା ତାଙ୍କ ବଂଶର ଅନ୍ୟ ସମସ୍ତ ଘରକୁ ମଧ୍ଯ ଲିପାପୋଛା, ସଫାସୁତୁରା କରନ୍ତି । ତୁଳସୀ ପାଣିରେ ସବୁ ଘର ବାହାର ଛିଞ୍ଚାଯାଇ ପବିତ୍ର କରାଯାଏ । ଏହାପରେ ନୂଆ ହାଣ୍ଡି ଆଟିକାର ବନ୍ଧୁଘର ଲୋକମାନେ ରୋଷେଇ କରି ମୃତ ପରିବାର ସମସ୍ତ ଲୋକଙ୍କୁ ଲୋକଙ୍କୁ ଖାଇବାକୁ ଦେଇଥାନ୍ତି । ସେହିଦିନ ସକାଳୁ ନିଆଁ ଲଗାଇଥିବା ବ୍ୟକ୍ତି (ପୁଅ, ବାପା/ଭାଇ) ସହ ବଂଶର ଲୋକମାନେ ଶବ ପୋଡିଥିବା ସେହିସ୍ଥାନକୁ ଆଉ ଥରେ ଯାଇଥାନ୍ତି । ଶବ ଭଲ ଭାବରେ ପୋଡିଛି କି ନାହିଁ, ଯଦି ନ ପୋଡିଥାଏ ତେବେ ପୁଣିଥରେ ସମସ୍ତ ଜିନିଷକୁ ଏକାଠି କରି ନିଆଁ ଲଗାଇ ଦେଇଥାନ୍ତି । ତତପରେ ଭଲ କରି ଗାଧୋଇ ପାଧୋଇ ଘରକୁ ଫେରିଥାନ୍ତି । ପରିବାରର ସମସ୍ତେ ଶୁଦ୍ଧ ହୋଇଗଲା ପରେ ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନ ସବୁ ନିଜ ନିଜ ଘରକୁ ଫେରି ଯାଇଥାନ୍ତି । ସମୟ ଓ ସୁବିଧା ଦେଖି ଗାଁ ଲୋକଙ୍କୁ ରାତି ମୁତାବକ (ସକ୍ଷମ ଅନୁସାରେ) ଗୋଟାଏ ଭୋଜି ଦିଆଯାଇଥାଏ । କିନ୍ତୁ ଆଜିକାଲିର ଜୁଆଙ୍ଗମାନେ ପାଖ ପଡୋଶୀ ହିନ୍ଦୁ ସଂସ୍କୃତିର ସଂସ୍ପର୍ଶରେ ଆସି ବର୍ଷକ ପରେ ଶ୍ରାଦ୍ଧ କରୁଥିବାରୁ ଦେଖାଯାଇଥାଏ । ତତ ସହିତ ଶବ ପୋଡି ଆସିବାର ଦଶଦିନରେ ନଣ୍ଡା ହେଉଥିବା ଓ ଦଶାଭାତ ଖାଉଥିବାର ଦେଖାଯାଉଥାଏ.

କିନ୍ତୁ ଜୁଆଙ୍ଗ ସମାଜରେ କେହି ଯଦି ବାଘ କାମୁଡାରେ ମୃତ୍ୟୁବରଣ କରେ, ତେବେ ତାର ଶୁଦ୍ଧକ୍ରିୟା ଟିକିଏ ଭିନ୍ନ ଧରଣର ପାଳନ କରାଯାଇଥାଏ । ଜୁଆଙ୍ଗ ମାନଙ୍କର ବିଶ୍ୱାସ ଯେ, ରଷି, ରଷିଆଣିଙ୍କର ପ୍ରଥମ ପୁଅକୁ ବାଘ ମାରି ଖାଇଯାଇଥିଲା । ସେହି ପ୍ରଥମ ଜୁଆଙ୍ଗ ପିଲାର ହାତ, ଗୋଡ, ରକ୍ତ, ମାଂସରୁ ଏ ବଣ ଜଙ୍ଗଲ,ପାହାଡ ପର୍ବତ, ନଦୀ, ଝରଣାର ସୃଷ୍ଟି । ତେଣୁ କୌଣସି ବ୍ୟକ୍ତିକୁ ବାଘ ମାରି ଦେଇଥିଲେ ତାର ଆତ୍ମାକୁ ସମସ୍ତେ "ବାଘିଆ ଦେବତା" ବୋଲି କହିଥାନ୍ତି । ନିୟମାନୁସାରେ ତାର ଶବକୁ ଦାହ କରି ଗୋଟିଏ ସାହାଡା ଗଛ ତଳେ ପୂଜା କରାଯାଏ । ଗୋଟିଏ କୁକୁଡାକୁ ବଳି ଦେଇ ତାର ଆତ୍ମାକୁ ସନ୍ତୁଷ୍ଟ କରାଯାଇଥାଏ । ବଳି ଦିଆଯାଇଥିବା କୁକୁଡା ମାଂସକୁ ସେଠାକୁ ଯାଇଥିବା ଲୋକମାନେ ସେହିଠାରେ ରୋଷେଇ କରି ସେହି ସାହାଡା ଗଛ ଚାରିପଟେ ବସି ଭୋଜନ କରିଥାନ୍ତି । ଖାଇସାରିବା ପରେ କେହି ଖଲ ନ ଉଠାଇ ଘରକୁ ଏକ ମୁହାଁ ହୋଇ ସମସ୍ତେ ଚାଲି ଆସିଥାନ୍ତି । ସେମାନଙ୍କର ବିଶ୍ୱାସ ଏପରି କଲେ "ବାଘିଆ ଦେବତା" ଖୁସି ହୋଇଥାନ୍ତି, ନଚେତ୍ ନିତି ନିୟମରେ ବିଘ୍ନ ହେଲେ ଏହି ବାଘିଆ ଦେବତା ଗାଁରେ ପଶି ଗାଈ ବାଛୁରୀମାନଙ୍କୁ ମାରି ପକାନ୍ତି ।

ଜୁଆଙ୍ଗ ସମାଜରେ କୌଣସି ଶିଶୁ ମରିଗଲେ ତାକୁ ପୋଡା ନଯାଇ ଗୋଟାଏ ମହୁଲ ଗଛ ମୂଳରେ ଗାତଟିଏ ଖୋଳି ପୋତି ଦିଆଯାଏ । ସେମାନଙ୍କର ବିଶ୍ୱାସ ଯେ, ଏପରି କଲେ ସେହି ମୃତ ଶିଶୁଟିର ମହୁଲ ଗଛର ରସ ପିଇ ଖୁସିରେ ରହିବ । ପ୍ରତି ସପ୍ତାହରେ ଶିଶୁଟି ଜନ୍ମ ହୋଇଥିବା ବାରରେ ସେହି ମହୁଲ ଗଛ ମୂଳରେ ତାର ବାପ ବା ଭଅଇ କେହିଜଣେ ହେଲେ ପାଣିପକାଇ ଥାଏ । ନିୟମିତ ପାଣି ନ ଦେଲେ ଶିଶୁଟିର ଆତ୍ମାଟି ପାଣି ନପାଇ ମାଟିଆ ଭୂତ ପାଲଟି ଯାଇ ଘରକୁ ଆସି ତାର ମାଆକୁ ହଇରାଣ କରିବ ବୋଲି ସେମାନଙ୍କର ବିଶ୍ୱାସ । ସେହିପରି ଭାବରେ ଜୁଆଙ୍ଗ ସମାଜରେ କେହି ଅପ୍ରାପ୍ତ ବୟସ୍କ ବା ଅବିବାହିତ ଯୁବକ ମରିଗଲେ । ତାର ଶବକୁ ଗୋଟାଏ ଖୋଲା ଜାଗାରେ କାଠ ଗଦାକରି ପୋଡି ଦିଆଯାଏ । ଯଦି ସେ ମଜଙ୍ଗକୁ ସବୁ କଂଗେର ମାନଙ୍କ ସହିତ ମିଶିଯାଇ ନଥିବ, ବା ରିତି ମୁତାବକ ପ୍ରବେଶ କରିନଥିବ, ତେବେ ସେ "କୁଆଁରା ଭୂତ" ହୋଇ ବଣରେ ଘୁରି ବୁଲେ । ବେଳେବେଳେ ଏହି ଭୂତ ଗାଁର ଲୋକମାନଙ୍କୁ ସାହାଯ୍ୟ କରୁଥିବାର ଶୁଣିବାକୁ ମିଳିଥାଏ ।

କିନ୍ତୁ କୌଣସି ଅବିବାହିତା ଯୁବତୀ ଯଦି ମରିଯାଏ, ତେବେ ତାର ଶବକୁ ନେଇ ଯେ କୋଣସି ନଦୀ ବା ଝରଣା ଅପର ଦିଗରେ ପୋଡି ଦିଆଯାଏ । ଏପରି ନକଲେ ସେହି ଯୁବତୀର ଅତୃପ୍ତ ଆତ୍ମା "ଚୂଡେଣୀ" ବା "କୁଆରୀଭୂତ" ହୋଇ ମଣ୍ଡଘରକୁ ଆସି ଯୁବକମାନଙ୍କୁ ବହୁତ ହଇରାଣ କରେ । ଯଦି କୌଣସି ରାଉଳିଆ ବା ଗୁଣିଆ ଏହି ଯୁବତୀର ହାଡ ବା ଖପୁରୀ ସଂଗ୍ରହ କରି ପୂଜା କରିଥାନ୍ତି, ତେବେ ତାଙ୍କର ଶକ୍ତି ବଢିଥାଏ ବୋଲି ସେମାନଙ୍କର ବିଶ୍ୱାସ, ତତ୍ ସହିତ ଏହି ଗୁଣିଆମାନେ ସେହି କୁଆରୀ ଝିଅର ହାଡ ରଖି ବହୁ ଅସାଧ ସାଧନ କରିପାରିଥାନ୍ତି । ଜୁଆଙ୍ଗ ଗ୍ରାମରେ କୌଣସି ଗର୍ଭତୀ ସ୍ତ୍ରୀର ଯଦି ମୃତ୍ୟୁ ହୁଏ, ତେବେ ତାର ପେଟରୁ ପିଲାକୁ ବାହାର ନକରି ଗୋଟାଏ ନୂଆ ଧାନ ସାହାଯ୍ୟରେ ତାର ପେଟକୁ ଟିକିଏ ଚିରିଦେଇ କୌଣସି ନଦୀ ବା ଝରଣାକୂଳରେ ତାର ଶବକୁ ପୋତି ଦିଆଯାଏ । ସେହି ଗର୍ଭବତୀ ମହିଳାକୁ ଯଦି କୌଣସି କାରଣ ବଶତଃ ପୋଡିଦିଆଗଲେ ତାର ଆତ୍ମା "ଚିରଗୁଣୀ" ଭୂତ ହୋଇଯାଏ ବୋଲି ଜୁଆଙ୍ଗ ମାନଙ୍କର ବିଶ୍ୱାସ  ଏହି ଚିରଗୁଣୀ ଭୂତମାନେ ଗାଁରେ ଥିବା ଛୋଟ ଛୋଟ ପିଲାମାନଙ୍କୁ ଖୁବ ହଇରାଣ କରନ୍ତି । ଏହି ଚିରଗୁଣୀ ଭୂତ ଲାଗିଲେ କିଛି କାରଣ ନଥାଇ ଛୋଟ ଶିଶୁ ବା ପିଲାମାନେ ରାହାଧରି ବହୁ ସମୟ କାନ୍ଦନ୍ତି । ଯେତେ ବୁଝାଇଲେ ମଧ ଅବୁଝା ହୋଇ କାନ୍ଦି ଚାଲିଥାନ୍ତି । ନଚେତ୍ ଏହି

ଚିରଗୁଣା ଭୂତ କୌଣସି ସ୍ତ୍ରୀ ଲୋକ ଦେହରେ ଲାଗିଲେ, ତା ସ୍ତନରୁ କ୍ଷୀର ଶୁଖିଯାଏ, ସ୍ତ୍ରୀ ଲୋକଟି ରକ୍ତ ନଥିବା ପରି କଳାକାଠ ଦେଖାଯାଏ । ଏହାର ପ୍ରତିକାର ପାଇଁ ଗାଁର ନାଗମ, ରାଉଳିଆ (ଗୁଣିଆ) ଦରକାବ ପଡନ୍ତି । ଏମାନେ ଚିରଗୁଣି ଲାଗିଥିବା ଶିଶୁ ବା ସ୍ତ୍ରୀ ଲୋକଙ୍କୁ ଜୁଣ କାଠିରେ ଝଡା ଫୁଙ୍କା କରି କୁକୁଡା ବଳି ଦେଇ ପୂଜାପାଠ କଲାପରେ ସେମାନେ ଭଲ ହୋଇଥାନ୍ତି । ଏହି ଚିରଗୁଣା ଭୂତ କୁ ମଧ୍ୟ ଅନେକ ରାଉଳିଆ ବଳି, ଭୋଗ ଦେଇ ସାଧନା କରି ନିଜ ଆୟତ ମଧ୍ୟରେ ରଖିଥାନ୍ତି । କୌଣସି ଚିରଗୁଣି ଭୂତ ଗାଁର ଉତପାତ କଲେ ରାଉଳିଆ ପୂଜା ପାଠ କରି ବଳିଦେଇ ସାରିବା ପରେ ଗୋଟାଏ ମନ୍ତ୍ରିତ ଲୁହାରେ ଗାଁ ରାସ୍ତାରେ ଗାର ଟାଣିଦେଇ ଥାଏ । ତତପରେ ଛେଳି ଲଣ୍ଡିକୁ ପାଣିରେ ଗାଁ ରାସ୍ତାରେ ଗାର ଓ ଲୁହାରେ ଗାର ଟାଣିଥିବା ବିଭିନ୍ନ ସ୍ଥାନରେ ଛିଞ୍ଚିଦିଏ । ଏହିପରି କଲେ ସେ ଚିରଗୁଣୀ ଭୂତ ଆଉ ଗ୍ରାମ ମଧ୍ୟକୁ ପ୍ରବେଶ କରିପାରେ ନାହିଁ, କି କାହା ଦେହରେ ସବାର ହୋଇ ହଇରାଣ କରି ପାରେ ନାହିଁ ।

ଗ୍ରାମର ପ୍ରଧାନ ବ୍ୟକ୍ତି ଅର୍ଥାତ୍ ମୁଖିଆ, ନାଗମ, ରାଉଳିଆ ଆଦି କେହି ମରିଗଲେ ନୀତି ନିୟମାନୁସାରେ ଗ୍ରାମବାସୀ ସମ୍ମିଳିତ ହୋଇ ତାଙ୍କର ଶୁଦ୍ଧିକ୍ରିୟା ସମ୍ପନ୍ନ କରିଥାନ୍ତି । ନିତି ନିୟମରେ ଖିଲାପ କଲେ ବା କୌଣସି ଅବିଚାର ହେଲେ ଗ୍ରାମର ବିଭିନ୍ନ ବିଶୃଙ୍ଖଳା ସୃଷ୍ଟିହୁଏ ବୋଲି ଜୁଆଙ୍ଗମାନଙ୍କର ବିଶ୍ୱାସ । ଏମାନଙ୍କ ଆତ୍ମାକୁ ସନ୍ତୁଷ୍ଟ ନକଲେ ଏମାନଙ୍କ ଆତ୍ମା ଭୂତହୋଇ ନୂଆ ନାଗମ ବା ରାଉଳିଆଙ୍କୁ ମାରି ଦିଅନ୍ତି । ଯଦି ସେମାନଙ୍କର ଆତ୍ମା ପୁନର୍ବାର ଜନ୍ମ ନିଅନ୍ତି, ତେବେ ତା ପୂର୍ବରୁ ଯାହାକୁ ହେଲେ ସ୍ୱପ୍ନ ଦ୍ୱାରା ଜଣାଇ ଦେଇଥାନ୍ତି । ଯଦି କୌଣସି ଜୁଆଙ୍ଗ ବୋହୁଟିଏର ଶ୍ୱଶୁର ମରିଗଲା ପରେ ସେ ପୁତ୍ର ସନ୍ତାନଟିଏ ଜନ୍ମ ଦିଏ, ତେବେ ଏହା ସେହି ମୃତ ବ୍ୟକ୍ତି (ଶ୍ୱଶୁର)ର ପୁନଜନ୍ମ ବୋଲି ସେମାନେ ବିଶ୍ୱାସ କରନ୍ତି । ସେଇଥି ପାଇଁ ଘରେ ସମସ୍ତେ ସେହି ଶିଶୁଗୁଡିକୁ ବେଶ ଆଦର ଯତ୍ନ କରାଯାଏ । ଶିଶୁଟି ଟିକିଏ ବଡ ହେଲେ କିଛି ଭୁଲକଲେ ତାକୁ ଗାଳି ନଦେଇ ବରଂ ତାକୁ ଭଲ ଭାବରେ ବୁଝାଇ ଦିଆଯାଏ, ପିଲାଟି ଜିଦ କଲେ ସମସ୍ତେ ତାର ଜିଦକୁ ମାନିନିଅନ୍ତି । ସେହି ଶିଶୁର ମାଆକୁ ମଧ୍ୟ ଘରେ ତଥା ସାହି ପଡିଶାରେ ସମସ୍ତେ ଆଦର ଯତ୍ନ କରିବା ସଙ୍ଗେ ସଙ୍ଗେ ସମ୍ମାନ ମଧ୍ୟ ଦେଇଥାନ୍ତି । ଏହି ମୃତ୍ୟୁ ବିଷୟକୁ ନେଇ ଡଃ ଏନ. ପଟ୍ଟନାୟକ ସମ୍ପାଦିତରେ The Juang ଉଲ୍ଲେଖ କରାଯାଇଛି – "The Juangs believe that

death acurs mainly due to the evil efects of the spritis. But now a days some of them give value to the scientitific explanation of the death and say that death is due to old age, diseases, accidents or some such causes."

When a man dies, the family members specially the women and children wail loudly whether a person is dead or not is understood by the deasation of breath. Pulse, fixation of eye and colness of the body. The Juangs cremate the dead body in case of natural death whereas in case of unnatural death like suicide, snake bite or labour pain, the dead body is buried. The relatives and lineage members who lie in the village or in the neighbouring villages are informed and they assemble in the villge of the deceased and make arrangements for cremation. To prepare a laier, two logs of wood or bamboo are placed in parallel keeping a distance of 2 to 4 feet between them. On the pyre some bamboo splits are placed and tied then a mat is spread over the bier. The dead body is kept on the bier and the body is covered with a pice of cloth. Some tabacoo, a few dried sal leaves are kept beside the deadbody. It is then carried on the Shoulder by Four to eight in membes to the cremation ground. They are followed by other villages and relatives.

# ଲୋକକଥା ଓ କାହାଣୀ

ଲୋକକଥା ଏକ ମୌଖିକ ସାହିତ୍ୟ, ତେଣୁ ଏହାକୁ ଶ୍ରୁତି କୁହାଯାଇପାରେ ଶ୍ରୁତି କହିଲେ ଆମ୍ଭେ ବେଦକୁ ବୁଝିଥାଉ ଏବଂ ଦିନେ ବେଦ ମଧ୍ୟ ଲୋକକଥା ରୂପରେ ହିଁ ଥିଲା । ଅତଏବ ବେଦରେ ଯଦି ତତ୍କାଳୀନ ସମାଜର ଚିତ୍ର ପ୍ରତିଫଳିତ ହୋଇଛି, ତେବେ ଲୋକ କଥାକୁ ସମାଜର ଦର୍ପଣ କହିଲେ ଅତ୍ୟୁକ୍ତି ହେବନାହିଁ । (ଅରଣ୍ୟର ସ୍ୱର- ମୁଖବନ୍ଧ, ଅଶୋକ କୁମାର ମିଶ୍ର / ଗିରୀଶ ଚନ୍ଦ୍ର ଦାସ, ପ୍ରକାଶକ- ଏନ୍‌ବିଟି - ନୂଆଦିଲ୍ଲୀ)

ଭାରତର ତତ୍ତ୍ୱବିତ୍ ଜର୍ମାନ୍‌ର ମହାନ ପଣ୍ଡିତ ମାକ୍ସମୁଲାର ଲୋକ କଥା ସମ୍ପର୍କରେ ମନ୍ତବ୍ୟ ଦେଇ କହିଥିଲେ- କେତେ ସାମ୍ରାଜ୍ୟର ପତନ ଘଟିଛି, କେତେ ଦୁର୍ଗ ରାଜ ପ୍ରସାଦ ଭାଙ୍ଗି ନିଶ୍ଚିହ୍ନ ହୋଇଯାଇଛି, କିନ୍ତୁ ରସ ଗ୍ରାହୀ ପାଠକ ଓ ଗଳ୍ପପ୍ରୀୟ କଥକର ସ୍ମୃତିରେ ପ୍ରାଚୀନ ଲୋକକଥା ଆଜି ସୁଦ୍ଧା ଜୀବନ୍ତ ହୋଇ ରହିଛି ।

ବାସ୍ତବରେ ସ୍ମୃତି ପରମ୍ପରାରେ ଲୋକକଥା ଗୁଡିକ ଗୋଟିଏ ପୀଢିରୁ ଆଉ ଗୋଟିଏ ପିଢିକୁ ଗତି କରି ଅବଶେଷରେ ଆଜି ଆମ ପାଖରେ ଲିଖିତ ଭାବରେ ପହଞ୍ଚିଛି । କେଉଁ ଆଦିମ କାଳରୁ ମଣିଷ ସଭ୍ୟତାର ଆରମ୍ଭରୁ ଭୂତ ଭଗବାନ ଓ କାହାଣୀ ହାତ ଧରାଧରି ହୋଇ ଚାଲି ଅସିଛନ୍ତି । ଭୂତର ଅସ୍ତିତ୍ୱ ଅଛି କି ନାହିଁ ତାହା ନ ଜାଣି ମଧ୍ୟ ମଣିଷ ଭୂତକୁ ଭୟ, ଈଶ୍ୱର ଅଛନ୍ତିକି ନାହିଁ ନ ଜାଣି ମଧ୍ୟ ଭଗବାନଙ୍କୁ ଉକ୍ତ ଏବଂ କାହାଣି ସତ୍ୟ ନୁହେଁ ବୋଲି ଜାଣି ମଧ୍ୟ ଗଳ୍ପକୁ ଆଦିମରୁ ଆଦିମରୁ ଆଧୁନିକ ମଣିଷ ସମସ୍ତେ ଆଦର କରି ଆସିଛନ୍ତି ।

ଅନ୍ୟ ଏକ ଦୃଷ୍ଟି କୋଣରୁ ବିଚାର କଲେ କାହାଣୀର ଆକର୍ଷଣୀୟ ଗଳ୍ପ ଭାଗ, ସରଳ ପ୍ରକାଶ ଭଙ୍ଗୀ ଏବଂ ଗାଉଁଲି କଥିତ ଭାଷାରେ ସୌନ୍ଦର୍ଯ୍ୟ ହେଉଛି ଲୋକକଥାର ପ୍ରଧାନ ସଂପଦ । ଯେଉଁ କାହାଣୀର କଥାବସ୍ତୁ ଶ୍ରୋତାର ମନେ ରହେନାହିଁ, ସେଭଳି କାହାଣୀ ବିସ୍ମୃତିର ଅନ୍ଧକାରରେ ଅଦୃଶ୍ୟ ହୋଇଯାଏ । ତେଣୁ ଆଜି ଆମ ପାଖରେ ସଞ୍ଚିତ ହୋଇ ରହିଥିବା ଲୋକକଥା ଶ୍ରୋତାମାନଙ୍କ ସ୍ମୃତିରେ କଷଟି ପଥରର ପରୀକ୍ଷୀତ, ରସୋତ୍ତୀର୍ଣ୍ଣ ଆକର୍ଷଣୀୟ କାହାଣୀ ।

(ଜନଶିକ୍ଷାରେ ଲୋକ ସାହିତ୍ୟ ଭୂମିକା, ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର)
ସମ୍ପାଦନା - ଡଃ ବିଭୁତି ପଟ୍ଟନାୟକ

ସେହିପରି ଚାଙ୍ଗୁ ନୃତ୍ୟର ଆରମ୍ଭ ଜୁଆଙ୍ଗ ସମାଜରେ ଏକ ଲୋକକଥା ପ୍ରଚଳିତ, ତାହା ହେଲା-ରଷି ଟାଙ୍ଗରା ଅଞ୍ଚଳରେ ଗୋଟିଏ ସ୍ଥାନରେ ବୁଢାଟିଏ ବୁଢୀଟିଏ ସୁଖରେ ବାସ କରୁଥିଲେ । ସେମାନେ ମନରେ ଦୁଃଖ ଥିଲା ଯେ, ତାଙ୍କର ସନ୍ତାନଟିଏ ନଥିଲା । ଦିନେ ବୁଢୀ ସନ୍ଧ୍ୟା ସମୟରେ ଚଉତରା ଉପରେ ବସି ମନଦୁଃଖରେ ପିଠା ବାଟୁଥାଏ । ଏହି ସମୟରେ ବୁଢା କୁଆଡେ ଥିଲା କେଜାଣି ସଲପ ରସ ଟିକିଏ ପିଇ ଦେଇ ଆସି ବୁଢୀ ଆଗରେ ଚାଙ୍ଗୁ ବଜାଇ ନାଚ କଲେ । ବୁଢୀକୁ ତା ସହିତ ନାଚ କରିବାକୁ ଡାକିଲା । ବୁଢୀର ମନରେ ଦୁଃଖ, ବୁଢା କଥା ନଶୁଣି ସେ ପିଠା ବଟାରେ ମନ ଦେଇଥାଏ । ବୁଢୀ ନଶୁଣିବା ଦେଖି ବୁଢା ଚାଙ୍ଗୁ ବଜାଇବା ସହିତ ଗୀତ ବୋଲି ବୁଢୀକୁ ଡାକିଲା-

ବୁଢା (ଗୀତ)-

ରାଏ ମଲ୍ଲୀଲୋ ରାଏ ମଲ୍ଲୀରେ
ଆଡ ଡିଙ୍ଗଲସାରେ, ଭଟି ଡିଙ୍ଗଲ ସାରେ ।
ଅଜାଙ୍ଗ ଲାଲାଏ ବାନା, ବୟମଲାଲାଏ ବାନା ।
ବାସାନ ଲାଲାଏ ବାନା, ତିଙ୍ଗମ ଲାଲାଏ ବାନା ।
ବିତେ ସେମ୍ଭେଞ୍ଜସେରେ ବିତେର ଜେନା ।
ଆମ ଡେର ଡିଅର ଜଞ୍ଜାଳ ଆଜା ।

ଅର୍ଥ- ହେ ରାଏମଲ୍ଲୀ ତୁ ମୋର ଅତିପ୍ରିୟ ସାଥୀ
କାହିଁକି ରଷି ବସିଛୁ, ଆସ ବା ମରୁ ଡାହାଣକୁ
ଡାହାଣରୁ ବାମକୁ , ଆଗରୁ ପଛକୁ ପଛରୁ
ଆଗକୁ ପାଦ ଘୋଷାରି ନାଚିବା, ମନ ଖୁସି କରିବା
ଆସ, ଜଙ୍ଗଲରୁ ବଇଙ୍ଗା ପିତାଲୁ, ତିମଙ୍ଗ ଆଳୁ ଖୋଳି ଆଣିବା ।

ବୁଢା ଚାଙ୍ଗୁ ବଜାଇ ଯେତେ ଯୋରରେ ନାଚୁଥାଏ । ବୁଢୀ ନାଚ ଓ ଗୀତର ସ୍ୱରରେ ମତୁଆଲା ହୋଇ ସେତେ ପିଠା ବାଟୁଥାଏ । ଶେଷରେ ବୁଢୀ ହାର ମାନିଲା । ବୁଢା ଚାଙ୍ଗୁ ବଜାଇ ଗୀତ ଗାଇ ବୁଢୀକୁ ପଚାରିଥିବା ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବୁଢୀ ପିଠାବଟା ଛାଡି ଉଠି ବସି ଗୀତ ଗାଇ ବୁଢା ସାଙ୍ଗରେ ନାଚକଲା । ବୁଢୀ ଟିକିଏ ନାଚକରେ ପୁଣି ଆସି ପିଠା ବାଟେ, ବୁଢା ପୁଣି ଗୀତ ଗାଇ ପ୍ରଶ୍ନଦିଏ- ବୁଇର

ଜାମ୍ପରୀ କଣ୍ଠେଲାଣ୍ଡ ସୁନ୍ଦେରି ? ଅର୍ଥ - (ମା ଝମ୍ପରି ଝିଅ ସୁନ୍ଦରୀ) ବୁଢୀ ଗୀତରେ ଉତ୍ତର ଦିଏ- ଲଂକା (ଲଙ୍କା ମରିଚ)

ବୁଢା - ଆଣ୍ଡାରା ମେରମତେ କାଳିଆ ଆକା- (ଧଳା ଛେଳିକୁ କାଳିଆ ପଘା)

ବୁଢୀ- ଟସର

ବୁଢା- ବଞ୍ଚଲ ଆଞ୍ଚତେ ଡିଞ୍ଜିଏଁ ବିରିଅନା (ମାଆଲୋ ମାତେ ଦେଇଯା)

ବୁଢୀ- କବାଟ (ସେଡାକ)

ବୁଢା- ଡକସେନାଲ କୁଜି କାଣ୍ଡାଏ (ବସିଥା ଆଲୋ କୁଜିବୁଢି) ଆଞ୍ଚ ଅଣ୍ଡେ ସରଗବ ଉଡି ( ମୁଁ ଯାଉଛି ସରଗ ଉଡି)

ବୁଢୀ- ଉଇହୁଙ୍କା ଓ କଲେଇ

ବୁଢା- ଆଲୁଙ୍କବ ଅଣ୍ଡେ ଗୈ ଗୈ ରେ (ଭିତରକୁ ଗଲେ ସଅର ସଅର ବାଏବ ଅଣ୍ଡେ ଗଲାକାରେ ) (ରଖି ଦେଲେ ଚୁପ)

ବୁଢୀ- ଝାଡୁ ବା ବାତୁଣୀ (ଜେନକ)

ବୁଢା- ସୁମୁସିଞ୍ଚ ଆଲିଡଂତା ଅଲଗାନ ବାନାଏ (ଗଛ ଉପରୁ ପଡିଲା ଭାଲୁ) ଆରାଇଣିରାର ଜୁଲାଗ ସଲବଲାଏ ( ତା ଦେହରେ କଣ୍ଟା ସାଲୁବାଲୁ)

ବୁଢୀ- ଉତ୍ତର ଦେଲା- ପଣସ (ଅଣସମ୍)

ଏହିପରି ପ୍ରଶ୍ନ ଉତ୍ତର ମାଧ୍ୟମରେ କିଛି ସମୟ ବିତିଗଲା । ଉଭୟେ ଦୁଃଖ କଣ ଭୁଲିଗଲେ, ସାଥି ହୋଇ ଗୀତ ଗାଇଲେ ନାଚିଲେ । ସେହିଦିନ ଠାରୁ ଜୁଆଙ୍ଗ ସମାଜରେ ଋଙ୍ଗୁ ନୃତ୍ୟ ଗୀତ ମଧ୍ୟରେ ପୁଅ/ଝିଅ ମଧ୍ୟରେ ପ୍ରଶ୍ନ ଉତ୍ତର ପରମ୍ପରା ଚଳି ଆସିଲା ଓ ଅଦ୍ୟାପି ତାହା ପ୍ରଚଳିତ ରହିଛି ।

ଜୁଆଙ୍ଗ ସମ୍ପ୍ରଦାୟର ଏହି ସବୁ ଲୋକକଥା ବା ଲୋକଗଳ୍ପ ଏବେ ମଧ୍ୟ ପୁରାତନ ମଣିଷ ମୁଖରେ ଲୁକ୍କାୟିତ ହୋଇ ରହିଛି । କାରଣ ସେମାନଙ୍କର ଭାଷା ଅଛି ହେଲେ ଅକ୍ଷର ନାହିଁ । ଲୋକକଥା ମୁଖରୁ ମୁଖ ହୋଇ ବଞ୍ଚି ରହିଛି, ହେଲେ ସାହିତ୍ୟ ନାହିଁ । ସେମାନଙ୍କର ନାଚ, ଗୀତ, କାହାଣୀ ଢଗଢମାଳୀ ମନ୍ତ୍ର, ଯନ୍ତ୍ରରେ ଲୋକ ସାହିତ୍ୟ ଭରି ରହିଛି, କିନ୍ତୁ ଶିକ୍ଷା ଅଭାବରୁ ତାହା ଲିଖିତ ଭାବରେ ପରିପ୍ରକାଶ ବା ପ୍ରଚାର ଓ ପ୍ରସାର ହୋଇ ପାରୁନି । ତେଣୁ ଦୁଃଖର ବିଷୟ, ମହାନ ସଂସ୍କୃତି ଓ ପବିତ୍ର ପରମ୍ପରା ଜଡିତ ଆଦିବାସୀ ଲୋକକଥା, ଲୋକ ସାହିତ୍ୟ କ୍ରମଶଃ ଅବକ୍ଷୟ ମାଣ ।

ବୈତରଣୀର ଉତ୍ପତ୍ତିକୁ ନେଇ ମଧ୍ୟ ଜୁଆଙ୍ଗମାନଙ୍କ ମଧ୍ୟରେ ଏକ ଲୋକକଥା ପ୍ରଚଳିତ, ତାହା ହେଲା- ଯେତେବେଳେ ବୈତରଣୀ ନଦୀର ଉତ୍ପତ୍ତି ହୋଇ ନଥିଲା, ସେତେବେଳେ ଋଷି ଟାଙ୍ଗର ନାମକ ସ୍ଥାନରେ ଜଣେ ଋଷି ରହ ତପସ୍ୟା କରୁଥିଲେ, ତଥା ବେଳେବେଳେ ନର, ପକ୍ଷ, ହେବ, ଦାନବମାନଙ୍କୁ ପ୍ରବଚନ ପ୍ରଦାନ କରୁଥିଲେ । ତାଙ୍କର ପ୍ରବଚନ ଓ ନୀତିବାଣୀ ଶୁଣିବାକୁ  ସମସ୍ତେ ସେହି ଋଷି ରହି ତପସ୍ୟା କରୁଥିଲେ, ତଥା ବେଳେ ବେଳେ ନର, ଯକ୍ଷ, ଦେବ, ଦାନବମାନଙ୍କୁ ପ୍ରବଚନ ପ୍ରଦାନ କରୁଥିଲେ । ତାଙ୍କର ପ୍ରବଚନ ଓ ନୀତିବାଣୀ ଶୁଣିବାକୁ ସମସ୍ତେ ସେହି ଋଷି ଟାଙ୍ଗରା ନାମକ ସ୍ଥାନରେ ଏକତ୍ରିତ ହେଉଥିଲେ । ଥରେ ପ୍ରବଳ ଗ୍ରୀଷ୍ମରେ ପ୍ରବଚନ ଶୁଣୁଥିବା ସମୟରେ ବୈରୋଚନ ନାମକ ଦୈତ୍ୟକୁ ଭୀଷଣ ଶୋଷ ହେଲା । ସେ ଆଖି ପାଖରେ ଜଳରେ ସନ୍ଧାନ କରି ନିରାଶ ହେଲା । ସମସ୍ତେ ତ ଋଷିଙ୍କ ପ୍ରବଚନ ଶୁଣିବାରେ ମଗ୍ନ । କାହାକୁ ବା ପଚାରିବ ? ଶୋଷ ରେ ହିଂସା ଉଡିଯିବାକୁ ବସିଲା ବେଳେ ରାଗରେ ବୈରୋଚନ ସମ୍ମୁଖରେ ଥିବା ପର୍ବତ ବକ୍ଷରେ ତ୍ରିଶୁଳ ପ୍ରହାର କରନ୍ତେ, ପଥର ବକ୍ଷ ଫାଟି ଯାଇ ତିନି ଧାରରେ ଜଳ ନିର୍ଗତ ହେଲା । ବୈରୋଚନ ନିଜର ଶୋଷ ମେଣ୍ଟାଇ ଚାଲିଗଲା । ତତପରେ ଋଷି ଓ ପ୍ରବଚନ ଶୁଣୁଥିବା ସମସ୍ତେ ପାହାଡରୁ ଝରି ଆସୁଥିବା ମଧୁର ଜଳପାନ କରି ଆନନ୍ଦିତ ହେଲେ, ସମସ୍ତେ ଖୁସି ମନରେ ତାହାର ନାମ ଦେଲେ ବୈରଚନୀ ବା ବୈତରଣୀ ।

ସେହିପରି ସୃଷ୍ଟିର ଆଦି କଥାକୁ ନେଇ କଥା ପତ୍ରିକାରେ ଜୁନ ୧୯୯୭ରେ ଜୁଆଙ୍ଗ ଲୋକକଥା ଶୀର୍ଷକରେ ଶରତ ଚନ୍ଦ୍ର ମହାନ୍ତି ମଧ୍ୟ ଉଲ୍ଲେଖ କରିଛନ୍ତି । ସୃଷ୍ଟି ଆଦି କାଳରେ ବିଶ୍ୱଥିଲା ଅସୀମ ଜଳରାଶିରେ ପରିପୂର୍ଣ୍ଣ । ଏଇ ଆଦି ଜଳ ଉପରେ ଭାସୁଥିଲା ଏକ ବିରାଟ ପଦ୍ମପତ୍ର । ପଦ୍ମ ପତ୍ର ଉପରେ ଜନ୍ମ ନେଲା ଏକ ପ୍ରକାଣ୍ଡ ଖଜୁରୀ ଗଛ । ଖଜୁରୀ ଗଛ ଉପରେ ଆଶ୍ରୟ ନେଲା ସୃଷ୍ଟିର ପ୍ରଥମ ପିମ୍ପୁଡି । ଏଇ ଆଦି ପିମ୍ପୁଡି ନିଜ ପାଟିରେ ଏକ ମାଟି ପିଣ୍ଡୁଳା ଧରି ରଖିଥାଏ ।

ଏହି ସମୟରେ ଦେବଗଣ ନିଜ ଦେହରେ ମଳିରୁ ଏକ ମାନବ ପୁରୁଷ ଓ ନାରୀ ପ୍ରତିମା ଗଢିଲେ । ତାଙ୍କୁ ଜୀବନ୍ୟାସ ଦେଇ ବିଶ୍ୱରେ ପ୍ରଥମ ପୁରୁଷ ଓ ନାରୀ ସୃଷ୍ଟି କଲେ । ଏହି ପ୍ରଥମପୁରୁଷର ନାମ ହେଲା ମାର୍କଣ୍ଡ ଋଷି । ନାରୀ ଜଣକ ହେଲେ ତାଙ୍କ ପତ୍ନୀ । ସେତେବେଳେ ପୃଥିବୀର ସର୍ଜନା ହୋଇନଥାଏ । ତେଣୁ ଏହି ନରନାରୀ ରହିବେ କେଉଁଠି ତେଣୁ ପୃଥିବୀ ସର୍ଜନା କରିବାକୁ ମାର୍କଣ୍ଡ ଋଷି ମାଟିର ସନ୍ଧାନ

କଲେ । ଖୋଜି ଖୋଜି ଶେଷକୁ ପଦ୍ମ ପତ୍ର ଉପରର ଖଜୁରୀ ଗଛରେ ଥିବା ପିମ୍ପୁଡି ପାଖରେ ପହଞ୍ଚିଲେ । ପିମ୍ପୁଡି ତାଙ୍କୁ ମାଟି ପିଣ୍ଡୁଳାଟି ଦେବାକୁ ମନା କଲା ଓ କାମୁଡି ବାକୁ ଗୋଡାଇଲା । ଋଷି କ୍ରୋଧିତ ହୋଇ ପିମ୍ପୁଡି ଧରି ପକାଇଲେ ଓ ପର ଭାବରେ ଋପିଦେଲେ ଯେ ତା ପାଟିରୁ ମାଟି ପିଣ୍ଡୁଳାଟି ଜଳରେ ପଡି ଗୋଳି ଗଲା । ସେତେବେଳେ ଋଷି ଓ ତାଙ୍କ ପତ୍ନୀ ହେଲେ ପୃଥିବୀର ଏକାକୀ ନର ଓ ନାରୀ ତାଙ୍କ ଛଡା କେହି ନଥାନ୍ତି । ସେମାନେ ଭୀଷଣ ନିଃସଙ୍ଗତାରେ ଯନ୍ତ୍ରଣାରେ ଜର୍ଜରିତ ହେଉଥାନ୍ତି । ଆଉ ଜଣେ କେହି ବି ନଥାନ୍ତି ତାଙ୍କ ସୁଖ ଦୁଃଖରେ ସାଥୀ । ଦିନେ ମାର୍କଣ୍ଡ ଋଷି ମାଟିର ଦୁଇଟି ପ୍ରତିମା .....ଗଢିଲେ କରୁଣାମୟ ଧରମ ଦେବତାଙ୍କୁ ଆବାହନ କରି ତାଙ୍କ ମାଟି ପୁତୁଳା ଦୁଇଟିରେ ଜୀବନ୍ୟାସ ଦେବାକୁ ପ୍ରାର୍ଥନା କଲେ । ସର୍ବ ଶକ୍ତିମାନ ଧରମ ଦେବତା ତାଙ୍କ ଇଛା ପୂରଣ କଲେ । ଋଷି ତାଙ୍କର ସନ୍ତାନ ଜୀବନ୍ତ ମାନବ ଦ୍ୱୟଙ୍କୁ ଦେଖି ନିଜର ଭୁଲ ବୁଝିପାରିଲେ । କାରଣ ଦୁଇଟି ଯାକ ଥିଲେ ପୁରୁଷ ।

ମାତ୍ର ସୃଷ୍ଟି ପାଇଁ ନାରୀର ଆବଶ୍ୟକତା ଅନୁଭବ କଲେ ମାର୍କଣ୍ଡ ଋଷି ସେ ପୁଣି ଦୁଇଟି ନାରୀର ପିତୁଳା ଗଢିଲେ ଓ ଧରମ ଦେବତାଙ୍କୁ ଆବାହନ କରି ସେମାନଙ୍କୁ ଜୀବଦାନ କରାଇଲେ । ଋଷିଙ୍କ ଆଦେଶରେ ପୁରୁଷ ଦ୍ୱୟ ନାରୀଦ୍ୱୟଙ୍କୁ ପତ୍ନୀ ରୂପେ ଗ୍ରହଣ କଲେ । ସେମାନଙ୍କ ମିଳନରୁ ଅନେକ ସନ୍ତାନ ଜନ୍ମହେଲେ ସେମାନେ ସେମାନଙ୍କ ଚରିତ୍ର ଓ କାର୍ଯ୍ୟ ଭେଦରେ ଜୁଆଙ୍ଗ, ଭୂୟାଁ, କୋହ୍ଲ, ଗୌଡ, କିଷାନ, ବ୍ରାହ୍ମଣ, ଚଷା ଓ ଗୋରା ସାହେବ ଆଦି ଜାତି ମାନଙ୍କର ଜନକ ହେଲେ । ଏ ସମସ୍ତଙ୍କ ଭିତରେ ଶ୍ରେଷ୍ଠ ହେଲେ- ଜୁଆଙ୍ଗ ଅର୍ଥାତ୍ ମଣିଷ ।

## ତିନି ସଙ୍ଗାତ କଥା

ଥରେ ଗୋଟିଏ ଚୁଟିଆ ମୂଷା, ଗୋଟିଏ ଶୁଖିଲା ପତର ଏବଂ ଗୋଟିଏ କଞ୍ଚା ମାଟିର ଠେକି (ବଣା) ସଂଗୀତ ବସିଲେ । ଦିନେ ସେମାନଙ୍କର ବଣଭୋଜି କରିବାର ମନ ହେଲା । ସେମାନେ ବଣକୁ ଚାଲିଗଲେ । ବଣରେ ପହଞ୍ଚି ମୂଷାତାର ସଙ୍ଗାତ ଶୁଖିଲା ପତରକୁ ନିଆ ଆଣିବାକୁ ପଠେଇଲେ । ପତର ନିଆଁ ଧରି ଭିଡି ଆସୁଥିବା ବେଳେ ନିଆଁ ବେଶି କରି ଜଳ ଉଠିବାରୁ ସେ ପୋଡି ହୋଇ ମରିଗଲା ।


ଏଣେ ମାଟି ଠେକିକୁ ଝରଣାକୁ ଜଳ ଆଣିବାକୁ ପଠାଇଥିଲା । ମାଟି ଠେକଟି

କଞ୍ଚା ମାଟିରେ ତିଆରି ହୋଇଥିଲା । ପାଣି ଯେମିତି ସେ ଭିତରେ ପଶିଛିତ ପୁରାପୁରି ଭିଜିଯାଇ ବତୁରି ଗଲା । ବତୁରି ଗଲା ପରେ ଆଉ ଠେକିର ଅବସ୍ଥା କିଏ ଦେଖେ ? ମାଟି କାଦୁଅ ମେଞ୍ଚାଟାଏ ହୋଇ ସେହି ଝରଣା ଜଳରେ ପଡି ରହିଲା ।

ଅନେକ ବେଳ ବିତିଗଲା । ଏଣେ ସାଙ୍ଗଦି ଜଣେ କେହି ନ ଫେରିବାରୁ ମୂଷା ବ୍ୟସ୍ତ ହୋଇ ଝରଣା କୂଳକୁଯାଇ ଝରଣାକୁ ପଚାରିଲା- ଝରଣା ଝରଣା.... ମୋ ସାଙ୍ଗ ମାଠିଆ ପାଣି ନେବାକୁ ତୋ ପାଖକୁ ଆସିଥିଲା- ସେ କୁଆଡେ ଗଲା ? ?

ଝରଣା କହିଲା- ମାଠିଆକୁ ତ ମୁଁ ଦେଖିନି । ତେବେ ତୁ ଆସିଛୁ ଯେତେବେଳେ ମାଛ ଗୋଟାଏ ନେଇଯା ।

ମୁଷା ମାଛଟିକୁ ଆଣି ଗୋଟାଏ କାଠ ଗଦା ଉପରେ ରଖିଦେଲା, କିଛି ସମୟ ପରେ ଦେଖିଲା ବେଳକୁ କାଠଗଦା ଉପରୁ ମାଛଟି ଗାଏବ ।



ମୂଷା କାଠ ଭାଡିକୁ ପଚାରିଲା- କାଠଗଦା, କାଠଗଦା, ମୋ ମାଛ କିଏ ଖାଇଲା ? କାଠ ଭାଡି କହିଲା- ସେ କଥା ମୁଁ ଜାଣେନା- ତେବେ ତୁ ଖଣ୍ଡେ କାଠ ମୋ ଭାଡିରୁ ନେଇ ଯାଇପାରୁ ।

ମୂଷା କାଠ ଭାଡିରୁ ଖଣ୍ଡେ କାଠନେଇ ଗୋଟାଏ ବୁଢୀ ଘରେ ରଖିଦେଲା । ପରଦିନେ ଯାଇ ଦେଖେତ, କାଠ ଟା ତା ରଖିବା ଜାଗାରେ ନାହିଁ । ସେ ବୁଢୀକୁ ପଚାରିଲା- ବୁଢୀ ମାଉସୀ, ବୁଢୀ ମାଉସି, ମୋ କାଠ କିଏ ନେଲା ? ବୁଢୀ ଚାଲାକରେ କହିଲା, ସେ କଥା ତ ମୁଁ ଜାଣିନି ବାଘ, ତୁ ଚକୁଳି ପିଠା, ଦି ଖଣ୍ଡ ନେଇଯା ।

ମୂଷା ଚକୁଳି ପିଠା ଦି'ଟା ନେଇଗଲା, କେତେଜଣ ଝିଅ ଗୋଟାଏ ଜାଗାରେ ଖେଳୁଥିଲେ, ତାଙ୍କୁ ପିଠା ଦି'ଟା ରଖିବାକୁ ଦେଲା । ପରେ ଯାଇ ଝିଅମାନଙ୍କୁ ପିଠା ମାଗିଲା । ଆରେ ଝିଅମାନେ, ମୋ ପିଠା କୁଆଡେ ଗଲା, ଦିଅ ।

ଝିଅମାନେ କହିଲେ, ପିଠା କଥା କଣ କହିବୁ ? ତୁବରଂ ପାନିଆ ଗୋଟଏ ନେଇଯା । ମୂଷା ପାନିଆଟି ନେଇ କେତେଜଣ ପୁଅ ପିଲାଙ୍କ ଜିମା ଦେଇ ଦେଲା । ପରଦିନ ପାନିଆଁ ମାଗିଲା ତ, ସେ ପୁଅମାନେ କହିଲେ ତୋ ପାନିଆ କୁଆଡେ ଗଲାଣି ତୁ ବରଂ ବଇଁଶୀ ଗୋଟେ ନେଇଯା ।

ମୂଷା ବଇଁଶୀଟି ନେଇ ଗୋଟେ ଗଉଡକୁ ଦେଲା ରଖିବା ପାଇଁ । ପରଦିନ ଯାଇ ଗଉଡକୁ ମାଗିଲା- ଗଉଡଭାଇ .....ଗଉଡଭାଇ, ଝିଅଟି କହ ମୋ ବଇଁଶୀ କାହିଁ ? ଗଉଡ କହିଲା- ବଇଁଶୀଟାତ ନାହିଁ, ବରଂ ତୁ ମୋର ଗୋଟାଏ ମଇଁଷି ନେଇଯା ।

ମୂଷା ମଇଁଷିଟି ନେଇ ଡମମାନଙ୍କୁ ଦେଲା । ପରଦିନ ଡମ ମାନଙ୍କ ପାଖକୁ ଯାଇ ଦେଖେତ ମଇଁଷିଟି ନାହିଁ, ସେ ଡମମାନଙ୍କୁ ପଚାରିଲା- ଡମ ଭାଇମାନେ ମୋ ମଇଁଷିଟା କୁହ ଗଲା ଯେ କେଣେ ?

ଡମମାନେ କହିଲେ- ମୂଷାରେ ମୂଷା ଛାଡ ଏବେ ତୁ ମଇଁଷି କଥା, ଢୋଲଟିଏ ନେଇ ଯାଇଥା ।

ମୂଷା ବିଚରା ଢୋଲଟି ନେଇ କଣ କରିବ । ତାକୁ ଡମ ଡମ କରି ବଜେଇବାରେ ଲାଗିଲା । ଢୋଲରେ ଢାଉଁ ଢାଉଁ ଶବ୍ଦ ଶୁଣି ଶୁଖିଲା ପତରଟି କାହୁଁ ଆସିଲା ଉଡି ଉଡି, ମାଟି ଠେକିଟିଏ ଝରଣାରୁ ଆସିଲା ଗଡ଼ି ଗଡ଼ି ।

ଏଥର ମୂଷାର ଖୁସି କହିଲେ ନସରେ, ତିନି ସଙ୍ଗୀତ ଢୋଲ ବଜେଇ ବଜେଇ ଗଡ଼ି ଗଡ଼ି ଉଡ଼ି, ଉଡ଼ି, ନାଚି ନାଚି, ଘରକୁ ଖୁସିରେ ଫେରିଲେ ।

# ବୈତରଣୀ ନଦୀର ଇତିବୃତ୍ତି

ବହୁ ପ୍ରାଚୀନ କାଳର କଥା । ସେତେବେଳେ ପୃଥିବୀ ସୃଷ୍ଟି ହୋଇ ନଥାଏ । ବିଶ୍ୱବ୍ରହ୍ମାଣ୍ଡ ଅଥଳ ଜଳରାଶିରେ ପରିପୂର୍ଣ୍ଣଥାଏ । ସର୍ବଶକ୍ତିମାନ ସ୍ରଷ୍ଟା ମହାପରବୁ ପୃଥିବୀ ସର୍ଜନା କଲେ । ଏକ ବିରାଟ ମାଟି ପିଣ୍ଡୁଳା ରୂପେ ଜଳ ଉପରେ ଏହା ଅସ୍ଥିର ହୋଇ ଭାସିଲା । ତେଣୁ ଏହା ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ଧାରଣ କରିବାକୁ ସକ୍ଷମ ହୋଇ ପାରିଲାନାହିଁ । ମହାପରବୁ ଏହି ସମସ୍ୟାର ସମାଧାନ ପାଇଁ ଗଭୀର ଧ୍ୟାନ ମଗ୍ନ ହେଲେ । ତାଙ୍କର ଧ୍ୟାନ ଶକ୍ତିରୁ ଜନ୍ମ ନେଲେ ପୃଥିବୀର ପ୍ରଥମ ମଣିଷ ତଥା ମଣିଷ ଜାତିର ଜନକ ଋଷି । ଏହି ଋଷିଙ୍କ ଜନ୍ମସ୍ଥାନ ଥିଲା ନୂତନ ପୃଥିବୀ ପୃଷ୍ଠରେ ସଗର୍ବେ ମୁଣ୍ଡ ଟେକି ଠିଆ ହୋଇଥିବା ଏକ ବିଶାଳ ଉଇହୁଙ୍କା ।

ସେତେବେଳେ ଋଷି ଏ ନିର୍ଜନ ପୃଥିବୀର ନିଃସଙ୍ଗ ମଣିଷ । ନିଃସଙ୍ଗତାର ଯନ୍ତ୍ରଣାକୁ ଲାଘବ କରିବାକୁ ଋଷି ଉଇହୁଙ୍କା ବାହାରକୁ ଆସି ପାଖରେ ଥିବା ଏକ ବିରାଟ ପଥର ଉପରେ ଆଘାତ କରନ୍ତି । ଏହିପରି ବାରବର୍ଷ କାଳ ବିତିଗଲା । ଦିନେ ଋଷିଙ୍କର ପଥରର ବାଡେଇବାର ଶବ୍ଦ ନିକଟରେ ବୁଲୁଥିବା ଏକ ଅସୁରୀ କନ୍ୟା କାନରେ ପଡିଲା । ଶବ୍ଦକୁ ଅନୁସରଣ କରି ସେ ଉଇହୁଙ୍କା ପାଖରେ ପହୁଲା ଅସୁରୀ କନ୍ୟା ଉଇହୁଙ୍କା ପାଖରେ ଋଷିଙ୍କୁ ଦେଖିଲ । ଋଷିଙ୍କର ସୁନ୍ଦର ରୂପରେ ମୋହିତ ହୋଇ ମନେ ମନେ ସେ ତାଙ୍କ ସ୍ୱାମୀ ରୂପେ ପାଇବାକୁ ଇଚ୍ଛା କଲା ।

କିନ୍ତୁ ଅସୁରି କନ୍ୟାର ରୂପ ଥିଲା କଦାକାର ଓ ଭୟଙ୍କର । ପୁରୁଷମାନଙ୍କ ପରି ତା ମୁହଁରେ ନିଶ ଦାଢି ମଧ୍ୟ ଉଠିଥିଲା । ଋଷି ତାକୁ ଦେଖି ଭୟଭୀତ ହେଲେ । ପ୍ରାଣରକ୍ଷା କରିବାକୁ ଉଇହୁଙ୍କା ଭିତରକୁ ପଶିଯାଇ ଲୁଚିଲେ । ଅସୁରୀ କନ୍ୟା ଋଷିଙ୍କୁ ପାଇବା ପାଇଁ ଉଇହୁଙ୍କା ବାହାରେ ଧୈର୍ଯ୍ୟର ସହ ସାତଦିନ ସାତରାତି ଅପେକ୍ଷା କଲା । ଋଷି ଏହାର ସୂଚନା ପାଇ ଉଇହୁଙ୍କା ବାହାରକୁ ବାହାରିଲେ ନାହିଁ । ସେଠୁ ଅସୁରି କନ୍ୟା ମନେ ମନେ ଉପାୟ ଚିନ୍ତା କରି ଉଇହୁଙ୍କାର କିଛି ଦୂରକୁ ଚାଲିଯାଇ ଏକ ପଥର ପଛପଟେ ଲୁଚି ରହି ଅପେକ୍ଷା କଲା ।

ଋଷି ଉଇହୁଙ୍କା ଭିତରୁ ଅନେଇ ଦେଖିଲେ ଯେ ଅସୁରୀ କନ୍ୟା ନାହିଁ । ବିପଦ ଚାଲିଗଲା ଭାବି ନିର୍ଭୟ ହୋଇ ସେ କିଛି ସମୟ ପରେ ଉଇହୁଙ୍କା ବାହାରକୁ

ଆସିଲେ ଓ ତାଙ୍କର ପଥର ବାଡେଇବା କାମରେ ଲାଗିଗଲେ । ଏହି ମୁହୂର୍ତ୍ତକୁ ଅପେକ୍ଷା କରି ରହିଥିଲା ଅସୁରୀ କନ୍ୟା ଓ ଲୁଚିବା ସ୍ଥାନରୁ ବାହାରି ଧୀରେ ଧୀରେ ଆସି ଋଷିଙ୍କୁ ପଛପଟେ ଧରି ପକାଇଲା ସେ । ଅସୁରୀ କନ୍ୟାର ଆଲିଙ୍ଗନ ମଧ୍ୟରେ ଋଷି ଭୟରେ ଥରିଲେ । ଆକୁଳ ନିବେଦନ କରି ସେ ପ୍ରାଣଭିକ୍ଷା କଲେ- ଦୟାକରି ମୋତେ ଛାଡିଦିଅ, ଜିଅନ୍ତା କାଇ ଯାଅନାହିଁ । ଅସରୁୀ କନ୍ୟା କୋମଳ କଣ୍ଠରେ ତାଙ୍କୁ ଆଶ୍ୱାସନା ଦେଇ କହିଲା- ତୁମେ ଭୟ କରନାହିଁ । ମୁଁ ତୁମର କୌଣସି କ୍ଷତି କରିବି ନାହିଁ । ମୋତେ ତମର ସ୍ତ୍ରୀ ରୂପେ ସ୍ୱୀକାର କର । ମୁଁ ତୁମର ସନ୍ତାନମାନଙ୍କୁ ଗର୍ଭରେ ଧାରଣ କରି ତାଙ୍କୁ ଲାଳନପାଳନ କରିବି ।

ଅସୁରୀ କନ୍ୟାର କଥାରେ ଋଷି ସାମାନ୍ୟ ଆଶ୍ୱସ୍ତ ହେଲେ ତେବେ ତାଙ୍କର ଭୟ ପୁରା ଯାଇନଥାଏ । ସେ କହିଲେ- ତୁମେ ହୁଏତ ମୋର କୌଣସି କ୍ଷତି ନକରି ପାର ହେଲେ ତୁମର ଭାଇ, ଭଉଣୀ ଓ ଜ୍ଞାତୀ ବର୍ଗମାନେ ମତେ ଦେଖି ଜୀଅନ୍ତା ଖାଇଯିବେ । ଅସୁରୀ କନ୍ୟା ପୁଣି ଆଶ୍ୱାସନା ଦେଲେ- ଏ ଦୁନିଆରେ ମୁଁ ଏକୁଟିଆ, ମୋର କେହି ଆତ୍ମୀୟ ସ୍ୱଜନ ନାହିଁ । ତେଣୁ ଆପଣଙ୍କ ପତ୍ନୀରୂପେ ଗ୍ରହଣ କରନ୍ତୁ । ଋଷି ଦେଖିଲେ ତାଙ୍କ ପାଖରେ ଅନ୍ୟ ପନ୍ଥା ନାହିଁ । ଅସୁରୀ କନ୍ୟାର ପ୍ରସ୍ତାବ ଅସ୍ୱୀକାର କଲେ ତାଙ୍କର ଜୀବନ ପ୍ରତି ବିପଦ ଆସିବ । ତେଣୁ ସେ ବାଧ୍ୟ ହୋଇ ଅସୁରୀ କନ୍ୟାକୁ ପତ୍ନୀରୁପେ ସ୍ୱୀକାର କଲେ ।

ଏମିତି କେତେ କାଳ ବିତିଗଲା । ପୃଥିବୀ ସେମିତି ଦୋଳାୟମାନ ଅବସ୍ଥାରେ ଥାଏ । ମହାପରବୁ ଦିନେ ଋଷିଙ୍କ ପାଖକୁ ଆଦେଶ ଦେଲେ କପିଳା ଗାଈକୁ ଖୋଜି ବାହାର କରି ତାକୁ ବଳୀ ଦେଲେ ବସୁମାତା ତାର ରକ୍ତପାନ କଲେ ଶାନ୍ତ ଓ ସ୍ଥିର ହେବେ । ମହାପରବୁଙ୍କ ଆଜ୍ଞା ପାଳନ କରି ଋଷି ଓ ତାଙ୍କର ପତ୍ନୀ ପୃଥିବୀ ସାରା ବୁଲି ବୁଲି କପିଳା ଗାଈକୁ ଖୋଜିଲେ । ଅନେକ ଦିନ ଧରି ଖୋଜି ଖୋଜି ଶେଷକୁ ବଓରା ପରବତ- ଉପରେ କପିଳା ଗାଈକୁ ବସିଥିବାର ଦେଖିଲେ । ଗାଈକୁ କେମିତି ଆୟତ୍ତ କରିବେ ସେ କଥା ଚିନ୍ତା କରି ଋଷି ତାକୁ ବାନ୍ଧିବାକୁ ଶିଆଳୀ ଲଟାରେ ଏକ ଦଉଡି ପ୍ରସ୍ତୁତି କଲେ । ତାପରେ ଲୁଚି ଲୁଚି ସେ ଦଉଡି ଗାଈ ବେକରେ ଏକ ଫାଶ ରୂପେ ପକାଇ ଗାଈକୁ ବାନ୍ଧିଲେ । ଋଷି ଦଉଡି ଧରି ଗାଈକୁ ଆଗରୁ ଭିଡିଲେ ଓ ତାଙ୍କର ସେମାନେ ବହୁକଷ୍ଟ କରି କପିଳା ଗାଈକୁ ଗୋନାସିକା ପର୍ବତ ଉପରକୁ ନେଇ ତାକୁ

ସେଠି ବଳୀ ଦେଲେ । ଅବଶ୍ୟ ସେତେବେଳେ ଗୋନାସିକା ପର୍ବତର ନାମକରଣ ହୋଇ ନଥିଲା ।

କପିଳାର ରକ୍ତ ଧରଣୀ ବକ୍ଷରେ ପଡିଲା । ବସୁମାତା ତାକୁ ପାନକରି ତୃପ୍ତ ହେଲେ । ପୃଥିବୀ ଜୀବଜଗତ ଧାରଣ କରିବାକୁ ସକ୍ଷମ ହେଲେ, ବଳୀ ଦେଇ ସାରିବା ପରେ ଋଷି ମୃତ କପିଳା ଗାଈର ମାଂସ ଭକ୍ଷଣ କଲେ । ସେହି ପରମ୍ପରା ଅନୁସରଣ କରି ତାଙ୍କର ଦାୟାଦ ଜୁଆଙ୍ଗମାନେ ପରବର୍ତ୍ତୀ କାଳରେ ଗୋମାଂସ ଭକ୍ଷଣ କଲେ ।

ଋଷି ଗୋ ମାଂସ ଖାଉଥିବା ବେଳେ ସାତଭଉଣୀ ଅର୍ଥାତ୍ ସାତଜଣ ଦେବକନ୍ୟା ପୃଥିବୀ ପୃଷ୍ଠରେ ବିଚରଣ କରୁଥାନ୍ତି । ଅନେକ ସମୟ ଧରି ଚରାବୁଲା କରିବା ପରେ ସେମାନେ କ୍ଳାନ୍ତ ଓ କ୍ଷୁଧାତୁର ହୋଇଥାନ୍ତି । ଏହି ସମୟରେ ସେମାନେ ଗୋନାସିକା ପର୍ବତ ଉପରେ ଋଷିଙ୍କୁ ଗୋ ମାଂସ ଖାଉଥିବାର ଦେଖିଲେ । ଅଦୂରରେ ଲୁଚି ରହି ସବା ସାନ ଭଉଣୀକୁ ଟିକେ ଖାଦ୍ୟ ମାଗି ଆଣିବାକୁ ଋଷିଙ୍କୁ ନିକଟକୁ ପଠାଇଲେ । ସାନ ଭଉଣୀ ଋଷିଙ୍କ ପାଖକୁ ଗଲା । ନିଜର କ୍ଷୁଧା ସମ୍ଭାଳି ନପାରି ଋଷିଙ୍କୁ ମାଗି ତାଙ୍କ ପାଖରେ ବସି ଗୋ ମାଂସ ଭକ୍ଷଣ କରିବାକୁ ଲାଗିଲା । ନିଜର ବଡ ଭଉଣୀ ମାନଙ୍କ କଥା ଭୁଲିଗଲା । ତା ପରେ ତା ଉପର ଭଉଣୀ ଋଷିଙ୍କ ପାଖକୁ ଖାଦ୍ୟ ମାଗିବାକୁ ଆସି ତାଙ୍କ ପାଖରେ ରହିଗଲା । ନିଜ ଭଉଣୀ ମାନଙ୍କ କଥା ଭୁଲିଗଲା ଏହିପରି ଜଣକ ପରେ ଜଣେ ହୋଇ ଭଉଣୀମାନେ ଋଷିଙ୍କ ପାଖରେ ରହିଗଲେ ।

ଋଷି ଓ ସାତ ଭଉଣୀ ଯାକ ପେଟ ପୁରାଇ ଗୋ ମାଂସ ଖାଇ ସାରିବା ପରେ ଋଷିଙ୍କ ମନରେ ଆଶଙ୍କା ହେଲା, କାଳେ କିଏ ସେ ଗୋ ମାଂସ ଭକ୍ଷଣ କରିବା କଥା ଜାଣି ପାରିଲେ ତାଙ୍କୁ ଘୃଣା କରିବେ ! ତାଙ୍କର ନିନ୍ଦା ଓ ଅପବାଦ ହେବ, ତେଣୁ ସେ କୌଣସି ପ୍ରମାଣ ନରଖିବା ପାଇଁ ଗାଈର ମୁଣ୍ଡଟିକୁ ମାଟିତଳେ ପୋତେ ଦେଲେ । ଏହି ସମୟରେ ଏକ ଆଶ୍ଚର୍ଯ୍ୟ ଜନକ ଘଟଣା ଘଟିଲା । ଭୂମିକମ୍ପ ହେଲା ପରି ଏକ ଭୟଙ୍କର ଶବ୍ଦରେ ପୃଥିବୀ ପ୍ରକମ୍ପିତ ହେଲା ପରେ ପରେ ଏକ ସୁଁ ସୁଁ ଗର୍ଜନ ସହ ମାଟି ଭିତରୁ ଜଳସ୍ରୋତ ଋଷି ପୋତିଥିବା ଗାଈ ମୁଣ୍ଡର ଦୁଇ କାନ ପୁଡା ବାଟେ ତୀବ୍ର ଗତିରେ ଆକାଶକୁ ଉଠିଲା ଓ କିଛି ସମୟରେ ଭୂଇଁରେ ପଡି ଏକ ଚିରସ୍ରୋତା ନଦୀ ରୂପେ ପ୍ରବାହିତ ହେବାକୁ ଲାଗିଲା । ଏହିପରି ବୈତରଣୀ ନଦୀର ଜନ୍ମ ହେଲା ।

ଗୋ-ନାସିକାରୁ ବୈତରଣୀ ନଦୀ ଜନ୍ମ ନେଇ ଥିବାରୁ ପର୍ବତର ନାମ ହେଲା ଗୋନାସିକା ।

ଏହି ଘଟଣାରେ ଦେବକନ୍ୟା ସାତ ଭଉଣୀ ଏତେ ଭୟଭୀତ ହୋଇଯାଇଥିଲେ ଯେ କେବଳ ସବା ବଡ ଓ ସବା ସାନ ଭଉଣୀଙ୍କୁ ଛାଡି ବାକି ପାଞ୍ଚ ଭଉଣୀ ପ୍ରାଣ ରକ୍ଷା କରିବାକୁ ଋଷିଙ୍କ ସ୍ଥାନ ଛାଡି ଏଣେ ତେଣେ ଦୌଡିଲେ, ଦୌଡିବାକୁ ଲାଗିଲେ । ଦେବକନ୍ୟାମାନଙ୍କ ଏପରି ଆଚରଣରେ ଋଷି କ୍ରୋଧିତ ହେଲେ ଓ ସେମାନଙ୍କୁ ଶାନ୍ତି ଦେବାକୁ ମଲା ଗାଈର ରକ୍ତ ସେମାନଙ୍କ ଉପରକୁ ଫୋପାଡି ଦେଲେ । ସେ ରକ୍ତ ତାଙ୍କ ଉପରେ ପଡିଲାରୁ ସେମାନେ ଯେଉଁଠି ଥିଲେ ସେଇଠି ସ୍ଥିର ହୋଇଯାଇ ପାହାଡ ଓ ପର୍ବତରେ ପରିଣତ ହୋଇଗଲେ । ସେହି ପାହାଡ ଗୁଡିକର ନାମ ହେଲା ନୀଳଗିରି, ଶୃଙ୍ଗଗିରି, ଟମକୋ ଗିରି, ସୁବେଦା ଗିରି ଓ ତୁପାର ଗିରି । ଏହି ପାଞ୍ଚ ଭଉଣୀ ଦୌଡୁଥିବା ଅବସ୍ଥାରେ ପଛରେ କଣ ହେଉଛି ଦେଖିବା ପାଇଁ ମଝିରେ ମଝିରେ ପଛକୁ ମୁହଁ ବୁଲାଇ ଚାହିଁଥିବା ଅବସ୍ଥାରେ ପାହାଡ ପର୍ବତରେ ରୂପାନ୍ତରିତ ହୋଇଯାଇ ଥିବାରୁ ପାହାଡ ଗୁଡିକ ସବୁବେଳେ ପଛକୁ ମୁହଁ ବୁଲେଇ ଥିବାର ଦେଖାଯାଏ ।

ଋଷିଙ୍କ ପାଖରେ ରହି ଯାଇଥିବା ବଡ ଭଉଣୀ ଓ ସାନ ଭଉଣୀ ଋଷିଙ୍କର ପତ୍ନୀ ହୋଇ ରହିଲେ । ସେମାନଙ୍କର ଅନେକ ସନ୍ତାନ ସନ୍ତତି ହେଲେ । ସାନ ଭଉଣୀଟି ଋଷିଙ୍କର ପତ୍ନୀ ନହେଲେ ମଧ୍ୟ ସେମିତି ତାଙ୍କ ପାଖରେ ରହିଥାଏ । ଋଷି ତାଙ୍କର ଜୀବିକା ଅର୍ଜନ କରିବାକୁ ଗୋପାଳନ କରିଥାନ୍ତି । ଟିରିଆ ଟୋକା ନାମରେ ଏକ ବାଳକକୁ ଋଷି ପାଖରେ ରଖିଥାନ୍ତି ତାଙ୍କ ଗାଈ ଗୋଠ ଯତ୍ନ ନେବାକୁ ଓ ଚରାଇବାକୁ । କାଳକ୍ରମେ ସାନ ଭଉଣୀ ଓ ଟିରିଆ ଟୋକା ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଲା । ଋଷିଙ୍କ ଡରରେ ଦୁହେଁ ଦିନେ ସଲାସୁତୁରା ହୋଇ ଘର ଛାଡିଦେଲେ ।

ଋଷି ଏକଥା ସଙ୍ଗେ ସଙ୍ଗେ ଜାଣି ପାରିଲେ । ସେ ରାଗରେ ଏକ ବାର ହାତ ଖଣ୍ଡା ଧରି ତାଙ୍କ ପଛରେ ଗୋଡାଇଲେ । କିଛି ବାଟ ଗଲାପରେ ଝିଅଟି କ୍ଳାନ୍ତ ହୋଇ ପଡିଥାଏ । ତାର ଗତି ଶିଥିଳ ହୋଇ ଯାଇଥାଏ । ଟିରିଆ ଟୋକା ଋଷିଙ୍କ ହାତରୁ ପ୍ରାଣରକ୍ଷା କରିବାକୁ ଝିଅଟିକୁ ଏକରକମ ଟାଣି ଟାଣି ସାଙ୍ଗରେ ନେଉଥାଏ । ଏହି ସମୟରେ ଏକ ବଡ ପଥରକୁ ଝୁଣ୍ଟି ଝିଅଟି ତଳେ ପଡିଗଲା । ସେ ଆଉ ଉଠି ପାରିଲା

ନାହିଁ । ଋଷି ସେମିତି ପଛରେ ଗୋଡେଇ ଗୋଡେଇ ପାଖକୁ ଲାଗି ଆସିଲାଣି । ତିରିଆ ଟୋକା ବହୁ ଚେଷ୍ଟା କଲା ଝିଅଟିକୁ ଉଠେଇ ସାଙ୍ଗରେ ନେଇଯିବାକୁ । ପାରିଲାନି, ତାର ସବୁ ଚେଷ୍ଟା ବ୍ୟର୍ଥ ହେଲା । ବାଧ୍ୟ ହୋଇ ଶେଷକୁ ଝିଅଟିକୁ ସେଇଠି ଛାଡି ନିଜର ଜୀବନ ବଞ୍ଚାଇବାକୁ ଆଗକୁ ଦୌଡିଲା ।

ଋଷି ଆସି ତଳେ ପଡିଥିବା ଝିଅ ପାଖରେ ପହଞ୍ଚିଲେ । ଝିଅଟିର ଥାଏ ଚାରୋଟି ଗୋଡ । ଋଷି ତାଙ୍କ ଖଣ୍ଡାରେ ଝିଅଟିର ଗୋଟିଏ ଗୋଡ କାଟି ଶରୀରରୁ ଅଲଗା କରିଦେଲେ । କଟା ଗୋଡଟି ଶରୀରରୁ ଅଲଗା ହୋଇ ଛିଟିକି ଯାଇ ପାଲଲହଡା ଅଞ୍ଚଳରେ ଯେଉଁଠି ପଡିଲା ସେଠି, "ବିରାନ ମୁଣ୍ଡା" ନାମକ ପର୍ବତର ସୃଷ୍ଟି ହେଲା । ଝିଅଟିର ଅବଶିଷ୍ଟ ଶରୀର ଯେଉଁଠି ପଡି ସ୍ଥିର ହୋଇଗଲା ସେଇଟି "ମାଲ୍ୟଗିରି" ପର୍ବତରେ ରୁପାନ୍ତରୀତ ହେଲା । ଋଷି ଝିଅର ଗୋଡଟିକୁ ଖଣ୍ଡାରେ ହାଣିବା ବେଳେ ରକ୍ତ ଛିଟିକା ଯାଇ ଆଗକୁ ଦଉଡୁ ଥିବା ତିରିଆ ଟୋକା ଉପରେ ପଡିଲାରୁ ସେ ମଧ୍ୟ ସେଇଠି ସ୍ଥିର ନିଶ୍ଚଳ ହୋଇଗଲା ଓ ତିରିଆ ଟୋକା ନାମକ ପର୍ବତର ରୂପ ନେଲା । ଏମିତି ପୃଥିବୀ ସୃଷ୍ଟିହେଲା । ଅସ୍ଥିର ଅବସ୍ଥାରୁ ସ୍ଥିର ହୋଇ ଆସିଲା । ବୈତରଣୀ ନଦୀର ଜନ୍ମହେଲା ଓ ପୃଥିବୀ ପୃଷ୍ଠରେ ପାହାଡ ପର୍ବତ ଓ ନଦୀନାଳର ସୃଷ୍ଟି ହୋଇଗଲା ।

# ସହାୟକ ଗ୍ରନ୍ଥସୂଚୀ


୧. ଓଡିଶାର ଆଦିବାସୀ- ରବୀନ୍ଦ୍ର ମୋହନ ସେନାପତି- ବିଦ୍ୟାଭାରତୀ, କଟକ, ୨ ପ୍ର.ପ୍ର ୨୦୦୬

୨. ଜୁଆଙ୍ଗ ସମାଜ- ଡଃ ନିର୍ମଳଚନ୍ଦ୍ର ଦାଶ, ସାଗର ପବ୍ଲିକେଶନ-ଭୁବନେଶ୍ୱର, ପ୍ରଥମ ପ୍ରକାଶ ୨୦୦୪

୩. ଆମ ଲୋକନୃତ୍ୟ- ସଂ. ଡଃ ଦୁର୍ଗାମାଧବ ନନ୍ଦ- ଲୋକ ସଂସ୍କୃତି ଗବେଷଣା ପରିଷଦ, ବ୍ରହ୍ମପୁର, ପ୍ରଥମ ସଂସ୍କରଣ- ୧/୯/୨୦୦୦

୪. ବଣ ପାହାଡର ଗୀତ- ନୀଳାଦ୍ରୀ ବିହାରୀ ମିଶ୍ର- ନୁପୁର- ୧୦୯୫, ଶତାବ୍ଦୀ ନଗର, ଭୁବନେଶ୍ୱର-୩, ପ୍ରଥମ ସଂସ୍କରଣ - ଜୁନ୍ -୨୦୦୮

୫. ଜନ ଶିକ୍ଷାରେ ସାହିତ୍ୟର ଭୂମିକା - ସଂ. ଡଃ ବିଭୁତି ପଟ୍ଟନାୟକ- ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଭୁବନେଶ୍ୱର -୧, ପ୍ରଥମ ପ୍ରକାଶ - ୧୯୯୬

୬. ଦକ୍ଷିଣ ଓଡିଶାର ଆଦିବାସୀ ଡଃ ପ୍ରଣିତା ସାବତ / ଡଃ ସୁରେଶ ଚନ୍ଦ୍ର ପ୍ରଧାନ, ନବଦିଗନ୍ତ-ବିନୋଦ ବିହାରୀ,କଟକ-୨, ପ୍ରଥମ ପ୍ରକାଶ ୨୦୦୬

୭. ଓଡିଶାର ଆଦିବାସୀ- ଡଃ ଶ୍ରୀଶ ପଟେଲ - କଟକ, ଷ୍ଟୁଡେଣ୍ଟସ୍ ଷ୍ଟୋର, ବାଲୁବଜାର, କଟକ-୨, ପ୍ରଥମ ପ୍ରକାଶ - ୨୦୦୮

୮. ବଣ୍ଡା ପର୍ବତର ଅଧିବାସୀ - ଓଡିଶା ସାହିତ୍ୟ ଏକାଡେମୀ- ଭୁବନେଶ୍ୱର -୧୪, ପ୍ର.ପ୍ର. ୧୯୮୨

୯. ଓଡିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି- ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର-୧୪, ଦ୍ୱିତୀୟ ପ୍ରକାଶ ୨୦୦୪

୧୦. ଉଆ ଉଆ- ଶିକ୍ଷକ ସହାୟକ ପୁସ୍ତକ- ଓଡିଶା ପ୍ରାଥମିକ ଶିକ୍ଷା ପ୍ରକଳ୍ପ, ଭୁବନେଶ୍ୱର, ୧ ପ୍ରଥମ ପ୍ରକାଶ ୨୦୦୧

୧୧. ଆଦିବାସୀ ସମାଜ ଓ ସଂସ୍କୃତି - ଶ୍ରୀ ନୃସିଂହ ପ୍ରସାଦ ମିଶ୍ର / ଶ୍ରୀ ଶୁକଦେବ ସାହୁ - ମନୋରମା ପବ୍ଲିଶର୍ସ ବାଲୁବଜାର, କଟକ-୨, ପ୍ର.ସଂସ୍କରଣ-୨୦୦୮

୧୨. ପରଜା ଜୀବନ ଓ ସଂସ୍କୃତି- ରଞ୍ଜନ ପ୍ରଧାନ- ପ୍ରଜ୍ଞା ପାରମିତା, ନିଗିନିପୁର, କେନ୍ଦ୍ରାପଡା, ପ୍ରଥମ ସଂସ୍କରଣ ୨୦୦୭

୧୩. ଆଦିବାସୀ ଜୀବନଧାରା ଓ ସଂସ୍କୃତି - ଡଃ ହାଡିବନ୍ଧୁ ମିର୍ଦ୍ଧା, ଚିତ୍ରୋତ୍ପଳା ପବ୍ଲିକେଶନ, ବଟେଶ୍ୱର ସାଲେପୁର, କଟକ-୨, ପ୍ରଥମ ପ୍ରକାଶ-୨୦୦୩

୧୪. ଭୂୟାଁ ସଂପ୍ରଦାୟ ଓ ରାଜ ପରିବାର - ଡଃ ବିଦ୍ୟାଧର ବେହେରା, ଶ୍ରୀମତୀ ସନ୍ତୋଷିନୀ ବେହେରା, ଘୁଟୁରୁ, କେନ୍ଦୁଝର, ପ୍ରଥମ ପ୍ରକାଶ - ୨୦୦୩

୧୫. ଜନଜୀବନ ଓ ଅନ୍ୟାନ୍ୟ ପ୍ରସଂଗ - ଡଃ ବିଦ୍ୟାଧର ବେହେରା, କାବ୍ୟଲୋକ-ଭୁବନେଶ୍ୱର -୯, ପ୍ରଥମ ପ୍ରକାଶ - ୨୦୦୬

୧୬. କେନ୍ଦୁଝରର ଲୋକକଥା - ସଂକଳନ ଶ୍ରୀ ଡମ୍ବୁରୁ ମହାନ୍ତ, ପ୍ରକାଶକ, ଡଃ ଆଦିକନ୍ଦ ମହାନ୍ତ ଓଡିଶା ଲୋକ ସଂସ୍କୃତି ପରିଷଦ, ଚିତ୍ରଡା, ମୟୁରଭଞ୍ଜ

୧୭. ଜୁଆଙ୍ଗ ଜୀବନ ସଂଗୀତ - ୰ ଜଗବନ୍ଧୁ ପାଢୀ

୧୮. ଦି ଜୁଆଙ୍ଗ (ଇଂରାଜୀ) ସମ୍ପାଦନା ଡଃ ଏନ. ପଟ୍ଟନାୟକ,ଟ୍ରାଇବାଲ ଏଣ୍ଡ ହରିଜନ ରିସର୍ଚ୍ଚ କମ ଟ୍ରେନିଙ୍ଗ ଇନଷ୍ଟିଚ୍ୟୁଟ୍- ଭୁବନେଶ୍ୱର

୧୯. ଭୂୟାଁ ଜାତିର ଜୀବନ ଗାଥା - ପ୍ରଦୀପ ରାଉତ- ତାରିଣୀ ସଂଗ୍ରହାଳୟ ଓ ପାଠାଗାର, କେନ୍ଦୁଝର, ପ୍ରଥମ ପ୍ରକାଶ - ୨୦୧୨

୨୦. ଜୁଆଙ୍ଗ ପର୍ବପର୍ବାଣି - ରଞ୍ଜନ ପ୍ରଧାନ - କ୍ରିଏଟିଭ୍ ଓଡିଶା ନିଗିନିପୁର, ସାନଦରିଆ, କେନ୍ଦ୍ରାପଡା - ୨୦୧୪

**( ଏବଂ ସାପ୍ତାହିକ ସମାଜ, ସମ୍ବାଦ, ପ୍ରଜାତନ୍ତ୍ର ଓ ଦୈନିକ ଖବର କାଗଜ ଇତ୍ୟାଦିରୁ ବହୁ ତଥ୍ୟ ସଂଗୃହୀତ)**

# ଜୁଆଙ୍ଗ ଶବ୍ଦାବଳୀ

## ପରିବାର ସମ୍ପର୍କୀୟ ଶବ୍ଦାବଳୀ

| ଓଡିଆ | ଜୁଆଙ୍ଗ | ଓଡିଆ | ଜୁଆଙ୍ଗ |
|---|---|---|---|
| ବାପା | ବା/ବୁଇଜ | | |
| ମାଆ | ବଇଁ / ଅବାଇଁଜ | ସାନ ମାଉସୀ | ସାନବୁଇ |
| ବଡଭାଇ | କା | ଶଳା | ଇଣିବ |
| ବଡଭଉଣୀ | ଆଜିଂ | ଶାଳୀ | ଶାଳୀରାଏ |
| ମାମୁଁ | ମାସୁ | ସ୍ୱାମୀ | ସାଉ |
| ମାଇ | ଶାଶୁ | ସ୍ତ୍ରୀ | କୁଟୁମ୍ବାଇ |
| ଅଜା | ଆଜା | ପୁଅ | କନନ |
| ଆଈ | ନା | ଝିଅ | କଞ୍ଚଲେନ |
| କକା | ଦାଦି | ଜ୍ୱାଇଁ | ଆରମ |
| ଖୁଡି | ସାନବୁଇ | ଝିଅ | ଆରମବ |
| ପୀଉସା | | ସାନଭାଇର ସ୍ତ୍ରୀ | କିମିଣ୍ଡାଇଙ୍ଗ |
| ପିଉସୀ | ଶାଶୁ | ବଡଭାଇର ସ୍ତ୍ରୀ | କୁଲି |
| ଭିଣୋଇ | ବାଉ | ସାନଭଉଣୀ | ବକରାଇ |
| ଭାଣିଜୀ | ଭାଣିଜୀ | ବଡବାପା | ଆତିର |
| ଭଣଜା | ଅତିକନ୍ | ବଡମା | ଅତିରାଇ |
| ପୁତୁରା | ଆତିକନ | ବଡମାଉସୀ | ଆତିରାଇ |
| ଝିଆରୀ | ଆତିଚିଣ୍ଡାଏ | ଶ୍ୱଶୁର | କୁଇଂକାର |
| ଜେଜେ | ଆଜା | ଶାଶୁ | ମାମିଙ୍ଗ |
| ଦେଜିମା | ନା | ସାନଭାଇ | ବକ୍ |

## ବେଶ ଓ ଅଳଂକାର ସମ୍ପର୍କୀୟ

| ଓଡିଆ | ଜୁଆଙ୍ଗ | ଓଡିଆ | ଜୁଆଙ୍ଗ |
|---|---|---|---|
| ଶାଢୀ | କଡେ | ସାବୁନ | |
| ଶାୟା | | ତେଲ | ଅଜନ୍ |
| ବ୍ଲାଉଜ | | ଦାନ୍ତକାଠି | କାଡି |
| ଗଞ୍ଜି | | ହାର | କୁଣ୍ଡି |
| ସାର୍ଟ | ଉଙ୍ଗି | କାନଫୁଲ | ଜଲକ |
| ପେଣ୍ଟ | | ନାକଫୁଲ | ନାକଫୁଟି |
| ଚଡି | ଚେଡି | | |

## ଗୃହପୋକରଣ

| ଓଡ଼ିଆ | ଜୁଆଙ୍ଗ |
|---|---|
| ଘର | ଇଙଆଁରାତେ |
| କବାଟ | ସେଡାକ |
| ଝରକା | ଝରକା |
| ଚୁଲି | ଚୁଲି |
| ଖୁସୁଣି | କିସୁଣି |
| ଢଂକା | ଆଡଲେଡଂ |
| ପନିକି | ସେମରଟ |
| ଶିଳ | ଆଟାଶର |
| ଚଟୁ | ତଟୁ |
| କଡେଇ | କାରାଇ |
| ଡେକଚି | ଡେକଚି |
| ହାଣ୍ଡି | ଆଟିକା |
| ଗରିଆ (ମାଠିଆ) | ଗରିଆ |
| ବାଲଟି | ବାଲତି |
| ଢେଙ୍କି | ଢିଙ୍କି |
| କୋଡ଼ି | କୁଦାଳି |
| ବୋଡ଼ିଆ | ଗୁଟିଆ |
| ବାଲା | ଆରଚ୍ଛ |
| ଶାବଳ | ଶାବଳ |
| କୁଲା | ଉଭାନ |
| ବାଢୁଣୀ | ଜେନକ |
| ସିଡ଼ି | ନିଶାଣି |
| ଲଙ୍ଗଳ | ସିନି |
| ମଇ | ମଇ |
| ପିଡା | ମଇ |
| ପିଢା | ପିଲା |
| ମସିଣା | ଆଟିଆ |
| ଖଟ | କଟ |
| ଦାଆ | ଦାଅ |
| କାଉଡଙ୍କି | ସୁକୁଡା |
| ବର୍ଚ୍ଛା | ବରଚ୍ଛ |
| ଖଣ୍ଡା | କଣ୍ଡା |

## ପକ୍ଷୀ ଓ ଜୀବଜନ୍ତୁ

| ଓଡ଼ିଆ | ଜୁଆଙ୍ଗ |
|---|---|
| ଚଢେଇ | କନ୍ତେରଳ |
| ମୟୁର | ମାରାଗ |
| ବତକ | ବତକ (ଅଡଂସ) |
| ବାଘ | କିଲଗ |
| ଭାଲୁ | ବାନାଏ |
| ହାତୀ | ଆତି |
| ବିଲୁଆ | ଶିଆଳ |
| ମାଙ୍କଡ | ସାକଏ |
| ମୂଷା | କଳେଡଂଗ |
| ବିଲେଇ | ବିଲାଇ |
| ଏଣ୍ଡୁଅ | ଗରେଇ |
| ହରିଣ | ମେରେଗ |
| ବାରହା | ବୁଢାଏ |
| ଘୋଡା | ଗୁଡା |
| ସାପ | ବାବୁଙ୍କା |
| ବେଙ୍ଗ | ଡୁକୁର |
| ଗାଈ | ଅଳେଜ |
| ମଇଁଷି | ବଇନ୍ଦ୍ରି |
| ଓଇ | ଟାକୁ |
| ଡମରାକାଉ | ଗୁଆଁଙ୍ଗ |
| ଛେଳି | ମେରମ |
| କୁକୁର | ସେଲଗ (କଂସ) |
| କୁକୁଡା | ସେଡଂକଏ |
| ଠେକୁଆ | ଅଳଂ |
| କୁମ୍ଭୀର | ସାରେପ |
| ମାଛ | କାରଡଂ |
| ପେଚା | ଡୁପକ |
| ଚେଙ୍ଗ | ଗୁଲିଚ୍ଛ |
| ନେଉଳ | କେଉଳ |
| ସିଂହ | ସିଂଅ |
| କଙ୍କଡା | କାଳାର |
| ବାଦୁଡ଼ି | ମାଦୁଲଙ୍କ |
| କୋଇଲି | କୁଇଲି |

## ପ୍ରକୃତି ସମ୍ପର୍କିତ

| ଓଡିଆ | ଜୁଆଙ୍ଗ |
|---|---|
| ଚନ୍ଦ୍ର/ଜହ୍ନ | ଲେରାଙ୍ଗ |
| ତାରା | କୁସୁନଜିଡାକା |
| ଆକାଶ | ସରଗ |
| ବର୍ଷା | ଗିମା |
| ପାହାଡ | ଉଳି |
| ଜଙ୍ଗଲ | ବଣ |
| ନଈ/ନଦୀ | ନୁଇ |
| ଝରଣା | ନାଳ |
| ମାଟି | ଲଟପ |
| ପାଣି | ଡାକ |
| ପବନ | ବପନ୍ |
| ସୂର୍ଯ୍ୟ | ବେଲ |
| ଘଡଘଡି | ଚଲକ |
| ରାତି | ରାତିଆଲ |
| ଦିନ | ମେସାର |
| ସନ୍ଧ୍ୟା | ବେଲଅନ |
| ସକାଳ | ସେକାଲୟାନ |
| ନିଆ | ଲାଲାଏକ |
| କାଠ | ସେଙ୍ଗନ |
| ପଥର | ଏଗେରତେ |
| ଝାଳ | ଗିଳିଙ୍ଗ |
| ଇନ୍ଦ୍ରଧନୁ | ଅଚତା |
| ହରିଡା | ଭରିଲା |
| ଭେଣ୍ଡି | ମେଣ୍ଡାସିଙ୍ଗ |
| ଲାଉ | ସୁକୁଡାଗ |
| ରୁମ୍ମା | କାଳାର |
| ଶିମ୍ବ | ଶିମ |
| ମାଣ୍ଡିଆ | କୁଦୁ |
| ନଡିଆ | ନୁଡିଆ |
| ଖଜୁରୀ କୋଳି | କୁଜୁରୀ |

## ଫଳ / ପନିପରିବା

| ଓଡିଆ | ଜୁଆଙ୍ଗ |
|---|---|
| ଗଛ | ସୁସୁସିଡଙ୍ଗ |
| ଫଳ | ଲାକୁ |
| ଫୁଲ | ରାଶିଡଙ୍ଗ |
| ଅମୃତଭଣ୍ଡା | ଜେଡା |
| ଆମ୍ବ | ଅଲେ |
| ପଣସ | ଅଲସମ |
| କଦଳୀ | କୁଦିନ |
| ପିଜୁଳି | ଗଦାମ |
| ମହୁଲ | ସୁଲୁନ |
| ସଜନା | ସୁଜୁନା |
| ଲେମ୍ବୁ | ଲେମବୁ |
| ମକା | ଜୁଆଣି |
| ବାଉଁଶ | ଆଲୁ |
| ବରକୋଳି | ବୈର |
| ଅଂଳା | ଅଁଅଳା |
| କେନ୍ଦୁ | ତେରେନ |
| ବୋଇତାଳୁ | ବାଇଣଲୁବ |
| କାଜୁ | |
| ପୁଟେଇ | ପୁଣ୍ଟୁଇ |
| ଜାମୁକୋଳି | ଜାମ୍ବୁ |
| ବେଲ | କୁଲାବ |
| ଆଳୁ | ଅଜାଡଙ୍ଗ |
| କୁସୁମ | ବାଙ୍ଗରୁର |

## ଶରୀର ସମ୍ପର୍କୀୟ

| ଓଡିଆ | ଜୁଆଙ୍ଗ |
|---|---|
| ମୁଣ୍ଡ | ବକବ |
| ଆଖି | ଅମର |
| ନାକ | ମଣଏ |
| କାନ | ଲୁତୁର |
| ପାଟି | ତମର |
| ଓଠ | ସିଲତମ |
| ଜିଭ | ଆଇଲାଙ୍ଗ |
| ଛାତି | ବୁକୁ |
| ହାତ | ଇତି |
| ଗୋଡ | ଇଜିଙ୍ଗ |
| ପେଟ | ଇଡିପ |
| ବାଳ (ଚୁଟି) | ଜୁଁଟା |
| କପାଳ | |
| ଆଣ୍ଠୁ | |
| ଆଙ୍ଗୁଳି | ଆଙ୍ଗୁଳି |
| ନଖ | ନକ |
| ଜଙ୍ଘ | ଚାଟୁଆ |
| ଗାଲ | |
| ନିଶ | |
| ପିଠି | କନପ |
| ମୁହଁ | |
| ଗଳା | କଂକ |
| କାନ୍ଧ | ତାଗମ |
| ନାଭି | ଉସମଁଏ |
| ଅଣ୍ଟା | |
| ମେରୁଦଣ୍ଡ | ଟିଙ୍ଗର |
| କାଖ | |
| ଚମଡା | ଚଲ |
| ହାଡ | ଆଡସର |
| ଲୁହ | ଏମୋଡାକ |
| ଝାଳ | ଗିଲିଙ୍ଗ |
| ସ୍ତନ | ନୁନୁ |

## ଖାଦ୍ୟ ସମ୍ପର୍କିତ

| ଓଡିଆ | ଜୁଆଙ୍ଗ |
|---|---|
| ଭାତ | ଡଣ |
| ଡାଲି | ଆଚିଗା |
| ତରକାରୀ | ଆଚିଗା |
| ଭଜା | ଭଜା ବାଜି<br>ସେକଲେ |
| ମାଂସ | ଆଇଡା |
| ପଖାଳ | ପକାଳଡଣ |
| ଶାଗ | ଶାଗ |
| ମଦ | ବାଉରେ |
| ପତ୍ର | ଅଲାଗ |
| ମିଠା(ସୁଆଦି) | ମିଟା |
| ତେଲ | ଅଜନ |
| କାଠ | ସେଙ୍ଗନ୍ |
| ମାଣ୍ଡିଆ | କୁଦୁ |
| ଗହମ | ଗହମ |
| ଧାନ | ବୁଆ |
| ଚାଉଳ | ରୁଙ୍କୁ |
| ଗଙ୍ଗେଇ | ଜିଂଜାର |
| ଗୁଲୁଦି | ଗୁଲୁଦି |
| ହରଡ | ସେଣାଁଏ |
| ବିରି | ମାଇରକ |
| କୋଳଥ | କଳଥ |
| ମୁଗ | ମୁଗ |
| ମୂଳା | ମୂଳା |

| ଓଡିଆ | ଜୁଆଙ୍ଗ |
|---|---|
| ସଜନା ଛୁଇଁ | ଚୁଇଁ |
| କଖାରୁ ଫୁଲ | ବାଇତାଲୁ ଏରାକ |
| ଗିଲରୀ ଫୁଲ | ସିଲିମ ଏରାକ |
| କାଇଁ | କାଇ |
| କରଡି | |
| ଲମ୍ବଫୁଲ | |
| ମସୁର | ମସୁର |
| ମସଲା | ମସଲାଏ |
| ରାଶି | ରାମତିଲା |
| ସୋରିଷ | ସୁରୁଷ |
| ବାଦାମ | |
| ତେନ୍ତୁଳି(କଷା) | ତିନ୍ତିଳି |
| କାକୁଡି | କେଙ୍ଗରା |
| ଲଙ୍କା | ଡୁଙ୍କାରି |
| କୋବି | କବି |
| ବିଲାତି | |
| ବାଇଗଣ | ବାଇଁଗଣ |

## ଧର୍ମ ସଂସ୍କୃତି ସମ୍ପର୍କୀୟ

| ଓଡିଆ | ଜୁଆଙ୍ଗ |
|---|---|
| ଜନ୍ମ | ଜନମୟାଂଡ |
| ମୃତ୍ୟୁ | ଗଜ |
| ମଶାଣି | ଶିରିଗୁଣି ଅଡା |
| ଏନ୍ଦୁଡିଶାଳ | ଚୁଡିକା ଇସେର |
| ସମାଧି ସ୍ଥଳ | |
| ଧରମ ଦେବତା | |
| ବାସୁକୀ ମାତା | |
| ଗାଁ ଶିରୀ | |
| ଗ୍ରାମ ସଭାସ୍ଥଳ | ମଜାଙ୍ଗ |
| ଗା ମୁଖିଆ | ପଧାନ |
| ଠାକୁରାଣୀ ପୂଜକ | ବୁଇତା |
| ଧାଙ୍ଗଡି ବସା | ସେଲାନ ବାସା |
| ଗୁଣିଆ | ରାଉଳିଆ |
| ମଧ୍ୟସ୍ଥି | କାମଣ୍ଡିଆ ଅନ ଚେରିକ |
| ଧାଈ | ସୁତୁରାଣୀ |
| ଶବବାହକ | ମାଲା ଗକିତି / ମଡାଦାଣ୍ଡି |
| ଠାକୁର (ଦେବତା) | କଇଲଙ୍ଗ |
| ସଂଗୀତ | ସେକାମ |
| ବଇଦ | ସଚେକେ |
| ଧଣ୍ଡସାପ | ପାଣିଡୁଙ୍ଗ |
| କମାର | କଜଂ |
| ମନ୍ଦିର | ଦେଓଳ |
| ମୂର୍ତ୍ତି | ପୁତୁଳା |
| ତଣ୍ଡକାର | ମଜାଙ୍ଗ ତତ୍ତ୍ୱବଧାରକ |
| ଉଜା | ପୂଜା |
| ବଳି | ଡେଇକେ |

## ଅନ୍ୟାନ୍ୟ

| ଓଡିଆ | ଜୁଆଙ୍ଗ |
|---|---|
| ଆସ | ଉଆ |
| ଆମେ | ନିଞ୍ଜ |
| ଖେଳିବା | ନେକେଳେ |
| ହାଟ | ଆଟ |

## ଅନ୍ୟାନ୍ୟ

| ଓଡିଆ | ଜୁଆଙ୍ଗ |
|---|---|
| ସାଙ୍ଗହୋଇ | ଜଲାନୀନା |
| ବୁଢା | ବୁଢା |
| ବୁଣିଥିଲା | ବିରସେରାନ |
| ପଡିଗଲା | ଅଲଗାନ |
| ଖୋଲିଦେଲା | କାଜ |
| ବନ୍ଧୁ | ଜଲାଇ |
| ଶିକାର | ଆଗିଦି |
| ମାଗିଲା | ଗାରାନ |
| ରାଗରେ | ଚଲେଆନନ୍ଦ |
| କହିଲା | ଗାତାଏ |
| ଭେଟିଲା | କୁଇଅ |
| ପଥର | ଏଗେରଆ |
| ବାଇଦ | ଡଲ |
| ଫସଲ | ପସଲ |
| ଜଣେ | ମିନଗ |
| ଅସୁନ୍ଦର | ଉସୁନ୍ଦର |
| ଅଣ୍ଡାସୂତା | (ଅଣ୍ଡାଡୁରୀ) |
| ଆଇନା | ଦରପଣ |
| ଲୁଗା | କଟେ |
| ଗାଧୋଇ ଚିଞ୍ଆଲେ ଆନଜ | |
| ଗଲାପରେ | ଅନଅଚତା |
| ପଳାଇଲା | କୁଡୁଡଂଅ |
| ଫେରିଗଲା | କପରେଅ |
| ଗୋଡାଇଲେ | କଦବଡା ଅକି |
| ଋଷ | ଟାଗ |
| ନାହିଁ | ଜଟେ |
| ବନ୍ଧୁ (ମିତ) | ସେକାମ |
| ଏକଥା | ନିଗାଣ |
| କପୋତ | ଲିଲିମ୍ବି |
| କାନ୍ଦିଲା | ଆବରି ଆଅ |
| ଦ୍ରୋହୀ | ବିରୁଦ୍ଧ |
| ତୋର | ଆମା |
| ଶୁଖଇ | କସରକେଳେ |
| ଗାତରେ | ଗାତରା |
| ହେଲା | ଇଆନ |
| ପଶିଗଲା | ଡୁଇରାନ |

| ଓଡିଆ | ଜୁଆଙ୍ଗ | ଓଡିଆ | ଜୁଆଙ୍ଗ |
|---|---|---|---|
| ରାଗିଯାଇ | ଚଳେ ଆନଜ | ଦୁଇବନ୍ଧୁ | ଦି ଜଳା |
| ତୁ | ଆମ | ପିତା | ଆସଡଂ |
| କରିବେ | ମିକିବେ | କଣ୍ଡା | ଜୁଳାଗ |
| ଦୁହେଁ | ବାନଲଡଂ | ଦେହସାରା | ଇଣିମ ସାରା |
| ଝଡଇ (ଝଡେ) | ଜଳେକେ | ସମସ୍ତେ | ସମନ୍ଦାୟ |
| ଚାରୋଟି (୪) | ଗାଣ୍ଡାମି | କକ୍ଷା | କାକ୍ଷା |
| ଶଳେ | ଅନକ | ଅଛି | ଆସିକେ |
| ଗୋଟିଏ | ସୁଇଣ୍ଟ | ଠୁଳାଇ (ଜମାକରି) | ଟୁଳାଅ |
| ତିନୋଟି | ଏଗଟା | ଲୋକମାନେ | ଲୁକକି |
| କଳି | ଦିରେ | ସାବାସ | ବାଏସ |
| ଖାଇବା ପାଇଁ | ଜିଂଜମା | କଥାଟିଏ | ଗାତାର |
| ଶେଷରେ | ଅଚତା | ବାଳକ (ପିଲା) | ଉଆଳି |
| ଟିକି | ଏଣ୍ଟେଇ | ଶିକାରଟିଏ | ଆରଦିକେ |
| ନେ(ନିଅ) | ଡ ଗଗେ | ଫେରୁଥିଲା | ପେରେନ ମାନ |
| ଆସିବ | ଡେମେନା | ବାଟରେ | ଖଟାଙ୍ଗତେ |
| ଉଇଁ | ମାରିନା | ତଳେ | ଉନବିରି |
| ପଳାଇ | ସେନା | ପଛରେ | ଉଚୁଲିତା |
| ଯିବେ | ଡୁମୁକି | ମହୁଲ | ମୁଲୁନ |
| ଅକିଗଲେ | ଆୟତଅଜ | କୋକିଶିଆଳୀ | ଓଡଲା |
| ଘୋଡାଇଦେଲା | କରେରେର | ହଳଦୀବସନ୍ତ | ରଂଗଡା |
| ପୋଡିଗଲା | କଲବ | ପାରା | ଡାଳା |
| ଅଣ୍ଡ | ଡୁମଣି | ଝରିପୋକ | କୁମା କୁଲିଆ |
| ସେହିଦିନୁ | ଏରେ ତାସୁନ | ପଜାଇ | ତାମକେ |
| ଦିନରେ | ତ୍ମେସାର ଚତ | ସଭା | ସବା |
| ଆମରି (ନିଜ) | ନିଞାଁ | ସାଙ୍ଗ | ଜଳା |
| କାମ | ପାଇଚି | ସାଥି | ଜିଳି |
| କାଟଇ | ସେଜକେ | ମୋତେ | ଆଞତେ |

| ଓଡିଆ | ଜୁଆଙ୍ଗ | ଓଡିଆ | ଜୁଆଙ୍ଗ |
|---|---|---|---|
| ଲୁହା | ଯଜଲଆ | ଉପକାରୀ | ସାକା |
| କାଙ୍କି | ଗନର | ଦେଖ | ଘକେପେ |
| କାତି | ସେମରି | ମିଶି | ନେମସେନା |
| ଛୁରୀ | ଚୁରି | ଖାଆନ୍ତି | ଉରକିକି |
| ଧୀର | ଦାଇ | ପରବ | ଡେଣ୍ଡେଅବରେ |
| ଛାଇ | ଘଇ | ଦେହୁରୀ | ବୋଇନ (ନାଗମ) |
| ରଖ | ଉନାପେ | ଭୟ | ତେତଙ୍ଗ |
| ବସ | ଡକନାପ | ଗୋବର | କତତା |
| ଭିତରେ | ଆଲୁଡଂଆଁ | ପୋଖରୀ | ପୁକୁରୀ |
| ଧାଇ | ସୁତୁରାଣୀ | | |

⌘⌘⌘

